

୧୦ମ ଥର ମୁଖ୍ୟମନ୍ତ୍ରୀ ହେବେ ନୀତୀଶ

ପୃଷ୍ଠା ୫

# ସଂଚାର

THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 236 | ଭାଗ ୩୩ | ସଂଖ୍ୟା ୨୩୬ | Wednesday 19 November 2025 | Page 8 Rs. 5.00 | ● ଭୁବନେଶ୍ୱର ବୁଧବାର ୧୯ ନଭେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ସୁଶାସନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନବସୂତ୍ରୀ ଯୋଜନା

# ଗାଦିମଡ଼ାଙ୍କୁ ମୋହନଙ୍କ ଅଲ୍‌ଟିମେଟମ୍



## ଏସି ରୁମ୍‌ରେ ନବସି ଫିଲ୍‌ଡ ଭିଜିଟ୍ କର

### 'ମିଶନ ପାୱାର'ରେ ୨୦୨୭ ସୁଦ୍ଧା ପ୍ରତି ଗାଁକୁ ମୌଳିକ ସୁବିଧା

### ନିୟମିତ ବ୍ୟବଧାନରେ ହେବ ଖର୍ଚ୍ଚ ଓ ଅଗ୍ରଗତିର ସମୀକ୍ଷା

### ସୋସିଆଲ୍ ମିଡିଆର ବ୍ୟାପକ ଉପଯୋଗ ପାଇଁ ନିର୍ଦ୍ଦେଶ

### ଓଡ଼ିଆ ଭାଷାକୁ ଗୁରୁତ୍ୱ ଦେବାକୁ ପରାମର୍ଶ

ଭୁବନେଶ୍ୱର,୧୮।୧୧(ସଂଚାର ବ୍ୟୁରୋ): ଯିଏ ଯେଉଁ ପଦବୀରେ ଥାଉ ନା କାହିଁକି, ସମସ୍ତ ଅଧିକାରୀ, କର୍ମଚାରୀ, ରାଜନେତା ଜନସେବା ପାଇଁ ଉତ୍ସର୍ଗୀକୃତ ଓ ସେମାନେ ନିଜର କାର୍ଯ୍ୟକଳାପ ପାଇଁ ସାଧାରଣ ଜନତା ପାଖରେ ଉତ୍ତରଦାୟୀ। ସେଥିପାଇଁ ଜିଲ୍ଲାପାଳମାନେ ଅଧିକରୁ ଅଧିକ ସାଧାରଣ ଲୋକଙ୍କ ସହ ମିଶନ୍ତୁ, ସାଧାରଣ ଲୋକଟିର କଥାକୁ ଧୈର୍ଯ୍ୟ ସହକାରେ ଶୁଣନ୍ତୁ ଏବଂ ତାଙ୍କ ସମସ୍ୟାର ସମାଧାନ ପ୍ରତି ପ୍ରଯତ୍ନ ରୁହନ୍ତୁ। ଏହା ବାସ୍ତବରେ ପରିଣତ ହେଲେ ରାଜ୍ୟରେ ସୁଶାସନର ମୂଳଦୁଆ ପଡ଼ିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଜି ସ୍ଥାନୀୟ ଲୋକସେବା ଭବନଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ (ଏସ୍‌ପି)ଙ୍କ ମିଳିତ ସମ୍ମିଳନୀ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ଏହା କହିବା ସହ ବ୍ୟୁରୋକ୍ରାଟ୍‌ମାନେ ଅଧିକରୁ ଅଧିକ ଜନସେବା ମନୋବୃତ୍ତି ରଖିବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

ଏହି ଦୁଇଦିନିଆ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସରକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ସବ୍ କା ସାଥ୍, ସବ୍ କା ବିକାଶ, ସବ୍ କା ବିଶ୍ୱାସ, ସବ୍ କା ପ୍ରୟାସ' ମନ୍ତ୍ରରେ ରାଜ୍ୟର କଲ୍ୟାଣ ପାଇଁ ଅନେକ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରଣୟନ କରିଛନ୍ତି। ଯୋଜନା ଯେତେ ଅଭିନବ ହେଲେ ମଧ୍ୟ ଏହାର ସଫଳତା ସଠିକ୍ ସମନ୍ୱୟ ରକ୍ଷା ମାଧ୍ୟମରେ ଯୋଜନାର ସଫଳ ରୂପାୟନ କରିବା ଉଚିତ। ଆମ ସରକାର ରାଜ୍ୟର ୩୦ଟି ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା କରିବାକୁ ଯାଉଛନ୍ତି। ତେଣୁ ଜିଲ୍ଲାପାଳମାନେ ଏ କ୍ଷେତ୍ରରେ ନୀତିନିୟମ ପରିସରରେ ରହି ଉଦ୍ୟୋଗୀମାନଙ୍କୁ ସବୁ ପ୍ରକାର ସହାୟତା ପ୍ରଦାନ କରିବା ବିଧେୟ। ସରକାରଙ୍କ ନୂତନ କାର୍ଯ୍ୟକ୍ରମ 'ମିଶନ ପାୱାର' ପାଇଁ ଜିଲ୍ଲାପାଳମାନଙ୍କୁ ମିଶନ ମୋଡ୍‌ରେ କାମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ସେହିପରି ମୁଖ୍ୟମନ୍ତ୍ରୀ ସରକାରୀ ସ୍ତରରେ ନିଆଯାଇଥିବା ନିଷ୍ପତ୍ତି ଓ ଘୋଷଣା ସହ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ନେଇ ଅଗ୍ରଗତି ସମ୍ପର୍କରେ ନିୟମିତ ତଦାରଖ ପାଇଁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ➪ପୃଷ୍ଠା-୬

# ପ୍ରତିଷ୍ଠା ହେବ ଆଉ ୪ ତହସିଲ

### ୩ ଜିଲ୍ଲାପାଳଙ୍କୁ ରିପୋର୍ଟ ମାଗିଲା ରାଜସ୍ୱ ବିଭାଗ

### ସପ୍ତାହେ ମଧ୍ୟରେ ଦାଖଲ ପାଇଁ ନିର୍ଦ୍ଦେଶ



ଭୁବନେଶ୍ୱର,୧୮।୧୧(ସଂଚାର ବ୍ୟୁରୋ): ରାଜ୍ୟରେ ଖୋଲିବ ଆଉ ୪ଟି ନୂଆ ତହସିଲ ଅଫିସ୍। ଏନେଇ ପ୍ରକ୍ରିୟା ଆରମ୍ଭ କରିଛନ୍ତି ରାଜ୍ୟ ସରକାର। ଭୁବନେଶ୍ୱର, କଟକ ଓ ସମ୍ବଲପୁର ସହରରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାର ଏହି ୩ ଜିଲ୍ଲାରେ ଅଧିକ ୪ଟି ତହସିଲ ଅଫିସ୍ ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏନେଇ ସପ୍ତାହକ ମଧ୍ୟରେ ବିସ୍ତୃତ ପ୍ରସ୍ତାବ ଦାଖଲ କରିବାକୁ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ୪ଟି ତହସିଲକୁ ମିଶାଇଲେ ରାଜ୍ୟରେ ତହସିଲ ସଂଖ୍ୟା ୩୨୧କୁ ବୃଦ୍ଧି ପାଇବ।

ରାଜସ୍ୱ ବିଭାଗର ଅତିରିକ୍ତ ସଚିବ ଆଇଏଏସ୍ ମଧୁସ୍ମିତା ସାହୁ ଆଜି ଖୋର୍ଦ୍ଧା, କଟକ ଓ ସମ୍ବଲପୁର ଜିଲ୍ଲାର ଜିଲ୍ଲାପାଳଙ୍କୁ ଚିଠି ଲେଖି ନୂଆ ତହସିଲ ଅଫିସ୍ ସ୍ଥାପନ ନିମନ୍ତେ ନିର୍ଦ୍ଧାରିତ ଫର୍ମାଟରେ ପ୍ରସ୍ତାବ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରସ୍ତାବକୁ ଅତ୍ୟନ୍ତ ଜରୁରୀ ଭାବେ ବିବେଚନା କରିବାକୁ ମଧ୍ୟ କହିଛନ୍ତି। ଏହି ତହସିଲଗୁଡ଼ିକରେ ସମ୍ପୃକ୍ତ ମହାନଗର ନିଗମ ଅଞ୍ଚଳରେ ହୋଇଥିବା ବେଳେ ଏହାର ବିଶାଳ ଭୌଗୋଳିକ କ୍ଷେତ୍ର, କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ବହୁଳ ସେବା ଯୋଗାଣ କାର୍ଯ୍ୟ ଯୋଗୁଁ ଲୋକଙ୍କୁ ଅସୁବିଧା ହେଉଛି। ବିଶେଷକରି ଭୁବନେଶ୍ୱର, କଟକ ଓ ସମ୍ବଲପୁର ମହାନଗର ନିଗମ ତଥା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଜମିଜମା କିଣାବିକା ଅଧିକ ଭାବେ ବଢ଼ିଚାଲିଛି। ଏହି ସମସ୍ୟାକୁ ➪ପୃଷ୍ଠା-୬

### ଧନୁଯାତ୍ରା ଅଡିସନ୍ ଶେଷ

## ସୁଶୀଲ ନୂଆ କଂସ

ବରଗଡ଼,୧୮।୧୧(ସଂଚାର ବ୍ୟୁରୋ): ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବ ପାଇଁ ଏଠାରେ ଗତ କିଛି ଦିନ ହେଲା ଅଡିସନ୍ ଚାଲିଥିବା ବେଳେ ଆଜି ଏହା ଶେଷ ହୋଇଛି। ଏଥିସହ ଚଳିତ ବର୍ଷର ଧନୁଯାତ୍ରା ପାଇଛି ତା'ର ନୂଆ କଂସ। ଏଥର କଂସ ଭୂମିକାରେ ଅଭିନୟ କରିବେ ବରିଷ୍ଠ କଳାକାର ସୁଶୀଲ ମେହେର। ୩ ବର୍ଷ ପାଇଁ ସେ କଂସ ଭୂମିକାରେ ଅଭିନୟ କରିବା ସକାଶେ ମନୋନୀତ



ହୋଇଛନ୍ତି। ସୁଶୀଲଙ୍କ ଘର ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଚିଚିଣ୍ଡା ଗ୍ରାମରେ ହୋଇଥିବା ବେଳେ ତାଙ୍କୁ କଂସ ଭୂମିକା ପାଇଁ ଚୟନ କରାଯିବା ନେଇ ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି କଳାକାର ସମନ୍ୱୟ କମିଟିର ଆବାହକ ତଥା ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର। ଅଡିସନ୍‌ରେ ଭାଗ ନେଇଥିବା ୩୫ ଜଣ କଳାକାରଙ୍କୁ ପଛରେ ପକାଇ ଶେଷରେ ସୁଶୀଲ ବିଚାରକ ମଣ୍ଡଳୀର ସଦସ୍ୟମାନଙ୍କ ହୃଦୟ ଜିତିବାରେ ସକ୍ଷମ ହୋଇଛନ୍ତି। ବରଗଡ଼ ଜିଲ୍ଲା ତଥା ଜିଲ୍ଲା ବାହାରର ଅନେକ ସ୍ଥାନରେ କଂସ, ରାବଣ ଭଳି ବିଭିନ୍ନ ଚରିତ୍ରରେ ଅଭିନୟ କରିଥିବା ସୁଶୀଲ ଚଳିତ ବର୍ଷ ପ୍ରଥମ ଥର ପାଇଁ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବରେ କଂସ ଭୂମିକାରେ ଅବତୀର୍ଣ୍ଣ ହେବେ। ସୂଚନାଯୋଗ୍ୟ ଯେ ୪୪ ଜଣ କଳାକାର କଂସ ଭୂମିକା ପାଇଁ ଆବେଦନ କରିଥିବା ବେଳେ ୩୬ ଜଣ କଳାକାର ଅଡିସନ୍‌ରେ ଭାଗ ନେଇଥିଲେ।

# ଏନକାଉଣ୍ଟରରେ ଟଳିଲେ ୬ ମାଓବାଦୀ



ହିଡମା ଖେଳ ଖତମ୍

ମାଲକାନଗିରି,୧୮।୧୧(ସଂଚାର ବ୍ୟୁରୋ): କୁଖ୍ୟାତ ମାଓବାଦୀ ମାଡଭୀ ହିଡମାର ସବୁ ଖେଳ ଶେଷ ହୋଇଛି। ଏକାଧିକ ରାଜ୍ୟରେ ପୁଲିସ୍‌ର ନିଦ ହଜାଇ ଦେଇଥିବା ହିଡମାର ମୃତ୍ୟୁ ହୋଇଛି। ଦୀର୍ଘ ବର୍ଷ ହେଲାଣି ନକ୍ସଲ ସାମ୍ରାଜ୍ୟରେ ନିଜର ଦବଦବା ଜାରି ରଖିଥିବା ହିଡମା ଶେଷରେ ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିଛି। ସୁରକ୍ଷାକର୍ମୀ ଓ ସାଧାରଣ ଲୋକଙ୍କ ଉପରେ ୨୬ ଥର ଆକ୍ରମଣ କରିଥିବା ହିଡମା ଓ ତା'ର କିଛି ସାଥୀ ଆଜି ସୁରକ୍ଷାକର୍ମୀଙ୍କ ଗୁଳିରେ ନିହତ ହୋଇଛନ୍ତି। ଆନ୍ଧ୍ର ପ୍ରଦେଶର ଆଲ୍ଲୁରି ସୀତାରାମରାଜ ଜିଲ୍ଲାରେ ଆଜି ହୋଇଥିବା ଏନକାଉଣ୍ଟରେ ଏଭଳି ସଫଳତା ମିଳିଛି।

ଆନ୍ଧ୍ର-ଛତିଶଗଡ଼-ଓଡ଼ିଶା ସୀମାରେ ମାଓବାଦୀଙ୍କ ଗତିବିଧି ସମ୍ପର୍କରେ ଗୁଇନ୍ଦା ବିଭାଗ ସୂଚନା ଦେଇଥିଲା। ଏହି ସୂଚନା ପରେ ଆରମ୍ଭ ହୋଇଥିଲା ଅପରେସନ। ଏହି ସମୟରେ ମାରେଡୁମିଲ୍ଲି ଜଙ୍ଗଲ ନିକଟରେ ଆନ୍ଧ୍ର ପୁଲିସ୍ ଓ ମାଓବାଦୀଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା ଭୟଙ୍କର ଗୁଳି ବିନିମୟ। ଏଥିରେ ହିଡମା ଓ ତା'ର ପତ୍ନୀ ସମେତ ୬ ଜଣ ନକ୍ସଲଙ୍କ ମୃତ୍ୟୁ ହୋଇଛି। ଏବେ ବି ଅପରେସନ ଜାରି ରହିଥିବାରୁ ଆଗକୁ ଆହୁରି ଅନେକ ମାଓବାଦୀଙ୍କ ମୃତଦେହ ମିଳିବାର ଆଶା ରହିଛି।

ଆନ୍ଧ୍ର ପ୍ରଦେଶ ଡିଜିପି ହରିଶ କୁମାର ଗୁପ୍ତା କହିଛନ୍ତି ଯେ, ଆଜି ସକାଳ ୬ଟାରୁ ୭ଟା ମଧ୍ୟରେ ଏନକାଉଣ୍ଟର ହୋଇଥିଲା। ଏବେ ଗୋଟିଏ ବଡ଼ଧରଣର କମ୍ବିଂ ଅପରେସନ ଜାରି ରହିଥିବା ସେ କହିଛନ୍ତି। ଜିଲ୍ଲା ଏସ୍‌ପି ଅମିତ ବରଦର କହିଛନ୍ତି, ଏନକାଉଣ୍ଟରରେ ୪ ଜଣ ପୁରୁଷ ଓ ୨ ଜଣ ମହିଳା ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ହିଡମା, ତା'ର ପତ୍ନୀ ରାଜେ ଓ ସେମାନଙ୍କ ବଡି ➪ପୃଷ୍ଠା-୬

# ରାଜ୍ୟରୁ ତଡ଼ାହେବେ ଅନୁପ୍ରବେଶକାରୀ

### ବାଂଲାଦେଶୀଙ୍କୁ ଚିହ୍ନଟ ପାଇଁ ସରକାର କଠୋର

### ପ୍ରତିକ୍ରିୟାରେ କହିଲେ ଆଇନ ମନ୍ତ୍ରୀ



ଭୁବନେଶ୍ୱର,୧୮।୧୧(ସଂଚାର ବ୍ୟୁରୋ): ରାଜ୍ୟରେ ବିଭିନ୍ନ ସମୟରେ ବାଂଲାଦେଶୀମାନେ ବିଭିନ୍ନ ପ୍ରକାର ବିଶୃଙ୍ଖଳା ସୃଷ୍ଟି କରୁଥିବା ବେଳେ ଏପରି ଅନୁପ୍ରବେଶକାରୀଙ୍କୁ ବିଦା କରାଯିବା କ୍ଷେତ୍ରରେ ସରକାରଙ୍କ ଆଭିମୁଖ୍ୟ ବେଶ୍ କଠୋର। ଏପରି କିଛି ପ୍ରତିକ୍ରିୟା ଦେଇଛନ୍ତି ରାଜ୍ୟ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି ଯେ ବାଂଲାଦେଶୀମାନଙ୍କୁ ଚିହ୍ନଟ କରାଯିବା ସକାଶେ ଆବଶ୍ୟକ ପ୍ରକ୍ରିୟା ଇତିମଧ୍ୟରେ ଆରମ୍ଭ ହୋଇଛି ଓ ସେମାନଙ୍କ ବିରୁଦ୍ଧରେ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ରାଜ୍ୟରେ ସରକାର ବଦଳିବା ପରେ ନୂଆ ସରକାର ଗୋଟିଏ ପର୍ଯ୍ୟାୟରେ ଏହି କାର୍ଯ୍ୟ କରିଛନ୍ତି ଓ ଆଗକୁ ମଧ୍ୟ ଏହି ଧାରା ଜାରି ରହିବ। ଯେଉଁଠି ବି ଅନୁପ୍ରବେଶକାରୀମାନେ ବେଆଇନ ଭାବେ ବସବାସ କରୁଛନ୍ତି, ସେଠାରେ ସେମାନଙ୍କୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯିବ। ସେମାନଙ୍କ କାର୍ଯ୍ୟର ତଦାରଖ କରାଯିବ ଓ ସେମାନଙ୍କୁ ଦେଶରୁ ବାହାର କରିବା ଦିଗରେ ନିଷ୍ପତ୍ତି ନିଆଯିବ। ଏନେଇ ସରକାର ସମସ୍ତ ବ୍ୟବସ୍ଥା ଗ୍ରହଣ କରିବେ। ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କର ଯାହା ଭୂମିକା ରହିଛି, ରାଜ୍ୟ ସରକାରଙ୍କର ମଧ୍ୟ ସମାନ ଭୂମିକା ରହିଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ରାଜ୍ୟ ସରକାର ସବୁବେଳେ ସୁରକ୍ଷାକୁ ଗୁରୁତ୍ୱ ଦେଇଆସିଛନ୍ତି। ଓଡ଼ିଶାବାସୀଙ୍କ ସୁରକ୍ଷାକୁ ଅଧିକ ବ୍ୟାପକ କରିବା ପାଇଁ ସରକାର ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରୁଛନ୍ତି। ବିଶେଷକରି ଅନୁପ୍ରବେଶକାରୀ, ଉଗ୍ରବାଦୀମାନଙ୍କ ➪ପୃଷ୍ଠା-୬

# ଅହଂକାରୀ ଜିଲ୍ଲାପାଳଙ୍କୁ କେମିତି ସହୁଛନ୍ତି ସରକାର ?



### ଭାଉସାହେବଙ୍କ ପାଇଁ ନିନ୍ଦିତ ହେଲା କଟକ ଓ ସରକାର

### ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥା ଚୟନରେ ପ୍ରିୟାପ୍ରୀତି

### ସାଂସଦ, ବିଧାୟକ, ମେୟର କାହାକୁ ବି ଖାତିର୍ ନାହିଁ

କଟକ,୧୮।୧୧(ସଂଚାର ବ୍ୟୁରୋ): ଗତବର୍ଷ ବାଲିଯାତ୍ରା ଟେଣ୍ଡର ପ୍ରକ୍ରିୟାରେ ଦୁର୍ନୀତି ଅଭିଯୋଗ। ଚଳିତ ବର୍ଷ ମଧ୍ୟ ସର୍ବନିମ୍ନ ଟେଣ୍ଡର ଆବେଦନକାରୀଙ୍କ ବଦଳରେ ନିଜ ପସନ୍ଦର ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥାକୁ ଦିଆଗଲା କାମ। ଜିଲ୍ଲାପାଳଙ୍କ ପାଇଁ ଭାଇଚାରାର ସହର କଟକରେ ସାମ୍ପ୍ରଦାୟିକ ଦଙ୍ଗା ହେଲା। ସାରା ଦେଶରେ ନିନ୍ଦିତ ହେଲା କଟକ। ରାଜ୍ୟପାଳଙ୍କୁ ଅସମ୍ମାନ କଲେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଫୁତ୍‌କାର ମାରି ଉଡ଼ାଇଦେଲେ। ଏଭଳି ଅମାନିଆ ଓ ଅହଂକାରୀ ଜିଲ୍ଲାପାଳଙ୍କୁ ଏ ସରକାର କେମିତି ସହୁଛନ୍ତି? ନିକଟରେ ଶେଷ ହୋଇଥିବା ବାଲିଯାତ୍ରା ପରେ ଏବେ କଟକିଆମାନେ ଏଭଳି ପ୍ରଶ୍ନ କରିବାକୁ ବାଧ୍ୟ ହେଉଛନ୍ତି।

ସରକାର ବଦଳିବା ପରେ ଦୁର୍ନୀତିଖୋର ଓ ଅମାନିଆ ଅଫିସରଙ୍କୁ ସାବାଡ଼ କରାଯାଉଛି। ସରକାରୀ କାର୍ଯ୍ୟରେ ସ୍ୱଚ୍ଛତାକୁ ସର୍ବାଧିକ ଗୁରୁତ୍ୱ ଦେବା ସହ ଭାଇଚାରା ସୃଷ୍ଟି କରିବାକୁ ବାରମ୍ବାର ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଉଛନ୍ତି। କଟକ ବାଲିଯାତ୍ରା ଆୟୋଜନରେ ହେଉଥିବା ଦୁର୍ନୀତି ଓ ପ୍ରିୟାପ୍ରୀତି ସବୁ ଏବେ ସୀମା ପାର୍ କରିଗଲାଣି। ଅଥଚ ସରକାର ଦାୟୀ ଅଫିସରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାଁନ୍ତି। ଗତବର୍ଷ ବାଲିଯାତ୍ରାରେ କିଭଳି ରାଜ୍ୟର ସଂସ୍କୃତିକୁ ଅପମାନିତ କରାଯାଇଥିଲା, ତାହା ସମସ୍ତେ ଦେଖିଛନ୍ତି। ଚଳିତବର୍ଷ ମଧ୍ୟ ବାଲିଯାତ୍ରା ପାଇଁ ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥା ଚୟନରେ ବ୍ୟାପକ ପ୍ରିୟାପ୍ରୀତି ହୋଇଥିବା ଅଭିଯୋଗ ହୋଇଛି। ଟେକ୍ନିକାଲ ବିଡ୍‌ରେ ବିଫଳ ସଂସ୍ଥାକୁ କିପରି ଭାବେ ଦାୟିତ୍ୱ ଦିଆଯାଇଛି, ତାହା ସମସ୍ତଙ୍କ ମନକୁ ଆନ୍ଦୋଳିତ କରୁଛି।

କେବଳ ସେତିକି ନୁହେଁ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ବି ଉପର ବାଲିଯାତ୍ରା ପଡ଼ିଆରେ ଯାତ୍ରା ଆୟୋଜନକୁ ଶ୍ରୀହୀନ କରିଦିଆଯାଇଥିଲା। ନା ସେଠାରେ ଥିଲା ଗେଟ୍, ନା ଥିଲା ଲାଇଟ୍ ବ୍ୟବସ୍ଥା। ଧର୍ମକୁ ଆଖିଠାର ମାରିବା ନ୍ୟାୟରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପାଳନର ନାଟକ ରଚନା କରିଥିଲେ ଜିଲ୍ଲାପାଳ। ନାଁକୁ ମାତ୍ର ଉପର ବାଲିଯାତ୍ରା ପଡ଼ିଆରେ ➪ପୃଷ୍ଠା-୬

## ଡୋଣ୍ଟ ୱରି, ଓକେ, ଡନ୍

# ମାଇନସ୍ ୩୯୬୧୯ @ କୋମନା



ବିଜେଡିର ବହକାଲିଆ ନେତା ବବି ଦାସ ଓରଫ କ୍ରୀତଦାସଙ୍କ ଏହି ଡାଇଲଗ ସହ କେହି ଅଜଣା ନଥିବେ। ଯିଏ ଯାହା କହିଲା, ଜବାବରେ କେବଳ ଡୋଣ୍ଟ ୱରି, ଓକେ, ଡନ କହି ସବୁବେଳେ ବାହାଦୁରୀ ମାରନ୍ତି ଏହି ଯାଜପୁରିଆ କ୍ରୀତଦାସ। ଏପରିକି ହାଇକମାଣ୍ଡ ଯଦି କୌଣସି ଦାୟିତ୍ୱ ଦିଅନ୍ତି, ସବୁ ମ୍ୟାନେଜ କରିଦେବେ ବୋଲି ଅବିଳମ୍ବେ ବାହାଦୁରୀ ମାରିଦିଅନ୍ତି। ହେଲେ ନୂଆପଡ଼ା ଉପନିର୍ବାଚନରେ ତାଙ୍କ ବାହାପିଆ ପଣ ପଦାରେ ପଡ଼ିଯାଇଛି। ଏକଥା ଆମେ କହୁନୁ, ଦାୟିତ୍ୱରେ ଥିବା ନେତାମାନେ ଟୁପୁରୁଟାପର ହେଉଛନ୍ତି। ଏହି ଉପନିର୍ବାଚନରେ ବିଜେଡି ପାଇଁ ସବୁଠୁ କଷ୍ଟ ଥିଲା କୋମନା ବ୍ଲକ। ବବି ଦାସ ନିଜେ ଏହି ବ୍ଲକ ଦାୟିତ୍ୱ ନେବେ ବୋଲି ନିଜ ଆଡୁ ପ୍ରସ୍ତାବ ଦେଲେ। ଆଉ ସେ ଦାୟିତ୍ୱ ମଧ୍ୟ ତାଙ୍କୁ ଦଳର ସୁପ୍ରିମୋ ପ୍ରଦାନ କଲେ। ତାଙ୍କ ସହ ଦଳର ସବୁ ପ୍ରଭାବଶାଳୀ ଓ ପ୍ରତିପତି ନେତାଙ୍କୁ ସାଙ୍ଗରେ ରଖିଲେ। ଯେମିତିକି ସଞ୍ଜୀବ ମଲ୍ଲିକ, ବାପି ରାୟ, ପ୍ରଣବ ବଳବନ୍ତରାୟ, ମାଧବ ଧଡା, ଶୁଭାଶିଷ ଖୁଣ୍ଟିଆଙ୍କ ପରି ବିଜେଡିର ପାଖାପାଖି ୩୦ ନେତାଙ୍କୁ ➪ପୃଷ୍ଠା-୬



### କାନ ଡେରିଥା

ନିଶା ଖାଇଖାଇ କିଛି
କଳାକାର
ଜୀୱନକୁ ବାଜି ଲଗାନ୍ତି
ଅର୍ଥ ରୋଜଗାର ପ୍ରବଳ
ହୋଇଲେ
ନିଶାଶକ୍ତ ସିଏ ହୁଅନ୍ତି
ମେଡିକାଲ ଖାଲି ଧାଆନ୍ତି...
ବଞ୍ଚିଗଲେ ସିଏ ଜଗା
ରକ୍ଷାକର୍ତ୍ତା
ମରିଗଲେ ଦୋଷ ଢାଳନ୍ତି ।

■ ଦେବାଶିଷ

### ରାଜ୍ୟସଭା ନିର୍ବାଚନ

# କାହା ପଟକୁ ଢଳିବେ ନବୀନ



## ସୁଜିତଙ୍କ ଇଶାରା ପରେ ରାଜନୀତି ଜୋର

## ଚତୁର୍ଥ ପ୍ରାର୍ଥୀଙ୍କୁ ନେଇ ଅଙ୍କକଷା

ଭୁବନେଶ୍ୱର,୧୮।୧୧(ସଂଚାର ବ୍ୟୁରୋ): ଆସନ୍ତା ବର୍ଷ ଏପ୍ରିଲ୍‌ରେ ହେବାକୁ ଥିବା ରାଜ୍ୟସଭା ନିର୍ବାଚନରେ ଓଡ଼ିଶାରୁ ୪ ଜଣ ରାଜ୍ୟସଭାକୁ ଯିବାର ସୁଯୋଗ ପାଇବେ। ବର୍ତ୍ତମାନର ରାଜ୍ୟସଭା ସଦସ୍ୟ ସୁଜିତ କୁମାର, ମୁନ୍ନା ଖାଁ, ନିରଞ୍ଜନ ବିଶି ଓ ମମତା ମହନ୍ତଙ୍କ କାର୍ଯ୍ୟକାଳ ଏପ୍ରିଲ୍‌ରେ ସରୁଥିବା ପରିପ୍ରେକ୍ଷୀରେ ଏହି ନିର୍ବାଚନ ହେବ।

ବିଧାନସଭାରେ ଥିବା ସଂଖ୍ୟା ଅନୁଯାୟୀ ରାଜ୍ୟସଭା ନିର୍ବାଚନରେ ବିଜେପି ସହଜରେ ୨ ଜଣ ପ୍ରାର୍ଥୀଙ୍କୁ ଓ ବିଜେଡି ସହଜରେ ଜଣେ ପ୍ରାର୍ଥୀଙ୍କୁ ରାଜ୍ୟସଭା ପଠାଇବ। ହେଲେ ଚତୁର୍ଥ ପ୍ରାର୍ଥୀ କେଉଁ ଦଳରୁ କାହା ସହଯୋଗରେ ରାଜ୍ୟସଭାକୁ ଯିବେ, ତାହାକୁ ନେଇ ଅଙ୍କକଷା ଆରମ୍ଭ ହୋଇଯାଇଛି। ଏ କ୍ଷେତ୍ରରେ ବିଜେଡି କାହାକୁ ସହଯୋଗ କରିବ, ତାହାକୁ ନେଇ ବି ରାଜ୍ୟର ତିନି ରାଜନୈତିକ ଶିବିରରେ ଆଲୋଚନା ଚାଲିଛି।

ସଂଖ୍ୟା ଗଣିତରେ ବିଧାନସଭାରେ ବିଜେପି ଓ ତା'ର ସହଯୋଗୀ ସଦସ୍ୟଙ୍କ ସଂଖ୍ୟା ୭୯ ରହିଛି। ତେଣୁ ବିଜେପି ୬୦ଟି ପ୍ରଥମ ପସନ୍ଦ ଭୋଟ ଦେଇ ଅତି ସହଜରେ ୨ ଜଣ ପ୍ରାର୍ଥୀଙ୍କୁ ଜିତାଇପାରିବ। ସେହିଭଳି ବିଜେଡି ନିକଟରେ ୫୦ ଜଣ ସଦସ୍ୟ ଥିବାରୁ ଦଳ ୩୦ଟି ପ୍ରଥମ ପସନ୍ଦ ଭୋଟ୍‌ରେ ବେଶ୍ ସହଜରେ ଜଣଙ୍କୁ ରାଜ୍ୟସଭା ପଠାଇପାରିବ। ତେବେ ଚତୁର୍ଥ ପ୍ରାର୍ଥୀଙ୍କ ପାଇଁ ବିଜେପି ନିକଟରେ ୧୯, ବିଜେଡି ନିକଟରେ ୨୦ ଓ କଂଗ୍ରେସ ନିକଟରେ ୧୪ ଜଣ ସଦସ୍ୟ ଥିବାରୁ କେହି ନିଜସ୍ୱ ବଳରେ ଜଣେ ପ୍ରାର୍ଥୀଙ୍କୁ ରାଜ୍ୟସଭା ପଠାଇପାରିବେ ନାହିଁ। ଏହାଛଡ଼ା ସିପିଆଇର ବି ଜଣେ ସଦସ୍ୟ ରହିଛନ୍ତି।

ଏଭଳି ସ୍ଥିତିରେ କେଉଁ ଦଳ କାହାକୁ ପ୍ରାର୍ଥୀ କରିବେ ଓ ତାଙ୍କୁ କେଉଁ ଦଳ ସହଯୋଗ କରିବ, ତାହାକୁ ନେଇ ଆରମ୍ଭ ହୋଇଛି ଅଙ୍କକଷା। ଏଭଳି ସ୍ଥିତିରେ ନବୀନ ବିଜେପିକୁ ସହଯୋଗ କରିବେ କି କଂଗ୍ରେସର ସହଯୋଗ ଲୋଡ଼ିବେ, ତାହାକୁ ନେଇ ଆକଳନ ଆରମ୍ଭ ହୋଇଛି। କାରଣ ଏଭଳି ସ୍ଥିତିରେ ଦୁଇଟି ଦଳ ମିଶିଲେ ହିଁ ଜଣଙ୍କୁ ସହଜରେ ରାଜ୍ୟସଭାକୁ ପଠାଇପାରିବେ।

ଜାତୀୟ ସ୍ତରରେ ବିଜେପି ଓ କଂଗ୍ରେସର ଅହିନକୁଳ ସମ୍ପର୍କ ଥିବାରୁ କେହି କାହାରିକୁ ଭୋଟ ଦେବାର ସମ୍ଭାବନା ପ୍ରାୟତଃ ନାହିଁ। ତେଣୁ ସବୁକିଛି ନିର୍ଭର କରୁଛି ନବୀନଙ୍କ ଉପରେ। ନବୀନ ଯଦି ଅଶ୍ୱିନୀ ବୈଷ୍ଣବଙ୍କ ଫର୍ମୁଲାରେ ବିଜେପି ସହ ହାତ ମିଳାନ୍ତି, ତା'ହେଲେ ଦୁଇ ଦଳ ମିଳିତ ଭାବେ ଜଣଙ୍କୁ ରାଜ୍ୟସଭାକୁ ପଠାଇପାରିବେ। ସେହିଭଳି ନବୀନ ଯଦି କଂଗ୍ରେସର ସହଯୋଗ ➪ପୃଷ୍ଠା-୬

### ଏସ୍‌ସିବିରେ ଲଜ୍ଜା

## ରୋଗୀଙ୍କୁ ବି ଛାଡ଼ିଲେନି

କଟକ,୧୮।୧୧(ସଂଚାର ବ୍ୟୁରୋ): ଦିନକୁ ଦିନ ମଣିଷର ମାନସିକତା ରୁଗ୍ଣ ହୋଇଯାଉଛି। ବିଶେଷକରି ଯୌନପିପାସୁମାନେ ନା ସ୍ଥାନ ଦେଖୁଛନ୍ତି ନା ବୟସ। ପାଶବିକତା ପ୍ରକୃତି ସେମାନଙ୍କୁ ଏତେ ମାତ୍ରାରେ ଅନ୍ଧ କରିଦେଉଛି ଯେ ସେମାନେ ସବୁକିଛି ଭୁଲି ଯାଉଛନ୍ତି। ଏହି

### ଅସଦାଚରଣ ଅଭିଯୋଗରେ କର୍ମଚାରୀ ଗିରଫ

କ୍ରମରେ ଆଜି ରାଜ୍ୟର ପ୍ରତିଷ୍ଠିତ ହସ୍ପିଟାଲ୍ ଓ ମେଡିକାଲ୍ କଲେଜ ଏସ୍‌ସିବିରୁ ଆସିଛି ସାଙ୍ଘାତିକ ଅଭିଯୋଗ। ଜଣୈକା ମହିଳା ରୋଗୀଙ୍କୁ ଆଇସିୟୁରେ କାର୍ଯ୍ୟରତ ଥିବା ଜଣେ କର୍ମଚାରୀ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ ମଙ୍ଗଳାବାଗ ଥାନାରେ ଅଭିଯୋଗ ହେବା ପରେ ପୁଲିସ୍ ଅଭିଯୁକ୍ତ ଯାଜପୁରର ମାନସ ପତିକୁ ଗିରଫ କରିଛି। ମାନସ ସ୍ଥାନୀୟ ମାଛୁଆ ବଜାରରେ ଘର ଭଡ଼ା ➪ପୃଷ୍ଠା-୬

## ଟ୍ରଲର ଜବତ, ୭ ମତ୍ସ୍ୟଜୀବୀ ଗିରଫ



ରାଜନଗର,୧୮।୧୧ (ସଂଚାର ବ୍ୟୁରୋ): ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ମଧ୍ୟରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗ ପଟ୍ରୋଲିଙ୍ଗ ଟିମ ଟ୍ରଲର ଜବତ କରିବା ସହିତ ଟ୍ରଲରରେ ଥିବା ୭ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ବରୁଣେଇ ନିକଟରେ ବେଆଇନ ଭାବେ ମାଛ ମାରୁଥିବା ଆନ୍ଧ୍ରପ୍ରଦେଶର କଳା -୧୧ ନାମକ ଟ୍ରଲରକୁ ଜବତ କରାଯାଇଛି। ଟ୍ରଲରରେ ଥିବା ଏମ ରାମୁ, ଏମ ଏରାୟା, ଏମ ଗରାଗୟା, ଏମ ଆପାନ୍ନା, ଭାସୁପିଲ୍ଲି ଲକ୍ଷଣ, ଗାନ୍ନାଗାଲ୍ଲା ଆପାନ୍ନା , ଜେସମ ବାଲ୍କାଇଆ ପ୍ରମୁଖ ୭ ଜଣ ଆନ୍ଧ୍ରପ୍ରଦେଶର ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଟ୍ରଲରରେ ଥିବା ୨ଟି ଜିପିଏସ, ଗୋଟିଏ ଭିଏଚଏଫ, ୨ଟି ଜେନେରେଟର , ୪୦୦ ଫିଶିଙ୍ଗ ହୁକ, ୧୦ କୁଇଣ୍ଟାଲ ମାଛ ଜବତ କରାଯାଇଛି। ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଡେପୁଟି ରେଞ୍ଜର କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟର ମହାନ୍ତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ବନବିଭାଗ ପ୍ରୋଟ୍ରୋଲିଂ ଟିମ ଗଭୀର ସମୁଦ୍ରରେ ପହଁଚିବା ମାରୁଥିବା ବେଳେ ଏହି ଟ୍ରଲରକୁ ଜବତ କରିଥିଲେ।

# ବୃଦ୍ଧି ପାଉଛି କ୍ଷୀର ଦର, ଉଚିତ୍ ପ୍ରାପ୍ୟ ପାଉନି ଚାଷୀ

**ମହଙ୍ଗା ଯୁଗରେ ଚାଷୀ ପରିବାର ଚଳିବ କେମିତି ?**



କେନ୍ଦ୍ରାପଡ଼ା,୧୮।୧୧ (ସଂଚାର ବ୍ୟୁରୋ): ବଜାରରେ ବିକ୍ରୀ ହେଉଥିବା କ୍ଷୀର ଦର ଦିନକୁ ଦିନ ବୃଦ୍ଧି ପାଉଥିବାରେ ଲାଗିଛି। ବିକ୍ରି ହେଉଥିବା ପ୍ୟାକେଟ୍ କ୍ଷୀର ଲିଟର ପିଛା ଦର ବଢ଼ି ପାଖାପାଖି ୬୦ ଟଙ୍କା ଛୁଇଁବାକୁ ବସିଲାଣି। ଦର ବଢ଼ିବା ସହ ଗ୍ରାହକ ବର୍ଦ୍ଧିତ ଦରରେ କ୍ଷୀର ପ୍ୟାକେଟ୍ କିଣୁଛନ୍ତି କିନ୍ତୁ ଏଥିରେ ଚାଷୀ ଟଙ୍କାଟିଏ ବି ଲାଭ ପାଇପାରୁନାହାଁନ୍ତି। ସହରର ଏକ ନିର୍ଦ୍ଦିଷ୍ଟ ଘରୋଇ ପ୍ରତିଷ୍ଠାନକୁ ଲିଟର ପିଛା ସର୍ବାଧିକ ୩୮ରୁ ୪୦ ଟଙ୍କାରେ କ୍ଷୀର ବିକ୍ରି କରୁଥିବାବେଳେ ସେଥିରେ ବୃଦ୍ଧି ହେଉନଥିବା ଯୋଗୁଁ ଦୁଗ୍ଧ ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ବଜାରରେ ପ୍ୟାକେଟ୍ କ୍ଷୀର ଦାମ ବଢ଼ିଥିବା ଯୋଗୁଁ ଚାଷୀଙ୍କ ଠାରୁ କ୍ଷୀର କିଣାଦାମକୁ ଉକ୍ତ ସଂସ୍ଥା ସେହି ଅନୁପାତରେ ବୃଦ୍ଧି କରିବା ଆବଶ୍ୟକ ବୋଲି ଚାଷୀ ମହଲରେ ଦାବି ହେଉଛି। କ୍ଷୀର ଚାଷୀ କ୍ଷତି ସହୁଥିବାବେଳେ ଉକ୍ତ ସଂସ୍ଥା ଗୁଡ଼ିକ ମୁନାଫା କମାଉଥିବା କେନ୍ଦ୍ରାପଡ଼ା ଜିଲ୍ଲାର ଅଧିକାଂଶ ଚାଷୀ ଏନେଇ ଉଦବେଗ ପ୍ରକାଶ କରିଛନ୍ତି।

ଗୋଟିଏ ପଟେ ଗୋ-ଖାଦ୍ୟର ଦାମ ଅନିୟନ୍ତ୍ରିତ ଭାବେ ବୃଦ୍ଧି ପାଉଥିବାବେଳେ କ୍ଷୀରର କିଣାଦାମରେ ଗତ କିଛି ବର୍ଷ ହେଲା ବିଶେଷ ବୃଦ୍ଧି ହୋଇନଥିବା ଚାଷୀ ମାନେ ପ୍ରକାଶ କରିଛନ୍ତି। ମହଙ୍ଗା ଯୁଗରେ ସବୁ ଦର ବଢ଼ୁଥିବାବେଳେ ଚାଷୀ କିନ୍ତୁ ଉପଯୁକ୍ତ ପାଉଣା ପାଇପାରୁନଥିବା ମହାକାଳପଡା ଅଞ୍ଚଳର ଚାଷୀ ଶରତ ବେହେରା ପ୍ରକାଶ କରିଥିଲେ।

ସେହିପରି ଗୋ-ଖାଦ୍ୟର ଦର ବଢ଼ି ବଢ଼ି ଚାଲିଛି। ଯେଉଁ ଖାଦ୍ୟ ହଜାରେ ଟଙ୍କାରେ ମିଳୁଥିଲା ତାହା ଏବେ ୧୪୦୦ ଟଙ୍କାରେ ପହଞ୍ଚିଲାଣି ମୋଟାମୋଟି ଭାବେ କ୍ଷୀରର କିଣା ଦାମ୍ ସରକାର ବଢ଼ାଇବା ଉପରେ ଦୃଷ୍ଟି ଦେବା ଆବଶ୍ୟକ ବୋଲି ଚାଷୀ ମହଲରେ ମତପ୍ରକାଶ ପାଉଛି।

ସେହିପରି ବର୍ଷକୁ କିଛି ନିର୍ଦ୍ଦିଷ୍ଟ ସମୟ ଗାଈ କ୍ଷୀର ଦେଉଥିବାବେଳେ ଅନ୍ୟ ସମୟରେ କ୍ଷୀର ଦେଇନଥାଏ। ସେ ସମୟରେ କିପରି ଚଳିବୁ ବୋଲି ଚାଷୀ କହିଥିଲେ। ଅନେକ ସମୟରେ ମାସ ମାସ ଧରି ପାଉଣା ବକେୟା ପଡ଼ି ରହୁଛି। ତେଣୁ ସରକାର ଆମ ଉପରେ ଦୃଷ୍ଟି ଦେବା ସହ ବଜାର ଦରକୁ ଦେଖି ଏକ ନିର୍ଦ୍ଦିଷ୍ଟ ଦର ସ୍ଥିର କରନ୍ତୁ ବୋଲି ଚାଷୀ ମହଲରେ ଦାବି ହୋଇଛି।

## ଅସହାୟ ପରିବାରକୁ ସହାୟତା

ମହାକାଳପଡ଼ା,୧୮।୧୧ (ସଂଚାର ବ୍ୟୁରୋ): ମହାକାଳପଡା ବ୍ଲକ ଅନ୍ତର୍ଗତ ବଡକୁଳ ଗ୍ରାମର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ମାରୁତି ଯୁଥ ସେବା ଟ୍ରଷ୍ଟ' ଆଜି ଦୁଇଟି ଅସହାୟ ପରିବାରକୁ ସହାୟତାର ହାତ ବଢ଼ାଇଛନ୍ତି। ଜୟଚନ୍ଦ୍ରପୁର ପଞ୍ଚାୟତ ସାନଗାଁ ଗ୍ରାମର ସଞ୍ଜୟ ସାମଲ ଛତିଶଗଡ଼ ଜେଲରେ ସଜା କାଟୁଥିବା ବେଳେ ପତ୍ନୀ ବେବିନା ଓ ଦୁଇ ନାବାଳିକା



ଝିଅଙ୍କ ଦୁର୍ଦ୍ଦଶା ରେ କାଳାତିପାତ ଖବର ପାଇ ତୁରନ୍ତ ସାନଗାଁ ଗ୍ରାମରେ ପହଞ୍ଚି ରାସନ ସାମଗ୍ରୀ ସହିତ ଅନ୍ୟାନ୍ୟ ସହାୟତା ଯୋଗାଇ ଦେବା ସହିତ ସରକାରୀ ସହାୟତା ପାଇଁ ଜିଲ୍ଲାପାଳଙ୍କୁ ଭେଟିବା ପାଇଁ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି।

ସେହିପରି ଜୟଚନ୍ଦ୍ରପୁର ଗ୍ରାମର ପକ୍ଷାଘାତରେ ଶଯ୍ୟାଶାୟୀ ବିଧବା ସୁମିତ୍ରା ଓ ତାଙ୍କ ପାଞ୍ଚ ଜଣ ପାଠ ପଢୁଥିବା ଝିଅଙ୍କ ପାଇଁ ମଧ୍ୟ ସହଯୋଗର ହାତ ବଢ଼ାଇଛି ମାରୁତି ଯୁଥ

**ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ**

## ବ୍ରାଉନ ସୁଗର ସମେତ ବିପୁଳ ପରିମାଣ ମଦ ଜବତ



କେନ୍ଦ୍ରାପଡ଼ା,୧୮।୧୧(ସଂଚାର ବ୍ୟୁରୋ): ବିଶେଷ ସୂତ୍ରରୁ ସୂଚନା ପାଇ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ କେନ୍ଦ୍ରାପଡ଼ା ସଦର, ଜମ୍ବୁ ମେରାଇନ, ମାର୍ଶାଘାଇ ଥାନ ଅଧିନସ୍ଥ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ରାମଚନ୍ଦ୍ରପୁର ଗ୍ରାମର ସୁନିଲ ପ୍ରସାଦ ଜଳଙ୍କ ଠାରୁ ୪୦ ଗ୍ରାମ ବ୍ରାଉନ ସୁଗାର ସମେତ ଗୋଟିଏ ମୋଟର ସାଇକେଲ, ପ୍ରଭାକରପୁର ଗ୍ରାମର ବାପ୍ପି ଖିଲରଙ୍କ ଠାରୁ ୧୨୦୫ ଲିଟର ଦେଶୀ ରନ୍ଧା ମଦ, ନାଥ ଖିଲରଙ୍କ ଠାରୁ ୫୯ ଲିଟର ବିଦେଶୀ ମଦ ସହିତ ଗୋଟିଏ ମୋଟର ସାଇକେଲ, ରାଜେଶ ସେଠୀ(୨୭)ଙ୍କ ଠାରୁ ୧୧୨୧ ଲିଟର ଦେଶୀ ରନ୍ଧା ମଦ ଓ ଦକ୍ଷିଣାଇ ଗ୍ରାମର ଜିତେନ୍ଦ୍ର ରାଉତ(୩୧)ଙ୍କ ଠାରୁ ୫୦୧ ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଛି। ଏମାନଙ୍କ ପାଖରୁ ସମୁଦାୟ ୪୦ ଗ୍ରାମ ବ୍ରାଉନ ସୁଗାର ସମେତ ୨୭୭୬ ଲିଟର ବିଦେଶୀ ଓ ଦେଶୀ ରନ୍ଧା ମଦ ଏବଂ ଦୁଇ ଗୋଟି ମୋଟର ସାଇକେଲ ଜବତ କରାଯାଇ ୫ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି।

# ତହସିଲ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ

ନିଶ୍ଚିନ୍ତକୋଇଲି,୧୮।୧୧ (ସଂଚାର ବ୍ୟୁରୋ): ଦୀର୍ଘ ବର୍ଷ ହେବ ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟ ଅଧିନସ୍ଥ ୮-ଇ କେନାଲ ବନ୍ଧ ରାସ୍ତା ଜବରଦଖଲ କାରୀଙ୍କ କବଜାରେ ରହିଥିଲା। ଏହା ନେଇ ବାରମ୍ବାର ଅଭିଯୋଗ ପରେ ନିଶ୍ଚିନ୍ତକୋଇଲି ତହସିଲଦାର ଦମୟନ୍ତୀ ସାହୁ ଅଜାୟୀ ଯୋର ଜବରଦସ୍ତ ସରକାରୀ ଜାଗାରେ ବିଭିନ୍ନ ପ୍ରକାର ଗୃହ କରିଥିବା ବ୍ୟକ୍ତି ମାନଙ୍କୁ ନୋଟିସ କରି ଜାଗା ଛାଡ଼ିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ତହସିଲଦାରଙ୍କ ନିର୍ଦ୍ଦେଶ ପରେ କିଛି ବ୍ୟକ୍ତି ନିଜେ ନିଜେ ଜବରଦଖଲ ଉଚ୍ଛେଦ କରିଥିଲେ ଏବଂ ଆଉ କିଛି ବ୍ୟକ୍ତି ଏହାକୁ ମାନିନଥିଲେ। କିନ୍ତୁ ପୂର୍ବ ନୋଟିସ ଅନୁଯାୟୀ ମଙ୍ଗଳବାର ଦିନ ତହସିଲଦାରଙ୍କ ନିର୍ଦ୍ଦେଶରେ ଅତିରିକ୍ତ ତହସିଲଦାର ଅଭୟ କୁମାର ପତିହାରୀ ପୁଲିସ ମୁତୟନ ଓ ଜେସିବି



ଲଗାଇ ଜବରଦଖଲ ଉଚ୍ଛେଦ ସଫଳ କରାଇଛନ୍ତି। ଜବରଦଖଲକାରୀଙ୍କ ମଧ୍ୟରୁ କେତେକଙ୍କର ସମ୍ପୂର୍ଣ୍ଣ ଘର ଭଙ୍ଗାଯାଇଥିଲା ବେଳେ ଆଉ କେତେକଙ୍କର ଆଂଶିକ ଘର ଭଙ୍ଗାଯାଇଥିବା ଜଣାଯାଇଛି।

ଏଭଳି ଜବରଦଖଲ ହେବା ଦ୍ୱାରା ଯାତାୟାତ ପାଇଁ ଲୋକମାନେ ଅସୁବିଧା ଭୋଗିବା ସହିତ ଜଳସେଚନରେ ମଧ ବ୍ୟାହତ ହେଉଥିଲା। ବିଶେଷକରି କଟକ-ଚାନ୍ଦବାଲି ରାସ୍ତାରୁ ବାହାରିଥିବା ନିଶ୍ଚିନ୍ତକୋଇଲି-ଲଳିତଗିରି ରାସ୍ତା ଛକରେ ସବୁବେଳେ ଭିଡ ରହୁଥିବାରୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଅପରପକ୍ଷରେ ଉକ୍ତ ଉପଶାଖା କେନାଲକୁ ଜଳସେଚନର ସୁବିଧା ପାଇଁ କଂକ୍ରିଟ୍ ଲାଇନିଂ କରାଯିବା ପାଇଁ ସମସ୍ୟା ମଧ ଉପୁଜିଥିଲା। ଏହିସବୁ ସମସ୍ୟା ଦୂର କରିବା ପାଇଁ କେନ୍ଦୁପାଟଣା ଜଳସେଚନ ବିଭାଗ ପକ୍ଷରୁ ଜମି ଚିହ୍ନଟ କରି ଜବରଦଖଲ ଉଚ୍ଛେଦ କରିବା ପାଇଁ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କୁ ସରକାରୀ ଭାବେ ଅବଗତ କରାଯାଇଥିଲା। ଶେଷରେ ତହସିଲଦାର ଦମୟନ୍ତୀ ସାହୁଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଦିନ ଜବରଦଖଲକାରୀମାନଙ୍କୁ ଉଚ୍ଛେଦ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

## ମହାକାଳପଡ଼ାରେ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ




ମହାକାଳପଡ଼ା,୧୮।୧୧(ସଂଚାର ବ୍ୟୁରୋ): ମହାକାଳପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପେଟଛେଲା ପଞ୍ଚାୟତର ଲୁଣି ମାଠିଆ ପଡିଆରେ ସାଂସଦ ଖେଳ ମହୋତ୍ସବ ମଙ୍ଗଳବାର ଉଦଘାଟିତ ହୋଇ ଯାଇଛି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ ଓ କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ତରଫରୁ ସମଗ୍ର ନିର୍ବାଚନ ମଣ୍ଡଳୀରେ ଖେଳ ପରିଚାଳନା ହେଉଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ମହୋତ୍ସବକୁ ବିଧାୟକ ଡ଼ ଦୁର୍ଗା ପ୍ରସନ ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହାକୁ ଉଦ୍ବାଟନ କରିଥିଲେ। ୧୮ ଓ ୧୯ ନଭେମ୍ବରରେ ହେବାକୁ ଥିବା ଏହି ମହୋତ୍ସବରେ ୨୩ ନମ୍ବର ଜୋନର ସମସ୍ତ ୬ ଟି ପଞ୍ଚାୟତରୁ ୩୦୦୦ ଖେଳାଳି ଅଂଶ ଗ୍ରହଣ ପାଇଁ ନାମ ପଞ୍ଜିକରଣ କରିଛନ୍ତି। ଏହି ଅବସରରେ ଆୟୋଜିତ ସଭାରେ ଏହି ଖେଳ ମହୋତ୍ସବରେ ମହାକାଳପଡା ନିର୍ବାଚନ ମଣ୍ଡଳୀର ପ୍ରାୟ ୧୦୦୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେବାକୁ ନାମ ପଞ୍ଜିକରଣ କରିଛନ୍ତି। ଏହି ମହୋତ୍ସବ ଦ୍ୱାରା ଗ୍ରାମାଞ୍ଚଳରେ ଲୁକ୍କାୟିତ ଥିବା କ୍ରୀଡ଼ାବିତ ମାନଙ୍କୁ ଉତ୍ସାହିତ କରିବା ପାଇଁ ଏହା ବାସ୍ତବିକ୍ କ୍ଷେତ୍ରରେ ପ୍ରଶଂସନୀୟ ବୋଲି ଶ୍ରୀଯୁକ୍ତ ନାୟକ ମତବ୍ୟକ୍ତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଖେଳ ସଂଯୋଜକ କ୍ରିଷ୍ଣ ପଦ ମଣ୍ଡଳ, ବନ୍ଦେ ମାତରଂ ସଂଯୋଜକ ପ୍ରଶାନ୍ତ ସେଠୀ, ତରୁଣ କାନ୍ତି କାଞ୍ଜିଲାଲ, ସରପଞ୍ଚ ପ୍ରସନ୍ନ ବେହେରା, ମିଲନ ଦେବନାଥ, ରଞ୍ଜନ ଚୌଧୁରୀ ପ୍ରମୁଖ ଅତିଥିରୂପେ ଯୋଗଦେଇଥିଲେ।

## ସାଲେପୁର ବିଜେପି ପକ୍ଷରୁ ବିଜୟ ଉତ୍ସବ ପାଳିତ



ସାଲେପୁର,୧୮।୧୧ (ସଂଚାର ବ୍ୟୁରୋ): ନୂଆପଡା ଏବଂ ବିହାରରେ ହୋଇଥିବା ନିର୍ବାଚନରେ ଭାରତୀୟ ଜନତା ପାର୍ଟି ବିଜୟ କରିଥିବା ଉପଲକ୍ଷେ ସାଲେପୁର ବିଜେପି ପକ୍ଷରୁ ବିଜୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ସାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଉତ୍ସବରେ ସାଲେପୁର ମଣ୍ଡଳ ସଭାପତି ଅସିତ ମହାନ୍ତି ଙ୍କ ସଂଯୋଜନା ରେ କଟକ ଗ୍ରାମୀଣ ଜିଲ୍ଲା ସଭାପତି ରାମନାରାୟଣ ମହାନ୍ତି ଯୋଗ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶ ମୂଳକ କାର୍ଯ୍ୟ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ଆସ୍ଥା ପ୍ରକଟ କରି ବିଜେପି କୁ ବିଜୟ ମୁକୁଟ ପିନ୍ଧାଇ ଥିବାରୁ ସମସ୍ତ ଭୋଟର ଭାଇ ଭଉଣୀ ମାନଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି କାର୍ଯ୍ୟକ୍ରମ ରେ ବିଶିଷ୍ଟ ନାରିନେତ୍ରୀ ବିଜୟଲକ୍ଷ୍ମୀ ଦାଶ,ପ୍ରସନ୍ନ କୁମାର ମିଶ୍ର, ତ୍ରିଲୋଚନ ପାତ୍ର,ଭାବଗ୍ରାହୀ ବେହେରା, ବିଜୟ କୁମାର ଜେନା, ମେଘୁ ସିଂ, ରଶ୍ମିରଞ୍ଜନ ପରିଡା,ଦିଲ୍ଲୀପ କୁମାର ଦାସ, ସନ୍ତୋଷ କୁମାର ଭୂୟାଁ ଙ୍କ ସମେତ ବହୁ ପୁରୁଷ ଓ ମହିଳା କର୍ମୀମାନେ ଯୋଗ ଦେଇଥିଲେ।ଏହି ଅବସର ରେ ସମସ୍ତେ ସାହେଶ୍ୱରୀ ମନ୍ଦିର ଠାରୁ ଏକ ଶୋଭାଯାତ୍ରାରେ ବାହାରି ସାଲେପୁର ବଜାର ପରିକ୍ରମା କରିବା ସହିତ ମିଠା ବାଣ୍ଟି ବିଜୟ ଉତ୍ସବ ପାଳନ କରିଥିଲେ।

**କ୍ୟାନସର ଯୋଗୁଁ ଉଜୁଡ଼ିଲା ପରିବାର**

## ଚାଲିଗଲା ରୋଜଗାରିଆ ପୁଅ, ଚୁଲି ଜଳୁନି



ରାଜନଗର,୧୮।୧୧(ସଂଚାର ବ୍ୟୁରୋ): ପରିବାରରେ ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିଲେ ସୁରେଶ। ମାଉଥ କ୍ୟାନସରରେ ପୀଡିତ ହୋଇ ଅକାଳରେ ଜୀବନ ଯାଇଛି। ଚଳିତ ମାସ ୯ ତାରିଖ ଦିନ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ୩୫ ବର୍ଷ ବୟସରେ ତାଙ୍କର ମୃତ୍ୟୁ ଘଟିଛି। ସୁରେଶଙ୍କ ମୃତ୍ୟୁ ପରେ ପରିବାର ସମ୍ପୂର୍ଣ୍ଣ ବେସାହାରା ହୋଇପଡିଛନ୍ତି। ଏପରିକି ଶୁଦ୍ଧିକ୍ରିୟା ପାଇଁ ମଧ ଅର୍ଥ ନଥିବାରୁ ପରିବାରରେ ୧୦ ଦିନ ହେଲା ଚୁଲି ଜଳୁନି।

ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତ ଭଗବାନପୁର ଗାଁର ସୁରେଶ କୁଣ୍ଡ (୩୫ ବର୍ଷ)। ଦୁବାଇରେ ପାଣିପାଇପ କାମ କଲେ ପରିବାର ଚଳେ। ୬ ମାସ ତଳେ ମାଉଥ କ୍ୟାନସରରେ ପୀଡିତ ହେବା ପରେ ଘରକୁ ଚାଲି ଆସିଥିଲେ। ଭୁବନେଶ୍ୱରରେ ଅପରେସନର ଏକ ମାସ ପରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁ ପରେ ପରିବାରରେ ଚୁଲି ଜଳୁନି। ଘରେ ବୁଢ଼ା ବାପା ବନମାଳୀ କୁଣ୍ଡ (୭୦ ବର୍ଷ ), ମାଆ ଦୌପ୍ରଦୀ କୁଣ୍ଡ (୬୫ ବର୍ଷ), ପତ୍ନୀ ଓ ୭ ବର୍ଷ, ୧୨ ବର୍ଷର ଦୁଇ ପୁଅ ଘରେ ଅଛନ୍ତି। ସୁରେଶ ଘରେ ଏକମାତ୍ର ରୋଜଗାର କ୍ଷମ ବ୍ୟକ୍ତି ଥିବାରୁ ତାଙ୍କ ମୃତ୍ୟୁ ପରେ ପରିବାର କିପରି ଚଳିବେ ସେ ନେଇ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଅସହାୟ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ବିଦ୍ୟାଳୟର କବାଟ ଭାଙ୍ଗି ଲୁଟ କଲେ ଦୁର୍ବୃତ୍ତ



ଡେରାବିଶ,୧୮।୧୧ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ କୁଶିଆପାଳ ଆଞ୍ଚଳିକ ସାଧନ କେନ୍ଦ୍ର ଅଧିନସ୍ଥ ବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଦୁଇଟି ସ୍କୁଲର କବାଟ ଭାଙ୍ଗି ଦୁର୍ବୃର୍ତମାନେ ବିଭିନ୍ନ ସାମଗ୍ରୀ ଚୋରାଇ ନେଇଥିବା ନେଇ କେନ୍ଦ୍ରାପଡ଼ା ସଦର ଥାନା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ବାରିମୂଳ ପଞ୍ଚାୟତର ରାଧାମୋହନଜୀଉ ଉଚ୍ଚପ୍ରାଥମିକ ବିଦ୍ୟାଳୟର କବାଟ ତାଡ଼ି ବିଦ୍ୟାଳୟ ଗୃହ ମଧ୍ୟରେ ଥିବା ମଧ୍ୟାହ୍ନ ଭୋଜନ ସାମଗ୍ରୀ ଓ ରୋଷେଇ ଉପକରଣ ଚୋରେଇ ନେଇଛନ୍ତି। ସେହିପରି ନାଗେଶ୍ୱରପୁର ନିମ୍ନ ମୌଳିକ ବିଦ୍ୟାଳୟର ଶ୍ରେଣୀଗୃହ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଶ୍ରେଣୀ ଗୃହରେ ଲାଗିଥିବା ଫ୍ୟାନ, ପାଠ୍ୟଉପକରଣ ଓ ପାଲ ଇତ୍ୟାଦି ଚୋରାଇଛନ୍ତି। ଏ ସମ୍ପର୍କରେ ଉଭୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ବିଦ୍ୟାଳୟର ପରିଚାଳନା କମିଟି ସଦ୍ୟଙ୍କ ପକ୍ଷରୁ ଥାନାରେ ଲିଖିତ ଭାବେ ଯୋଗ କରାଯାଇଥିଲା। ଅଭିଯୋଗ ପାଇ ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

## ରାଜ୍ୟସ୍ତରୀୟ ଓଡ଼ିଶୀ ସଂଗୀତ ସମ୍ମିଳନୀ



ନିଶ୍ଚିନ୍ତକୋଇଲି,୧୮।୧୧(ସଂଚାର ବ୍ୟୁରୋ): କଟକ ଜିଲ୍ଲା ନିଶ୍ଚିନ୍ତକୋଇଲିସ୍ଥ ବେଲେଶ୍ୱରୀ ସଂଗୀତ କଳା ନିକେତନରେ ଗୁରୁ ହରେକୃଷ୍ଣ ରାଉତ ଫାଉଣ୍ଡେସନ କେନ୍ଦ୍ରାପଡ଼ା ଆନୁକୂଲ୍ୟରେ ତାର ନବମ ବାର୍ଷିକ ଉତ୍ସବ ଓ ରାଜ୍ୟ ସ୍ତରୀୟ ଓଡ଼ିଶୀ ସଂଗୀତ ପ୍ରତିଯୋଗିତା ଦୁଇଦିନ ବ୍ୟାପି ଅନୁଷ୍ଠିତ ହୋଇ ଉଦଯାପିତ ହୋଇଯାଇଛି। ପ୍ରଥମ ଦିବସର ସଂଗୀତ ଗୁରୁ ଯଶୋବନ୍ତ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠାନର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଶିଳ୍ପପତି ଉତ୍ସବ ଚରଣ ଭଞ୍ଜ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ମୁଖ୍ୟ ବକ୍ତାଭାବେ ପ୍ରାକ୍ତନ ସରପଞ୍ଚ ଦେବେନ୍ଦ୍ର ନାଥ ସାହୁ,ପ୍ରମୋଦ କୁମାର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଦ୍ୱିତୀୟ ଦିବସ ସନ୍ଧ୍ୟାରେ ସମାଜସେବୀ ହେମନ୍ତ କୁମାର ଲେଙ୍କାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବକୁ ବିଶିଷ୍ଟ ଓଡିଶୀ ସଂଗୀତ ଗୁରୁ ହରେକୃଷ୍ଣ ରାଉତ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ସଂଗୀତ ଗୁରୁ ପଣ୍ଡିତ ଏ ମହେଶ୍ୱର ରାଓ, ମୁଖ୍ୟ ବକ୍ତାଭାବେ ବିଶିଷ୍ଟ ତବଲା ଗୁରୁ ପଣ୍ଡିତ ଗୋପୀନାଥ ବେହେରା, ସମ୍ମାନୀତ ଅତିଥିଭାବେ ବିଶିଷ୍ଟ ସଙ୍ଗୀତ ଶିଳ୍ପୀ ମହାପାତ୍ର ମିନତୀ ଭଞ୍ଜ ଯୋଗ ଦେଇଥିବା ବେଳେ ଉକ୍ତ ମଞ୍ଚରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ।

## ଶିଶୁର ମାନସିକ ଓ ବୌଦ୍ଧିକ ବିକାଶରେ ମାଆର ଭୂମିକା ଗୁରୁତ୍ୱପୂର୍ଣ୍ଣ




ପଟ୍ଟାମୁଣ୍ଡାଇ,୧୮।୧୧ (ସଂଚାର ବ୍ୟୁରୋ): ଶିଶୁର ମାନସିକ ଓ ବୈଧିକ ବିକାଶରେ ମାଆର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମାଆ ଶିଶୁର ପ୍ରଥମ ଶିକ୍ଷ୍ୟା ଗୁରୁ। ଶିଶୁକୁ ସୁନାଗରିକ ଭାବେ ଗଢି ତୋଳିବା ପାଇଁ ରହିଥିବା ଗୁରୁ ଦାୟିତ୍ୱକୁ ତୁଲାଇବା ପାଇଁ ମାଆ ସବୁବେଳେ ଯତ୍ନବାନ ହେବା ଉଚିତ୍ ବୋଲି ଭେଙ୍କଟେଶ୍ୱର ଇଂରାଜି ମାଧମିକ ବିଦ୍ୟାଳୟର ପ୍ରକଳ୍ପ ମେଳା ଓ ମାତୃ ସମ୍ମିଳନୀରେ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାର ଆଇଆଇସି ବନ୍ଦନା ପାତ୍ର ପ୍ରକାଶ କରିଛନ୍ତି। ବିଦ୍ୟାଳୟର ଅଧକ୍ଷ ପ୍ରତାପ ଚନ୍ଦ୍ର ବିଶ୍ୱାଳଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ରାଜ୍ୟ ଶିଶୁବିକଶ କଲ୍ୟାଣ ସମିତିର ଅଧିକାରିଣୀ ସୁଜାତା ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶିଶୁ କଲ୍ୟାଣ, ଓ ଶିଶୁ ସୁରକ୍ଷା ପ୍ରସଙ୍ଗରେ ସାର ଗର୍ଭକ ବକ୍ତବ୍ୟ ପ୍ରଦାନକରୀ ଶିଶୁ ମାନଙ୍କ ସୂଲାଳନ ପାଳନ ଉପରେ ମାଆ ମାନେ ଗୁରୁତ୍ୱ ଦେବାକୁ ଉପଦେଶ ଦେଇଥିଲେ। ଏହି ଅବସରରେ ମାତୃମାନଙ୍କ ମଧ୍ୟରେ ଭାରତୀୟ ସଂସ୍କୃତି ଓ ପରମ୍ପରାରେ ମାଆର ଭୂମିକା ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଗଡ଼ରେଜ ଲକରରୁ ଆଠ ଲକ୍ଷ ଟଙ୍କାର ଅଳଙ୍କାର ଲୁଟ୍

ଆଳି,୧୮।୧୧(ସଂଚାର ବ୍ୟୁରୋ): ଆଳି ଥାନା ଅନ୍ତର୍ଗତ କୋଳିଡ଼ିହ ପଞ୍ଚାୟତର ଇଛାପୁର ଗ୍ରାମର ଜଣେ ମହିଳାଙ୍କ ଘରୁ ପ୍ରାୟ ଆଠ ଲକ୍ଷ ଟଙ୍କାର ସୁନା ଅଳଙ୍କାର କେହି ଦୁର୍ବୃତ୍ତ ଲୁଟି ନେଇଥିବା ନେଇ ମହିଳା ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଇଛାପୁର ଗ୍ରାମର ଲିପିକା ପରିଡା ନାମକ ଜଣେ ମହିଳା ଆଳି ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଗତ ୧୭ ତାରିଖ ଅପରାହ୍ନରେ ତାଙ୍କ ଘରେ ଥିବା ଗଡେରଜ ଚାବି ସବୁବେଳେ ଯେଉଁ ସ୍ଥାନରେ ରୁହେ ସେସ୍ଥାନ ବଦଳରେ ଅନ୍ୟ ସ୍ଥାନରେ ପଡ଼ିଥିବା ଦେଖିଥିଲେ। ଚାବି ନେଇ ଗଡ଼ରେଜ ଖୋଲିବା ବେଳେ ଗଡ଼ରେଜ ଲକରରେ ଥିବା ସୁନା ହାର, ଚେନ, ମୁଦି, ବାହୁଟି, ଚୁଡ଼, କାନଫୁଲ, ଲକେଟ ଭଳି ପ୍ରାୟ ଆଠ ଲକ୍ଷଟଙ୍କାର ସୁନା ଅଳଙ୍କାର ନଥିବା ଦେଖି ହଠାତ ଆଶ୍ଚର୍ଯ୍ୟ ହୋଇ ପଡ଼ିଥିଲେ। ତାଙ୍କ ଘରକୁ ସବୁ ସମୟରେ ପାଖ ପଡୋଶୀଙ୍କ ଯିବା ଆସିବା ଥିବାରୁ କେହି ନିକଟବର୍ତ୍ତୀ ଲୋକ ସୁନା ନେଇଥିବା ସନ୍ଦେହ କରି ଆଳି ପୁଲିସ ନିକଟରେ ଅଭିଯୋଗ ଦେବା ସହ ପୁଲିସ ତଦନ୍ତ କରି ଲୁଟେରାଙ୍କୁ ଧରିବା ନିମନ୍ତେ ସେ ନିବେଦନ କରିଛନ୍ତି ।

## ତୁଳସୀପୁରରେ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ




ମାର୍ଶାଘାଇ,୧୮।୧୧(ସଂଚାର ବ୍ୟୁରୋ): ମହାକାଳପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମାର୍ଶାଘାଇ ମଣ୍ଡଳସ୍ତରୀୟ ସାଂସଦ ଖେଳମହୋତ୍ସବ ମଙ୍ଗଳବାର ତୁଳସୀପୁର ଖେଳ ପଡ଼ିଆରେ ଉଦଘାଟିତ ହୋଇଯାଇଛି । ସାଂସଦ ଖେଳ ମହୋତ୍ସବର କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ର ସଂଯୋଜକ ସୁନାକର ବେହେରା, ମାର୍ଶାଘାଇ ବ୍ଲକ ବିଡ଼ିଓ ପଞ୍ଚାନନ ମଲିକ ଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଏବିଇଓ ସୁଶାନ୍ତ କୁମାର ବେଉରା, ମାର୍ଶାଘାଇ ବ୍ଲକ ନୋଡାଲ ପ୍ରଧାନଶିକ୍ଷକ ଗୋପୀନାଥ ବେହେରା, ଖେଳମହୋତ୍ସବ ବ୍ଲକ ସଂଯୋଜକ ପ୍ରଶାନ୍ତ କୁମାର ସାହୁ, ମଣ୍ଡଳ ସଭାପତି ରଶ୍ମିରଂଜନ ରାଉତରାୟ, ଏବିଡ଼ିଓ ଇତିଶ୍ରୀ ପଣ୍ଡାପ୍ରମୁଖ ଯୋଗଦେଇଥିଲେ ।

# ଦିନକୁ ଦିନ ବଢୁଛି ବାଲି ଚୋରି

**ସବୁ ଦେଖି ନିରବ ପ୍ରଶାସନ**

**ମାଫିଆଙ୍କୁ ଧରି ଛାଡ଼ିଦେଉଛନ୍ତି**



କେନ୍ଦ୍ରାପଡ଼ା,୧୮।୧୧(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ନଦୀ ଶଯ୍ୟା ଉପରେ ଏବେ ବାଲି ମାଫିଆଙ୍କ ଆଖି । ଦିନ ରାତି ଟ୍ରାକ୍ଟର ଓ ଜେଶିଭି ମେସିନ ସହାୟତାରେ ଲୁଟି ନେଉଛନ୍ତି ସହ ସହ ଟ୍ରିପ ବାଲି । ସବୁ ଦେଖି ଜାଣି ମଧ ନିରବ ରହୁଚି ଜିଲ୍ଲା ପ୍ରଶାସନ । କିଛିଦିନ ହେବ ବାଲି ମାଫିଆଙ୍କ ବାଲି ଚୋରା ଚାଲାଣ ଘଟଣା ସାମ୍ନାକୁ ଆସିଥିବା ବେଳେ ଏବେ ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ତଳଗାଁ ଅଞ୍ଚଳର ବାଲି ଚୋରା ଚାଲାଣ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ଦିନରାତି ଏହି ଅଂଚଳରୁ ମାଫିଆମାନେ ଖୋଲାଖୋଲି ଭାବେ ଚୋରା ବାଲି ଚାଲାଣ କରୁଥିବା ନେଇ ଏବେ ଅଭିଯୋଗ ହେଉଛି।

ଏ ନେଇ ସ୍ଥାନୀୟ ଲୋକେ ମାର୍ଶାଘାଇ ତହସିଲଦାର ତଥା କେନ୍ଦ୍ରାପଡ଼ା ତହସିଲ ସମେତ ଖଣି ଅଧିକାରୀଙ୍କୁ ମଧ ବାରମ୍ବାର ଅଭିଯୋଗ କରିଆସୁଛନ୍ତି। ପୂର୍ବରୁ ଏନେଇ ଅଭିଯୋଗ ପରେ ଖଣି ଅଧିକାରୀ ଚଢ଼ାଉ କରି କିଛି ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ କରିଥିବା ବେଳେ ମାତ୍ର କିଛି ଘଣ୍ଟା ପରେ ସେହି ଗାଡ଼ିଗୁଡ଼ିକୁ ବାଲି ମାଫିଆଙ୍କୁ ଛାଡ଼ି ଦିଆଯାଇଥିବା ନେଇ ଗୁରୁତର ଅଭିଯୋଗ ଉଠିଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଶାସକ ଦଳର କେତେକ ନେତାଙ୍କ ହସ୍ତକ୍ଷେପ ଓ ଫୋନ୍ କଲ୍ ପରେ ଜବତ ଗାଡ଼ିଗୁଡ଼ିକ ଛାଡ଼ି ଦିଆଯାଇଛି। ଏହାଛଡ଼ା କରିତ କର୍ମା ଖଣି ଅଧିକାରୀ ନିଜେ ବାଲି ମାଫିଆଙ୍କ ସହ ମିଳିଭଗତ କରି ଚୋରା ବାଲି କାରବାରରେ ସିଧାସଳଖ ସାମିଲ ଅଛନ୍ତି ବୋଲି ଅଞ୍ଚଳରେ ବ୍ୟାପକ ଚର୍ଚ୍ଚା ହେଉଛି। ଚୋରା ବାଲି ଚାଲାଣ ଯୋଗୁଁ ସ୍ଥାନୀୟ ନଦୀଗୁଡ଼ିକର ପରିବେଶ ଓ ଜଳସ୍ତର ଉପରେ ବିପୁଳ ପ୍ରଭାବ ପଡୁଥିବା ବେଳେ ପ୍ରଶାସନିକ ନିଷ୍କ୍ରିୟତା ଏବଂ ରାଜନୈତିକ ହସ୍ତକ୍ଷେପ ଯୋଗୁଁ ମାଫିଆମାନେ ଆରାମରେ ଚୋରା କାରବାର ଚଳାଇଛନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ଏ ନେଇ ଜିଲ୍ଲାପାଳ ଓ ଉଚ୍ଚସ୍ତରୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ତୁରନ୍ତ ତଦନ୍ତ ସହ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି ହେଉଛି।

## ଆଳୁ ମିଶନ୍‌କୁ ସଫଳ କରିବା ପାଇଁ ପହଞ୍ଚିଲା ଆଳୁ ବିହନ



ସାଲେପୁର,୧୮।୧୧(ସଂଚାର ବ୍ୟୁରୋ):ରାଜ୍ୟ ସରକାର ଆଳୁ ମିଶନ୍‌କୁ ବ୍ୟାପକ କରିବାପାଇଁ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କୁ ଏବେ ସରକାର ରିହାତୀ ମୂଲ୍ୟରେ ଆଳୁ ବିହନ ଯୋଗାଇବା ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ପଞ୍ଜାବରୁ ପ୍ରଥମ ପର୍ଯ୍ୟାୟରେ ସାଲେପୁର କୃଷି ଉଦ୍ୟାନ ବିଭାଗକୁ ଏହି ଅଞ୍ଚଳର କୃଷକମାନଙ୍କ ପାଇଁ ୧୪୦ କ୍ୱିଣ୍ଟାଲ ଆଳୁ ବିହନ ପହଞ୍ଚିଥିବା ଜଣାଯାଇଛି। ତେବେ ଏହି ଆଳୁ ବିହନ ନେବାପାଇଁ ଚାଷୀମାନଙ୍କ ପାଇଁ କେତୋଟି ନିୟମ ରହିଛି। ଚାଷୀମାନେ ପ୍ରଥମେ କୃଷକ ପୋର୍ଟାଲରେ ସେମାନଙ୍କ ନାମ ପଂଜିକରଣ କରିବାପରେ ଉଦ୍ୟାନ କୃଷି ବିଭାଗକୁ ଆସି ସେମାନଙ୍କ ଆଧାର କାର୍ଡ, ବ୍ୟାଙ୍କ୍ ପାସ୍‌ବୁକ୍‌ର ନକଲ, ଓ ଜମିର ପ୍ରମାଣପତ୍ର ଏବଂ ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ଦେଲେ ଆଳୁ ବିହନ ନେଇପାରିବେ।

ଜଣେ ଚାଷୀ ସର୍ବାଧିକ ଦେଢ଼ କ୍ୱିଣ୍ଟାଲ ଆଳୁ ଦେବାପାଇଁ ବ୍ୟବସ୍ଥା କରାଯାଇଛି। ଗୋଟିଏ ପ୍ୟାକେଟ୍‌ରେ ୫୦କିଲୋ ଆଳୁ ରହୁଛି। କ୍ୱିଣ୍ଟାଲ ପିଛା ୨ହଜାର ହିସାବରେ ଦେଢ଼ କ୍ୱିଣ୍ଟାଲକୁ ୩ହଜାର ଟଙ୍କା ପୈଠ କରିବାକୁ ପଡୁଛି। ଆଳୁ ବିହନ ଲଗାଇବାର ୪୫ଦିନ ପରେ କ୍ଷେତକୁ ଯାଇ ଉଦ୍ୟାନ କୃଷି ବିଭାଗ ଜି.ପି.ଏସ୍. ଫଟୋ କୃଷି ବିଭାଗର ସ୍ୱତନ୍ତ୍ର ପୋର୍ଟାଲରେ ଅପଲୋଡ୍ କଲେ ଶତକଡ଼ା ୫୦ପ୍ରତିଶତ ସବ୍‌ସିଡି ଟଙ୍କା ଆକାରରେ ୧୫ଶହ ଟଙ୍କା ଚାଷୀଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ଫେରିଆସିବ। ତେବେ ସରକାର ଆମ ରାଜ୍ୟରେ ଆଳୁ ଚାଷ କିଭଳି ଅଧିକ ହେବ, ଓଡ଼ିଶାବାସୀ ଯେପରି ବାହାର ରାଜ୍ୟ ଉପରେ ଆଳୁ ପାଇଁ ଅଧିକ ନିର୍ଭର ନକରିବେ, ସେଥିପାଇଁ ସରକାର ଏଭଳି ମିଶନ୍ ଆରମ୍ଭ କରିଛନ୍ତି।

## ସରକାରଙ୍କ କାର୍ଯ୍ୟକ୍ରମ କେବଳ ଭାଷଣବାଜିରେ ସୀମିତ: ବିଜେଡି



ଭୁବନେଶ୍ୱର,୧୮।୧୧(ସଂଚାର ବ୍ୟୁରୋ): ଜିଲ୍ଲାପାଳ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଭାଷଣ ଉପରେ ବିଜେଡି ପ୍ରତିକ୍ରିୟା ଦେଇ ସରକାରଙ୍କ କାର୍ଯ୍ୟକ୍ରମ କେବଳ ଭାଷଣବାଜିରେ ସୀମିତ ହୋଇ ରହିଛି, ଲୋକଙ୍କ ପାଖରେ ପହଞ୍ଚିବାରେ ସକ୍ଷମ ହୋଇପାରିନାହିଁ ବୋଲି କହିଛି।

ବିଜେଡି ପକ୍ଷରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ ଲେନିନ ମହାନ୍ତି କହିଛନ୍ତି ଯେ ରାଜ୍ୟରେ ବିଜେପି ସରକାର କ୍ଷମତାସୀନ ହେବାର ୧୬ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ସରକାରଙ୍କ କାର୍ଯ୍ୟକ୍ରମ କେବଳ ଭାଷଣବାଜିରେ ସୀମିତ ରହିଛି। ପୂର୍ବ ବିଜେଡି ସରକାରଙ୍କ ଯୋଜନାଗୁଡିକର କେବଳ ନାମ ଓ ରଙ୍ଗ ପରିବର୍ତ୍ତନ କରୁଥିବା ବେଳେ ଏହାର ସୁଫଳ ଲୋକଙ୍କ ପାଖରେ ପହଞ୍ଚିପାରୁନାହିଁ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଉଠାଇଥିବା ପ୍ରସଙ୍ଗ ମଧ୍ୟ ଅନେକ ପ୍ରଶ୍ନ ଛିଡ଼ା କରିଛି। ବାଲି ଓ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ ବିରୋଧରେ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଦେଇଥିବା ନିର୍ଦ୍ଦେଶରୁ ସ୍ପଷ୍ଟ ହୋଇଛି ଯେ ରାଜ୍ୟରେ ବାଲି ଓ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ ଅହେତୁକ ବୃଦ୍ଧି ପାଇଥିବା କଥାକୁ ରାଜ୍ୟ ସରକାର ସ୍ୱୀକାର କରିଛନ୍ତି। ଏହି ଚୋରାଚାଲାଣ କାରବାର ଯୋଗୁଁ ରାଜ୍ୟର ଲଘୁ ଖଣିଜ ସମ୍ପଦର ରାଜସ୍ୱ ୨୦୨୩-୨୪ ବର୍ଷରେ ୧୪୮୫ କୋଟି ଥିଲା ବେଳେ ୨୦୨୪-୨୫ ବେଳେ ଏହା ୬୦୦ କୋଟିକୁ ଖସି ଆସିଛି। ଏହାଛଡ଼ା ଚୋରା ମଦ କାରବାର ରୋକିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇ ଏହି ବ୍ୟବସାୟ ମଧ୍ୟ ରାଜ୍ୟରେ ଚାଲୁଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାରାନ୍ତରେ ସ୍ୱୀକାର କରିଛନ୍ତି। ଦଳ କ୍ଷମତାକୁ ଆସିବାର କିଛି ମାସ ପରେ ଗଞ୍ଜାମ ଜିଲ୍ଲାରେ ବିଷାକ୍ତ ମଦ ପିଇ ୫ ଜଣଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ରାଜ୍ୟରେ ଏବେ ବି ଚୋରା ମଦ କାରବାରରେ ରୋକ ଲାଗିପାରିନାହିଁ ବୋଲି ଡ. ମହାନ୍ତି କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ୧୭ ଲକ୍ଷ କୋଟି ଟଙ୍କାର ନିବେଶ କଥା ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ ହେଁ ବାସ୍ତବରେ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ଇଟାଟିଏ ବି ପଡ଼ିନାହିଁ। ବରଂ ବିଜେଡି ସରକାର ଅମଳରେ ନିବେଶ ପାଇଁ ସ୍ୱାକ୍ଷରିତ ହୋଇଥିବା ଅନେକ ଶିଳ୍ପାନୁଷ୍ଠାନ ବିଜେପି ସରକାର ଆସିବା ପରେ ରାଜ୍ୟ ଛାଡ଼ି ପଳାଇଯାଇଛନ୍ତି। ବିଜେପି ସରକାରଙ୍କ ଅଧିକାଂଶ କାର୍ଯ୍ୟକ୍ରମ ବାଟବଣା ହୋଇଥିବା ବେଳେ ରାଜସ୍ୱରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି କେବଳ ପ୍ରଚାର ଓ ପ୍ରସାର ମାଧ୍ୟମରେ ନିଜ ପିଠି ନିଜେ ଥାପୁଡ଼େଇବାରେ ବ୍ୟସ୍ତ ବୋଲି ସେ ଅଭିଯୋଗ କରିଛନ୍ତି।

# ସାଲିଆ ସାହିରେ ଜବରଦଖଲ ଉଚ୍ଛେଦ, ବସ୍ତିବାସିନ୍ଦାଙ୍କ ବିରୋଧ




- ୯୦୦ରୁ ୨୦୦ ମି. ରାସ୍ତା ପାଇଁ ସରିଛି ଉଚ୍ଛେଦ
- ବିନା ନୋଟିସ୍‌ରେ ପଦକ୍ଷେପ ଅଭିଯୋଗ

ଭୁବନେଶ୍ୱର,୧୮।୧୧(ସଂଚାର ବ୍ୟୁରୋ): ରାଜଧାନୀର ସବୁଠାରୁ ବଡ଼ ବସ୍ତି ଭାବେ ପରିଚିତ ସାଲିଆ ସାହିରେ ଆଜି ବିଡିଏ ଓ ବିଏମ୍‌ସି ପକ୍ଷରୁ ମିଳିତ ଭାବେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଜି ଭୋର୍‌ରୁ ଏହି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଏହା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ।

ଏକାମ୍ର କାନନରୁ ଅନ୍ଧାରୁଆ ୧୩ କିମି ପର୍ଯ୍ୟନ୍ତ ଲେଫ୍ଟ ପାରାଲାଲ ରାସ୍ତା ପାଇଁ ଏହି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ସାଲିଆ ସାହି ଦେଇ ପାଖାପାଖି ୯୦୦ ମିଟର ରାସ୍ତା ନିର୍ମାଣ ଯୋଜନା ରହିଛି। ଏଥି ମଧ୍ୟରୁ ୨୦୦ ମିଟର ରାସ୍ତା ପାଇଁ ଉଚ୍ଛେଦ ଶେଷ ହୋଇଥିବା ଜଣାପଡ଼ିଛି। ତେବେ ଉଚ୍ଛେଦ ସମୟରେ କୌଣସି ପ୍ରକାର ଆଇନଶୃଙ୍ଖଳା ପରିସ୍ଥିତି ଏଡ଼ାଇବା ସକାଶେ ଘଟଣାସ୍ଥଳରେ ୧୨ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି। ଏହି ପ୍ରକ୍ରିୟାରେ ଆହୁରି ପାଖାପାଖି ୫୧୭ ଘର ଭଙ୍ଗାଯିବ ବୋଲି ବିଏମ୍‌ସି ଓ ବିଡିଏ ପକ୍ଷରୁ କୁହାଯାଇଛି। ଉଚ୍ଛେଦ ପ୍ରକ୍ରିୟା ପାଇଁ ପୁଲିସ୍ ବ୍ୟତୀତ ବିଏମସି, ବିଡିଏ, ୱାଟ୍‌କୋ, ବିଦ୍ୟୁତ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ଘଟଣାସ୍ଥଳରେ ମୁତୟନ ରହିଥିଲେ। ଗୋଟିଏ ପରେ ଗୋଟିଏ ଘର ଉପରେ ବୁଲଡୋଜର ଚଢ଼ିଥିବା ବେଳେ ଏହାକୁ ସାଲିଆସାହି ବାସିନ୍ଦା ବିରୋଧ କରିବା ସହ ଧାରଣାରେ ବସିଥିବା ଜଣାପଡ଼ିଛି।

ସେମାନେ ଅଭିଯୋଗ କରିଛନ୍ତି ଯେ ବିନା କୌଣସି ନୋଟିସ୍‌ରେ ସେମାନଙ୍କୁ ବାସଶୂନ୍ୟ କରାଯାଉଛି। ସରକାର ବିନା ଥଇଥାନରେ କିପରି ଭାବେ ଏପରି ଉଚ୍ଛେଦ କରୁଛନ୍ତି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ତା'ଛଡ଼ା ଏନେଇ ବାରମ୍ବାର ବିଏମ୍‌ସି ମେୟରଙ୍କ ସହ ଆଲୋଚନା କରାଯାଇଛି।



ଆହୁରି ମାମଲା ମଧ୍ୟ କୋର୍ଟରେ ଏହି ବିଚାରାଧୀନ ଥିବାରୁ ଏପରି ଉଚ୍ଛେଦକୁ ସେମାନେ ବେଆଇନ ବୋଲି କହିଛନ୍ତି।

ଅନ୍ୟପକ୍ଷରେ ଏନେଇ ଏସିପି ବିଶ୍ୱରଞ୍ଜନ ସେନାପତି କହିଛନ୍ତି ଯେ ସାଲିଆ ସାହି ବସ୍ତି ଉଚ୍ଛେଦ ସମୟରେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ତେଣୁ ପ୍ରକ୍ରିୟା ଜାରି ରଖିବା ସକାଶେ ୩୦ରୁ ଅଧିକ ଲୋକଙ୍କୁ ପୁଲିସ୍ ଅଟକ ରଖିଛି। ଏହାଛଡ଼ା ଯେଉଁମାନେ ଉଚ୍ଛେଦ କାର୍ଯ୍ୟରେ ବାଧା ସୃଷ୍ଟି କରିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ୧୨ ପ୍ଲାଟୁନ ପୁଲିସ ଫୋର୍ସ, ଡିସିପି ର୍ୟାଙ୍କ୍‌ର ଅଫିସର, ୫ ଜଣ ଥାନାଧିକାରୀ ଓ ଏସିପି ର୍ୟାଙ୍କ୍‌ର ଅଫିସର ନିୟୋଜିତ ଅଛନ୍ତି। ପ୍ରକ୍ରିୟାରେ ମୋଟ ୫୫୬ଟି ଘର ଭଙ୍ଗାଯିବ। ପୂର୍ବରୁ ୪୫ଟି ଘର ଖାଲି କରାଯାଇସାରିଥିବା ବେଳେ ଏବେ ଅବଶିଷ୍ଟ ଘରକୁ ଖାଲି କରାଯାଉଛି ବୋଲି ଏସିପି ଶ୍ରୀ ସେନାପତି କହିଛନ୍ତି।

### ମିଳିଲା ବ୍ୟାପକ ଆଧାର୍ କାର୍ଡ



ଆଜି ସାଲିଆ ସାହିରେ ଉଚ୍ଛେଦ ପ୍ରକ୍ରିୟା ଚାଲିଥିବା ବେଳେ ଅଚାନକ ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ ବ୍ୟାପକ ମାତ୍ରାରେ ଆଧାର କାର୍ଡ ମିଳିଛି। ତେବେ ସେଗୁଡ଼ିକ ଜାଲ୍ କି ଅସଲି, ତା' ଜାଣିବା ସକାଶେ ଉଦ୍ୟମ ଜାରି ରହିଛି। ତେବେ ଗୋଟିଏ ସ୍ଥାନରେ ଏତେ ମାତ୍ରାରେ ଆଧାର କାର୍ଡ ଜମା ଥିବା ଜନସାଧାରଣଙ୍କୁ ଆଶ୍ଚର୍ଯ୍ୟ କରିଛି। ଏନେଇ ସ୍ଥାନୀୟ ଲୋକେ ମଧ୍ୟ ଭିନ୍ନ ଭିନ୍ନ ମତ ଦେଇଛନ୍ତି। ଜଣେ ବାସିନ୍ଦା କହିଛନ୍ତି ଯେ ଉଚ୍ଛେଦ ପ୍ରକ୍ରିୟା ପରେ ଥଇଥାନ ଯୋଜନାରେ ଜମି ପାଇବା ସକାଶେ ଅନେକ ଆଶାୟୀ ଏହି ଆଧାର କାର୍ଡ ଜମା କରିଛନ୍ତି। କିନ୍ତୁ ଆଉ ଜଣେ ବାସିନ୍ଦା କହିଛନ୍ତି ଯେ ନୂଆ ଆଧାର କାର୍ଡ ଜାରି କରିବା ସକାଶେ ସମ୍ପୃକ୍ତ କାର୍ଡର ମାଲିକମାନେ ସେମାନଙ୍କ ପୁରୁଣା ଆଧାର କାର୍ଡ ଜମା କରିଛନ୍ତି। ଉକ୍ତ ସ୍ଥାନରେ ଏକ ଆଧାର କାର୍ଡ ସଂଗ୍ରହ ଗୃହ ରହିଥିବା ଉକ୍ତ ବାସିନ୍ଦା ଜଣଙ୍କ ଗଣମାଧ୍ୟମକୁ କହିଛନ୍ତି। ଅଧିକନ୍ତୁ ଆଧାର କାର୍ଡ ସହ ଉକ୍ତ ସ୍ଥାନରୁ କେତେକ ବ୍ୟାଙ୍କ୍ ପାସ୍‌ବୁକ୍ ଓ ଚେକ୍ ବହି ମଧ୍ୟ ଉଦ୍ଧାର କରାଯାଇଛି।

# ହ୍ୟୁମାନଙ୍କୁ କୋହଭରା ବିଦାୟ

- ଲୁହରେ ଭିଜିଲା ଜନ୍ମମାଟି
- ବିଶ୍ୱାସ କରିପାରୁନାହାନ୍ତି ସାଥୀ କଳାକାର





ଟିଟିଲାଗଡ଼,୧୮।୧୧(ସଂଚାର ବ୍ୟୁରୋ): ଗତକାଲି ଭୁବନେଶ୍ୱର ଏମ୍ସରେ ପରଲୋକ ଗମନ କରିଥିବା ପ୍ରଖ୍ୟାତ ଓଲିଉଡ୍ କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କୁ ଆଜି ତାଙ୍କ ଜନ୍ମମାଟି ଟିଟିଲାଗଡ଼ରେ କୋହଭରା ଅନ୍ତିମ ବିଦାୟ ଦିଆଯାଇଛି। ତାଙ୍କ ଜନ୍ମମାଟି ଟିଟଲାଗଡ଼ର ସଇଁତଲା ବ୍ଲକ୍ ଅନ୍ତର୍ଗତ ଡେଙ୍ଗ ଗାଁରେ କାନ୍ଦବୋବାଳି ମଧ୍ୟରେ ଏହି ମେଲୋଡି କିଙ୍ଗ୍‌ଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଆଜି ସକାଳେ ହ୍ୟୁମାନଙ୍କ ପାର୍ଥିବ ଶରୀର ଟିଟିଲାଗଡ଼ ସହରରେ ପହଞ୍ଚିବା ପରେ ସେଠାରୁ ଏକ ଶୋକାକୁଳ ପରିବେଶ ମଧ୍ୟରେ ହଜାର ହଜାର ପ୍ରଶଂସକ, ସ୍ଥାନୀୟ ଜନତା, ସଙ୍ଗୀତପ୍ରେମୀ ଅନ୍ତିମ ଦର୍ଶନ କରିବା ସହ ଏକ ଭାବବିହ୍ୱଳ ପରିବେଶରେ ଅନ୍ତିମ ବିଦାୟ ଦେଇଛନ୍ତି। ତାଙ୍କ ପାର୍ଥିବ ଶରୀରକୁ ସ୍ଥାନୀୟ ଚର୍ଚ୍ଚକୁ ନିଆଯାଇ ସେଠାରେ ପ୍ରାର୍ଥନା କରାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

ଗତକାଲି ରାତିରେ ତାଙ୍କୁ କଟକସ୍ଥିତ ବାସଭବନକୁ ନିଆଯିବା ସହ ସେଠାରେ ବହୁ ସେଲିବ୍ରିଟି ତାଙ୍କ ଅନ୍ତିମ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିପରି ଅନ୍ତିମ ସଂସ୍କାର ସମୟରେ କଳାକାରଙ୍କ ସମେତ ସାଧାରଣ ଲୋକଙ୍କ ପ୍ରବଳ ଭିଡ ଜମିଥିଲା। ଏଥିସହ ବଲାଙ୍ଗୀର ଜିଲ୍ଲା ତଥା ଆଖପାଖ ଜିଲ୍ଲାର ଶତାଧିକ ସଂଗଠନର ସଦସ୍ୟ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଟିଟିଲାଗଡ଼ ସହରରେ ହ୍ୟୁମାନ ସାଗରଙ୍କ ମର ଶରୀର ପହଂଚିବା ପରେ ଏକ ବିରାଟ ଶୋଭାଯାତ୍ରାରେ ତାଙ୍କ ପାର୍ଥିବ ଶରୀର କୁ ନେଇ ଟିଟିଲାଗଡ ପରିକ୍ରମା କରାଯାଇଥିଲା। ଯେଉଁଥିରେ ହଜାର ହଜାର ଲୋକ ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିପରି ପରେ ତାଙ୍କ ପାର୍ଥିବ ଶରୀରକୁ ସ୍ଥାନୀୟ ଚର୍ଚ୍ଚକୁ ନିଆ ଯାଇଥିଲା। ଏବଂ ସେଠି ତାଙ୍କ ପାଇଁ ପ୍ରାର୍ଥନା କରାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

ଏହି ଅବସରରେ ଟିଟିଲାଗଡ ବିଧାୟକ ନବୀନ ଜୈନ କହିଛନ୍ତି ଯେ ହ୍ୟୁମାନ ସାଗର ସ୍ୱଳ୍ପ ସମୟ ମଧ୍ୟରେ ସମସ୍ତଙ୍କ ହୃଦୟରେ ରାଜ୍ କରିପାରିଥିଲେ। ତାଙ୍କ ଗୀତରେ ଆବାଳବୃଦ୍ଧବନିତା ସମସ୍ତେ ଝୁମୁଥିଲେ। କେବଳ ଓଡ଼ିଶା ନୁହେଁ, ସାରା ଦେଶରେ ସେ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କର ଏପରି ଅକାଳ ବିୟୋଗକୁ ବିଶ୍ୱାସ କରିହେଉନି ବୋଲି ଶ୍ରୀ ଜୈନ୍ କହିଛନ୍ତି।

ଏହାଛଡ଼ା ବଲାଙ୍ଗୀର କଳାକାର ତଥା ଯୁବ ସଂଗଠକ ସୋମନାଥ ମିଶ୍ର ଓ ବିନୋଦ କାଳସାଏ କହିଛନ୍ତି ଯେ ନିଜ ପ୍ରତିଭା ବଳରେ ଅଳ୍ପ ଦିନରେ ହ୍ୟୁମାନ ନାଁ କମାଇପାରିଥିଲେ। ଓଡ଼ିଶାର କୋଣ ଅନୁକୋଣରେ ସେ ନିଜ ପରିଚିତି ଓ ଖ୍ୟାତି ପାଇଥିଲେ। ମାତ୍ର ୩୪ ବର୍ଷ ବୟସରେ ସେ ପାଖାପାଖି ୧୫ ହଜାର ଗୀତ ଗାଇଥିଲେ। ତାଙ୍କ ଅକାଳ ବିୟୋଗ ଏପରି ଏକ କ୍ଷତି ଯାହାର କଦାପି ଭରଣା ସମ୍ଭବପର ନୁହେଁ। ଆହୁରି ସାଥୀ କଳାକାର ତଥା ଗାୟିକା ଅର୍ଚ୍ଚନା ପାଢ଼ୀ କହିଛନ୍ତି ଯେ ହ୍ୟୁମାନଙ୍କ ସହ ତାଙ୍କର ବେଶ୍ ଭଲ ସମ୍ପର୍କ ଥିଲା। ସଙ୍ଗୀତକୁ ଆଗକୁ ନେବାକୁ ପଣ କରିଥିବା ହ୍ୟୁମାନ୍ ଓ ସେ ଅନେକ କିଛି ଯୋଜନା କରିଥିଲେ। ଉଭୟ ଏ ସମ୍ପର୍କରେ ବିଭିନ୍ନ ସମୟରେ ଆଲୋଚନା କରିଥିଲେ ହେଁ ଏବେ ହ୍ୟୁମାନ୍ ଅଚାନକ ଆର ପାରିକୁ ଚାଲିଯିବା ଏକ ଅବିଶ୍ୱସନୀୟ ଘଟଣା ବୋଲି ସେ କହିଛନ୍ତି।

## ସରପଞ୍ଚ ଓ ସମର୍ଥକ ବିଜେପିରେ ସାମିଲ

କେନ୍ଦୁଝର,୧୮।୧୧ (ସଂଚାର ବ୍ୟୁରୋ): ମଙ୍ଗଳବାର ଦିନ ହାଟଡିହି ବିଜେପି କାର୍ଯ୍ୟାଳୟରେ ପଞ୍ଚୁଗୋଛିଆ ସରପଞ୍ଚ ଦିନେଶ କୁମାର ସେଠୀ ଓ ସମର୍ଥକମାନେ ବିଜେପି କାର୍ଯ୍ୟାଳୟରେ ଯୋଗ ଦେଇଥିଲେ। ଯୁବ ସଶକ୍ତିକରଣ ପାଇଁ ସୌଭାଗ୍ୟ କୁମାର ସା, ସୁରେଶ ମହାନ୍ତି ବାପୁଜୀ ସାଙ୍କ ଚେଷ୍ଟାରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିବା ବେଳେ ଆନନ୍ଦପୁର ବିଜେପି ନେତା ଆଲୋକ କୁମାର ସେଠୀ ଓ ଜିଲ୍ଲା ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ସାମନ୍ତ ସିଂହାର, ସୁଶାନ୍ତ କୁମାର ଜେନାଙ୍କ ଦ୍ୱାରା ମିଶ୍ରଣ ପର୍ବ ପାଳନ ହୋଇଥିଲା। ଏହି ମିଶ୍ରଣ ପରେ ପ୍ରଧାନମନ୍ତ୍ରୀ ମୋଦିଙ୍କ କାର୍ଯ୍ୟ ଶୈଳୀ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ବିକାଶ କାର୍ଯ୍ୟ ପାଇଁ ପାଇଁ ଏବେ ଶହେରୁ ଅଧିକ ଲୋକ ବିଭିନ୍ନ ଦଳ ଛାଡ଼ି ଛାଡ଼ି ବିଜେପିରେ ଯୋଗ ଦେଇଛନ୍ତି।

ଭୁବନେଶ୍ୱରରେ ଏକତା ପଦଯାତ୍ରା ଅନୁଷ୍ଠିତ

# ଐକ୍ୟ ପାଇଁ ପଟେଲ୍‌ଙ୍କ ଆଦର୍ଶ ଅନୁସରଣ ପାଇଁ ପରାମର୍ଶ



### ଲିଙ୍ଗରାଜ ପୀଠରୁ ଆରମ୍ଭ, ରାମ ମନ୍ଦିରରେ ଶେଷ

ଭୁବନେଶ୍ୱର,୧୮।୧୧(ସଂଚାର ବ୍ୟୁରୋ): ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏହି ପଦଯାତ୍ରା ମହାପ୍ରଭୁ ଲିଙ୍ଗରାଜଙ୍କ ପୀଠରୁ ବାହାରି ରାମମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ସବୁବର୍ଗର ଜନସାଧାରଣ ସାମିଲ ହୋଇଥିଲେ। କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଆୟୋଜିତ ଏହି ଏକତା ପଦଯାତ୍ରରେ ସାମିଲ ହୋଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଅବଦାନ ଓ ତ୍ୟାଗର ସ୍ମୃତିଚାରଣ କରିଥିଲେ। ଲୌହମାନବଙ୍କ ବଳିଷ୍ଠ ନେତୃତ୍ୱରେ ସ୍ୱାଧୀନତା ପରବର୍ତ୍ତୀ ଭାରତର ଏକତା ଓ ସଂହତି ପ୍ରତିଷ୍ଠିତ ହୋଇପାରିଥିଲା ବୋଲି ସେ ମତବ୍ୟକ୍ତ କରିଥିଲେ। ସେହିଭଳି କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଭାରତର ସାର୍ବଭୌମ୍ୟ ଓ ଏକତା ଅକ୍ଷୁଣ୍ଣ ରଖିବା ପାଇଁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ଦେଶକୁ ଏକତାର ସୂତ୍ରରେ ବାନ୍ଧି ରଖିବାକୁ ସର୍ଦ୍ଦାର ପଟେଲଙ୍କ ଆଦର୍ଶ ଅନୁସରଣ କରିବାକୁ ସେ ପରାମର୍ଶ ଦେଇଥିଲେ। ଏକାମ୍ର ବିଧାୟକ ବାବୁ ସିଂ ଏବଂ ଭୁବନେଶ୍ୱର ମେୟର ସୁଲୋଚନା ଦାସ ମଧ୍ୟ ଅନୁରୂପ ଭାବେ ଭାରତରତ୍ନ ସର୍ଦ୍ଦାର ପଟେଲଙ୍କର ତ୍ୟାଗ ଓ ଅବଦାନ ସମ୍ପର୍କରେ ନିଜର ମତ ରଖିଥିଲେ। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଭୁବନେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ରୁଦ୍ରନାରାୟଣ ମହାନ୍ତି, ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରିଆ, ଭୁବନେଶ୍ୱର ଉପଜିଲ୍ଲାପାଳ ଡ. ମନୋରଞ୍ଜନ ସାହୁ, ଓଡ଼ିଶା ଅଲମ୍ପିକ ଆସୋସିଏସନ୍‌ର ସଭାପତି ସମୀର ମହାନ୍ତି, ସମାଜସେବୀ ଜଗନ୍ନାଥ ପ୍ରଧାନ, ମନମୋହନ ସାମଲ, ଭୁବନେଶ୍ୱର ବିଡିଓ ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲ୍ଲା କ୍ରୀଡ଼ାଧିକାରୀ ଗୀତାଞ୍ଜଳି ପଣ୍ଡା, ସମସ୍ତ କର୍ପୋରେଟର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ପଞ୍ଚାୟତସ୍ତରୀୟ ଜନପ୍ରତିନିଧି ଓ ବୁଦ୍ଧିଜୀବୀମାନେ ସାମିଲ ଥିଲେ।

## ‘ପାର୍ସଲ ବମ୍ ଇନ୍ ଏ କୋର୍ଟ ରୁମ୍’ ଉନ୍ମୋଚିତ




ପାଟଣାଗଡ଼,୧୮।୧୧ (ସଂଚାର ବ୍ୟୁରୋ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ହରିଶଙ୍କର ସମ୍ମିଳନୀ ସଦନଠାରେ ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ଘଟଣା ଉପରେ ଆଧାରିତ ପୁସ୍ତକ ‘ପାର୍ସଲ ବମ୍ ଇନ୍ ଏ କୋର୍ଟ ରୁମ୍’ ଉନ୍ମୋଚିତ ହୋଇଯାଇଛି। କେସ୍ ଲଢୁଥିବା ସରକାରୀ ଓକିଲ ଆଶିଷ କୁମାର ଚନ୍ଦନଙ୍କ ଲିଖିତ ଏହି ପୁସ୍ତକରେ ଘଟଣା ସହ କୋର୍ଟ ମଧ୍ୟରେ ଘଟୁଥିବା ସମସ୍ତ ଘଟଣା ସମ୍ପର୍କରେ ବିଶଦ ବିବରଣୀ ଦିଆଯାଇଛି। ଏହି ପୁସ୍ତକ ଉନ୍ମୋଚନ ଉତ୍ସବରେ ସମ୍ମାନିତ ଅତିଥି ଭାବେ ବଲାଙ୍ଗିରର ବରିଷ୍ଠ ଓକିଲ ବାଳକୃଷ୍ଣ ନନ୍ଦ, ପାଟଣାଗଡ଼ର ବରିଷ୍ଠ ଡାକ୍ତର ଗିରିବର ଧାରୀ ପାଣିଗ୍ରାହୀ, କ୍ରିମିନାଲ କୋର୍ଟ ବାର୍ ଆସୋସିଏସନର ସଭାପତି ଦର୍ପଗଞ୍ଜନ ପଟ୍ଟନାୟକ, ସିଭିଲ କୋର୍ଟ ବାର୍ ଆସୋସିଏସନର ସଭାପତି ଇନ୍ଦୁଭୂଷଣ ଠାକୁର ଯୋଗ ଦେଇଥିବା ବେଳେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

ଉଲ୍ଲେଖଯୋଗ୍ୟ ଯେ ଗତ ୨୦୧୮ ଫେବୃଆରୀ ୨୩ରେ ଲୋମହର୍ଷଣକାରୀ ପାର୍ସଲ ବୋମା ଘଟଣା ଘଟିଥିଲା। ପାଟଣାଗଡ଼ ବ୍ଲକ ଭଇଁଷା ଜ୍ୟୋତିବିକାଶ କଲେଜରୁ ଅଧକ୍ଷ ପଦ ପାଇଁ ପୁଞ୍ଜିଲାଲ ମେହେର ଓ ସଂଯୁକ୍ତା ସାହୁଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ପାଟଣାଗଡ଼ର ଅଧ୍ୟାପକ ଦମ୍ପତି ରବୀନ୍ଦ୍ର ସାହୁ ଓ ସଂଯୁକ୍ତା ସାହୁଙ୍କ ପୁଅ ବାହାଘରକୁ ପାର୍ସଲ ବୋମା ପଠାଇଥିଲେ ପୁଞ୍ଜିଲାଲ। ଫେବୃଆରୀରେ ୧୮ରେ ବାହାଘର ସରିଯାଇଥିବା ବେଳେ ୨୩ ତାରିଖରେ ଉପହାର ଖୋଲିଲା ବେଳେ ବୋମା ବିସ୍ଫୋରଣ ହୋଇଥିଲା। ଫଳରେ ସୌମ୍ୟଶେଖର ଓ ତାଙ୍କ ସମ୍ପର୍କୀୟ ଜେଜେମା' ଜେମାମଣିଙ୍କ ମୃତ୍ୟୁ ଘଟିଥିଲା। ଅଳ୍ପକେ ବର୍ତ୍ତିଯାଇଥିଲେ ସୌମ୍ୟଶେଖରଙ୍କ ସ୍ତ୍ରୀ ରିମାରାଣୀ। ଦୀର୍ଘଦିନର ଚିକିତ୍ସା ପରେ ସେ ସୁସ୍ଥ ହୋଇଥିଲେ। କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ କରି ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ ଗିରଫ କରିଥିବା ବେଳେ ୨୦୦୦ ପୃଷ୍ଠାର ଚାର୍ଜସିଟ କୋର୍ଟରେ ଦାଖଲ କରିଥିଲେ। ସମସ୍ତ ଦିଗକୁ ଦୃଷ୍ଟି ରଖି ପାଟଣାଗଡ଼ ଅତିରିକ୍ତ ଜିଲ୍ଲା ଦୌରାଜଜ ଗତ ମେ' ୨୮ରେ ପୁଞ୍ଜିଲାଲଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ରାୟ ଶୁଣାଇଥିଲେ।

- ସ୍କର୍ପିଓକୁ ପିଟିଲା ଟ୍ରକ୍

## ଭଉଣୀ ମୃତ, ଭାଇ ସମେତ ୨ ଗୁରୁତର




ଆନନ୍ଦପୁର,୧୮।୧୧(ସଂଚାର ବ୍ୟୁରୋ): ସ୍କର୍ପିଓକୁ ପିଟିଛି ଟ୍ରକ୍। ଏଥିରେ ଭଉଣୀ ମୃତ୍ୟୁବରଣ କରିଥିବା ବେଳେ ଭାଇ ସମେତ ୨ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। କେନ୍ଦୁଝର ଜିଲ୍ଲା ଯୋଡା ଫ୍ଲାଏଓଭର ଉପରେ ଏପରି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ମୃତକ ଜଣଙ୍କ ହେଲେ ବଡ଼ବିଲ ଅଞ୍ଚଳର ସୋନାଲି ଓଝା। ଟ୍ରେନ୍ ଧରିବା ପାଇଁ ଭାଇ-ଭଉଣୀ ବାଂଶପାଣି ଷ୍ଟେସନକୁ ସ୍କର୍ପିଓ ଯୋଗେ ଯାଉଥିବା ସମୟରେ ଓଭରବ୍ରିଜ୍ ଉପରେ ଏକ ଟ୍ରକ ସହ ସେମାନଙ୍କ ଗାଡ଼ିର ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଭଉଣୀର ମୃତ୍ୟୁ ହୋଇଥିବାବେଳେ ଭାଇ ଗୁରୁତର ଭାବେ ଆହତ ହୋଇଛନ୍ତି। ଏହାଛଡ଼ା ଅନ୍ୟ ଜଣେ ମଧ୍ୟ ଆହତ ହୋଇଛି। ତେବେ ଦୁର୍ଘଟଣା ଘଟାଇବା ପରେ ଟ୍ରକଟି ଫେରାର ହୋଇଯାଇଥିବା ବେଳେ ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

- ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର

## ଜେଲ ହାଜତ ଗଲା ଅଭିଯୁକ୍ତ

ତେଲକୋଇ,୧୮।୧୧(ସଂଚାର ବ୍ୟୁରୋ): ଜନୈକା ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ଅଭିଯୋଗରେ ବାରକୋଟ ଥାନା ପୁଲିସ କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ବେରିଡା ଗ୍ରାମର ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଉକ୍ତ ଅଭିଯୁକ୍ତର ନାମ ସୁରେଶ ପରିଡା (୧୯) ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁଯାୟୀ, ସୁରେଶ ଦେବଗଡ ଜିଲ୍ଲା ବାରକୋଟ ଥାନା ଅଞ୍ଚଳର ଜନୈକା ୧୫ ବର୍ଷୀୟ ନାବାଳିକାକୁ ବିବାହ ପ୍ରଲୋଭନ ଦେଖାଇବା ସହ ପ୍ରେମଜାଲରେ ଫସାଇ ଅପହରଣ କରି ନେଇଥିଲା। ଏନେଇ ଅପହୃତା ନାବାଳିକାଙ୍କ ବାପା ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିବାରୁ ଅଭିଯୋଗ ଅଧାରରେ ବାରକୋଟ ଥାନା ପୁଲିସ ଗତ ଅକ୍ଟୋବର ୧୦ ତାରିଖରେ ସୁରେଶ ବିରୁଦ୍ଧରେ ଏକ ଅପହରଣ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ସେହିପରି ଅପହୃତା ନାବାଳିକାଙ୍କୁ ପୁଲିସ୍ ତେଲକୋଇ ଅଞ୍ଚଳରୁ ଉଦ୍ଧାର କରିଛି।



## ପୁଣି ଦନ୍ତାହାତୀର ମୃତଦେହ ଉଦ୍ଧାର

ରେଢ଼ାଖୋଲ,୧୮।୧୧(ସଂଚାର ବ୍ୟୁରୋ): ପୁଣି ଏକ ଦନ୍ତାହାତୀର ମୃତଦେହ ଉଦ୍ଧାର। ସମ୍ବଲପୁରରୁ ରେଢ଼ାଖୋଲ ବନଖଣ୍ଡ ବଡ଼ବାହାଲ ରେଞ୍ଜ ବଡ଼କୁଡ଼ା ଜଙ୍ଗଲରୁ ଉକ୍ତ ମୃତଦେହଟି ଉଦ୍ଧାର କରାଯାଇଛି। ମୃତ ହାତୀର ବୟସ ୧୫ ବର୍ଷରୁ ଅଧିକ ହୋଇଥିବା ସୂଚନା ମିଳିଛି। କିନ୍ତୁ ଉକ୍ତ ହାତୀଟିର ମୃତ୍ୟୁ କିଭଳି ହୋଇଛି, ସେନେଇ କିଛି ବି ଜଣାପଡ଼ିନାହିଁ। ଏନେଇ ବନ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ରେଢ଼ାଖୋଲରେ ଗତ ବର୍ଷେ ମଧ୍ୟରେ ୬ଟି ହାତୀ ମୃତ୍ୟୁବରଣ କରିଥିବାରୁ ଏହାକୁ ନେଇ ବନ ବିଭାଗର ମୁଣ୍ଡବ୍ୟଥା ବଢ଼ିଯାଇଛି। ହାତୀ ମୃତ୍ୟୁ ନେଇ ଖବର ପାଇବା ପରେ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରୁଛି। ଅନ୍ୟପକ୍ଷରେ ଏହି ହାତୀ ମୃତ୍ୟୁକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିବା ଜଣାପଡ଼ିଛି।

# ଏସ୍‌ଏଚ୍‌ଜିଙ୍କୁ ୧୧୭.୧୨ କୋଟିର ସୁଧ ଫେରସ୍ତ




ଭୁବନେଶ୍ୱର,୧୮।୧୧(ସଂଚାର ବ୍ୟୁରୋ): ମହିଳା ସଶକ୍ତିକରଣ ହେଉଛି ବିକଶିତ ଓଡ଼ିଶା ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ମା'ମାନଙ୍କର ଆର୍ଥିକ ଅଭିବୃଦ୍ଧିକୁ ସୁଦୃଢ଼ କରିବା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବ୍ୟାଙ୍କ ଋଣ ଉପରେ ସୁଧ ଫେରସ୍ତ ବ୍ୟବସ୍ଥା ସହାୟକ ହୋଇଛି। ଏହା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଗୁଡ଼ିକର ଭିତ୍ତିକୁ ସୁଦୃଢ଼ କରିବା ସହ ଅଧିକ ବଜାର ସୁଯୋଗ ସୃଷ୍ଟି କରି ମହିଳା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରୁଛି। ଆଜି ମିଶନ ଶକ୍ତି ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମ ‘ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସୁଧ ଫେରସ୍ତ'ରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇ ସରକାର ମହିଳାମାନଙ୍କୁ ଜୀବିକାମୂଳକ ଅର୍ଥନୈତିକ ମଡେଲ୍ ମାଧ୍ୟମରେ ସଶକ୍ତ କରିବା ପାଇଁ ସଦାସର୍ବଦା ଉଦ୍ୟମ କରିଆସିଥିବା କହିଛନ୍ତି। ସେ କହିଛନ୍ତି ଯେ ଏଚ୍‌ଏଚ୍‌ଜି ସଦସ୍ୟାଙ୍କ ଜୀବନଜୀବିକାର ବିକାଶ ତଥା ଉଦ୍ୟୋଗୀ ମନୋଭାବକୁ ପ୍ରୋତ୍ସାହିତ କରିବାରେ ବ୍ୟାଙ୍କ ଋଣ ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏସ୍‌ଏଚ୍‌ଜିମାନଙ୍କ ଉପରୁ ସୁଧ ପରିଶୋଧ ଭାର ହ୍ରାସ କରିବା ପାଇଁ ରାଜ୍ୟ ସରକାର ଗୋଷ୍ଠୀମାନେ ନେଉଥିବା ବ୍ୟାଙ୍କ ଋଣ ରାଶିକୁ ବୃଦ୍ଧି କରିବା ସହ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣରେ ବାର୍ଷିକ ସୁଧ ହାରକୁ ଶୂନ୍ୟ ପ୍ରତିଶତ ରଖିଛନ୍ତି। ଏହି ସୁଧ ଫେରସ୍ତ ରାଶି ଏସ୍‌ଏଚ୍‌ଜି ସଦସ୍ୟାଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ପଠାଯାଉଛି।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ୨ ଲକ୍ଷ ୨୪ ହଜାର ୮୮୪ଟି ଏସ୍‌ଏଚ୍‌ଜିଙ୍କୁ ମୋଟ ୧୧୭ କୋଟି ୧୨ ଲକ୍ଷ ୫ ହଜାର ୧୬୪ ଟଙ୍କାର ସୁଧ ରାଶି ଫେରସ୍ତ କରିଛନ୍ତି। ଏହି ପଦକ୍ଷେପ ମହିଳା-ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକୁ ଆର୍ଥିକ ଭାବେ ସଶକ୍ତ କରିବା ସହ ରାଜ୍ୟର ବିକାଶ ଓ ଆର୍ଥିକ ପ୍ରଗତି ପ୍ରତି ସରକାରଙ୍କ ସଂକଳ୍ପକୁ ପୁଣିଥରେ ସ୍ପଷ୍ଟ କରିଛି। ଆଜିର କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗ ନିର୍ଦ୍ଦେଶିକା ଡଃ ମୋନିକା ପ୍ରିୟଦର୍ଶିନୀ, ବିଭାଗୀୟ ଅତିରିକ୍ତ ଶାସନ ସଚିବ ଜ୍ୟୋତି ଶଙ୍କର ମହାପାତ୍ର ଓ ଓଡ଼ିଶା ଜୀବିକା ମିଶନର ବରିଷ୍ଠ ଅଧିକାରୀମାନେ ଏବଂ ବିଭିନ୍ନ ବ୍ୟାଙ୍କର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ବାଲ୍ୟ ଶିକ୍ଷାକୁ ବୃଦ୍ଧି କରିଛି ବେଦାନ୍ତ

# ୪୫୦ ପିଲାଙ୍କୁ ଶିକ୍ଷଣ ସହାୟତା କିଟ୍‌ର ଫାଇଦା



ଭୁବନେଶ୍ୱର,୧୮।୧୧(ସଂଚାର ବ୍ୟୁରୋ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଜାମଖଣି, ଘୋଘରପଲ୍ଲୀ ଏବଂ କୁରାଲୋଇ (ଏ) ଉତ୍ତର କୋଇଲା ଖଣି କାର୍ଯ୍ୟକ୍ଷମ ଅଞ୍ଚଳରେ ୪୦ଟି ଅଙ୍ଗନୱାଡି କେନ୍ଦ୍ରରେ ୪୫୦ରୁ ଅଧିକ ପିଲାଙ୍କୁ ଶିକ୍ଷଣ ସହାୟତା କିଟ୍ ପ୍ରଦାନ କରିଛି। ପ୍ରତ୍ୟେକ କିଟ୍ ଦୁଇଟି ଭାଷାରେ ରହିଥିବା ବେଳେ ଏଥିରେ ଆକୃତି ପଜଲ୍, ନମ୍ବର କ୍ୟୁବ୍ ଓ ଖେଳ ଉପକରଣ ରହିଛି। ଏହା ପିଲାଙ୍କ ମଧ୍ୟରେ କୌତୂହଳ ସୃଷ୍ଟି କରିବା ସହ ଜ୍ଞାନାତ୍ମକ ଦକ୍ଷତା ନିର୍ମାଣ ଓ ମୌଳିକ ଶିକ୍ଷାକୁ ସମର୍ଥନ ଦେଉଛି। ଅଭିଯାନରେ ସ୍ଥାନୀୟ ଅଂଶୀଦାର, ପିତାମାତା ଓ କର୍ମଚାରୀ ସ୍ୱେଚ୍ଛାସେବୀଙ୍କ ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଏହି ପଦକ୍ଷେପ ବେଦାନ୍ତର କାର୍ଯ୍ୟକ୍ଷମ କ୍ଷେତ୍ରରେ ଶିଶୁ ବିକାଶକୁ ସମର୍ଥନ କରିବା ପାଇଁ ଦୀର୍ଘ ଦିନର ପ୍ରୟାସ ଉପରେ ଆଧାରିତ। ଏହି ପ୍ରତିବଦ୍ଧତାର ଏକ ପ୍ରମୁଖ ସ୍ତମ୍ଭ ହେଉଛି ନନ୍ଦ ଘର କାର୍ଯ୍ୟକ୍ରମ, ଯାହା ଅନିଲ ଅଗ୍ରୱାଲ ଫାଉଣ୍ଡେସନର ତତ୍ତ୍ୱାବଧାନରେ ୨୦୧୫ରେ ଆରମ୍ଭ ହୋଇଥିଲା। ଏବେ କେବଳ ଓଡ଼ିଶାରେ ୫୩୧ଟି ନନ୍ଦ ଘର ରହିଥିବା ବେଳେ ଏଗୁଡ଼ିକ ପ୍ରାକ୍ ବିଦ୍ୟାଳୟ ଶିକ୍ଷା, ପୁଷ୍ଟିକର ଖାଦ୍ୟ ଓ ଘରକୁ ରାସନ, ଏଏନଏମମାନଙ୍କ ମାଧ୍ୟମରେ ମୌଳିକ ସ୍ୱାସ୍ଥ୍ୟସେବା ଯୋଗାଇବା ସହ ମହିଳାଙ୍କ ପାଇଁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆଦିର ଆୟୋଜନ କରିଆସିଛି। ଏ ସଂକ୍ରାନ୍ତରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି ଯେ ଆଜିର ପିଲାମାନେ କାଲିର ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରନ୍ତି ଏବଂ ସେମାନଙ୍କ ଅଭିବୃଦ୍ଧିରେ ନିବେଶ କରିବା ହେଉଛି ଆମ ଦେଶର ଭବିଷ୍ୟତରେ ନିବେଶ କରିବା।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ବୁଧବାର ୧୯ ନଭେମ୍ବର ୨୦୨୫, ଭୁବନେଶ୍ୱର
Wednesday 19 November 2025, Bhubaneswar

# ପିକେ ସନ୍ୟାସ ନେବେ କି?

ବିହାର ବିଧାନସଭା ନିର୍ବାଚନ ୨୦୨୫ର ଫଳାଫଳ ଘୋଷଣା ହେବାର କିଛି ଦିନ ଭିତରେ ପୋଲିଟିକାଲ୍ ଷ୍ଟ୍ରାଟେଜିଷ୍ଟ-କନ୍‌ଭର୍ଟେଡ୍ ନେତା ପ୍ରଶାନ୍ତ କିଶୋରଙ୍କ ଭାଗ୍ୟ ଉପରେ ସବୁଠାରୁ ବଡ଼ ପ୍ରଶ୍ନ ଉଠିଛି- ସେ କ'ଣ ରାଜନୀତିରୁ ଓହରି ଯିବେ? ଜନ ସ୍ୱରାଜ ପାର୍ଟି ବିହାରର ୨୪୩ଟି ଆସନ ମଧ୍ୟରୁ ୨୩୮ଟିରେ ଲଢ଼ି ଗୋଟିଏ ବି ଆସନ ଜିତି ପାରିନାହିଁ। ଭୋଟ୍ ପ୍ରତିଶତ ମାତ୍ର ୩% ପାଖାପାଖି। ଏହା ଏକ ଐତିହାସିକ ପରାଜୟ। ନରେନ୍ଦ୍ର ମୋଦି, ନୀତିଶ କୁମାର, ମମତା ବାନାର୍ଜୀଙ୍କ ବିଜୟ ରଚନା କରିଥିବା ପ୍ରଶାନ୍ତ ଏଥର ନିଜର ବିଜୟ ରଚି ପାରିଲେ ନାହିଁ। ତେଣୁ ପ୍ରଶ୍ନ ଉଠୁଛି-ଏହି ପରାଜୟ କ'ଣ ତାଙ୍କ ରାଜନୈତିକ ଇନିଂସର ଅନ୍ତିମ ଅଧ୍ୟାୟ?

ନିର୍ବାଚନ ପୂର୍ବରୁ ପ୍ରଶାନ୍ତ କିଶୋର ଅହଂକାରର ସମସ୍ତ ସୀମା ଟପି ଯାଇଥିଲେ। ସେ କହିଥିଲେ, "ଯଦି ନୀତିଶଙ୍କ ଦଳ ତୀର ଚିହ୍ନରେ ୨୫ଟିରୁ ଅଧିକ ଆସନ ଜିତିଲା, ତେବେ ମୁଁ ରାଜନୀତି ଛାଡ଼ିଦେବି।" ଜେଡିୟୁ ଏଥର ୮୫ ଆସନ ଜିତିଛି। ଏନଡିଏ ବିହାରରେ ବିଶାଳ ବିଜୟ ହାସଲ କରିଛି। ତଥାପି ପ୍ରଶାନ୍ତ ନିଜର କଥା ଫେରାଇ ନାହାନ୍ତି। ବରଂ ଆଜି ଏକ ପ୍ରେସ୍ କନଫରେନ୍ସରେ ସେ କହିଛନ୍ତି – "ମୁଁ ବିହାର ଛାଡ଼ିବି ନାହିଁ, ରାଜନୀତି ଛାଡ଼ିବି ନି। ଯେଉଁଠାରେ ହାରିଛି, ସେଠାରୁ ଲଢ଼ିବି।" ସେ ଆହୁରି କହିଛନ୍ତି, "ଯଦି ନୀତିଶ ସରକାର ୧.୫ କୋଟି ମହିଳାଙ୍କୁ ପତ୍ନୀ ପ୍ରକଳ୍ପରେ ୨ ଲକ୍ଷ ଟଙ୍କା ଲେଖାଏଁ ଦେଇଦେଲା, ତେବେ ମୁଁ ନିଶ୍ଚିତ ରାଜନୀତି ଛାଡ଼ିଦେବି।"



ଏହା ଏକ ଚତୁର ରାଜନୈତିକ ଚାଲ। ସେ ଜାଣନ୍ତି ଯେ ବିହାର ସରକାରଙ୍କ ପାଖରେ ସେତିକି ଟଙ୍କା ନାହିଁ। ବିଶ୍ୱବ୍ୟାଙ୍କ ଠାରୁ ଋଣ ନେବାକୁ ପଡ଼ିବ। ତେଣୁ ସେ ନିଜର ପରାଜୟକୁ ଢାଙ୍କିବା ପାଇଁ ନୂଆ ସର୍ତ୍ତ ରଖୁଛନ୍ତି। ଏହା ଦର୍ଶାଏ ଯେ ସେ ରାଜନୀତି ଛାଡ଼ିବାର ମୁଡ଼ରେ ନାହାନ୍ତି। ବରଂ ଆହୁରି ଜିଦ୍ ଧରିଛନ୍ତି। ପ୍ରଶାନ୍ତଙ୍କ ପରାଜୟର କାରଣ ଅନେକ। ପ୍ରଥମ – ଅହଂକାର। ସେ ନିଜକୁ ବିହାରର ଭବିଷ୍ୟତ ମୁଖ୍ୟମନ୍ତ୍ରୀ ଭାବୁଥିଲେ। ଲୋକଙ୍କୁ ଉପରୁ ଦେଖୁଥିଲେ। ଦ୍ୱିତୀୟ – ଜନ ସ୍ୱରାଜ ପାର୍ଟି ନିଜେ ସବୁ ଆସନରେ ଲଢ଼ିବାର ନିଷ୍ପତ୍ତି ନେଇ ଅନ୍ୟ ବିପକ୍ଷକୁ ଏକାଠି ହେବାର ସୁଯୋଗ ଦେଇଦେଲେ। ତୃତୀୟ – ଲୋକଙ୍କ ସହ ସଂଯୋଗ ହୋଇପାରିଲା ନାହିଁ। ସେ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାରର କଥା କହୁଥିଲେ, କିନ୍ତୁ ଲୋକେ ଟଙ୍କା ଓ ସରକାରୀ ଯୋଜନାକୁ ଅଧିକ ଗୁରୁତ୍ୱ ଦେଲେ। ଚତୁର୍ଥ – ତାଙ୍କ ଦଳରେ ଅନେକ ପ୍ରାର୍ଥୀ ଥିଲେ ଯାହାଙ୍କୁ ଲୋକେ ଚିହ୍ନି ନଥିଲେ।

ତଥାପି ପ୍ରଶାନ୍ତ କିଶୋର ରାଜନୀତି ଛାଡ଼ିବେ ବୋଲି ମୋର ବିଶ୍ୱାସ ନାହିଁ। କାରଣ ସେ କହିଛନ୍ତି, "ହାରିଲେ ହାରିଲି, ହାର ମାନିଲି ନାହିଁ।" ସେ ଗାନ୍ଧୀଙ୍କ ଆଦର୍ଶରେ ଏକଦିନିଆ ମୌନ ଉପବାସ ରଖିବାକୁ ଘୋଷଣା କରିଛନ୍ତି। ଆଗକୁ ଦୁଇଗୁଣ ଜୋରରେ କାମ କରିବେ ବୋଲି କହିଛନ୍ତି। ଏହା ଦର୍ଶାଏ ଯେ ସେ ଫେରିବେ। ହୋଇପାରେ ୨୦୨୯ ଲୋକସଭା କିମ୍ବା ୨୦୩୦ ବିହାର ନିର୍ବାଚନରେ। କାରଣ ପ୍ରଶାନ୍ତ ହାର ମାନିବା ଲୋକ ନୁହନ୍ତି। ସେ ଷ୍ଟ୍ରାଟେଜିଷ୍ଟ ଥିଲା ବେଳେ ଅନେକ ଥର ହାରିଛନ୍ତି, ତା'ପରେ ବି ଫେରିଛନ୍ତି। ଏଥର ମଧ୍ୟ ଫେରିବେ।

କିନ୍ତୁ ପ୍ରଶ୍ନ ଉଠୁଛି – ଯେ ଲୋକେ ତାଙ୍କୁ ଆଉ କେତେ ସୁଯୋଗ ଦେବେ? ଏହି ପରାଜୟ ତାଙ୍କ ଅହଂକାରକୁ ଭାଙ୍ଗିଛି, ନା ଆହୁରି କଠୋର କରିଛି ତାହା ସମୟ କହିବ। କିନ୍ତୁ ଆଜିର ତାରିଖରେ ଉତ୍ତର ସ୍ପଷ୍ଟ–ପ୍ରଶାନ୍ତ କିଶୋର ରାଜନୀତି ଛାଡ଼ୁ ନାହାନ୍ତି। ସେ ଲଢ଼େଇ ଜାରି ରଖିବେ। କାରଣ ରାଜନୀତିରେ ହାର ଅନ୍ତିମ ନୁହେଁ, ହାର ମାନିବା ଅନ୍ତିମ। ଆଉ ପ୍ରଶାନ୍ତ ହାର ମାନିବା ଲୋକ ନୁହନ୍ତି।

# ଶ୍ରୀମନ୍ଦିରରେ ଦେବ ଦୀପାବଳି ଓ ଶ୍ରୀଜିୟୁମାନଙ୍କ ଶ୍ରାଦ୍ଧ ବେଶ

**ସନ୍ତୋଷ କୁମାର ଦାଶ**

**କୃଷ୍ଣ ପକ୍ଷେ ଚତୁର୍ଦ୍ଦଶ୍ୟାଂ ତ୍ରିକାଳର୍ଚ୍ଚା**
**ବସାନତଃ, ବୃଷ ତଣ୍ଡୁଳ କୁର୍ଯ୍ୟାତ୍ତନ୍ନଧ୍ୟେ ଘୃତୈର୍ଯୁତାନ।**



ପବିତ୍ର କାର୍ତ୍ତିକ ମାସର କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ତିଥି ରେ ଓଡ଼ିଆ ମାନେ ସାଧାରଣତଃ ଆଲୋକ ର ଉତ୍ସବ ଦୀପାବଳୀ ପାଳନ କରୁଥିବାବେଳେ କାର୍ତ୍ତିକ ମାସର ଅମାବାସ୍ୟା ଦିନ ପିତୃ ପୁରୁଷ ଙ୍କ ଉଦ୍ଦେଶ୍ୟ ରେ ପୟା ଶ୍ରାଦ୍ଧ ପ୍ରଦାନ କରିଥାନ୍ତି। କିନ୍ତୁ ପୁରୀ ଶ୍ରୀ ମନ୍ଦିର ରେ ମାର୍ଗଶିର ମାସ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ,ଅମାବାସ୍ୟା ଓ ଶୁକ୍ଳ ପ୍ରତିପଦା ଏହି ତିନି ଦିନ ଦେବ ଦୀପାବଳୀ ଉତ୍ସବ ପାଳନ ହୋଇ ଶ୍ରୀ ଜିୟୁ ମାନଙ୍କ ଶ୍ରାଦ୍ଧ ବେଶ ଅନୁଷ୍ଠିତ ହୋଇଥାଏ । ଦଶରଥ, କୌଶଲ୍ୟା,ନନ୍ଦ,ଯଶୋଦା,ଦେବକୀ,ବସୁଦେବ, ରାଜା ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ ଗୁଣ୍ଡିଚା ଙ୍କୁ ଶ୍ରୀ ଜିୟୁ ମାନଙ୍କ ପିତୃ ପୁରୁଷ ଭାବେ ବିବେଚନା କରା ଯାଇ ସେମାନଙ୍କ ଉଦ୍ଦେଶ୍ୟ ରେ ଦୀପ ଦାନ କରାଯାଇଥାଏ। ଶ୍ରୀ ମନ୍ଦିର ରେ ଚତୁର୍ଦ୍ଦଶୀ ତିଥି ରେ ସଂଧ୍ୟା ଧୂପ ବଢିବା ପରେ ସୁଧୁ ସୁଆର ସେବକ ମାନେ ରତ୍ନ ସିଂହାସନ ତଳେ ପାଣି ପକାଇ ସଫା କରିଥାନ୍ତି। ଭଣ୍ଡାର ମେକାପ ଚାଉଳ ରେ ଏକ ଗଛ ସିଂହାସନ ତଳେ କରିଥାନ୍ତି ପାଳିଆ ମେକାପ ବଇଠା ମାନଙ୍କ ରେ ଘିଅ ଦେଇ ଉକ୍ତ ଚାଉଳ ଗଛ ରେ ବତୀ ଲଗାଇଥାନ୍ତି।୩ ଗୋଟି ସୁନା ଆଳତୀ ଲଗାଇବା ପରେ ପୂଜାପଣ୍ଡା ସେବକ ଚାଉଳ ଗଛ ଗୁଡ଼ିକ ସଂସ୍କାର କରି ପାଣି ଛଡ଼ାଇବା ପରେ ପଣ୍ଡା, ପତି ମହାପାତ୍ର, ମୁଦିରସ୍ତ ପ୍ରମୁଖ ସେବକ ରତ୍ନ ସିଂହାସନ ଆରୋହଣ କରି ତିନି ବାଡ ରେ ବନ୍ଦାପନା କରିଥାନ୍ତି।

ତତ୍‌ପରେ ୩ ଗୋଟି ମହାଦୀପ ରେ ବନ୍ଦାପନା ହୋଇଥାଏ। ତିନି ଜଣ ପାଳିଆ ପୂଜାପଣ୍ଡା ଉକ୍ତ ମହାଦୀପ କୁ ହାତରେ ଧରି ଜୟ ବିଜୟ ଦ୍ୱାର ପାଖକୁ ଯାଇଥାନ୍ତି । ମହାଦୀପ କଳସ କୁ ପାଳିଆ ଚୁନରା ସେବକ ଙ୍କୁ ପ୍ରଦାନ କରାଯାଏ । ଚୁନରା ସେବକ ବଡ଼ ଓଡ଼ିଆ ମଠ ପ୍ରଦତ୍ତ ତେଲ, ଘିଅ ନେଇ ଅଁଳା ବେଢ଼ା ଉପରେ ଦୀପ ମାନ ଜାଳନ୍ତି। ଚନ୍ଦ୍ର ଉଦିଆ ଜାଳି ଗଜପତି ମହାରାଜାଙ୍କ ନାମ ଉଚ୍ଚାରଣ ପୂର୍ବକ ତାଙ୍କ ମଙ୍ଗଳ କାମନା କରିଥାନ୍ତି। ଏହି ସମୟ ରେ ରତ୍ନ ସିଂହାସନ ଉପରେ ଶ୍ରୀ ଜିୟୁ ମାନଙ୍କ ଶ୍ରାଦ୍ଧ ବେଶ ଅନୁଷ୍ଠିତ ହୋଇ ଥାଏ। ପୁଷ୍ପାଳକ ସେବକ ମାନେ ଶ୍ରୀ ଜିୟୁ ମାନଙ୍କୁ ନାଗପୁରୀ ଶାଢ଼ୀ ଚାଦର ରେ ଏହି ବେଶ କରିଥାନ୍ତି। ଏହି ବେଶ ରେ ଶ୍ରୀ ଜିୟୁ ମାନେ ଧବଳ ବସ୍ତ୍ର ପରିଧାନ କରିଥାନ୍ତି କିନ୍ତୁ ପ୍ରତ୍ୟେକ ଠାକୁର ଙ୍କର ଲୁଗା ର ଧଡ଼ି ଗୁଡ଼ିକ ଭିନ୍ନ ଭିନ୍ନ ରଙ୍ଗ ର ହୋଇଥାଏ। ବଡ଼ ଠାକୁର ଶ୍ରୀ ବଳଭଦ୍ର ଙ୍କ ଲୁଗା ଧଡ଼ି ର ରଙ୍ଗ କଳା ହୋଇଥିବା ବେଳେ ମହାପ୍ରଭୂ ଶ୍ରୀ ଜଗନ୍ନାଥ ଙ୍କ ଲୁଗା ଧଡ଼ି ର ରଙ୍ଗ ହଳଦିଆ ଓ ଦେବୀ ସୁଭଦ୍ରା ଙ୍କ ଲୁଗା ଧଡ଼ି ର ରଙ୍ଗ ନାଲି ବର୍ଣ୍ଣ ହୋଇଥାଏ। ଶ୍ରୀ ଜିୟୁ ମାନଙ୍କ ତ୍ରିମୁଣ୍ଡି ରେ ଶ୍ରୀ କପଡ଼ା ଆବୃତ କରାଯାଇଥାଏ। ଚାଦର ଟି ଶ୍ରୀ ଭୂଜ ପର୍ଯ୍ୟନ୍ତ ପ୍ରସାରିତ ହୋଇଥାଏ। ଏହି ଶ୍ରାଦ୍ଧ ବେଶ ରେ ଶ୍ରୀ ଜିୟୁ ମାନେ ତଦଗୀ,କୁଣ୍ଡଳ, ନଳି ଭୁଜ, ଚନ୍ଦ୍ର ସୂର୍ଯ୍ୟ, ଆଡକାନି, କମରପଟି, ହରିଡ଼ା ମାଳି ପ୍ରଭୃତି ସ୍ୱର୍ଣ୍ଣ ଅଳଙ୍କାର ପରିଧାନ କରିଥାନ୍ତି। ଦେବ ଦୀପାବଳୀ ପାଳନ ହେଉଥିବାରୁ ଶ୍ରୀ ମନ୍ଦିର କୁ ରଙ୍ଗୀନ ଆଲୋକ ମାଳା ରେ ସଜ୍ଜିତ କରାଯାଇଥାଏ। ଚଳିତ ବର୍ଷ ନଭେମ୍ବର ୩୦, ଡ଼ିସେମ୍ବର ୧ ଓ ୨ତାରିଖ ରେ ଶ୍ରୀ ମନ୍ଦିର ରେ ଏହି ଉତ୍ସବ ପାଳନ କରାଯିବ। ଆସନ୍ତୁ ସମସ୍ତେ ମହାପ୍ରଭୂ ଙ୍କ ଏହି ଉତ୍ସବ ରେ ସାମିଲ ହୋଇ ନିଜକୁ ଧନ୍ୟ ମନେ କରିବା। ଜୟ ଜଗନ୍ନାଥ ସ୍ୱାମୀ ।।

**ତୁଳସୀପୁର, ପୁରୀ**
**ମୋବାଇଲ୍: ୯୪୩୯୩୬୧୮୮**




# ଭାରତବର୍ଷ ଓ ବିଶ୍ୱଗୁରୁ ହେବାର ତଥା-କଥା



**ଗୋପାଳ ମହାପାତ୍ର**

ଭାରତ ବର୍ଷ ଏମିତି ଏକ ଦେଶ ଯାହାର ସଂସ୍କୃତି ଅନ୍ୟ କେଉଁ ଦେଶରେ ଦେଖିବାକୁ ମିଳେନାହିଁ। ଏହି ସଂସ୍କୃତି କାରଣରୁ ସାରା ବିଶ୍ୱ ଭାରତକୁ ଗୁରୁତ୍ୱ ଦେଇ ଆସିଥିଲେ। ବିଦେଶୀ ଆକ୍ରାନ୍ତାଙ୍କ ଆକ୍ରମଣ ଓ ଇଂରେଜଙ୍କ ଶାସନ କାରଣରୁ ଯଦିଓ କିଛି ବିଦେଶୀ ପ୍ରଭାବ ଭାରତବର୍ଷ ଉପରେ ପଡ଼ିଛି କିନ୍ତୁ ଏବେବି ଭାରତବର୍ଷ ବିଶ୍ୱକୁ ସକ୍ଷମ ସାଂସ୍କୃତିକ ନେତୃତ୍ୱ ଦେବା ଅବସ୍ଥାରେ ଅଛି। ଭାରତବର୍ଷ ଏଭଳି ଏକ ଦେଶ ଯିଏ ଶହ ଶହ ବର୍ଷ ପୂର୍ବରୁ ଓ ଏବେବି ସାରା ବିଶ୍ୱକୁ ଜ୍ଞାନ, ସଂସ୍କୃତି, ବିଜ୍ଞାନ ଏବଂ ନୈତିକତାର ସନ୍ଦେଶ ଦେଇ ଆସୁଛି। ଅନେକ ସମୟରେ ଆମ ନେତାମାନେ ଭାରତବର୍ଷ ବିଶ୍ୱଗୁରୁ ହେବାକୁ ଯାଉଛି ବୋଲି କହୁଛନ୍ତି। କିନ୍ତୁ ପ୍ରକୃତ କଥା ହେଉଛି ଭାରତବର୍ଷ ଶହ ଶହ ବର୍ଷ ପୂର୍ବରୁ ମଧ୍ୟ ବିଶ୍ୱଗୁରୁ ଥିଲା। ବିଶ୍ୱଗୁରୁ ହେବାର ଅର୍ଥ କେବଳ ସାମରିକ ଶକ୍ତି ବା ଅର୍ଥ (ଡ଼ଲାର) ନୁହେଁ, ବରଂ ଜ୍ଞାନ, ସଂସ୍କୃତି ଏବଂ ନୈତିକ ନେତୃତ୍ୱରେ ଦୁନିଆ ପାଇଁ ଉଦାହରଣ ସୃଷ୍ଟି କରିବା। ଏସବୁ କଥା ଭାରତ ପ୍ରାଚୀନ କାଳରୁ ଅଦ୍ୟାବଧି ହାସଲ କରିବାର ଉଦ୍ୟମ କରିଆସିଛି। ପ୍ରାଚୀନ ଭାରତରେ ଶିକ୍ଷା ଏବଂ ବିଜ୍ଞାନର ସ୍ତର ଅତି ଉପରେ ଥିଲା। ଏଠି ବେଦ ଏବଂ ଉପନିଷଦରେ ଥିବା ଜୀବନ, ବ୍ରହ୍ମାଣ୍ଡ ଏବଂ ମାନବ ଚେତନାର ରହସ୍ୟର ଅଧ୍ୟୟନ କରାଯାଏ। ଗାଣିତୀୟ ଜ୍ଞାନର ପ୍ରାରମ୍ଭ ଏହିଠାରୁ ହୋଇଥିଲା। ଆର୍ଯ୍ୟଭଟ୍ଟ ଏବଂ ବରାହମିହିରଙ୍କର ଖଗୋଳ ବିଜ୍ଞାନ ଏବଂ ଗଣିତ କ୍ଷେତ୍ରରେ ଅଦ୍ୱିତୀୟ ଯୋଗଦାନ ଥିଲା। ସୁଶ୍ରୁତ ଏବଂ ଚରକ ଆୟୁର୍ବେଦ ଏବଂ ଶଲ୍ୟ ଚିକିତ୍ସାରେ ଏଭଳି ଉଦ୍‌ଭାବନ କରିଥିଲେ ଯାହା ଆଜିବି ବିଶ୍ୱରେ ମାନ୍ୟ ଅଟେ। ଯୋଗ ଏବଂ ଧ୍ୟାନ ହିଁ ମାନସିକ ଏବଂ ଶାରିରୀକ ସୁସ୍ଥତା ପାଇଁ ଅପରିହାର୍ଯ୍ୟ ବୋଲି ସ୍ୱାସ୍ଥ୍ୟ ବିଜ୍ଞାନ ପ୍ରସ୍ତୁତ କରାଯାଇଛି।

ଧର୍ମ ଏବଂ ଦର୍ଶନ କ୍ଷେତ୍ରରେ ଭାରତ ମଧ୍ୟ ବିଶ୍ୱକୁ ଦିଗ୍ ଦର୍ଶନ ଦେଇଛି। ବୌଦ୍ଧ ଧର୍ମ ଏବଂ ଜୈନ ଧର୍ମ ସାରା ବିଶ୍ୱରେ ଅହିଂସା ଏବଂ ନୈତିକତାର ସନ୍ଦେଶର ବାର୍ତ୍ତା ପ୍ରଚାର କରିଛନ୍ତି। ରାମାୟଣ ଏବଂ ମହାଭାରତ ଭଳି ଗ୍ରନ୍ଥ ଜୀବନ, ନୈତିକତା ଏବଂ ଭୁଲ ଠିକ୍‌କୁ ଚିହ୍ନିବାର ଏବଂ ଏସବୁ ସହ ପରିଚିତ ହେବାର ମାର୍ଗ ଦେଖାଇଛନ୍ତି। ଭାରତୀୟ ସଙ୍ଗୀତ, ନୃତ୍ୟ, କଳା ଏବଂ ବାସ୍ତୁକଳା ସାରା ବିଶ୍ୱରେ ଭାରତବର୍ଷର ସାଂସ୍କୃତିକ ପରିଚୟ ସୃଷ୍ଟି କରାଇ ପାରିଛନ୍ତି। ପ୍ରାକ୍ କାଳରେ ଭାରତ କେବଳ ଶକ୍ତିର କେନ୍ଦ୍ର ନଥିଲା ବରଂ ଜ୍ଞାନ ଏବଂ ସଂସ୍କୃତିର ମାର୍ଗଦର୍ଶକ ଥିଲା। ମଧ୍ୟକାଳରେ ଯେତେବେଳେ ରାଜନୈତିକ ସ୍ଥିତି ଅସ୍ଥିର ଥିଲା ଏବଂ ଅନେକବାର ବିଦେଶୀଙ୍କ ଆକ୍ରମଣ ହୋଇଥିଲା ସେତେବେଳେ ମଧ୍ୟ ଭାରତବର୍ଷର ସଂସ୍କୃତି ଏବଂ ଶିକ୍ଷା ବଞ୍ଚିତ ରହିଥିଲା। ସଂସ୍କୃତ ସାହିତ୍ୟ, ଆୟୁର୍ବେଦ, ଜ୍ୟୋତିଷ ଏବଂ ତନ୍ତ୍ରର ଅଧ୍ୟୟନ ଜାରି ରହିଥିଲା, ଖଗୋଳ ବିଜ୍ଞାନ ଏବଂ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ମଧ୍ୟ ପ୍ରଗତି ହୋଇଥିଲା। ସେ ସମୟରେ ଭାରତବର୍ଷ ତାର ଶକ୍ତି ପାଇଁ ନୁହେଁ ବରଂଜ୍ଞାନ ଏବଂ ସଂସ୍କୃତି ପାଇଁ ସାରା ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲା।

ବ୍ରିଟିଶ (ଇଂରେଜ) ଶାସନ କାଳରେ ଭାରତବର୍ଷର ରାଜନୈତିକ ସ୍ୱାଧିନତା ଏବଂ ଆର୍ଥୀକ ଶକ୍ତି ସୀମିତ ହୋଇଯାଇଥିଲା କିନ୍ତୁ ଜ୍ଞାନ ଏବଂ ସଂସ୍କୃତିର ଗୁରୁତ୍ୱ କମିନଥିଲା। ରାଜା ରାମମୋହନ ରାୟ ଏବଂ ସ୍ୱାମୀ ବିବେକାନନ୍ଦ ଭାରତୀୟ ସଂସ୍କୃତିକୁ ସାରାବିଶ୍ୱରେ ପରିଚୟ କରାଇଥିଲେ। ମହାତ୍ମାଗାନ୍ଧୀ ସତ୍ୟ ଓ ଅହିଂସାର ମାର୍ଗରେ ସାରା ବିଶ୍ୱପାଇଁ ନେତୃତ୍ୱର ଏକ ନୂଆ ଉଦାହରଣ ସୃଷ୍ଟି କରିଥିଲେ। ଏହି ସମୟରେ ଜଗଦୀଶ ଚନ୍ଦ୍ର ବୋଷ ଏବଂ ସି ଭି ରମଣଙ୍କ ଭଳି ବୈଜ୍ଞାନିକ ମାନେ ଆନ୍ତର୍ଜାତୀୟ ସ୍ତରରେ ଭାରତବର୍ଷର ନାମକୁ ଚମକାଇଥିଲେ। ସ୍ୱାଧିନତା ପରେ ଭାରତବର୍ଷ ଆଧୁନିକ ବିଜ୍ଞାନ, ବୈଷୟିକ ଜ୍ଞାନ କୌଶଳ, ଅର୍ଥବ୍ୟବସ୍ଥା ଏପରିକି ସଂସ୍କୃତି କ୍ଷେତ୍ରରେ ଅଧିକ ପ୍ରଗତି କରିପାରିଛି। ଆଇଟି ଏବଂ ଡ଼ିଜିଟାଲ ଇଣ୍ଡିଆ ଦେଶକୁ ବିଶ୍ୱସ୍ତରରେ ନୂଆ ପରିଚୟ ଦେଇଛି। ଚନ୍ଦ୍ରଯାନ ଏବଂ ମଙ୍ଗଳଯାନ ଅଭିଯାନ ସାରା ବିଶ୍ୱକୁ ସନ୍ଦେଶ ଦେଇଛି ଯେ ଭାରତ ମହାକାଶ ଅନୁସନ୍ଧାନରେ ମଧ୍ୟ ଅଗ୍ରଣୀ ଅଟେ। ଫାର୍ମସ୍ୟୁଟି କାଲାସ ଏବଂ ବାୟୋଟିକ କ୍ଷେତ୍ରରେ ଭାରତ ଏବେ ଶୀର୍ଷସ୍ଥାନରେ ରହିଛି ଏବଂ ବିଶ୍ୱର ଅନେକ ଦେଶକୁ ଔଷଧ ଯୋଗାଉଛି। ଯୋଗ ଏବଂ ଆୟୁର୍ବେଦର ପ୍ରଚାର, ଭାରତୀୟ ସଙ୍ଗୀତର ପ୍ରସାର ସର୍ବୋପରି ଜାତିସଂଘ ଭଳି ମଞ୍ଚରେ ଭାରତର ସକ୍ରିୟ ଭାଗିଦାରୀ ଭାରତବର୍ଷକୁ ବିଶ୍ୱଗୁରୁ ହେବା ଦିଗରେ ରାସ୍ତା ପ୍ରଶସ୍ତ କରି ଦେଇଛି। ଭାରତବର୍ଷ ପାଇଁ ଅନେକ ଚାଲେଞ୍ଜ ମଧ୍ୟ ରହିଛି। ଦେଶରେ ଦାରିଦ୍ର୍ୟ, ଅସମାନତା, ଶିକ୍ଷା ଏବଂ ଅନୁସନ୍ଧାନ କ୍ଷେତ୍ରକୁ ସୁଧାରିବାର ଆବଶ୍ୟକତା ରହିଛି। ଏପରିକି ବୈଶ୍ୱିକ ରାଜନୀତିରେ ସନ୍ତୁଳନ ବଜାୟ ରଖିବା ମଧ୍ୟ ଜରୁରୀ। କିନ୍ତୁ ସୁଯୋଗ ଅନେକ ରହିଛି। ଜ୍ଞାନ, ନୈତିକତା ଏବଂ ସଂସ୍କୃତିର ସଠିକ୍ ଉପଯୋଗ କରାଯାଇପାରିଲେ ଭାରତବର୍ଷ ବିଶ୍ୱ ପାଇଁ ପ୍ରେରଣା ପାଲଟିଯାଇପାରିବ। ବିଜ୍ଞାନ ଏବଂ ବୈଷୟିକ ଜ୍ଞାନ କୌଶଳଠାରୁ ଆଗକୁଯାଇ ପରିବେଷ ଏବଂ ସତତ ବିକାଶ ଦିଗରେ ଉଦ୍ୟମ ମଧ୍ୟ କରାଯିବାର ଆବଶ୍ୟକତା ରହିଛି।







ଭାରତବର୍ଷ ସବୁବେଳେ ସବୁ ଯୁଗରେ ଶିକ୍ଷା ଦେଇ ଆସିଛି ଯେ ପ୍ରାୟାସ ଏବଂ ଦୂରଦୃଷ୍ଟି ଯଦି ଠିକ୍ ତେବେ ସବୁକିଛି ସମ୍ଭବ ହୋଇପାରିବ। ପ୍ରାଚୀନ କାଳରେ ଜ୍ଞାନ ଏବଂ ସଂସ୍କୃତି ମାଧ୍ୟମରେ, ମଧ୍ୟକାଳରେ ସଂରକ୍ଷଣ ଏବଂ ଅନୁକୂଳନ ଦ୍ୱାରା, ଔପନିବେଶିକ କାଳରେ ପୁନରୁତ୍‌ଥାନ ଏବଂ ଦେଶ ସ୍ୱାଧିନ ହେବାପରେ ବୈଷୟିକ ଜ୍ଞାନ କୌଶଳ, ଅର୍ଥବ୍ୟବସ୍ଥା ଏବଂ ସଂସ୍କୃତିର ସଂଯୋଜନ କାରଣରୁ ଭାରତବର୍ଷ ବିଶ୍ୱରେ ନୂତନ ପରିଚୟ ସୃଷ୍ଟି କରିପାରିଛି। ଭାରତବର୍ଷର ବିଶ୍ୱଗୁରୁ ହେବା କଥାକୁ କେବଳ ଶକ୍ତି ବା ସମ୍ପତ୍ତିରେ ମପାଯାଇ ପାରିବ ନାହିଁ ବରଂ ଜ୍ଞାନ, ସଂସ୍କୃତି, ଆଧ୍ୟାତ୍ମିକତା ଏବଂ ନୈତିକତାର ସନ୍ତୁଳନରେ ମପାଯିବ। ଯଦି ଆମେ ଏସବୁ କଥାକୁ ନେଇ ଚାଲିବା ତେବେ ଭାରତବର୍ଷ ବିଶ୍ୱଗୁରୁ ହେବାର ଯେଉଁ ସ୍ୱପ୍ନ ଆମେ ଦେଖୁଛେ ତାହା ନିଶ୍ଚୟ ସାକାର ହେବ। ଭାରତବର୍ଷ ପୁନଃ ବିଶ୍ୱଗୁରୁ ହୋଇପାରିବ କେବଳ ଇତିହାସ ପାଇଁ ନୁହେଁ ବରଂ ଆମର ଶ୍ରମ ଓ ଆଗାମୀ ପିଢ଼ୀର ଦୁରଦଅଷ୍ଟି (ଚିନ୍ତାଧାରା) କାରଣରୁ।

**ରାମଚନ୍ଦ୍ରପୁର, ରଣପୁର**
**ମୋବାଇଲ୍: ୯୪୩୮୪୮୫୦୯୪**

# ଯେବେ ଆରୋଗ୍ୟକାରୀ ଆତଙ୍କବାଦୀ ସାଜେ...



**ଡ. ମନୋଜ କୁମାର ମହାନ୍ତି**

ଭାରତର ରାଜଧାନୀ ଦିଲ୍ଲୀର ଲାଲକିଲ୍ଲାରେ ଘଟିଥିବା ବିସ୍ଫୋରଣକୁ ନେଇ ସବୁଠି ଚର୍ଚ୍ଚା ତଥା ଆତଙ୍କ। ଦୀର୍ଘଦିନ ବ୍ୟବଧାନରେ ଭାରତର ରାଜଧାନୀରେ ଘଟିଥିବା ଆତଙ୍କୀ କାର୍ଯ୍ୟକଳାପ ଅତ୍ୟନ୍ତ ଉଦ୍‌ବେଗଜନକ। ସ୍ୱାଧୀନତାପ୍ରାପ୍ତିର ଏଯାବତ୍ ଭାରତ ସୀମାରେ ଆତଙ୍କୀ କାର୍ଯ୍ୟକଳାପ ଜାରି ରହିଥିବାସତ୍ତ୍ୱେ ବିଗତ କିଛିବର୍ଷ ହେବ ଆଭ୍ୟନ୍ତରୀଣ ଆତଙ୍କ ଆକ୍ରମଣରୁ ଦେଶ ସୁରକ୍ଷିତ ଅନୁଭବ କରୁଥିବାବେଳେ ପୁନଶ୍ଚ ରାଜଧାନୀରେ ଆତଙ୍କବାଦୀମାନେ ସେମାନଙ୍କ ଲକ୍ଷ୍ୟ ସାଧନାରେ ସଫଳ ହେବା ଏକ ଦୁଃଖଦ ଘଟଣା।ଦିଲ୍ଲୀ ବିସ୍ଫୋରଣର ମାଷ୍ଟରମାଇଣ୍ଡିଭାବେ ମେଡିକାଲ ମହାବିଦ୍ୟାଳୟର ଡାକ୍ତରମାନେ ଯେଉଁ ନିର୍ଭୟରେ ଆତଙ୍କୀ କାର୍ଯ୍ୟ ସମ୍ପାଦନ କରିଛନ୍ତି ତାହା ରାଷ୍ଟ୍ରୀୟ ସୁରକ୍ଷାକୁ ନେଇ ବୃହତ୍ ପ୍ରଶ୍ନ। ମୁଖ୍ୟତଃ ପୁରୁଷମାନେ ଆତଙ୍କୀ କାର୍ଯ୍ୟରେ ଲିପ୍ତଥିବା ବେଳେ ଏଥର କିନ୍ତୁ ଆତଙ୍କୀ ଗୋଷ୍ଠୀରେ ସାମିଲି ହୋଇଥିବା ନାରୀମାନଙ୍କ ଚେହେରା ସାମନାକୁ ଆସିଛି। ତାହାପୁଣି ସ୍ୱାସ୍ଥ୍ୟସେବାଧାରୀ ଡାକ୍ତରଗୋଷ୍ଠୀ।ସାଧାରଣ ଜନତା ଡାକ୍ତରଙ୍କୁ ଦ୍ୱିତୀୟ ଜୀବନ୍ତ ସ୍ରଷ୍ଟାରୂପେ ଗ୍ରହଣ କରିଥିବା ଡ଼ାକ୍ତରମାନେବି ଦେଶବିରୋଧି ଆତଙ୍କ ଭଳି ଘୃଣ୍ୟକର୍ମ କରି ସାଧାରଣ ଜୀବନକୁ କଲବଲ୍ କରି ମାରିବି ପାରନ୍ତି ! ଶରୀରକୁ ସୁସ୍ଥ ଏବଂ ସୁରକ୍ଷିତ ରଖିବାପାଇଁ ଖାଦ୍ୟ ଓ ବିଶ୍ରାମ ଯେତିକି ଜରୁରୀ ତାଠାରୁ ଅଧିକ ଜରୁରୀ ନିରୋଗପୂର୍ଣ୍ଣତା। ବେଳେବେଳେ ରୋଗ ତଥା ଭୟଙ୍କର ଦୁର୍ଘଟଣାରେ ସମ୍ମୁଖୀନ ହୋଇଥିବା ଶରୀରପାଇଁ ଉପଚାର ଆବଶ୍ୟକ। ବିନା ଉପଚାରରେ ଶରୀରରେ ନା ରୋଗ ଦୂରହେବ ନା ଦୁର୍ଘଟଣାର ଉପଶମ ସମ୍ଭବ। ଆରୋଗ୍ୟପାଇଁ ଡାକ୍ତରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ରୋଗ ହେଉକି ଦୁର୍ଘଟଣା, ଶରୀରପାଇଁ ଆରୋଗ୍ୟ ସର୍ବପ୍ରଥମ।ବୟସର ଅପରାହ୍ନରେ ପାଦ ଦେଇଥିବା ବୃଦ୍ଧବୃଦ୍ଧା, ଜୀର୍ଣ୍ଣଶୀର୍ଣ୍ଣ ତଥା ଯନ୍ତ୍ରଣାରେ ଛଟପଟ ହେଉଥିବା ମଣିଷଟେ ମଧ୍ୟେ ଟିକେ ଖୁସିରେ ଜିଇଁବାକୁ ଚାହେଁ। ସେଥିପାଇଁ ଭେଷଜ ବିଜ୍ଞାନ ଓ ଭେଷଜ ବିଶେଷଜ୍ଞମାନେ ସମାଜରେ ସଦାସର୍ବଦା ବୃହତ୍ ଭୂମିକା ଗ୍ରହଣ କରିଆସୁଛନ୍ତି। ମାନବ ସେବା ହିଁ ମାଧବ ସେବା। ଆରୋଗ୍ୟ ବିଶ୍ୱର ଶ୍ରେଷ୍ଠ ସେବାରେ ଅନ୍ତର୍ଭୂକ୍ତ। ଅନେକ ସମୟରେ ଭେଷଜ ଉପଚାର ଦ୍ୱାରା ଗୋଟେ ଜୀବନକୁ ବଞ୍ଚେଇ ରଖିବାର ଆନ୍ତରିକ ପ୍ରୟାସକୁ ଆରୋଗ୍ୟ କୁହାଯାଏ।

ପ୍ରାଚୀନ କାଳରେ ଚେରମୂଳି ରୋଗର ନିବାରକ ବା ନାଶକଭାବେ ଗ୍ରହଣ କରି ଶାରିରୀକ ସୁସ୍ଥତା ଅନୁଭବ କରାଇବାରେ ବୈଦ୍ୟମାନଙ୍କର ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସମୟକ୍ରମେ ବିକଶିତ ମଣିଷ ମଧ୍ୟ ତା ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ହେଲା; ବିଶେଷ କରି ମହାମାରୀ ରୋଗ ସହ ଉଭୟ ପ୍ରାକୃତିକ ଓ ମନୁଷ୍ୟକୃତ ଗୁରୁତର ଶାରିରୀକ ଦୁର୍ଘଟଣାର ଉପଶମ ନିମନ୍ତେ ଅସ୍ତ୍ରପ୍ରଚାରପୂର୍ବକ ଅଙ୍ଗପ୍ରତ୍ୟଙ୍ଗର ଥଇଥାନ କରି ଶାରିରୀକ ଯନ୍ତ୍ରଣାକୁ କିପରି କାବୁ କରାଯିବ ସେଥିପାଇଁ ବିଭିନ୍ନ ଔଷଧ ପ୍ରସ୍ତୁତି ସହ ଅସ୍ତ୍ରପ୍ରଚାର ମାଧ୍ୟମରେ ବିଭିନ୍ନ ରୋଗ ଉପରେ ବିଜୟପ୍ରାପ୍ତ କଲା। ଧୀରେଧୀରେ ଭେଷଜ ବିଜ୍ଞନର ଆଦର ଏବଂ ଚାହିଦା ବଢିଲା। ତାର ପୃଷ୍ଠପୋଷକ ସାଜିଲେ କିଛି ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀଗଣ। ରୋଗରେ ପିଡୀତ ଜନତା ସାଜିଲେ ରୋଗୀ, ସେମାନଙ୍କୁ ଆରୋଗ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ଡାକ୍ତର ଏବଂ ରୋଗୀ ଓ ଡ଼ାକ୍ତରଙ୍କ ଆରୋଗ୍ୟ ସ୍ଥାନ ଡ଼ାକ୍ତରଖାନାଭାବେ ପରିଚିତ ହେଲା। ଉଭୟ ବେସରକାରୀ ଓ ସରକାରୀ ସ୍ତରରେ ଆରମ୍ଭ ହେଲା ଡାକ୍ତରୀସେବା। ପ୍ରଥମେ ଡ଼ାକ୍ତରସେବାକୁ ଜୀବନର ବ୍ରତଭାବେ ଆଖିରେ ରଖି କାର୍ଯ୍ୟରତ ଡାକ୍ତରମାନେ ପରବର୍ତ୍ତୀ ସମୟରେ ସେବା ବଦଳରେ ରୋଗୀଙ୍କୁ ଶୋଷିବାରେ ଲାଗି ପଡ଼ିଲେ। ଡ଼ାକ୍ତର ଡିଗ୍ରୀଧାରୀ ନିଜନିଜର ବ୍ୟକ୍ତିଗତ କ୍ଲିନିକ୍ ଖୋଲି ଆର୍ଥିକ ସ୍ୱଚ୍ଛଳ ପରବାରଙ୍କୁ ଶୀଘ୍ର ସ୍ୱାସ୍ଥ୍ୟସେବା ଯୋଗାଇ ଅଧିକ ରୋଜଗାର କରିବାର ମନୋବୃତ୍ତିର ରୂପରେଖ ବ୍ୟକ୍ତିଗତ ସ୍ୱାସ୍ଥ୍ୟସେବା ଅନୁଷ୍ଠାନ। ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପାଇବା ଲକ୍ଷ୍ୟରେ ଲୋକ ସରକାର ଡାକ୍ତରଖାନା ପରିବର୍ତ୍ତେ ବେସରକାରୀ ଡାକ୍ତଖାନାଗୁଡ଼ିକରେ ଭିଡ଼ ଜମାଇଲେ। ଅତ୍ୟାଧୁନିକ ଯନ୍ତ୍ରପାତି ସହ ଆଶୁଚିକିତ୍ସାର ତୁରନ୍ତ ସ୍ୱାସ୍ଥ୍ୟସେବା ଆଶାରେ ସଭିଏଁ ଧାଇଁଲେ ବେସରକାରୀ ଡାକ୍ତରଖାନା। ମଳ, ମୂତ୍ର ରକ୍ତର ନମୁନା ସଂଗ୍ରହ କରି ତାକୁ ପରୀକ୍ଷା କରାଇବା ଅଧିକାଂଶ ରୋଗର ପ୍ରାଥମିକ ସୋପାନ। ଯା ବିନା ରୋଗର ନିରାକରଣ ସମ୍ଭବ ନୁହେଁ। ତାସହ ଯାବତୀୟ ପରୀକ୍ଷା କରାଇବା ଡାକ୍ତରଙ୍କ ମୁଖ୍ୟ ପରାମର୍ଶ। ସେସବୁ ସମ୍ପୂର୍ଣ୍ଣ ହେଲେ ରିପୋର୍ଟ ଦେଖି ଡକ୍ଟର ଲେଖିବେ ଔଷଧ। ସ୍ୱାସ୍ଥ୍ୟ ସମସ୍ୟା ଓ ତାର ସମାଧାନ ଆଜିର ମୁଖ୍ୟ ବିଷୟ। ସ୍ୱାସ୍ଥ୍ୟ ହିଁ ସମ୍ପଦ, ସୁସ୍ଥ ରହିଲେ ଜ୍ଞାନ-ଧନ-ମାନ ସବୁ ପାଇବା ଲକ୍ଷ୍ୟରେ ଡାକ୍ତର, ଡାକ୍ତରଖାନା ଓ ଔଷଧର ଚାହିଦା ଆକାଶ ଛୁଆଁ। ସାଧାରଣ ଜନତାଙ୍କ ମୃତ୍ୟୁ ତଥା ରୋଗର ଭୟ ଦେଖେଇ ଅର୍ଥ ଶୋଷଣ କରିବାର ସବୁ କୌଶଳରେ ଡାକ୍ତରମାନେ ସିଦ୍ଧହସ୍ତ। ଗୁରୁତର ରୋଗୀଙ୍କୁ ଆଡମିଟ୍ କରି ମୃତବ୍ୟକ୍ତିକୁ ଆଇସିୟୁରେ ମାସମାସ ରଖି ଆରୋଗ୍ୟର ମିଛ ନାଟକ କରି ମୋଟାଅଙ୍କର ଅର୍ଥ ଶୋଷିବାରେ ଏମାନେ ମାହିର୍। ଏମାନଙ୍କ ଦୌରତ୍ମ୍ୟ ନକହିବା ଭଲ। ଏମାନଙ୍କ ପାଇଁ ଜୀବନ ଅପେକ୍ଷା ଟଙ୍କା ଅଧିକ ମୂଲ୍ୟବାନ। ଅର୍ଥ ନିକଟରେ ନୈତିକର ସ୍ଥାନ ନାହିଁ। ଏହା ଡାକ୍ତରଙ୍କ ନିତିଦିନିଆ ଘଟଣା। ରୋଗୀଙ୍କୁ ଶୋଷଣ କରୁକରୁ ଡାକ୍ତରମାନେ ଦେଶରେ ଆତଙ୍କ ସୃଷ୍ଟିକରିବା ଏକ ବିରଳ ଦୃଷ୍ଟାନ୍ତ। ଯାହା ଅରୋଗ୍ୟ ଉହାଡରେ ଆତଙ୍କବାଦ କାର୍ଯ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ। ଯେଉଁ ଡ଼ାକ୍ତରମାନେ ଦେଶର ପ୍ରାକୃତିକ ତଥା ଦୁଃର୍ଭାଗ୍ୟପୂର୍ଣ୍ଣ ପରିସ୍ଥିତିରେ ସାଧାରଣ ଜନତାଙ୍କୁ ଚିକିତ୍ସା ମାଧ୍ୟମରେ ନୂଆ ଜୀବନ ଦିଅନ୍ତି ସେମାନେ କିପରି ଆତଙ୍କ ଭଳି ଆକ୍ରମଣରେ ଜନତାଙ୍କ ଅସ୍ତିତ୍ୱକୁ ଲୋପକରନ୍ତି !

ଭାରତର ପ୍ରଭୂତା ଅଖଣ୍ଡତା ଓ ସର୍ବଭୌମତ ରକ୍ଷାକରିବା ହେଉଛି ସୁରକ୍ଷାକର୍ମୀଙ୍କ ଠାରୁ ସାଧାରଣ ଜନତାପର୍ଯ୍ୟନ୍ତ। ସବୁର ଉର୍ଦ୍ଧ୍ୱରେ ଦେଶର ଏକତା ଓ ସୁରକ୍ଷା। ପ୍ରତ୍ୟେକ ପ୍ରଗତିଶୀଳ ଦେଶରେ ଆଭ୍ୟନ୍ତରୀଣ ସୁରକ୍ଷା ହିଁ ଅର୍ଥନୈତିକ ମାନଦଣ୍ଡ। କିନ୍ତୁ କିଛି ଭାରତୀୟଙ୍କ ମଧ୍ୟରେ ଜାତୀୟତାବାଦ ଅପେକ୍ଷା ସାମ୍ପ୍ରଦାୟିକ ମନୋଭାବ ବହୁମାତ୍ରାରେ। ମାଟିର ମୋହ କମ୍ କିନ୍ତୁ ଭାରତକୁ କବଜା କରିବାପାଇଁ କେଉଁ ପ୍ରାଚୀନକାଳରୁ ପ୍ରୟାସ ଓ ଷଡ଼ଯନ୍ତ୍ର ଚାଲିଛି ତାର ସମସ୍ତ ଐତିହାସିକ ତଥ୍ୟ ଆମ ସମ୍ମୁଖରେ। ସମସ୍ତଙ୍କର ସେଇ ଗୋଟେ ଲକ୍ଷ୍ୟ ନିଜର ସାମ୍ପ୍ରଦୟିକ ଆଧିପତ୍ୟ ବିସ୍ତାର।ଭାରତୀୟ ସଭ୍ୟତାସଂସ୍କୃତିକୁ ନଷ୍ଟଭ୍ରଷ୍ଟ କରି ଭାରତୀୟଙ୍କ ମଧ୍ୟରେ ଅରାଜକତା, ଦ୍ୱନ୍ଦ, ହିଂସା, ଘୃଣାର ମଞ୍ଜିବୁଣି ଏକତାକୁ ନଷ୍ଟକରାଇବା, ଭାରତୀୟଙ୍କୁ ଉଦ୍ଦେଶ୍ୟମୂଳକଭାବେ ଦମନ କରିବା ତଥା ଭାରତର ଅର୍ଥନୀତିକୁ ଧ୍ୱଂସବିଧ୍ୱଂସ କରି ଆତଙ୍କ ସୃଷ୍ଟି କରିବା ସେମାନଙ୍କର ମୂଳଲକ୍ଷ୍ୟ। ସବୁ ଅରାଜକତା, ଆକ୍ରମଣ, ଧର୍ମଘଟ, ଅସହିଷ୍ଣୁତା ପଛରେ ଭାରତରେ ଲୁଚି ରହିଥିବା ସାମ୍ପ୍ରଦାୟିକ ଶତ୍ରୁମାନେ ବୃହତ୍ ଭୂମିକା ଗ୍ରହଣ କରିଆସିଛନ୍ତି। ମିଛ ଭାଇଚାରା ଓ ସରଳତାର ସୁଯୋଗ ନେଇ ସେମାନଙ୍କର ଲକ୍ଷ୍ୟ ସାଧନାରେ ସେମାନେ ବ୍ୟସ୍ତ। ଧର୍ମନିରପେକ୍ଷତା ଓ ମାନବୀୟ ଅଧିକାରକୁ ଅସ୍ତ୍ରକରି ଭାରତରେ ଜାତି, ବର୍ଣ୍ଣ ଓ ଧର୍ମ ମଧ୍ୟରେ ଯେଉଁ ଘଟଣାମାନ ସବୁ ଘଟେଇ ଚାଲିଛନ୍ତି ତାହା ଜଳଜଳ ହୋଇ ଦିଶୁଛି। ଭାରତରେ ଉଚ୍ଚଶିକ୍ଷିତ ବିଭିନ୍ନ ବୃତ୍ତିଧାରୀ ଯୁବକଯୁବତୀ ମହିଳା ଏବଂ ବୟୋଜ୍ୟେଷ୍ଠ ମଧ୍ୟ ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତରହିବା ଏକ ବିଚ୍ଛିନ୍ନତାବାଦର ମାନସିକତା। ଶତ୍ରୁରାଷ୍ଟ୍ରର ଜୟଜ୍ଞାନ ସହ ଧାର୍ମିକ ହୀନମନ୍ୟତାର ପ୍ରିୟାପ୍ରୀତି ତୋଷଣପୂର୍ବକ ଆତଙ୍କୀ ସୃଷ୍ଟି କରିଚାଲିଛନ୍ତି। ଆଜିର ବିଶ୍ୱରେ ଧାର୍ମିକ-ଆତଙ୍କୀ ବଡ ସମସ୍ୟାରୂପେ ମୁଣ୍ଡଟେକି ବିଶ୍ୱକୁ ଡରାଇ ଚାଲିଛି। ସେଥିରେ ଅନ୍ତର୍ଭୁକ୍ତ ହୋଇଛନ୍ତି ଶିକ୍ଷିତବର୍ଗ। ଡାକ୍ତରବୃତ୍ତିରେ କାର୍ଯ୍ୟରତ ସ୍ୱାସ୍ଥ୍ୟସେବା କର୍ମଚାରୀ। କୁହାଯାଏ ଆତଙ୍କିର କୌଣସି ଜାତିଧର୍ମ ନାହିଁ କିନ୍ତୁ ଭାରତ ବର୍ଷରେ ହେଉଥିବା ପ୍ରତ୍ୟେକ ଆତଙ୍କି କାର୍ଯ୍ୟକଳାପ ଏକ ଧାର୍ମିକ ଗୋଷ୍ଠୀର ସୁଚିନ୍ତିତ ପରିକଳ୍ପନାର ପରିଭାଷା।



ଭାରତର ଶାନ୍ତିଶୃଙ୍ଖଳା ଭଙ୍ଗସହ ଆତଙ୍କ କାର୍ଯ୍ୟକଳାପକୁ ରୂପଦେବାର ଲାଗିଛନ୍ତି ସେହି ନିର୍ଦ୍ଦିଷ୍ଟ ଗୋଷ୍ଠୀର ଯୁବକଯୁବତୀମାନେ। ଆଶ୍ଚର୍ଯ୍ୟର ବିଷୟ! ଏତେ ଗୁଇନ୍ଦା ବିଭାଗସତ୍ତ୍ୱେ ଭାରତରେ କାହିଁକି ବାରମ୍ବାର ଆତଙ୍କୀ କାର୍ଯ୍ୟକଳାପ ଘଟିଚାଲିଛି? କାହିଁକି ଏତେ ପ୍ରତିହିଂସା? ଭାରତର ଏକତା ହେଉଛି ଆମର ସୁରକ୍ଷା କବଚ। ଏହାର କାଣିଚାଏ ଅବହେଳାର ପରିଣାମ ଆମକୁ ଭୋଗିବାକୁ ପଡୁଛି। ରାଷ୍ଟପାଇଁ ପ୍ରତି ମୁହୂର୍ତ୍ତ ଏକ ଘଡିସନ୍ଧୀ ମୁହୂର୍ତ୍ତ। ଏ ଦେଶକୁ, ମହାନ ସଭ୍ୟତାକୁ, ସଂସ୍କୃତି ତଥା ଗାରୀମାକୁ ବଞ୍ଚାଇରଖିବା ଆମ ସମସ୍ତଙ୍କର ଗୁରୁଦାୟିତ୍ୱ। କାରଣ ଦେଶର ସୁରକ୍ଷାରେ ଆମ ସଭିଙ୍କର ଅସ୍ତିତ୍ୱ ଲୁଚି ରହିଛି। ଜାତି ଓ ସମ୍ପ୍ରଦାୟ ମଧ୍ୟରେ ଦୀର୍ଘଦିନ ଧରି ଚାଲିଥିବା ଲଢେଇର ଅନ୍ତହେବାରେ କୌଣସି ନିର୍ଦ୍ଦିଷ୍ଟ ସମୟ ସୀମା ନିର୍ଦ୍ଧାରିତ ହୋଇପାରୁନି।ଯେଉଁଠି ସାମ୍ପ୍ରଦୟିକ ହିଂସାକାଣ୍ଡକୁ ଭିଆଇବାକୁ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ସଦାସର୍ବଦା ଚେଷ୍ଟିତ ଏବଂ ଯୋଜନାବଦ୍ଧ ସେଠି କିଏ କଣ କରିପାରିବ?

**ଦର୍ଶନ ବିଭାଗୀୟ ମୁଖ୍ୟ, ବି. ଏନ.ଏମ.ଏ ମହାବିଦ୍ୟାଳୟ, ଭଦ୍ରକ**
**ମୋବାଇଲ୍: ୮୮୯୫୩୪୧୦୩୩**

# ୧୦ମ ଥର ମୁଖ୍ୟମନ୍ତ୍ରୀ ହେବେ ନୀତୀଶ



## ବାଚସ୍ପତି ପଦ ଓ ଗୃହ ବିଭାଗକୁ ନେଇ ବିଜେପି-ଜେଡିୟୁ ଟଣାଓଟରା

## ମୋଦି, ଶାହ, ରାଜନାଥ, ଧର୍ମେନ୍ଦ୍ର, ମୋହନ ଯୋଗଦେବେ

ପାଟନା, ୧୮।୧୧: ନଭେମ୍ବର ୨୦ ଅର୍ଥାତ ଗୁରୁବାର ବିହାରରେ ରେକର୍ଡ ୧୦ମ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ଜେଡିୟୁ ସୁପ୍ରିମୋ ନୀତୀଶ କୁମାର। ନିକଟରେ ଶେଷ ହୋଇଥିବା ବିହାର ବିଧାନସଭା ନିର୍ବାଚନରେ ବିଜେପି ଓ ଜେଡିୟୁ ନେତୃତ୍ୱାଧୀନ ଏନଡିଏ ରେକର୍ଡ ୨୦୨ଟି ଆସନ ଦଖଲ କରିଥିଲା। ନଭେମ୍ବର ୨୦ରେ ଶପଥ ପାଠ ପାଇଁ ଦିନ ଧାର୍ଯ୍ୟ ହୋଇଥିବା ବେଳେ ନୀତୀଶ କୁମାରଙ୍କ କ୍ୟାବିନେଟ କେମିତି ରହିବ, ତା' ଉପରେ ସମସ୍ତଙ୍କ ନଜର ରହିଛି।

ଏବେ କ୍ୟାବିନେଟରେ ଗୃହ ବିଭାଗ କାହାକୁ ମିଳିବ ତା'କୁ ନେଇ ଦୁଇ ସହଯୋଗୀ ବିଜେପି ଓ ଜେଡିୟୁ ମଧ୍ୟରେ ଟଣାଓଟରା ଆରମ୍ଭ ହୋଇଯାଇଛି। ଏଥିଯୋଗୁ ନୀତୀଶଙ୍କ ନୂଆ କ୍ୟାବିନେଟରେ ବାଧା ସୃଷ୍ଟି ହୋଇଥିବା ଜଣାପଡ଼ିଛି।

ସୂତ୍ର ଅନୁସାରେ, ନୀତୀଶ କୁମାରଙ୍କ ଜେଡିୟୁ ନିଜ ପାଖରେ ଶକ୍ତିଶାଳୀ ଗୃହ ବିଭାଗ ରଖିବାକୁ ଚାହୁଁଛି। କିନ୍ତୁ ବିଜେପି ଏକାକୀ ୮୯ଟି ଆସନ ବିହାରରେ ଜିତିଥିବାରୁ ସରକାରରେ ବଡ଼ ଭାଇ ପଣିଆ ଦେଖାଉଛି। ଦଳ ମୁଖ୍ୟମନ୍ତ୍ରୀ ପଦ ନୀତୀଶ କୁମାରଙ୍କୁ ଛାଡ଼ିଥିବାରୁ ଗୃହ ବିଭାଗ ନିଜ ପାଖରେ ରଖିବାକୁ ଚାହୁଁଛି। କିନ୍ତୁ ୮୫ଟି ଆସନ ଜିତିଥିବା ଜେଡିୟୁ ଗୃହ ବିଭାଗ ଛାଡ଼ିବା ମୁଡରେ ନାହିଁ। ପୂର୍ବରୁ ନୀତୀଶ କୁମାର ଶକ୍ତିଶାଳୀ ଗୃହ ବିଭାଗ ନିଜ ପାଖରେ ରଖି ଆସିଛନ୍ତି। ଏଥର ମଧ୍ୟ ସେ ଗୃହ ବିଭାଗ ରଖିବାକୁ ଚାହୁଁଛନ୍ତି। ହେଲେ ବିଜେପି ଏଥିରେ ରାଜି ହେଉନାହିଁ। ପୂର୍ବରୁ ଉଭୟ ଜେଡିୟୁ ଓ ବିଜେପି ବିହାର ବିଧାନସଭାର ବାଚସ୍ପତି ପଦକୁ ନେଇ ବିବାଦ ଦେଖାଯାଇଥିଲା। ବାଚସ୍ପତି ପଦ ଯେକୌଣସି ପରିସ୍ଥିତିରେ ବିଜେପି ନିଜ ପାଖରେ ରଖିବାକୁ ଚାହୁଁଛି। ହେଲେ ଜେଡିୟୁ ବାଚସ୍ପତି ପଦ ମଧ୍ୟ ଚାହୁଁଛି। ବାଚସ୍ପତି ସହ ଗୃହ ବିଭାଗ ଜେଡିୟୁ ଓ ବିଜେପି ଉଭୟ ଚାହୁଁଥିବାରୁ ଶେଷ ମୁହୂର୍ତ୍ତରେ ନୀତୀଶ କୁମାରଙ୍କ କ୍ୟାବିନେଟ ଗଠନରେ ବିଳମ୍ବ ହୋଇଥିବା ଜଣାପଡ଼ିଛି। ସ୍ଥିତି ବିବାଦୀୟ ହେଉଥିବାରୁ ବୁଧବାର ସନ୍ଧ୍ୟାରେ ଅମିତ ଶାହ ପାଟନାରେ ପହଞ୍ଚିବେ। ଯଦିଓ ସେ ଗୁରୁବାର ଶପଥ ପାଠ ଉତ୍ସବ ପାଇଁ ଆସୁଥିବା କୁହାଯାଉଛି, କିନ୍ତୁ କ୍ୟାବିନେଟ ଗଠନରେ ସେ ମଧ୍ୟ ହସ୍ତକ୍ଷେପ କରିବେ ବୋଲି ଜଣାପଡ଼ିଛି। ତାଙ୍କ ବ୍ୟତୀତ ବୁଧବାର ସୁଦ୍ଧା ପାଟନାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଜନାଥ ସିଂହ ଓ ଧର୍ମେନ୍ଦ୍ର ପ୍ରଧାନ ପାଟନାରେ ପହଞ୍ଚିବେ ବୋଲି ଜଣାପଡ଼ିଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଏନଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ନୀତୀଶଙ୍କ ଶପଥଗ୍ରହଣ ଉତ୍ସବରେ ଯୋଗଦେବେ ବୋଲି ଜଣାପଡ଼ିଛି। ଏହା ପୂର୍ବରୁ ଜେଡିୟୁ ନେତା ସଞ୍ଜୟ ଝା ଓ ଲଲନ ସିଂହ ଦିଲ୍ଲୀରେ ଅମିତ ଶାହଙ୍କୁ ଭେଟିଛନ୍ତି। ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା ମଧ୍ୟ ସରକାର ଗଠନ ପୂର୍ବରୁ ହୋଇଥିବା ୩ ଘଣ୍ଟାର ରୁଦ୍ଧଦ୍ୱାର ବୈଠକରେ ଥିଲେ।

## ପୁଣି ଗାନ୍ଧୀ ମୈଦାନ ପ୍ରସ୍ତୁତ



### ନୂଆ ସରକାରଙ୍କ ଶପଥ ଲାଗି ପ୍ରସ୍ତୁତିର ସମୀକ୍ଷା ହେଲା

### ୨୦ ତାରିଖ ପର୍ଯ୍ୟନ୍ତ ସମସ୍ତ ଜିଲ୍ଲା ଅଧିକାରୀଙ୍କ ଛୁଟି ବାତିଲ

ପାଟନା.୧୮।୧୧: ବିହାର ରାଜଧାନୀ ପାଟନାର ଗାନ୍ଧୀ ମୈଦାନରେ ରାଜ୍ୟର ନୂତନ ସରକାରଙ୍କ ଶପଥ ଗ୍ରହଣ ଉତ୍ସବ ପାଇଁ ପ୍ରସ୍ତୁତି ଜୋରଦାର ହୋଇଛି। ସୋମବାର ଜିଲା ପ୍ରଶାସନ, ପୁଲିସ ବିଭାଗ, ନଗର ନିଗମ ଏବଂ ବିଭିନ୍ନ ଏଜେନ୍ସିଗୁଡ଼ିକର ଏକ ମିଳିତ ଦଳ ପ୍ରସ୍ତୁତି ସମୀକ୍ଷା କରିବା ପାଇଁ ଘଟଣାସ୍ଥଳରେ ପହଞ୍ଚିଥିଲେ।

ସୁଗମ ଭିଡ଼ ପରିଚାଳନା ଏବଂ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ସମଗ୍ର ଭୂମିକୁ କାର୍ଯ୍ୟକ୍ରମ ଅନୁଯାୟୀ ବିଭିନ୍ନ ଜୋନରେ ବିଭକ୍ତ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ଶପଥ ଗ୍ରହଣ ଉତ୍ସବ ପାଇଁ ୨୫ଜଣ ବିହାର ପ୍ରଶାସନିକ ସେବା ଅଧିକାରୀଙ୍କୁ ନିଯୁକ୍ତ କରିଛି, ଯେଉଁଥିରେ ବିଶେଷ ଅତିଥିଙ୍କ ପାଇଁ ପାଞ୍ଚ ଜଣ ଅଧିକାରୀ ମଧ୍ୟ ସାମିଲ ଅଛନ୍ତି। ଗାନ୍ଧୀ ମୈଦାନରେ ମୁଖ୍ୟ ମଞ୍ଚ ନିର୍ମାଣ ଭିଭିଆଇପି ସୁରକ୍ଷା ମାନଦଣ୍ଡ ଅନୁଯାୟୀ ଡିଜାଇନ କରାଯିବ। ଚାରିପାଖରେ ବ୍ୟାରିକେଡ, ବିଶେଷ ଅତିଥିଙ୍କ ପାଇଁ ଏକ ପୃଥକ ପଥ, ଗଣମାଧ୍ୟମ ପାଇଁ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ର ଏବଂ ପରିଦର୍ଶକଙ୍କ ପାଇଁ ବସିବା ବ୍ୟବସ୍ଥା ଉପରେ କାମ ଚାଲିଛି। ପାଣ୍ଡାଲ, ଶବ୍ଦ ବ୍ୟବସ୍ଥା ଏବଂ ଆଲୋକୀକରଣର ଦାୟିତ୍ୱ ବିଭିନ୍ନ ଏଜେନ୍ସିକୁ ଦିଆଯାଇଛି। ଦଶ ବର୍ଷର ବ୍ୟବଧାନ ପରେ ନୂଆ ସରକାରଙ୍କ ଶପଥ ଗ୍ରହଣ ସମାରୋହ ଗାନ୍ଧୀ ମୈଦାନରେ ଅନୁଷ୍ଠିତ ହେବ। ପୂର୍ବରୁ, ୨୦୧୫ ରେ ଗାନ୍ଧୀ ମୈଦାନରେ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ଅନେକ ରାଜ୍ୟର ମୁଖ୍ୟମନ୍ତ୍ରୀ ମଧ୍ୟ ଯୋଗ ଦେଇଥିଲେ। ନୂତନ ସରକାରଙ୍କ ଶପଥ ଗ୍ରହଣ ସମାରୋହ ସମ୍ପର୍କରେ, ପାଟନା ଜିଲା ମାଜିଷ୍ଟ୍ରେଟ ସମସ୍ତ ଜିଲା ଅଧିକାରୀଙ୍କ ପାଇଁ ନଭେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଛୁଟି ସ୍ଥଗିତ ରଖିଛନ୍ତି। ଏହି ଅଧିକାରୀଙ୍କ ମଧ୍ୟରୁ ଏକ ଉଲ୍ଲେଖନୀୟ ସଂଖ୍ୟା ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ନିୟୋଜିତ ହେବ। ଜିଲା ମାଜିଷ୍ଟ୍ରେଟ ସମସ୍ତ ଜିଲା, ଉପବିଭାଗ ଏବଂ ବ୍ଲକ ସ୍ତରୀୟ ଅଧିକାରୀ, ବୈଷୟିକ ଅଧିକାରୀ ଏବଂ ପର୍ଯ୍ୟବେକ୍ଷକ ସ୍ତରୀୟ ଅଧିକାରୀଙ୍କ ପାଇଁ ଛୁଟି ସ୍ଥଗିତ କରିଛନ୍ତି, ଯାହା ତୁରନ୍ତ ନଭେମ୍ବର ୨୦ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ।

## ଆଜି ଏନଡିଏ ବିଧାୟକ ଦଳ ନେତା ନିର୍ବାଚନ

ପାଟନା,୧୮।୧୧ : ବିହାର ବିଜେପି ବିଧାୟକ ଦଳ ବୈଠକ ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ହେବ। ଏଥିପାଇଁ ଉତ୍ତର ପ୍ରଦେଶର ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟଙ୍କୁ ପର୍ଯ୍ୟବେକ୍ଷକ ଭାବରେ ନିଯୁକ୍ତ କରାଯାଇଛି। ସାଧ୍ୱୀ ନିରଞ୍ଜନ ଜ୍ୟୋତି ଏବଂ ଅର୍ଜୁନ ରାମ ମେଘୱାଲଙ୍କୁ ସହ-ପର୍ଯ୍ୟବେକ୍ଷକ ଭାବରେ ନିଯୁକ୍ତ କରାଯାଇଛି। ସୂଚନା ଅନୁସାରେ ବିଧାୟକ ଦଳ ବୈଠକ ବୁଧବାର ସକାଳ ୧୦ ଟାରେ ପାଟନାରେ ଅନୁଷ୍ଠିତ ହେବ। ଏହି ବୈଠକରେ ବିଜେପି ବିଧାୟକ ଦଳ ନେତା ନିର୍ବାଚିତ ହେବେ। ନଭେମ୍ବର ୨୦ ରେ ବିହାରରେ ଶପଥ ଗ୍ରହଣ ଉତ୍ସବ ପୂର୍ବରୁ, ସମସ୍ତ ଦଳ ସେମାନଙ୍କର ବିଧାୟକଙ୍କ ସହିତ ସାକ୍ଷାତ କରିବେ।ସମସ୍ତ ଦଳର ବୈଠକ ପରେ, ଏନଡିଏ ବିଧାୟକ ଦଳ ବୈଠକ ବସିବ। ଏହି ବୈଠକରେ ଏନଡିଏ ବିଧାୟକ ଦଳର ନେତା ନିର୍ବାଚିତ ହେବେ। ନିର୍ବାଚିତ ନେତା ରାଜ୍ୟପାଳଙ୍କ ନିକଟକୁ ଯିବେ ଏବଂ ସରକାର ଗଠନ ପାଇଁ ଦାବି କରିବେ। ସୂତ୍ର ଅନୁସାରେ, ବିହାରରେ ବିଜେପି ପାଖରେ ଦୁଇଜଣ ଉପମୁଖ୍ୟମନ୍ତ୍ରୀ ରହିବେ। କିନ୍ତୁ ସେହି ନାମଗୁଡ଼ିକ କିଏ ହେବ ସେ ବିଷୟରେ ଚୂଡ଼ାନ୍ତ ନିଷ୍ପତ୍ତି ଏପର୍ଯ୍ୟନ୍ତ ନିଆଯାଇ ନାହିଁ। ସୂତ୍ର ଅନୁସାରେ ସରକାର ଗଠନ ପୂର୍ବରୁ ବିଜେପି ଏବଂ ଜେଡିୟୁ ପ୍ରମୁଖ ପ୍ରସଙ୍ଗ ଉପରେ ବୁଝାମଣା କରିଛନ୍ତି।

---

ଦିଲ୍ଲୀ ବିସ୍ଫୋରଣକୁ ନେଇ ଏସ୍‌ସିଓରେ ଜୟଶଙ୍କରଙ୍କ ଚେତାବନୀ

## ଜବାବ ଦେବାର ଅଧିକାର ଭାରତ ପାଖରେ ଅଛି

ନୂଆଦିଲ୍ଲୀ,୧୮।୧୧: ଦିଲ୍ଲୀର ଲାଲକିଲ୍ଲା ନିକଟରେ ହୋଇଥିବା ବିସ୍ଫୋରଣ ପରେ ଭାରତରେ ଆତଙ୍କବାଦୀଙ୍କ ବିରୁଦ୍ଧରେ ସରକାରଙ୍କ ଅପରେସନ ଜାରି ରହିଛି। ଜମ୍ମୁ କାଶ୍ମୀରର ଅନେକ ଡାକ୍ତର ଭାରତରେ ଆତଙ୍କବାଦୀ ଗତିବିଧିରେ ଲିପ୍ତଥିବା ଅଭିଯୋଗରେ ଗିରଫ ହୋଇସାରିଛନ୍ତି। ଏନଆଇଏ ସମେତ ଅନ୍ୟ ତଦନ୍ତକାରୀ ଏଜେନ୍ସିଙ୍କ ଦ୍ୱାରା ଜାରି କାର୍ଯ୍ୟାନୁଷ୍ଠାନ ଭିତରେ ବିଦେଶ ମନ୍ତ୍ରୀ ଏସ୍.ଜୟଶଙ୍କର ଅନ୍ତର୍ଜାତୀୟ ମଞ୍ଚରେ ଆତଙ୍କବାଦ ବିରୁଦ୍ଧରେ ଭାରତର ପ୍ରତିବଦ୍ଧତାକୁ ପୁଣ ଥରେ ଦୋହରାଇଛନ୍ତି। ରୁଷର ରାଜଧାନୀ ମସ୍କୋରେ ଏସସିଓ କାଉନସିଲ୍ ଅଫ୍ ହେଡ୍ ଅଫ୍ ଗଭରମେଣ୍ଟର ବୈଠକରେ ଏସ୍. ଜୟଶଙ୍କର ସ୍ପଷ୍ଟ ଶବ୍ଦରେ କହିଛନ୍ତି ଯେ, ଆତଙ୍କବାଦ ବିରୁଦ୍ଧରେ ଭାରତକୁ ଜବାବ ଦେବାର ପୂରା ଅଧିକାର ଅଛି।

ରୁଷରେ ଏସସିଓ ସମ୍ମିଳନୀରେ ଭାଗ ନେଇ ଭାରତର ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର କହିଛନ୍ତି, ଏହା ଜରୁରି ଯେ, ଦୁନିଆ ଆତଙ୍କବାଦର ସବୁ ରୂପ ବିରୁଦ୍ଧରେ ଶୂନ୍ୟ ସହନଶୀଳତା ଗ୍ରହଣ କରୁ। ଏହାକୁ କୌଣସି ପ୍ରକାରେ ଯଥାର୍ଥ କିମ୍ବା ଅଣଦେଖା କରାଯାଇପାରିବ ନାହିଁ। ଯେପରେ ଭାରତ ପ୍ରଦର୍ଶିତ କରିଛି। ଆତଙ୍କବାଦ ବିରୁଦ୍ଧରେ ନିଜ ଲୋକଙ୍କୁ ସୁରକ୍ଷା କରିବାର ଅଧିକାର ଆମ ପାଖରେ ଅଛି ଓ ଆମେ ଏହାର ପ୍ରୟୋଗ କରିବୁ।

ଏସସିଓ ସମ୍ମିଳନୀରେ ଏସ୍ ଜୟଶଙ୍କର କହିଛନ୍ତି, ଆମକୁ ମନେ ରଖିବା ଦରକାର ଯେ, ଏସସିଓ ଆତଙ୍କବାଦ, ବିଚ୍ଛିନ୍ନତାବାଦ ଏବଂ ଉଗ୍ରବାଦର ମୁକାବିଲା ପାଇଁ ପ୍ରତିଷ୍ଠା ହୋଇଥିଲା। ଆତଙ୍କବାଦକୁ ଅଣଦେଖା କରାଯାଇପାରିବ ନାହିଁ। ଦିଲ୍ଲୀ ବିସ୍ଫୋରଣ ପରେ ଅନ୍ତର୍ଜାତୀୟ ସ୍ତରରେ ଏସ୍. ଜୟଶଙ୍କରଙ୍କ ଏହି ବକ୍ତବ୍ୟ ଆତଙ୍କବାଦ ବିରୋଧରେ ଭାରତର ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି। ଉଲ୍ଲେଖଯୋଗ୍ୟ ଯେ, ଦିନକ ପୂର୍ବେ ଭାରତର ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ କହିଥିଲେ ଯେ, ଦିଲ୍ଲୀ ବିସ୍ଫୋରଣର ଦୋଷୀମାନଙ୍କୁ ମାଟି ତଳୁ ଖୋଜି ବାହାର କରି ଦଣ୍ଡ ଦିଆଯିବ।

---

ଅଲ ଫଲାହରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଚଢ଼ଉ

## ୨୫ଟି ଜାଗାରେ ଚାଲିଛି ରେଡ୍




ନୂଆଦିଲ୍ଲୀ, ୧୮।୧୧: ଦିଲ୍ଲୀ ବିସ୍ଫୋରଣର ମାଷ୍ଟରମାଇଣ୍ଡକୁ ଧରିବା ପାଇଁ ରାତି ଦିନ ଗୋଟିଏ କରିଦେଇଛନ୍ତି ତଦନ୍ତକାରୀ ସଂସ୍ଥା। ଅଲ ଫଲାହ ୟୁନିଭର୍ସିଟିର ଲିଙ୍କ୍ ମିଳିବା ପରେ ଅଧିକ ତତ୍ପର ହୋଇ ଉଠିଛନ୍ତି ପୁଲିସ ଏବଂ ଏନଆଇଏ। ଗିରଫ ସନ୍ଦିଗ୍ଧଙ୍କୁ ଜେରା ପରେ ନୂଆ ନୂଆ ତଥ୍ୟ ପାଇଛି ଜାତୀୟ ତଦନ୍ତକାରୀ ସଂସ୍ଥା। ଯାହାର ଆଧାରରେ ୨୫ଟି ସ୍ଥାନରେ ରେଡ୍ କରାଯାଇଛି। ଅଲ ଫହାହ ୟୁନିଭର୍ସିଟି ଲିଙ୍କରେ ଏସବୁ ସ୍ଥାନରେ ଚଢ଼ାଉ କରାଯାଇଥିବା ସୂଚନା ମିଳିଛି । ମଙ୍ଗଳବାର ଇଡି ବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦେଶର ୨୫ଟି ସ୍ଥାନରେ ରେଡ୍ କରିଛି। ତା ସହ ଏନଆଇଏ ମଧ୍ୟ ରେଡରେ ସାମିଲ ଅଛି। ଓଖଲା ଅଫିସର ସମେତ ଫରିଦାବାଦର ଅନେକ ଜାଗାରେ ଏହି ରେଡ୍ ଚାଲିଛି। ୟୁନିଭର୍ସିଟିର ଅର୍ଥ କାରବାର ନେଇ ଇଡି ଚଢ଼ାଉ କରୁଛି। କିଛି ଦିନ ପୂର୍ବରୁ ସରକାରଙ୍କୁ ବିଦେଶରୁ ୟୁନିଭର୍ସିଟିକୁ ଟଙ୍କା ଆସିଥିବା ତଥ୍ୟ ମିଳିଥିଲା। ଯାହା ପରେ ତଦନ୍ତ ଭାର ଇଡି ବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ଦିଆଯାଇଥିଲା। ଗୋଟିଏ ଦିଗରେ ଏନଆଇଏ ବିସ୍ଫୋରଣ ନେଇ ତଦନ୍ତ କରୁଥିବା ବେଳେ ଏବେ ଇଡି ଆର୍ଥିକ ନେଣଦେଣ ନେଇ ତଦନ୍ତ କରୁଛି। ପୂର୍ବରୁ ବିଶ୍ୱବିଦ୍ୟାଳୟକୁ ୟୁଜିସି ଏବଂ ନାକ୍ ଅନିୟମିତତାର ପେଣ୍ଠସ୍ଥଳୀ ବୋଲି କହିଥିଲେ। ଠକେଇ ଏବଂ ଚଞ୍ଚକତା କରି ୟୁନିଭର୍ସିଟି କର୍ତ୍ତୃପକ୍ଷ ଅନେକ ଲାଭ ପାଇଥିବା ନାକ୍ ଜାଣିବାକୁ ପାଇଥିଲା। ଆସୋସିଏସନ ଅଫ ୟୁନିଭର୍ସିଟି ମଧ୍ୟ ଅଲ ଫଲାହର ସଦସ୍ୟତାକୁ ରଦ୍ଦ କରିଥିଲା। ସୂଚନାଯୋଗ୍ୟ, ୨୦୧୪ରେ ଅଲ ଫଲାହ ୟୁନିଭର୍ସିଟିର ପ୍ରତିଷ୍ଠା ହୋଇଥିଲା। ୨୦୧୫ରେ ଏହାକୁ ମାନ୍ୟତା ମିଳିଥିଲା। ଅଲ ଫଲାହ ଚାରିଟେବୁଲ ଟ୍ରଷ୍ଟ ଅଧୀନରେ ଏହା ଆସୁଥିଲା ଯାହାକୁ ୧୯୯୫ରେ ଗଠନ କରାଯାଇଥିଲା। ୧୯୯୭ରେ ଇଞ୍ଜିନିୟରିଂ କଲେଜରୁ ଆରମ୍ଭ ହୋଇଥିବା ଅଲ ଫଲାହ ୟୁନିଭର୍ସିଟି ପରେ ବିଭିନ୍ନ ସ୍କୁଲ, ମେଡିକାଲ କଲେଜ ସ୍ଥାପନା କରିଥିଲା।

---

ଦିଲ୍ଲୀରେ ପୁଣି ବୋମା ଧମକ

## ସ୍କୁଲ, କୋର୍ଟ ଉଡ଼ାଇଦେବାକୁ ଫୋନ୍ କଲ୍

ନୂଆଦିଲ୍ଲୀ, ୧୮।୧୧: ଦିଲ୍ଲୀକୁ ପୁଣି ବୋମା ଧମକ ଦିଆଯାଇଛି। ଦୁର୍ବୃତ୍ତମାନେ ଫୋନ୍ କରି ସ୍କୁଲ ସହିତ କୋର୍ଟକୁ ଉଡ଼ାଇ ଦେବାକୁ ଧମକ ଦେଇଛନ୍ତି। ଏଥର ଦିଲ୍ଲୀର ସାକେତ କୋର୍ଟ ଏବଂ ଦୁଇଟି ସିଆରପିଏଫ୍ ସ୍କୁଲକୁ ଧମକ ମିଳିଛି। କୋର୍ଟ ପରିସରକୁ ଉଡ଼ାଇ ଦେବା ପାଇଁ ଧମକ ମିଳିବା ପରେ ତୁରନ୍ତ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ବହୁ ସଂଖ୍ୟାରେ ପୁଲିସ ଏବଂ ବୋମା ନିରୋଧକ ତଥା ନିଷ୍କ୍ରିୟକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ସାକେତ କୋର୍ଟର ସମଗ୍ର ପରିସରକୁ ତୁରନ୍ତ ଖାଲି କରାଯାଇ ସର୍ଚ୍ଚ ଅପରେସନ୍ ଆରମ୍ଭ କରାଯାଇଛି। କୋର୍ଟ ଏବଂ ସ୍କୁଲ୍ ପରିସରରେ ଲୋକଙ୍କ ମଧ୍ୟରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି। ଧମକ ଦେଇଥିବା ବ୍ୟକ୍ତିର ଫୋନ୍ ସୁଇଚ୍ ଅଫ୍ ଥିବା ଜଣାପଡ଼ିଛି। ଏହି ଘଟଣା ସକାଳ ପ୍ରାୟ ୯ଟା ସମୟରେ ଜଣାପଡ଼ିଥିଲା। ତେବେ ଏହା ପ୍ରଥମ ନୁହେଁ ପୂର୍ବରୁ ଦିଲ୍ଲୀର ପ୍ରଶାନ୍ତ ବିହାର ଏବଂ ଦ୍ୱାରକାରେ ଥିବା ସିଆରପିଏଫ୍ ସ୍କୁଲଗୁଡ଼ିକୁ ଏକକାଳୀନ ଇ-ମେଲ୍ ମାଧ୍ୟମରେ ମଧ୍ୟ ବୋମା ଧମକ ମିଳିଥିଲା। ଦିଲ୍ଲୀର ଲାଲକିଲ୍ଲା ନିକଟରେ ହୋଇଥିବା କାର ବିସ୍ଫୋରଣ ଏବଂ ଆତଙ୍କବାଦୀ ଆକ୍ରମଣ ଘଟଣା ମନରୁ ନ ଲିଭୁଣୁ ଏହି ଧମକ ସାଧାରଣ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି। ସେଥିପାଇଁ ଧମକ କଲ୍ ଆସିବା ପରେ ସିଆରପିଏଫ୍ ସ୍କୁଲର ସମସ୍ତ ପିଲାମାନଙ୍କୁ ଘରକୁ ପଠାଇଦିଆ ଯାଇଥିଲା।

## ନେପାଳରେ ତ୍ରିରଙ୍ଗା ଉଡ଼ାଇଲେ ପାକ୍ ରାପର

କାଠମାଣ୍ଡୁ,୧୮।୧୧: ପାକିସ୍ତାନୀ ରାପର ତଲ୍ହା ଅଞ୍ଜୁମ ବର୍ତ୍ତମାନ ଖୁବ୍ ଚର୍ଚ୍ଚାରେ। ଏହି ସପ୍ତାହ ତଳେ ଅଞ୍ଜୁମ ନେପାଳରେ ଏକ ମ୍ୟୁଜିକ ଶୋ କରିଥିଲେ। ଯେଉଁଠି ସେ ରାପ୍ କରୁଥିବା ବେଳେ ଭାରତୀୟ ପତାକା ଉଡ଼ାଇବା ସହିତ ତ୍ରିରଙ୍ଗାକୁ ଘୋଡ଼ାଇ ହୋଇପଡ଼ିଥିଲେ। ଯାହାର ଭିଡିଓ ବର୍ତ୍ତମାନ ସୋସିଆଲ୍ ମିଡିଆରେ ଏକ ନୂଆ ବତର୍କ ଆରମ୍ଭ କରି ଦେଇଛି। ପାକିସ୍ତାନ ଗଣମାଧ୍ୟମ'ଦ ଡନ'ର ରିପୋର୍ଟ ଅନୁସାରେ, ଅଞ୍ଜୁମ ଭାରତୀୟ ରାପର୍ ନେଜିଙ୍କ ଉଦ୍ଦେଶ୍ୟରେ ତାଙ୍କର ସଂଗୀତ କୌନ୍ ତଲହା ପରିବେଷଣ କରୁଥିଲେ। ଏହି ସମୟରେ ଭିଡ଼ ମଧ୍ୟରୁ କେହି ଜଣେ ତାଙ୍କ ଆଡ଼କୁ ଭାରତୀୟ ତ୍ରିରଙ୍ଗା ଫିଙ୍ଗିଥିଲେ। ଏହାପରେ ସେ ତ୍ରିରଙ୍ଗା ପତାକାକୁ ଧରି ପକାଇବା ସହ ଏହାକୁ ହାତରେ ଉଡ଼ାଇଥିଲେ ଏବଂ ଦେହରେ ଘୋଡ଼ାଇ ହୋଇପଡ଼ିଥିଲେ। ଯାହାର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବା ପରେ ଅଞ୍ଜୁମଙ୍କୁ ପାକିସ୍ତାନରେ ସମାଲୋଚନା କରାଯାଇଥିଲା। ସୋସିଆଲ୍ ମିଡିଆରେ ସମାଲୋଚନାର ଶିକାର ହେବା ପରେ ଅଞ୍ଜୁମ ସ୍ପଷ୍ଟୀକରଣ ଦେଇଛନ୍ତି। ଅଞ୍ଜୁମ କହିଛନ୍ତି ମୋ ହୃଦୟରେ ଘୃଣା ପାଇଁ କୌଣସି ସ୍ଥାନ ନାହିଁ। ମୋ କଳାର କୌଣସି ସୀମା ସରହଦ ନାହିଁ। ଯଦି ମୋର ଭାରତୀୟ ପତାକା ଉଡ଼ାଇବା ବିବାଦ ହେଲା ତେବେ ମୁଁ ଆହୁରି ଉଡ଼ାଇବି। ମୁଁ କେବେ ଗଣମାଧ୍ୟମର ପ୍ରଚାର ଓ ଯୁଦ୍ଧପ୍ରିୟ ସରକାରଙ୍କର ପ୍ରଚାରକୁ ଖାତିର କରେ ନାହିଁ। ଉର୍ଦ୍ଦୁ ରାପ୍ ସର୍ବଦା ସୀମାହୀନ ଏବଂ ରହିବ।

ଭିଡିଓଟି ଭାଇରାଲ ହେବା ମାତ୍ରେ, ଅଞ୍ଜୁମଙ୍କୁ ସୋସିଆଲ ମିଡିଆରେ ସମାଲୋଚନାର ଶିକାର ହେବାକୁ ପଡିଲା। ଜଣେ ପାକିସ୍ତାନୀ ୟୁଜର ତାଙ୍କୁ ସମାଲୋଚନା କରି ଲେଖିଥିଲେ ନେପାଳର ଏକ କନସର୍ଟରେ ତଲହା ଅଞ୍ଜୁମ ଭାରତୀୟ ପତାକା ଉଡ଼ାଉଛନ୍ତି, ଯେତେବେଳେ କି ଭାରତ ତାଙ୍କର ସ୍ପଟିଫାଇ ଏବଂ ସମ୍ଭବତଃ ତାଙ୍କ ୟୁଟ୍ୟୁବକୁ ଚ୍ୟାନେଲକୁ ବନ୍ଦ କରି ଦେଇଛି।

## ଆମ୍ବୁଲାନ୍ସରେ ଅଗ୍ନିକାଣ୍ଡ, ୪ ଜୀବନ୍ତ ଦଗ୍ଧ

ଅହମଦାବାଦ,୧୮।୧୧: ଗୁଜରାଟରେ ଏକ ଅଭାବନୀୟ ଘଟଣା ଘଟିଛି। ମଙ୍ଗଳବାର ଭୋରରେ ଗୁଜରାଟର ଆରଭାଲ୍ଲୀ ଜିଲା ମୋଦାସା ସହର ନିକଟରେ ଏକ ଆମ୍ବୁଲାନ୍ସରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ନିଆଁରେ ଜଣେ ନବଜାତ ଶିଶୁ ଏବଂ ଡାକ୍ତରଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ଘଟିଛି।

ପୁଲିସ ସୂଚନା ମୁତାବକ, ଶିଶୁଟି ଜନ୍ମ ହେବାର ଦିନକ ପରେ ଅସୁସ୍ଥ ହେବାରୁ ଅଧିକ ଚିକିତ୍ସା ପାଇଁ ମୋଦାସା ସ୍ଥିତ ଏକ ହସ୍ପିଟାଲରୁ ଅହମଦାବାଦର ଏକ ଘରୋଇ ହସ୍ପିଟାଲକୁ ଅଣାଯାଉଥିଲା। ସେତିକିବେଳେ ମୋଦାସା-ଧନସୁରା ରାସ୍ତାରେ ହଠାତ୍ ଆମ୍ବୁଲାନ୍ସରେ ନିଆଁ ଲାଗିଯାଇଥିଲା। ଅଗ୍ନିକାଣ୍ଡରେ ନବଜାତକ ଶିଶୁ, ଶିଶୁଙ୍କ ବାପା ଜିଗ୍ନେଶ ମୋଚି(୩୮), ଡାକ୍ତର ଶାନ୍ତିଲାଲ ରେଣ୍ଟିଆ(୩୦) ଏବଂ ନର୍ସ ଭୁରିବେନ ମନତ(୨୩)ଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଏପରିକି ନିଆଁରେ ଅନ୍ୟ ୩ଜଣ ପୋଡି ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ସୂଚନା ମିଳିଛି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।



---

## ସାଉଦି ଆରବ କିଣିବ ଏଫ୍-୩୫



ଭାରତ ଚିନ୍ତିତ ; ପାକ୍ ସହ ପ୍ରତିରକ୍ଷା ଚୁକ୍ତି ଚିନ୍ତା ବଢ଼ାଇଲା

ନୂଆଦିଲ୍ଲୀ,୧୮।୧୧ : କତର ଉପରେ ଇସ୍ରାଏଲର ଆକ୍ରମଣଠାରୁ ଏପର୍ଯ୍ୟନ୍ତ ମଧ୍ୟପ୍ରାଚ୍ୟରେ ଭୟର ବାତାବରଣ ରହିଛି। ଏହାକୁ ଦୃଷ୍ଟିରେ ରଖି ସାଉଦି ଆରବ ନିଜର ପ୍ରତିରକ୍ଷା ବାହିନୀକୁ ସୁଦୃଢ଼ କରିଚାଲିଛି। ଗୋଟିଏ ପଟେ ସାଉଦି ପାକିସ୍ତାନ ସହ ପ୍ରତିରକ୍ଷା ଚୁକ୍ତି କରିଥିବା ବେଳେ ଅନ୍ୟପଟେ ଆମେରିକାଠାରୁ ବିଭିନ୍ନ ପ୍ରକାରର ଆଧୁନିକ ଅସ୍ତ୍ରଶସ୍ତ୍ର କିଣିଚାଲିଛି। ତେବେ ସବୁଠାରୁ ବଡ଼ କଥା ହେଉଛି ଆମେରିକାଠାରୁ ଅତ୍ୟାଧୁନିକ ଏଫ-୩୫ ଲାଇଟନିଂ-୨ (ଏଫ-୩୫) ଖରିଦ ପାଇଁ ସାଉଦି ଆରବ ପ୍ରସ୍ତୁତ ହେଉଛି ଓ ଏଥିପାଇଁ ଆମେରିକା ରାଜି ମଧ୍ୟ ହୋଇଛି। ଯଦି ଏହି ଡିଲ୍ ହୁଏ ତେବେ ତାହାର ପ୍ରଭାବ କେବଳ ମଧ୍ୟପ୍ରାଚ୍ୟ ନୁହେଁ, ଭାରତ ଉପରେ ବି ପଡ଼ିବ।

ଏଫ-୩୫ ଲାଇଟନିଂ-୨ ହେଉଛି ବିଶ୍ୱର ସବୁଠାରୁ ଆଧୁନିକ ଓ ଦକ୍ଷ ଲଢୁଆ ବିମାନ। ଏହା ଏକ ୫ମ ପିଢ଼ିର ବିମାନ ହୋଇଥିବା ବେଳେ ଏଥିରେ ଥିବା ଅତ୍ୟାଧୁନିକ ଟେକନଲୋଜି ଏହାକୁ ରଣକ୍ଷେତ୍ରରେ ପ୍ରାୟତଃ ଅଦୃଶ୍ୟ କରିଦିଏ। ଏଣୁ ଯଦି ଏହି ବିମାନ କୌଣସି ଦେଶ ହାତକୁ ଆସେ ତେବେ ତାହା ଯୁଦ୍ଧର ସମୀକରଣ ବଦଳାଇବାକୁ ସକ୍ଷମ।

ସାଉଦି ଆରବ ସହ ଭାରତର କୌଣସି ଶତ୍ରୁତା ନଥିଲେ ବି ଏହି ଡିଲକୁ ନେଇ ଭାରତ ଚିନ୍ତା କରିବା ସ୍ୱାଭାବିକ। କାରଣ ପାକିସ୍ତାନ ଓ ସାଉଦି ଆରବ ମଧ୍ୟରେ ରଣନୈତିକ ଚୁକ୍ତି ରହିଛି। ଏହା ଅନୁସାରେ ଗୋଟିଏ ଦେଶ ଉପରେ ଆକ୍ରମଣ ଅନ୍ୟ ଦେଶ ଉପରେ ଆକ୍ରମଣ ବୋଲି ବିବେଚନା କରାଯିବ। ଏପରି କ୍ଷେତ୍ରରେ ପାକିସ୍ତାନ ସହ ଭାରତର ସଂଘର୍ଷ ସମୟରେ ସାଉଦି ପାକିସ୍ତାନକୁ ସାମୟିକ ଭାବେ ଏଫ-୩୫ ବିମାନ ଦେଇପାରେ।

ଆମେରିକା କେବଳ ଭରସାଯୋଗ୍ୟ ଦେଶମାନଙ୍କୁ ନିଜର ଅତ୍ୟାଧୁନିକ ଲଢୁଆ ବିମାନ ଦେଇଥାଏ। ପୁଣି ପ୍ରତ୍ୟେକ ଡିଲ୍ ସହିତ କେତେକ ସର୍ତ୍ତ ମଧ୍ୟ ଥାଏ। ଏଣୁ ସାଉଦି ହାତକୁ ଏଫ-୩୫ ଆସିବାର ଅର୍ଥ ନୁହେଁ ଯେ, ତାହା ପାକିସ୍ତାନ ହାତକୁ ଚାଲିଆସିବ। ପୁଣି ଏସବୁ ବିମାନର କେତେକ ନିୟନ୍ତ୍ରଣ ଆମେରିକା ହାତରେ ବି ଥାଏ। ଏଣୁ ସାଉଦି ପାକିସ୍ତାନକୁ ଏହି ବିମାନ ଦେଲେ ବି ତାହା ପାଇଁ ଆମେରିକାର ସମ୍ମତି ଆବଶ୍ୟକ।

## ଭାରତୀୟଙ୍କ ପାଇଁ ଭିସା ଫ୍ରି ସେବା ବନ୍ଦକଲା ଇରାନ

ନୂଆଦିଲ୍ଲୀ,୧୮।୧୧: ଇରାନ ଭାରତୀୟଙ୍କ ପାଇଁ ଥିବା ଭିସା ଫ୍ରି ସେବା ବନ୍ଦକରିବା ପାଇଁ ଘୋଷଣା କରିଛି। ନଭେମ୍ବର ୨୨ରୁ ଭାରତୀୟ ଯାତ୍ରୀମାନଙ୍କୁ ଆଉ ବିନା ଭିସାରେ ଦେଶରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ। ପ୍ରବେଶ ଏବଂ ପରିବହନ ପାଇଁ ପୂର୍ବରୁ ଏକ ଭିସା ନେବାକୁ ପଡିବ। ପୂର୍ବ ନୀତି ଭାରତୀୟ ପର୍ଯ୍ୟଟକମାନଙ୍କୁ ନିର୍ଦ୍ଦିଷ୍ଟ ସର୍ତ୍ତାବଳୀ ଅନୁଯାୟୀ ଭିସା ବିନା ଇରାନ ପରିଦର୍ଶନ କରିବାକୁ ଅନୁମତି ଦେଇଥିଲା। ଏହା ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଏବଂ ଏସୀୟ ଦେଶଗୁଡ଼ିକ ସହିତ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ତେହେରାନର ବ୍ୟାପକ ପ୍ରୟାସର ଏକ ଅଂଶ ଥିଲା। ଏଣିକି ସାଧାରଣ ପାସପୋର୍ଟ ଧାରଣ କରୁଥିବା ପ୍ରତ୍ୟେକ ଭାରତୀୟ ନାଗରିକଙ୍କୁ ଏବେ ଯାତ୍ରା କରିବା ପୂର୍ବରୁ ଏକ ବୈଧ ଭିସା କରିବାକୁ ପଡ଼ିବ।

କିଛି ମାସ ପୂର୍ବରୁ, ଭାରତ ସରକାର ଇରାନ ଯାତ୍ରା ସମ୍ପର୍କରେ ଭାରତୀୟ ନାଗରିକଙ୍କ ପାଇଁ ଏକ ପରାମର୍ଶ ଜାରି କରିଥିଲେ। ଅପରାଧୀକ ଗୋଷ୍ଠୀ ଚାକିରି ବାହାନାରେ ଭାରତୀୟଙ୍କୁ ଇରାନକୁ ଅପହରଣ କରିବା ପରେ ଏହି ପରାମର୍ଶ ଜାରି କରାଯାଇଥିଲା। ବୈଦେଶିକ ମନ୍ତ୍ରଣାଳୟ କହିଥିଲା ଯେ, ଏପରି ଅନେକ ମାମଲା ସାମ୍ନାକୁ ଆସିଛି ଯେଉଁଥିରେ ଭାରତୀୟ ନାଗରିକଙ୍କୁ ନିଯୁକ୍ତିର ମିଥ୍ୟା ପ୍ରତିଶ୍ରୁତି ଦେଇ ଇରାନ ନିଆଯାଉଛି। ସେମାନଙ୍କୁ ତୃତୀୟ ଦେଶକୁ ନିଯୁକ୍ତି ପାଇଁ ପଠାଯିବ ବୋଲି ପ୍ରତିଶ୍ରୁତି ଦେଇ ଇରାନ ଯାତ୍ରା କରିବାକୁ ପ୍ରଲୋଭିତ କରାଯାଇଥିଲା। ଇରାନରେ ପହଞ୍ଚିବା ପରେ ଭାରତୀୟ ନାଗରିକଙ୍କୁ ଅପରାଧୀ ଗୋଷ୍ଠୀ ଦ୍ୱାରା ଅପହରଣ କରାଯାଇଥିଲା।

---

## ଅମାପ ସମ୍ପତ୍ତିର ମାଲିକାଣୀ ଶେଖ ହସିନା



ଢାକା,୧୮।୧୧: ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ଏବେ ତାଙ୍କ ଜୀବନର ସବୁଠାରୁ କଷ୍ଟକର ସମୟର ସମ୍ମୁଖୀନ ହେଉଛନ୍ତି। ଢାକାର ଆନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ ତାଙ୍କୁ ମାନବତା ବିରୋଧୀ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ କରି ମୃତ୍ୟୁଦଣ୍ଡ ଦେଇଛନ୍ତି। ମୃତ୍ୟୁଦଣ୍ଡ ସହିତ, ଶେଖ ହସିନାଙ୍କ ସମ୍ପତ୍ତି ବିଷୟରେ ଆଲୋଚନା ପୁଣି ଥରେ ଉଷ୍ମ ହୋଇଛି। ତାଙ୍କ ୨୦୨୨ ଆୟ ଉପରେ ଆଧାରିତ ତାଙ୍କର ସରକାରୀ ଦଲିଲଗୁଡ଼ିକ ସୂଚାଇ ଦିଏ ଯେ, ଶେଖ ହାସିନାଙ୍କ ମୋଟ ସମ୍ପତ୍ତି ପ୍ରାୟ ୪୩.୬ ନିୟୁତ ବାଂଲାଦେଶୀ ଟଙ୍କା। ତାଙ୍କ ଶପଥପତ୍ର ଅନୁଯାୟୀ, ତାଙ୍କର ଆୟର ମୁଖ୍ୟ ଉତ୍ସ କୌଣସି ପ୍ରମୁଖ ବ୍ୟବସାୟରୁ ନୁହେଁ, ବରଂ ଚାଷ, କୃଷି ଏବଂ ମତ୍ସ୍ୟଚାଷରୁ। ଏହା ବ୍ୟତୀତ, ସେ ତାଙ୍କର ସଞ୍ଚୟକୁ ସ୍ଥାୟୀ ଜମା ଏବଂ ସଞ୍ଚୟ ବଣ୍ଡ ଭଳି ସୁରକ୍ଷିତ ପଥରେ ବିନିଯୋଗ କରିଛନ୍ତି, ଯାହା ତାଙ୍କୁ ନିୟମିତ ସୁଧ ଦିଏ। ସରକାରୀ ରେକର୍ଡ ସୂଚାଇ ଦିଏ ଯେ, ତାଙ୍କର ଜୀବନଶୈଳୀ ଏବଂ ଆୟର ଉତ୍ସଗୁଡ଼ିକ ବହୁତ ପାରମ୍ପରିକ ଏବଂ ସୀମିତ। ଶେଖ ହାସିନାଙ୍କ ପାଖରେ ପ୍ରାୟ ୧୫ ବିଘା କୃଷି ଜମି ଅଛି। ତାଙ୍କ ନିର୍ବାଚନ ଶପଥପତ୍ର ଅନୁଯାୟୀ, ଏହି ଜମିର ଆନୁମାନିକ ମୂଲ୍ୟ ୬୦୦,୦୦୦ ଟଙ୍କାରୁ ଅଧିକ। ତାଙ୍କର ୩.୪ ନିୟୁତ ଟଙ୍କାରୁ ଅଧିକ ମୂଲ୍ୟର ପ୍ଲଟ (ଖାଲି ଜମି) ମଧ୍ୟ ଅଛି। ତାଙ୍କର ୫୦୦,୦୦୦ ଟଙ୍କା ଘୋଷିତ ମୂଲ୍ୟ ସହିତ ଏକ ତିନି ମହଲା କୋଠା ଅଛି। ତଥାପି, ଏହି ଘରଟି ବହୁତ ବିଳାସପୂର୍ଣ୍ଣ ବୋଲି କୁହାଯାଏ। ବ୍ଲୁମବର୍ଗ ଏବଂ ଅନ୍ୟାନ୍ୟ ରିପୋର୍ଟ ଅନୁସାରେ, ତାଙ୍କର ଢାକାରେ ୩ ନିୟୁତ ଡଲାର ମୂଲ୍ୟର ଏକ ବିଳାସପୂର୍ଣ୍ଣ ମାନ୍ସନ ଅଛି। ତଥାପି, ଏହା ତାଙ୍କ ଭଉଣୀଙ୍କ ନାମରେ ପଞ୍ଜୀକୃତ। ତାଙ୍କର ମଧ୍ୟ ଚିଟାଗଙ୍ଗରେ ଏକ ଘର ଅଛି, କିନ୍ତୁ ରିପୋର୍ଟ ଅନୁସାରେ, ଏହା ତାଙ୍କ ଭଉଣୀଙ୍କ ନାମରେ ପଞ୍ଜୀକୃତ। ୨୦୨୦ରେ ୧ ନିୟୁତ ଡଲାରରେ କିଣାଯାଇଥିବା ଏକ ଆପାର୍ଟମେଣ୍ଟ ମଧ୍ୟ ସିଲେଟରେ ଅଛି।

ବ୍ଲୁମବର୍ଗର ଏକ ରିପୋର୍ଟରେ କୁହାଯାଇଛି ଯେ, ଶେଖ ହସିନାଙ୍କର ମଧ୍ୟ ଲଣ୍ଡନରେ ଏକ ଘର ଅଛି। ତଥାପି, ଏହା ସ୍ପଷ୍ଟ କରାଯାଇଛି ଯେ ଏହି ସମ୍ପତ୍ତି ତାଙ୍କ ନାମରେ ସିଧାସଳଖ ପଞ୍ଜୀକୃତ ନୁହେଁ। ତାଙ୍କର ସିଙ୍ଗାପୁର ଏବଂ ଦୁବାଇ ଭଳି ଦେଶରେ ମଧ୍ୟ କିଛି ସମ୍ପତ୍ତି ଅଛି। ହସିନାଙ୍କର ମଧ୍ୟ ୪.୭ ନିୟୁତ ଟଙ୍କା ମୂଲ୍ୟର ଏକ କାର ଅଛି, ଯାହା ସେ ଉପହାର ସ୍ୱରୂପ ପାଇଥିଲେ। ଶେଖ ହସିନାଙ୍କ ପ୍ରକୃତ ସମ୍ପତ୍ତି ତାଙ୍କ ଘୋଷିତ ସଂଖ୍ୟା ଅପେକ୍ଷା ଅନେକ ଗୁଣ ଅଧିକ ହୋଇପାରେ। ଗତ ବର୍ଷ, ରିପୋର୍ଟ ପ୍ରକାଶ ପାଇଥିଲା ଯେ, ହସିନାଙ୍କ ଘରୋଇ ଚାକର ଜାହାଙ୍ଗୀର ଆଲମ ୨୮୪କୋଟି ଟଙ୍କା ମୂଲ୍ୟର ସମ୍ପତ୍ତିର ମାଲିକ ବୋଲି ଅଭିଯୋଗ ହୋଇଛି। ସେ ବର୍ତ୍ତମାନ ଆମେରିକାରେ ରୁହନ୍ତି। ମନି କଣ୍ଟ୍ରୋଲ ରିପୋର୍ଟ ଅନୁଯାୟୀ, ଭାରତୀୟ ମୁଦ୍ରାରେ ତାଙ୍କର ମୋଟ ସମ୍ପତ୍ତି ପ୍ରାୟ ୫୦ କୋଟି ବୋଲି ଆକଳନ କରାଯାଇଛି।

# ୨୧ ଇନ୍ସପେକ୍ଟରଙ୍କ ବଦଳି

**କୋଲକାତା,୧୮।୧୧(ସଂଚାର ବ୍ୟୁରୋ):** କୋଲକାତା ପୁଲିସରେ ବଡ଼ ଧରଣର ରଦ୍ଦବଦଳ। ଲାଲବଜାରର ୨୧ ଜଣ ଇନ୍ସପେକ୍ଟରଙ୍କୁ ବଦଳି କରିଛି। ମାଣିକତଲା ଥାନାର ଅତିରିକ୍ତ ଓସି ବୀରେଶ୍ୱର ରାୟଙ୍କୁ ତାଲତାଲା ଥାନାର ଓସି କରାଯାଇଛି। ସିନ୍ଥି ଥାନାର ଅତିରିକ୍ତ ଓସି ମନୀଷ ମଜୁମଦାରଙ୍କୁ ଉଲଟୋଡଙ୍ଗା ଥାନାର ଓସି କରାଯାଇଛି। ଟାଲିଗଞ୍ଜ ଥାନାର ଅତିରିକ୍ତ ଓସି ରାଜୀବ ଚାଟାର୍ଜୀଙ୍କୁ ଟାଲିଗଞ୍ଜ ଥାନାର ଓସି କରାଯାଇଛି। ବାଂଶଦ୍ରୋଣୀ ଥାନାର ଅତିରିକ୍ତ ଓସି ବିପୁଳ ବିଶ୍ୱାସଙ୍କୁ ଟାଙ୍ଗରା ଥାନାର ନୂତନ ଓସି କରାଯାଇଛି। ମୁଚିପଡା ଥାନାର ଅତିରିକ୍ତ ଓସି ଆଶିଷ ବସୁଙ୍କୁ ଉତ୍ତର ବନ୍ଦର ଥାନାର ଓସି କରାଯାଇଛି। ଏହା ବ୍ୟତୀତ, ଟାଙ୍ଗରା ଥାନାର ଅତିରିକ୍ତ ଓସି ରାଜୀବ ସରକାରଙ୍କୁ ମୁଚିପଡା ଥାନାର ଅତିରିକ୍ତ ଓସି ଭାବରେ ନିଯୁକ୍ତି ଦିଆଯାଇଛି। ତାଲତଲା ଥାନାର ଅତିରିକ୍ତ ଓସି ପ୍ରଶାନ୍ତ କୁମାର ଦାସଙ୍କୁ ପର୍ଣ୍ଣଶ୍ରୀ ଥାନାର ଅତିରିକ୍ତ ଓସି ଭାବରେ ନିଯୁକ୍ତି ଦିଆଯାଇଛି। ବାଂଶଦ୍ରୋଣୀ ଥାନାର ଅତିରିକ୍ତ ଓସି ଦୀପକ ମଣ୍ଡଳଙ୍କୁ ନିଯୁକ୍ତି ଦିଆଯାଇଛି। ପ୍ରଶାନ୍ତ କୁମାର ଘୋଷଙ୍କୁ ଟାଙ୍ଗରା ଥାନାର ଅତିରିକ୍ତ ଓସି ଭାବରେ ନିଯୁକ୍ତ କରାଯାଇଛି। ସାଗର ମୁଖାର୍ଜୀଙ୍କୁ ଟାଲିଗଞ୍ଜ ଥାନାର ଅତିରିକ୍ତ ଓସି ଭାବରେ ନିଯୁକ୍ତ କରାଯାଇଛି। ମୃଣ୍ମୟ ମଜୁମଦାରଙ୍କୁ ଉଲଟୋଡଙ୍ଗା ଥାନାର ଅତିରିକ୍ତ ଓସି ଭାବରେ ନିଯୁକ୍ତ କରାଯାଇଛି, ସୁବୀର ସାହାଙ୍କୁ ସିନ୍ଥି ଥାନାର ଅତିରିକ୍ତ ଓସି ଭାବରେ ନିଯୁକ୍ତ କରାଯାଇଛି।

## ଗ୍ୟାରେଜ ନିଆଁରେ ଜଣେ ମୃତ

**କୋଲକାତା,୧୮।୧୧(ସଂଚାର ବ୍ୟୁରୋ):** ହାଓଡାର ବାଇକ୍ ଗ୍ୟାରେଜ ନିଆଁରେ ପୋଡି ଯାଇ ଗ୍ୟାରେଜ ମାଲିକଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ହାଓଡାର ସାଙ୍କ୍ରାଇଲର ମୌରି ନିମତାଲା ଅଞ୍ଚଳରେ ଏହି ଘଟଣା ଘଟିଛି। ମୃତ ବ୍ୟକ୍ତିଙ୍କ ନାମ ସନ୍ଦୀପ ଦାସ। ଯେଉଁ ଗ୍ୟାରେଜରେ ବାଇକ୍ ମରାମତି କରାଯାଉଥିଲା ତାହା ଆନ୍ଦୁଲ ରୋଡର ନିମତାଲାରେ ଅବସ୍ଥିତ। କାମ ସମୟରେ ଗ୍ୟାରେଜରେ ହଠାତ୍ ନିଆଁ ଲାଗିଯାଇଥିଲା। ଜ୍ୱଳନଶୀଳ ପଦାର୍ଥ ଗଚ୍ଛିତ ଥିବାରୁ ନିଆଁ ଦ୍ରୁତ ଗତିରେ ନିକଟବର୍ତ୍ତୀ ଦୋକାନଗୁଡ଼ିକୁ ନିଆଁ ବ୍ୟାପିବାର ଆଶଙ୍କା ଥିଲା। ଘଟଣାର ଖବର ପାଇବା ପରେ ଦୁଇଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଥିଲା। ବିଦ୍ୟୁତ୍ ସର୍ଟସର୍କିଟ୍ ଯୋଗୁଁ ନିଆଁ ଲାଗିଥାଇପାରେ। ମୃତଦେହକୁ ଉଦ୍ଧାର କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

### ହସିନାଙ୍କୁ ମୃତ୍ୟୁଦଣ୍ଡ। ଦେଶ ପରେ ବିଗୁଡୁଛି ସ୍ଥିତି

# ଜଳୁଛି ବାଂଲାଦେଶ: ଜୋରଦାର ବିକ୍ଷୋଭ



**ଢାକା,୧୮।୧୧:** ବାଂଲାଦେଶର ପୂର୍ବ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ କୋର୍ଟ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିବା ପରେ ପୁଣି ଥରେ ବାଂଲାଦେଶରେ ଅଶାନ୍ତି ଦେଖାଦେଇଛି। ଅର୍ନ୍ତରାଷ୍ଟ୍ରୀୟ ଅପରାଧ କୋର୍ଟ ପୂର୍ବ ପ୍ରଧାନମନ୍ତ୍ରୀ ହସିନାଙ୍କୁ ଛାତ୍ର ବିଦ୍ରୋହ ମାମଲାରେ ଦୋଷୀ ସାବ୍ୟସ୍ତ କରିବା ପରେ ଆୱାମୀ ଲିଗ୍ ସମର୍ଥକ ଓ ଅନ୍ୟ ଦଳର କର୍ମୀ ପୁଲିସ ସହ ଗଣ୍ଡଗୋଳ କରିଛନ୍ତି। ଏହି ଗଣ୍ଡଗୋଳ ବେଳେ ୨ ଜଣଙ୍କର ମୃତ୍ୟୁ ହୋଇଛି।

ସେପଟେ ପ୍ରଦର୍ଶନକାରୀମାନେ ରାଜଧାନୀ ଢ଼ାକାର ଅନେକ ରାସ୍ତା ଅବରୋଧ କରି ଆନ୍ଦୋଳନ ଚଳାଇଛନ୍ତି। ଏନେଇ ପୁଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ବାଂଲାଦେଶ ଗଣମାଧ୍ୟମ ମୁତାବକ ଆନ୍ଦୋଳନକାରୀଙ୍କୁ ନିୟନ୍ତ୍ରଣ କରିବାକୁ ପୁଲିସ ଲୁହବୁହା ଗ୍ୟାସ, ଲାଠି ଓ ଗ୍ରେନେଡ ବ୍ୟାବହାର କରିଛି। ଏନେଇ ସୋସିଆଲ ମିଡିଆରେ ଅନେକ ଭିଡିଓ ଭାଇରାଲ ହେଉଛି। ଏହି ଭିଡିଓରେ ଦେଖିବାକୁ ମିଳିଛି କି, ପୁଲିସ ପ୍ରଦର୍ଶନକାରୀଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟୁଛି। ଏହି କ୍ରମରେ ଧାନମଣ୍ଡି (ଯେଉଁଠି ଶେଖ୍ ହସିନାଙ୍କ ବାପା ଶେଖ୍ ମୁଜିବୁରଙ୍କ ଘର) ସେଠାରେ ମଧ୍ୟ ପ୍ରଦର୍ଶନକାରୀମାନେ ପହଞ୍ଚି ଜୋରଦାର ବିକ୍ଷୋଭ କରିଛନ୍ତି।

ସୂଚନା ଥାଉ କି, ୨୦୨୪ ମସିହାରେ ସରକାର ବିରୋଧୀ ଭୂମିକା ନେଇଥିବା ଶେଖ୍ ହସିନାଙ୍କ ଆୱାମୀ ଲିଗକୁ ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସ ବ୍ୟାନ କରିଦେଇଛନ୍ତି। ସୋମବାର ଦିନ ଆଇସିଟିର ରାୟ ଆସିବା ପୂର୍ବରୁ ଆୱାମୀ ଲିଗ୍ ତରଫରୁ ୨ ଦିନିଆ ରାଷ୍ଟ୍ରବ୍ୟାପୀ ବନ୍ଦ ଆହ୍ୱାନ ଦେଇଛନ୍ତି। ସେମାନଙ୍କ ଅଭିଯୋଗ ରହିଛି କି, କୋର୍ଟ ରାଜନୈତିକ ପ୍ରଣୋଦିତ ରାୟ ଦେଇଛନ୍ତି। ଅନ୍ୟପଟେ ଏସବୁ ମାମଲା ଉପରେ ଭାରତ ନଜର ରଖିଛି। କାରଣ ଶେଖ୍ ହସିନା ଏବେ ଭାରତ ଶରଣରେ ରହିଛନ୍ତି। ବିଦେଶ ମନ୍ତ୍ରଣାଳୟ କହିଛି କି, ପଡୋଶୀ ଦେଶ ହୋଇଥିବାରୁ ଭାରତ ସରକାର ବାଂଲାଦେଶର ପ୍ରତିଟି ଗତିବିଧି ଉପରେ ନଜର ରଖିଛି। ଭାରତ ସର୍ବଦା ବାଂଲାଦେଶ ନାଗରିକଙ୍କ ହିତ କଥା ଚିନ୍ତା କରୁଛି।

## ବ୍ୟାଗରୁ ମିଳିଲା ମଣିଷ ଖପୁରୀ, ହାଡ଼



**କୋଲକାତା,୧୮।୧୧(ସଂଚାର ବ୍ୟୁରୋ):** ସକାଳେ ବନଗାଁରେ ବ୍ୟାପକ ଉତ୍ତେଜନା। ଢାକପଡାର ୨୧ ନମ୍ବର ୱାର୍ଡର ବନବିବି ତାଲା ଅଞ୍ଚଳରେ ଏକ ବ୍ୟାଗରୁ ଏକ ମଣିଷ ଖପୁରୀ ଏବଂ ହାଡ଼ ବାହାରିଥିଲା। ବ୍ୟାଗଟି ଅଞ୍ଚଳରେ ପ୍ରାୟ ୩୦ ଦିନ ଧରି ଓଦା ଅବସ୍ଥାରେ ପଡ଼ି ରହିଥିଲା। ପାଣି ଶୁଖିବା ମାତ୍ରେ ସ୍ଥାନୀୟ ଚାଷୀ ପ୍ରଦ୍ୟୁତ ମଣ୍ଡଳ କୌତୁହଳବଶତଃ ବ୍ୟାଗଟି ଖୋଲିଥିଲେ। ଯେତେବେଳେ ସେ ବ୍ୟାଗର ଚେନ ଖୋଲିଲେ ସେତେବେଳେ ବ୍ୟାଗ ଭିତରୁ ଏକ ମଣିଷ ଖପୁରୀ ସମେତ ଅନେକ ହାଡ଼ ବାହାରିଥିଲା। ହାଡ଼ଗୁଡ଼ିକ ଉପରେ ଲାଲ କାଳିରେ କିଛି ଲେଖାଯାଇଛି। ଖବର ପାଇ ବନଗାଁ ଥାନାର ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଖପୁରୀ ଏବଂ ହାଡ଼ଗୁଡ଼ିକୁ ଉଦ୍ଧାର କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

● ମତର୍ଣ୍ଣ ପାଇଥିଆନ ଗେମ୍ସ ୨୦୨୫ରେ ଓଡ଼ିଶାର ପ୍ରଦର୍ଶନ

## ବାଳିକା ଜିତିଲେ ରୌପ୍ୟ, ବାଳକ ଦଳକୁ ବ୍ରୋଞ୍ଜ



**ଭୁବନେଶ୍ୱର,୧୮।୧୧(ସଂଚାର ବ୍ୟୁରୋ):** ଗତ ୭ରୁ ୯ ତାରିଖ ଯାଏ ବେଙ୍ଗାଲୁରୁରେ ଆୟୋଜିତ ହୋଇଥିଲା ମତର୍ଣ୍ଣ ପାଇଥିଆନ ଗେମ୍ସ-୨୦୨୫। ଏଥିରେ ଓଡ଼ିଶା ମହିଳା ଦଳକୁ ରୌପ୍ୟ ଓ ବାଳକ ଦଳକୁ ବ୍ରୋଞ୍ଜ ପଦକ ମିଳିଥିଲା। ଓଡ଼ିଶା ପିଟୁ ସଂଘର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ଉପଦେଷ୍ଟା ନୀଳକଣ୍ଠ ସାମଲ, ସଭାପତି ଶକ୍ତି ପ୍ରକାଶ ପତି, ଉପସଭାପତି ମହେଶ କୁମାର ମିଶ୍ରଙ୍କ ସହ ଅତିଥି ଭାବେ ପ୍ରଶାନ୍ତ କୁମାର ରାଉତ, ସୂର୍ଯ୍ୟପ୍ରକାଶ ପତି, ଜି. ରାମ କିଶୋର, ନାରାୟଣ ଜେନା, ଯଯାତି ଜେନା ଓ କୁଶ ନାୟକ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରତିଯୋଗିତାରେ ଭାଗ ନେଇଥିବା ଓଡ଼ିଶା ବାଳକ ଦଳରେ ସ୍ୱାଧୀନ ସାମଲ (ଅଧିନାୟକ), ପ୍ରଶାନ୍ତ ସାହୁ, ତେଜସ୍ୱ ମହାରଣା, ଚନ୍ଦନ ଆଚାର୍ଯ୍ୟ, ଏମ. ସାହିଲ, ନକବୁଲ ଅମିନ, ଶିବ ବିରୁଆ, ବିନୋଦ ମୁଦୁଲି, ବାଦଲ ଜେନା,ଭାସ୍କର ପାତ୍ର, ଶିନସୁ ଶେଖର ଦାସ, ରାହୁଲ ନାଥ ରହିଥିବା ବେଳେ ସତୀଶ ଶର୍ମା କୋଚ୍ ଓ ସୁରେଶ କୁମାର ଭଞ୍ଜ ମ୍ୟାନେଜର୍ ଭାବେ ରହିଥିଲେ। ସେହିପରି ବାଳିକା ଦଳରେ ମୋନାଲିସା କାଣ୍ଡି, ଏମ. ଅମ୍ରିତା, ଆଞ୍ଜେଲ ମଲ୍ଲିକ, ଏସ. ରୋଜା, ଉର୍ବଶୀ ବେହେରା, ରେଖା ବେହେରା, ଶୁଭଶ୍ରୀ ଭଞ୍ଜ, ଶ୍ରାବଣୀ ପାଇକରାୟ, ରୁପାଲି ଭଞ୍ଜ, ପ୍ରତୀକ୍ଷା ବଳ ରହିଥିବା ବେଳେ କୋଚ୍ ଜିତେନ୍ଦ୍ର କୁମାର ରାଉତ ଓ ମ୍ୟାନେଜର ବିଷ୍ଣୁପ୍ରିୟା ଦାସ ରହିଥିଲେ।

## ବିଶ୍ୱଭାରତୀରେ ଅଗ୍ନିକାଣ୍ଡ

**କୋଲକାତା,୧୮।୧୧(ସଂଚାର ବ୍ୟୁରୋ):** ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ଭାଷା ଭବନର ଦ୍ୱିତୀୟ ମହଲାରେ ଧୂଆଁ ବାହାରୁଥିବା ଦେଖି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ଦମକଳ ବିଭାଗକୁ ମଧ୍ୟ ଖବର ଦିଆଯାଇଥିଲା। ଘଟଣାସ୍ଥଳରେ ଗୋଟିଏ ଦମକଳ ଗାଡ଼ି ପହଞ୍ଚିଥିଲା। ଯଦିଓ ସୁରକ୍ଷା କର୍ମୀମାନେ ସେତେବେଳକୁ ନିଆଁକୁ ନିୟନ୍ତ୍ରଣ କରିଥିଲେ। ପ୍ରାରମ୍ଭିକ ତଦନ୍ତରେ, ଭାଷା ଭବନର ଏସିରେ କୌଣସି ପ୍ରକାରର ସର୍ଟ ସର୍କିଟ୍ ଯୋଗୁଁ ନିଆଁ ଲାଗିଥିଲା ବୋଲି ଦମକଳ ବିଭାଗ ଅନୁମାନ କରିଛି। ତା'ପରେ ଧୂଆଁ ବାହାରୁଥିବା ଦେଖାଯାଇଥିଲା। ତେବେ, କୌଣସି ବଡ଼ କ୍ଷତି ହୋଇନାହିଁ। ଏହି ଘଟଣାର ତଦନ୍ତ ଚାଲିଛି।

## ମେଟା-ଜାଗୃତି ଧାମ ପକ୍ଷରୁ ମଧୁମେହ ଦିବସ



**କୋଲକାତା,୧୮।୧୧ (ସଂଚାର ବ୍ୟୁରୋ):** ମେଟା (ଦାନ) ଫାଉଣ୍ଡେସନ୍ ଏବଂ ଜାଗୃତି ଧାମ ସିନିୟର ଲିଭିଂ ବିଶ୍ୱ ମଧୁମେହ ଦିବସ ଏବଂ ଶିଶୁ ଦିବସ ପାଳନ କରିଲା, ଯାହାର ଶୀର୍ଷକ 'ପିଢ଼ି ପାର କରି ଜୀବନ ପାଳନ କରନ୍ତୁ'। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ, ଟାଇପ୍ ୧ ମଧୁମେହ ପୀଡିତ ଶିଶୁ, ଡାକ୍ତରୀ ବୃତ୍ତିଗତ ଏବଂ କଳାକାରମାନେ ଯୋଗ ଦେଇଥିଲେ। ପ୍ରତିଷ୍ଠାତା ଟ୍ରଷ୍ଟି ରବିନ୍ଦ୍ର ଚମାରିଆ, ପ୍ରଖ୍ୟାତ ମଧୁମେହ ବିଶେଷଜ୍ଞ ଦେବାଶିଷ ବସୁ ଯୋଗଦେଇଥିଲେ।

# ସମୀରଦା'ଙ୍କ ସେବାଭାବ ଆମ ପାଇଁ ପଥପ୍ରଦର୍ଶକ



**କଟକ,୧୮।୧୧ (ସଂଚାର ବ୍ୟୁରୋ):** ବିଜେପିର ବରିଷ୍ଠ ନେତା ତଥା ଦିବଂଗତ ପୂର୍ବତନ ବିଧାୟକ ସମୀର ଦେଙ୍କ ଜନସେବା, ସରଳତା, ପରିଶ୍ରମ ଓ ଦୃଢ଼ ସଙ୍କଳ ଆମ ସମସ୍ତଙ୍କ ପାଇଁ ପ୍ରେରଣା। ସମୀର ଦା'ଙ୍କ ରାଜନୈତିକ ଯାତ୍ରା କେବଳ ଦଳୀୟ ରାଜନୀତି ପର୍ଯ୍ୟନ୍ତ ସୀମାବଦ୍ଧ ନଥିଲା; ସେ ଥିଲେ ସାଧାରଣ ଲୋକମାନଙ୍କ ମଧ୍ୟରୁ ଉଠିଆସିଥିବା ଜଣେ ଦୃଢ଼ ପ୍ରତିନିଧି। ସମୀର ଦା ଆମ ପାଖରେ ଶାରୀରିକ ଭାବେ ନାହାନ୍ତି ସତ, କିନ୍ତୁ ସେ କାନେ କାନେ କହି ଯାଇଥିବା ଦାୟିତ୍ୱବୋଧ, ସେ ବୁଣିଥିବା ଉନ୍ନତିର ସୂତା ଓ ସେ ଶିଖାଇଥିବା ସେବାଭାବ ଆଗାମୀ ପିଢ଼ି ପାଇଁ ଏକ ପଥଦର୍ଶକ ହୋଇ ରହିବ ବୋଲି ଆଜି କଟକ ସହିଦ ଭବନରେ ଆୟୋଜିତ ହୋଇଥିବା ସମୀର ଦେଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ତାଙ୍କ ସ୍ମୃତିଚାରଣ କରି ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜଣେ ଖାଣ୍ଟି କଟକିଆ ଥିଲେ ସମୀର ଦେ। କଟକ ସହର ଯେଉଁ ଭାଇଚାରା ପାଇଁ ପ୍ରସିଦ୍ଧ, ସମୀର ଦେ ଥିଲେ ତାହାର ଜ୍ୱଳନ୍ତ ପ୍ରତୀକ। କଟକର ସବୁ ସଂଗଠନ, ସବୁ କମିଟି, ବିଭିନ୍ନ କ୍ରୀଡା ସଂଘ, ବିଭିନ୍ନ କର୍ମଚାରୀ ସଂଗଠନ ସବୁଥିରେ ସେ ଥିଲେ ଆଗ ଧାଡିର ସଂଗଠକ ଓ ନେତା। ୧୯୯୫ ରୁ ୨୦୦୪ ପର୍ଯ୍ୟନ୍ତ, କ୍ରମାଗତ ଭାବେ ତିନିଥର କଟକ ସହରରୁ ବିଜୟୀ ହେବା ଏକ ସାମାନ୍ୟ କଥା ନୁହେଁ। ଏହା ତାଙ୍କ ଲୋକପ୍ରିୟତାର ଶ୍ରେଷ୍ଠ ପ୍ରମାଣ। ତାଙ୍କ ପ୍ରଚେଷ୍ଟାରେ ରେଭେନ୍ସା ମହାବିଦ୍ୟାଳୟ ବିଶ୍ୱବିଦ୍ୟାଳୟ ହୋଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

## ଭୋଟର ତାଲିକା ଯାଞ୍ଚ ପାଇଁ ରାଜ୍ୟରେ କମିଶନ ପ୍ରତିନିଧି ଦଳ



**କୋଲକାତା,୧୮।୧୧ (ସଂଚାର ବ୍ୟୁରୋ):** ନିର୍ବାଚନ କମିଶନର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ମଙ୍ଗଳବାର କୋଲକାତାରେ ପହଞ୍ଚି ଏସ୍ଆଇଆର୍ କାର୍ଯ୍ୟର ଅଗ୍ରଗତି ଏବଂ ଭୋଟର ତାଲିକାର ସ୍ୱଚ୍ଛତା ସମୀକ୍ଷା କରିଛନ୍ତି। ପ୍ରତିନିଧି ଦଳରେ ବରିଷ୍ଠ ଉପ-ନିର୍ବାଚନ କମିଶନର ଜ୍ଞାନେଶ ଭାରତୀ, ପ୍ରମୁଖ ସଚିବ ଏସ. ବି. ଜୋଶୀ, ପ୍ରମୁଖ ସଚିବ ମଳୟ ମଲ୍ଲିକ ଏବଂ ଉପ-ସଚିବ ଅଭିନବ ଅଗ୍ରୱାଲ ସାମିଲ ଅଛନ୍ତି।

କୋଲକାତାରେ ପହଞ୍ଚିବା ପରେ ବୈଠକ ପର୍ଯ୍ୟାୟ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ କୋଲକାତା ଉତ୍ତର ଏବଂ ଦକ୍ଷିଣର ଡିଇଓ ଏବଂ ଇଆର୍ଓଙ୍କ ସହିତ ବୈଠକ ହୋଇଛି। ପରେ, କମିଶନର ଅଧିକାରୀମାନେ ଆଲିପୁରରେ ଦକ୍ଷିଣ ୨୪ ପ୍ରଗଣାର ନିର୍ବାଚନ ଅଧିକାରୀଙ୍କ ସହିତ ଦ୍ୱିତୀୟ ପର୍ଯ୍ୟାୟ ବୈଠକ କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଗାଦିମଡ଼ାଙ୍କୁ...

ଦେଇଛନ୍ତି। ଏଥିସହ କାର୍ଯ୍ୟକ୍ରମ ଓ ଯୋଜନା ବାବଦ ଖର୍ଚ୍ଚ ସହ ଏହାର ଅଗ୍ରଗତି ସମ୍ପର୍କରେ ନିୟମିତ ବ୍ୟବଧାନରେ ସମୀକ୍ଷା କରିବା, ଲଘୁ ଖଣିଜ ଦ୍ରବ୍ୟର ଚୋରା କାରବାରକୁ ରୋକିବା, ଚୋରା ମଦ କାରବାର ବିରୋଧରେ ଏନ୍‌ଫୋର୍ସମେଣ୍ଟକୁ ଅଧିକ କଡ଼ାକଡ଼ି କରିବା, ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଜନଜାତି ସମ୍ପ୍ରଦାୟଙ୍କୁ ଜଙ୍ଗଲଜାତ ଲଘୁ ଦ୍ରବ୍ୟ ସଂଗ୍ରହ ଓ ବିକ୍ରିବଟା କ୍ଷେତ୍ରରେ ଆଇନ ଅନୁଯାୟୀ ସହାୟତା ପ୍ରଦାନ କରିବା, ଧାନ ସଂଗ୍ରହ ଋତୁରେ ଧାନ ଚୋରାଚାଲଣ ପ୍ରତି ତୀକ୍ଷ୍ଣ ନଜର ରଖିବା ଆଦି ଉପରେ ଗୁରୁତ୍ୱ ଦେବା ସକାଶେ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସେ ଜିଲ୍ଲାପାଳମାନଙ୍କୁ ସେମାନଙ୍କ କ୍ଷମତାର ଉଚିତ ବ୍ୟବହାର ପୂର୍ବକ ସବୁ ସ୍ତରରେ ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛ ଶାସନ ପାଇଁ ପ୍ରୟାସ କରିବାକୁ ଆହ୍ୱାନ ଦେଇଛନ୍ତି। ଜିଲ୍ଲା ଓ ବ୍ଲକ ସ୍ତରରେ ସମସ୍ତ ସରକାରୀ ନଥିପତ୍ର, ନୋଟିସ୍, ବିବରଣୀ ଓ ବିଜ୍ଞାପନ ଓଡ଼ିଆ ଭାଷାରେ କରିବା ସହ କାର୍ଯ୍ୟାଳୟକୁ ଆସୁଥିବା ଜନପ୍ରତିନିଧିଙ୍କୁ ସମ୍ମାନ ଓ ସୌଜନ୍ୟମୂଳକ ବ୍ୟବହାର ପ୍ରଦର୍ଶନ ପାଇଁ ପରାମର୍ଶ ଦେଇଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ ସରକାର ଓ ପ୍ରଶାସନର ଗତି ସମାନ୍ତରାଳ ନ ହେଲେ ସମାଜର ଅନ୍ତିମ ଧାଡ଼ି ନିକଟରେ ଯୋଜନାର ସୁଫଳ ପହଞ୍ଚିପାରିବନାହିଁ। ତେଣୁ ଲୋକଙ୍କ ସରକାରରେ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା ଓ କାର୍ଯ୍ୟକ୍ରମକୁ ଧାର୍ଯ୍ୟ ସମୟରେ ସାରି ଲୋକଙ୍କ ପାଖରେ ପହଞ୍ଚାଇବାକୁ ସେ ପରାମର୍ଶ ଦେଇଛନ୍ତି। ଏହାଛଡ଼ା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ବିଗତ ଦେଢ଼ ବର୍ଷରେ ରାଜ୍ୟବାସୀଙ୍କ ପାଇଁ ସଫଳତାପୂର୍ବକ ଅନେକ କଲ୍ୟାଣକାରୀ ଯୋଜନା ପ୍ରଣୟନ କରାଯାଇଛି। ଲୋକଙ୍କୁ ମୌଳିକ ସୁବିଧା ତଥା ସାଧାରଣ ସେବା ଯୋଗାଇଦେବା ପାଇଁ ଲୋକଙ୍କ ପାଖକୁ ଯାଇ ସ୍ଥିତି ଅନୁଧ୍ୟାନ କରି ଉପଯୁକ୍ତ ପଦକ୍ଷେପ ନେବା ଦିଗରେ ଜିଲ୍ଲାପାଳମାନେ ଯତ୍ନବାନ ହେବାକୁ ଶ୍ରୀ ପୂଜାରୀ ପରାମର୍ଶ ଦେଇଛନ୍ତି। ଏଥିସହ ସେ ଜନକୈନ୍ଦ୍ରିକ ପ୍ରଶାସନିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବାକୁ କହିଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଉପସ୍ଥିତ ଥିବା ବେଳେ ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିଲେ। ସେହିପରି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଧନ୍ୟବାଦ ଦେଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳ ଓ ଏସ୍‌ପିମାନଙ୍କୁ ୯ଟି ଟାସ୍କ ଦେଇଛନ୍ତି, ଯାହା ରାଜ୍ୟରେ ସୁଶାସନର ମୂଳଦୁଆ ପକାଇପାରିବ। ଏହାକୁ ମୋହନଙ୍କ ନବସୂତ୍ରୀ ଯୋଜନା ବି କୁହାଯାଇପାରେ। ଏଥିରେ ଗାଦି ମଡ଼ା ଅଫିସରଙ୍କୁ ତୁରନ୍ତ ବଦଳାଇବା ସହ ସୋସିଆଲ୍ ମିଡିଆର ଉପଯୋଗ ଏକ ପ୍ରମୁଖ ଟାସ୍କ ରହିଛି। ଆହୁରି ଦୁର୍ନୀତି ହଟାଅ, ସଚ୍ଚୋଟତା ଓ ସାଧୁତା ରଖିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଦେବା ସହ ଦୁର୍ନୀତି ପାଇଁ ସରକାର ବଦନାମ ହେଲେ ଏହାକୁ କଦାପି ବରଦାସ୍ତ କରାଯିବନି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ଏସି ରୁମ୍‌ରେ ବସି ନ ରହି ଅଧିକାରୀମାନେ ଅଧିକରୁ ଅଧିକ ଫିଲ୍ଡ ଭିଜିଟ୍ କରି ତୃଣମୂଳ ସ୍ତରରେ କାମ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଆହୁରି ଶାସନ ପ୍ରଶାସନରେ ଟେକ୍ନୋଲୋଜିର ବ୍ୟବହାର କରି ରିୟଲ ଟାଇମ ଡାଟା ବ୍ୟବହାର ପୂର୍ବକ ସମସ୍ୟାର ସମାଧାନ ସକାଶେ ସେ ନିର୍ଦ୍ଦେଶ ଦେଇଛନ୍ତି। ସାଧାରଣ ଲୋକଙ୍କ ସମସ୍ୟାର ତ୍ୱରିତ ସମାଧାନ ପାଇଁ ଅଭିଯୋଗ ଶୁଣାଣିକୁ ପ୍ରାଧାନ୍ୟ ଦେବା ସହ ଜିଲ୍ଲା ସ୍ତରରେ ଲୋକଙ୍କ ଅଭିଯୋଗ ଶୁଣିବାକୁ ଜିଲ୍ଲାପାଳମାନଙ୍କୁ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି।

ଏହାଛଡ଼ା ଲୋକଙ୍କ ପାଖରେ ବେଶ୍ ସହଜରେ ସରକାରୀ କାର୍ଯ୍ୟର ସଫଳତା ପହଞ୍ଚାଇବାକୁ ସୋସିଆଲ ମିଡ଼ିଆର ସହଯୋଗ ନେବା ସହ ଏହା ମାଧ୍ୟମରେ ପ୍ରଚାର ଓ ସରକାରୀ ସୂଚନା ବ୍ୟାପକ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ସେହିପରି ଆଉଟସୋର୍ସିଂ କମାଇବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହ ରାଜ୍ୟ ସ୍ତରରେ ପିଏମ୍‌ୟୁ ଓ ଜିଲ୍ଲା ସ୍ତରରେ ଆଉଟସୋର୍ସ ଅଭ୍ୟାସ ପରିତ୍ୟାଗ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

## ପ୍ରତିଷ୍ଠା ହେବ...

ଦୃଷ୍ଟିରେ ରଖି ରାଜ୍ୟ ସରକାର ଭୁବନେଶ୍ୱର ତହସିଲକୁ ବିଭାଜନ କରି ୨ଟି ନୂଆ ତହସିଲ, କଟକ ତହସିଲକୁ ବିଭାଜନ କରି ଗୋଟିଏ ନୂଆ ତହସିଲ ଓ ସମ୍ବଲପୁର ତହସିଲକୁ ବିଭାଜନ କରି ଗୋଟିଏ ନୂଆ ତହସିଲ ସୃଷ୍ଟି କରିବାକୁ ନିଷ୍ପତ୍ତି ନେଇଛନ୍ତି। ରାଜସ୍ୱ ବିଭାଗ ପକ୍ଷରୁ ନିର୍ଦ୍ଧାରିତ ଫର୍ମାଟରେ ଆସନ୍ତା ୭ଦିନ ମଧ୍ୟରେ ବିସ୍ତୃତ ପ୍ରସ୍ତାବ ଦାଖଲ କରିବାକୁ ଖୋର୍ଦ୍ଧା, କଟକ ଓ ସମ୍ବଲପୁର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପ୍ରସ୍ତାବରେ ନୂଆ ତହସିଲଗୁଡ଼ିକର ପ୍ରସ୍ତାବିତ ସ୍ଥାନ, ଆରଆଇ ସର୍କଲଗୁଡ଼ିକର ନାମ, ସେହି ତହସିଲରେ ସଂଯୁକ୍ତ ହେବାକୁ ଥିବା ଗ୍ରାମଗୁଡ଼ିକର ନାମ ଓ ସେଗୁଡ଼ିକର ପ୍ରାସଙ୍ଗିକ ପୁଲିସ ଥାନାର ନାମ ଉଲ୍ଲେଖ କରିବାକୁ କୁହାଯାଇଛି। ପ୍ରସ୍ତାବ ପ୍ରସ୍ତୁତି ସମୟରେ ଭୌଗୋଳିକ ସୀମା ଓ ସାଧାରଣଙ୍କ ଲୋକଙ୍କ ପାଇଁ ପ୍ରଶାସନିକ ସୁବିଧାକୁ ଦୃଷ୍ଟିରେ ରଖିବାକୁ କୁହାଯାଇଛି।

ସେହିପରି ଏହି ପ୍ରସ୍ତାବ ଚୂଡ଼ାନ୍ତ କରିବାବେଳେ ନିର୍ବାଚିତ ଜନପ୍ରତିନିଧି ଓ ଅଂଶୀଦାରମାନଙ୍କ ସହ ଆଲୋଚନା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ନୂଆ ତହସିଲଗୁଡ଼ିକ ପାଇଁ ଆବଶ୍ୟକ କର୍ମଚାରୀ ଓ ଆର୍ଥିକ ବିବରଣୀକୁ ସଂପୃକ୍ତ ରାଜସ୍ୱ ଡିଭିଜନାଲ୍ କମିଶନରଙ୍କ (ଆରଡିସି) ମାଧ୍ୟମରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ବିଭିନ୍ନ ରାଜସ୍ୱ ମାମଲାର ତଥ୍ୟ, ଆବଶ୍ୟକ କର୍ମଚାରୀଙ୍କ ତାଲିକା, ଦରମା ବାବଦ ବ୍ୟୟ , ନୂଆ କୋଠା ନିର୍ମାଣ, ଆଇଟି ଭିତ୍ତିଭୂମି ଓ କର୍ମଚାରୀ କ୍ୱାର୍ଟର୍ସ ପାଇଁ ଆବଶ୍ୟକ ଅର୍ଥ ବିବରଣୀ ଦାଖଲ କରିବାକୁ କୁହାଯାଇଛି।

## ରାଜ୍ୟରୁ...

ଆଗମନକୁ ଦୃଷ୍ଟିରେ ରଖି ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଯେଉଁମାନେ କୌଣସି ପ୍ରକାର ବେଆଇନ୍ କାର୍ଯ୍ୟରେ ଲିପ୍ତ ରହୁଛନ୍ତି, ସେମାନେ ଅନୁପ୍ରବେଶକାରୀ ହୁଅନ୍ତୁ ଅବା ଅନ୍ୟ କେହି, ସମସ୍ତଙ୍କ ବିରୋଧରେ ସରକାରଙ୍କ ଆଭିମୁଖ୍ୟ କଠୋର ରହିବ।

କେବଳ ସେତିକି ନୁହେଁ, ତଟବର୍ତ୍ତୀ ଅଞ୍ଚଳର ସୁରକ୍ଷା ଉପରେ ଗୁରୁତ୍ୱ ଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ତଟବର୍ତ୍ତୀ ଅଞ୍ଚଳର ପୁଲିସକୁ ସଶକ୍ତ କରାଯାଇଛି ଓ କୋଷ୍ଟ ଗାର୍ଡ ମଧ୍ୟ ପ୍ରତି ମୁହୂର୍ତ୍ତରେ ନିରୀକ୍ଷଣ ବ୍ୟବସ୍ଥା ଜାରି ରଖିଛି। ଯେଉଁମାନେ ଅନୁପ୍ରବେଶ କରିଛନ୍ତି, ସେମାନଙ୍କୁ ଚିହ୍ନଟ କରିବା ପାଇଁ ସରକାର ସମସ୍ତ ବ୍ୟବସ୍ଥା ହାତକୁ ନେଇଛନ୍ତି। ଜଗତସିଂହପୁର ପରେ ଏବେ ଭଦ୍ରକ ଜିଲ୍ଲାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଉପରେ ଚଢ଼ାଉ କରାଯାଇଛି। ଭଦ୍ରକ ଗ୍ରାମାଞ୍ଚଳ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୭ ଜଣ ବାଂଲାଦେଶୀଙ୍କୁ ଅଟକ ରଖିଛି। ସେହିପରି ଅଟକ ରହିଥିବା ବାଂଲାଦେଶୀମାନଙ୍କର ଆବଶ୍ୟକ କାଗଜପତ୍ର ଯାଞ୍ଚ କରାଯାଉଛି। ଏହି ଅଭିଯାନ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ଓ ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସରକାରଙ୍କ କଠୋର ଆଭିମୁଖ୍ୟର ଏକ ଅଂଶବିଶେଷ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

## ମାଇନସ୍...

ଦାୟିତ୍ୱ ଦେଲେ। ଆଶ୍ଚର୍ଯ୍ୟର କଥା ହେଉଛି, କ୍ରୀତଦାସ ନିଜ ସହ ଯାହାକୁ ରଖିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଗତ ନିର୍ବାଚନରେ ହାରିଥିଲେ। ସେହିପରି ଭୋଟ ପରେ ସୁପ୍ରିମୋଙ୍କୁ ଇମ୍ପ୍ରେସନ ଦେଲେ ଯେ ନୂଆପଡ଼ା ବ୍ଲକରୁ ବିଜେଡି ୩ ହଜାର ମାଇନସ ହେବ ଆଉ ତାହା କୋମନା ବ୍ଲକରେ ମେକଅପ ହେବ। ହେଲେ ଫଳ ହେଲା ଠିକ୍ ଓଲଟା। ଏହି ଆଗଚଲା ନେତାଙ୍କ ନେତୃତ୍ୱରେ କୋମନା ବ୍ଲକରେ ବିଜେପିଠାରୁ ବିଜେଡି ୩୯୬୧୯ ଖଣ୍ଡ ଭୋଟ୍ ମାଇନସରେ ରହିଲା। କେବଳ ସେତିକି ନୁହେଁ, ନୂଆପଡ଼ା ବ୍ଲକରେ କଂଗ୍ରେସଠାରୁ ବିଜେଡି ପ୍ରାୟ ୧୪ ଶହ ଭୋଟ୍ ଅଧିକ ପାଇଥିଲା। ହେଲେ କୋମନାରେ କଂଗ୍ରେସ ନୂଆପଡ଼ାର ୧୪ ଶହ ମାଇନସକୁ କାଟି ସାମଗ୍ରିକ ଭାବେ ୧୭ ଶହ ଭୋଟ୍‌ରେ ଲିଡ କଲା। ଉପନିର୍ବାଚନ ଫଳାଫଳ ପରେ ବିଜେଡିର ଏହି ସବ୍ ଜାନ୍ତା ଓ ଆତ୍ମଘୋଷିତ କରିତକର୍ମା ନେତାଙ୍କ ପାରିବାପଣିଆ ଧରାପଡ଼ିଯାଇଛି। ନେତାମାନେ ପଛରେ ଛି' ଛାକର କରୁଥିଲେ ବି ସୁପ୍ରିମୋଙ୍କ ଭୟରେ ମୁହଁରେ କହିପାରୁନାହାଁନ୍ତି। ବିଜେଡି ସଭାପତିଙ୍କ ପାଖରେ ଏବେ ବି ସମୟ ଅଛି, ଏଭଳି ବାହାପିଆ ନେତାଙ୍କୁ ଚିହ୍ନି ରଖନ୍ତୁ। ନ ହେଲେ ଆଗକୁ ଦଳ ଆହୁରି ବଦନାମ ହେବା ସହ କ୍ରୀତଦାସ ନିଜ ଦାସତ୍ୱ ରକ୍ଷା କରିବାକୁ ବିଜେଡିକୁ ବିପକ୍ଷ ହାତରେ ବିକ୍ରି କରିଦେବାର ଆଶଙ୍କା ମଧ୍ୟ ରହିଛି।

## ରୋଗୀଙ୍କୁ...

ନେଇ ରହୁଥିବା ବେଳେ କଟକ ଏସ୍‌ସିବିରେ କାମ କରେ। ତେବେ ଦୁଇ ଦିନ ତଳେ ମେଡିସିନ୍ ୱାର୍ଡ ଆଇସିୟୁରେ ଚିକିତ୍ସାଧୀନ ଥିବା ଉକ୍ତ ପୀଡ଼ିତା ଜଣଙ୍କ ପ୍ରତି ମାନସ ଅସଦାଚରଣ କରିଥିଲା। ପୀଡ଼ିତାଙ୍କ ମା' ଏନେଇ ଆଜି ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ୍ ମାନସକୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି ଓ ଏନେଇ ଅଧିକ ତଦନ୍ତ ଚଳାଇଛି। ମାନସକୁ ଏକ ଘରୋଇ କନ୍‌ସଲ୍‌ଟାନ୍ସି ଫାର୍ମ ଏଠାରେ ନିଯୁକ୍ତି ଦେଇଥିଲା। ଥାନାରେ ହୋଇଥିବା ଅଭିଯୋଗ ଅନୁସାରେ, ଘଟଣା ଦିନ ରାତି ପ୍ରାୟ ୯ଟା ସମୟରେ ମାନସ ଜଣେ ରୋଗୀଙ୍କୁ ଅନ୍ୟତ୍ର ଶିଫ୍ଟ କରୁଥିବା ସମୟରେ ପୀଡ଼ିତା ତାଙ୍କୁ ପିଇବା ପାଇଁ ପାଣି ମାଗିଥିଲେ। ତେବେ ମାନସ ତାଙ୍କୁ ପାଣି ଦେବା ସମୟରେ ଅସଦାଚରଣ କରିଥିବା ପୀଡ଼ିତା ଜଣଙ୍କ ଅଭିଯୋଗ କରିଛନ୍ତି। ପରଦିନ ସେ ଏନେଇ ତାଙ୍କ ମା'ଙ୍କୁ ଜଣାଇବା ପରେ ସେ ଆଜି ଥାନାରେ ପହଞ୍ଚି ଏତଲା ଦେଇଛନ୍ତି। ତେବେ ଏନେଇ ପୀଡ଼ିତା କିମ୍ବା ପୁଲିସ୍ ପକ୍ଷରୁ କୌଣସି ପ୍ରକାର ପ୍ରତିକ୍ରିୟା ମିଳିପାରିନାହିଁ। ସୂଚନାଯୋଗ୍ୟ ଯେ ଗତ ଅଗଷ୍ଟ ୭ ତାରିଖରେ କଟକ ସଦର ପୁଲିସ୍ ଥାନାଞ୍ଚଳର ଏକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଧ୍ୟ ଯୌନ ନିର୍ଯାତନା ନେଇ ଏକ ଅଭିଯୋଗ ଆସିଥିଲା।

## ଏନକାଉଣ୍ଟରରେ...

ଗାର୍ଡସ ରହିଛନ୍ତି। ୧୯୮୧ରେ ମଧ୍ୟପ୍ରଦେଶରେ ଥିବା ସୁକମାରେ ଜନ୍ମ ଗ୍ରହଣ କରିଥିବା ହିଡ୍‌ମା ସମୟକ୍ରମେ ପିପୁଲ୍ସ ଲିବେରେସନ ଗରିଲା ଆର୍ମିର ନେତୃତ୍ୱ ନେଇଥିଲା। ସେ ସିପିଆଇ ମାଓବାଦୀର କେନ୍ଦ୍ରୀୟ କମିଟିରେ କନିଷ୍ଠ ସଦସ୍ୟ ଭାବେ ନିଜକୁ ସାମିଲ କରିବାକୁ ସକ୍ଷମ ହୋଇଥିଲା। ମାଓବାଦୀ କାର୍ଯ୍ୟକଳାପର ନିଷ୍ପତ୍ତି ଏହି କେନ୍ଦ୍ରୀୟ କମିଟି ନେଇଥାଏ। ସେ ବସ୍ତର ରିଜନର ଏକମାତ୍ର ଆଦିବାସୀ ସଦସ୍ୟ ଭାବେ କେନ୍ଦ୍ରୀୟ କମିଟିରେ ରହିଥିଲା। ୪୩ ବର୍ଷୀୟ ହିଡ଼ମାର ମୁଣ୍ଡ ଉପରେ ୫୦ ଲକ୍ଷରୁ ୧ କୋଟି ଟଙ୍କା ଯାଏ ପୁରସ୍କାର ରହିଥିଲା। ତା' ପତ୍ନୀ ରାଜେ ଓରଫ ରାଜାକ୍କା ମଧ୍ୟ ସବୁବେଳେ ତା' ସହ ରହିଥାଏ। ୨୦୧୦ ମସିହାରେ ଦାନ୍ତେୱାଡାରେ ହୋଇଥିବା ନକ୍ସଲ ଆକ୍ରମଣଠାରୁ ଆରମ୍ଭ କରି ୨୦୧୩ ଝିରାମ ଘାଟିରେ ହୋଇଥିବା ଆମ୍ବୁସ ଭଳି ବଡ଼ବଡ଼ ନକ୍ସଲ ହମଲାରେ ହିଡମା ସକ୍ରିୟ ଭୂମିକା ଗ୍ରହଣ କରିଥିଲା। ଦାନ୍ତେୱାଡା ହମଲାରେ ୭୬ ଜଣ ସିଆରପିଏଫ ଯବାନ ସହିଦ ହୋଇଥିବା ବେଳେ ୨୦୧୩ ଝିରାମ ଘାଟି ଆକ୍ରମଣରେ ୨୭ ଜଣଙ୍କ ଜୀବନ ଯାଇଥିଲା। ୨୦୨୧ ସୁକମା-ବିଜାପୁର ଆମ୍ବୁସରେ ମଧ୍ୟ ହିଡମା ସାମିଲ ଥିଲା। ଏଥିରେ ୨୨ ଜଣ ଯବାନ ସହିଦ ହୋଇଥିଲେ। ଏବେ ଏନକାଉଣ୍ଟର୍‌ରେ ହିଡମାର ମୃତ୍ୟୁ ହେବା ଫଳରେ ଏହା ମାଓବାଦୀ ସଂଗଠନ ପ୍ରତି ଅଦ୍ୟାବଧି ସବୁଠାରୁ ବଡ଼ ଝଟକା ବୋଲି କୁହାଯାଉଛି।

## ଅହଂକାରୀ...

ଅଳ୍ପ କିଛି ଷ୍ଟଲ୍ ପଡ଼ିଥିଲା। ସେହିପରି ପ୍ରୋଟୋକଲ ହିସାବରେ ରାଜ୍ୟପାଳଙ୍କ ପାଖରେ ମେୟର ବସିବା ବଦଳରେ ଗୋଡ଼ ଉପରେ ଗୋଡ଼ ପକାଇ ବସିଥିଲେ ଜିଲ୍ଲାପାଳ। ଏପରି ଆଚରଣ ଦ୍ୱାରା ରାଜ୍ୟର ସାମ୍ବିଧାନିକ ମୁଖ୍ୟ ପଦକୁ ଅସମ୍ମାନ କରିଛନ୍ତି କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ। ଇଏ ସେଇ ଅଫିସର ଯାହାଙ୍କ ସମୟରେ ଚଳିତ ବର୍ଷର ଦଶହରା ଭସାଣି ସମୟରେ କଟକରେ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି ହୋଇଥିଲା। କଟକରେ ସବୁ ଧର୍ମ ଓ ଜାତିର ଲୋକ ବସବାସ କରୁଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ଥିବା ଐକ୍ୟ ପାଇଁ ଏହାକୁ ଭାଇଚାରାର ସହର କୁହାଯାଇଆସିଛି। କିନ୍ତୁ ଜିଲ୍ଲାପାଳଙ୍କ ହାମବଡ଼ା ନୀତି ଯୋଗୁଁ ଦୀର୍ଘ ପ୍ରାୟ ୪ ଦଶନ୍ଧି ପରେ କଟକରେ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି ହେଲା। ଜିଲ୍ଲାପାଳଙ୍କ ବିଫଳତା ପାଇଁ କଟକ ସହର ସମଗ୍ର ଦେଶରେ ନିନ୍ଦିତ ହେଲା। ସାଂସଦଙ୍କଠାରୁ ଆରମ୍ଭ କରି ମେୟର, ବିଧାୟକ ଏପରିକି ସ୍ଥାନୀୟ ବିଜେପି ନେତାମାନେ ମଧ୍ୟ ତାଙ୍କ ଆଚରଣରେ ଅତିଷ୍ଠ ହୋଇପଡ଼ିଲେଣି। ରାଜନେତାମାନେ ଏବେ ପ୍ରଶ୍ନ କରୁଛନ୍ତି, ଯେଉଁ ଅଫିସର ଦିନେ ବିଜେଡି ସରକାରଙ୍କ ଅଘୋଷିତ ମୁଖ୍ୟମନ୍ତ୍ରୀଙ୍କ ଖାସ ଓ ତାଙ୍କ ପାଇଁ ଅଣ୍ଡର କଭର ଏଜେଣ୍ଟ ଭଳି କାମ କରୁଥିଲେ, ତାଙ୍କୁ ଆମ ବିଜେପି ସରକାର କାହିଁକି ଏତେ ସୁରକ୍ଷା ଦେଉଛନ୍ତି? ବିଜେପି ସାଂସଦ, ବିଧାୟକ ପ୍ରାର୍ଥୀ ଓ ନେତାମାନେ ବି ଏ ରହସ୍ୟ ବୁଝିପାରୁନାହାଁନ୍ତି।

## କାହା ପଟକୁ...

ଲୋଡ଼ନ୍ତି ଓ କଂଗ୍ରେସ ଏହାକୁ ଗ୍ରହଣ କରେ, ତା'ହେଲେ ବିଜେଡି ଓ କଂଗ୍ରେସର ମିଳିତ ପ୍ରାର୍ଥୀ ରାଜ୍ୟସଭାକୁ ଯିବାରେ କୌଣସି ଅସୁବିଧା ରହିବ ନାହିଁ। ହେଲେ ରାଜନୈତିକ ଦୃଷ୍ଟିକୋଣରୁ ବିଜେପି ଏହା ଚାହିଁବ ନାହିଁ କି ବିଜେଡି ବି ଏ କ୍ଷେତ୍ରରେ ଏତେଟା ଆଗଭର ହେବନାହିଁ, ଏହା କହିବା ବାହୁଲ୍ୟ ମାତ୍ର।

ଉଲ୍ଲେଖନୀୟ ଯେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ରାଜ୍ୟସଭା ନିର୍ବାଚନ ସମୟରେ ବିଜେଡି ତାଙ୍କୁ ଖୋଲାଖୋଲି ସମର୍ଥନ ଦେଇଥିଲା। ତେଣୁ ବୈଷ୍ଣବ ସହଜରେ ରାଜ୍ୟସଭାକୁ ଯାଇ କେନ୍ଦ୍ରରେ କ୍ୟାବିନେଟ୍ ମନ୍ତ୍ରୀ ହୋଇଛନ୍ତି। ଅବଶ୍ୟ ଦୁଇ ଦଳର ନେତାଙ୍କ ସହ ବୈଷ୍ଣବଙ୍କର ଭଲ ସମ୍ପର୍କ ଥିଲା। ସେତେବେଳେ ବିଜେଡି ରାଜ୍ୟରେ କ୍ଷମତାରେ ଥିବା ବେଳେ ଏବେ ବିରୋଧୀ ଦଳରେ ରହିଛି। ନିକଟରେ ନୂଆପଡ଼ା ଉପନିର୍ବାଚନରେ ଦଳ କେବଳ ହାରିନାହିଁ, ବରଂ ତୃତୀୟ ସ୍ଥାନକୁ ବି ଖସିଆସିଛି। ତେଣୁ ଏବେ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ ରହିଛି। ଏଭଳି ସ୍ଥିତିରେ ଦଳ ଓ ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ନବୀନ କାହା ପଟକୁ ଢଳିବେ ଓ ବିଜେପି କିଭଳି ଗୋଟି ଚଳାଇବ, ତାହା ଉପରେ ଏବେଠାରୁ ସମସ୍ତଙ୍କ ନଜର ରହିଛି।

## ସିମେଣ୍ଟ ଟର୍ମିନାଲ ପାଇଁ ନୀତି ଉନ୍ମୋଚିତ

**ନୂଆଦିଲ୍ଲୀ,୧୮।୧୧:** କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି କଣ୍ଟେନରରେ ବଲ୍କ ସିମେଣ୍ଟ ଦରର ଯୁକ୍ତିଯୁକ୍ତ ଏବଂ ବଲ୍କ ସିମେଣ୍ଟ ଟର୍ମିନାଲ ପାଇଁ ନୀତି ଉନ୍ମୋଚନ କରିଛନ୍ତି। ଏହି ନୀତି ସିମେଣ୍ଟ ପରିବହନ ପାଇଁ ରେଳବାଇ ସଂସ୍କାରର ଅଂଶବିଶେଷ।

ନୂଆଦିଲ୍ଲୀର ରେଳ ଭବନରେ ଏହି ନୀତିର ଉନ୍ମୋଚନ କରି କେନ୍ଦ୍ରମନ୍ତ୍ରୀ ଏହି ମୁହୂର୍ତ୍ତକୁ ଏକ ଗେମ ଚେଞ୍ଜର ଭାବେ ବର୍ଣ୍ଣନା କରିଥିଲେ। ସେ କହିଥିଲେ, ଏହି ସଂସ୍କାରଗୁଡ଼ିକ ମଧ୍ୟବିତ୍ତ ଏବଂ ଗରିବ ପରିବାରମାନଙ୍କ ପାଇଁ ସିମେଣ୍ଟ ମୂଲ୍ୟ ହ୍ରାସ କରିବ, କାରଣ ସେମାନେ ନିଜ ସ୍ୱପ୍ନର ଘର ନିର୍ମାଣ କରୁଛନ୍ତି। ନୂତନ ନୀତି ଅନୁଯାୟୀ, ଦୂରତା ଏବଂ ଓଜନ ସ୍ଲାବକୁ ହଟାଇ ଦିଆଯାଇଛି। ନୂତନ ଦରରେ ସିଧାସଳଖ ଭାବେ କିଲୋମିଟରରେ କିଲୋମିଟର ଟନ୍ ପିଛା ୦.୯୦ ଟଙ୍କାକୁ ଯୁକ୍ତିସଙ୍ଗତ କରାଯାଇଛି।

ଶ୍ରୀ ବୈଷ୍ଣବ କହିଥିଲେ, ବୃହତ୍ ପରିମାଣର ସିମେଣ୍ଟ ପରିବହନ ପାଇଁ ଟ୍ୟାଙ୍କ କଣ୍ଟେନରଗୁଡ଼ିକ ପ୍ରଦୂଷଣ ମୁକ୍ତ ଲଜିଷ୍ଟିକ୍ସ ସମାଧାନର ଏକ ଅନ୍ତିମ ପର୍ଯ୍ୟାୟ ହେବ। ଯୁକ୍ତରାଷ୍ଟ୍ର ଆମେରିକାକୁ ପଛରେ ପକାଇ ଭାରତ ଏବେ ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ମାଲ ପରିବହନକାରୀ ରାଷ୍ଟ୍ର ହୋଇପାରିଛି। ରେଳ ନେଟୱାର୍କ ସମ୍ପ୍ରସାରଣ ଦୈନିକ ୪ କିମିରୁ ୧୨-୧୪ କିମିକୁ ବୃଦ୍ଧି ପାଇଛି, ଯାହା ଏହାକୁ ତିନି ଗୁଣରୁ ଅଧିକ କରିଛି। ବ୍ରଡ-ଗଜ୍ ରେଳ ନେଟୱାର୍କ ବର୍ତ୍ତମାନ ପ୍ରାୟ ୧୦୦ ପ୍ରତିଶତ ବିଦ୍ୟୁତକରଣ ହୋଇଛି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ବର୍ତ୍ତମାନ ସାରା ଦେଶରେ ୧,୩୦୦ ରୁ ଅଧିକ ଅମୃତ ଷ୍ଟେସନ ବିକଶିତ କରାଯାଉଛି।

● ପୌର ନିଯୁକ୍ତି ଦୁର୍ନୀତି

## ଇଡି ଅଫିସରେ ମୋହିନୀ ବସୁ

**କୋଲକାତା,୧୮।୧୧(ସଂଚାର ବ୍ୟୁରୋ):** ଦମକଳ ମନ୍ତ୍ରୀ ସୁଜିତ ବସୁଙ୍କ ଝିଅ ମୋହିନୀ ବସୁ ଏଥର ପୌର ନିଯୁକ୍ତି ଦୁର୍ନୀତି ମାମଲା ସହିତ ଜଡିତ ଇଡିର ନଜରରେ ଅଛନ୍ତି। ସେ ମଙ୍ଗଳବାର ଅପରାହ୍ନରେ ସଲ୍ଟଲେକସ୍ଥିତ ଇଡି କାର୍ଯ୍ୟାଳୟରେ ହାଜର ହୋଇଥିଲେ। ପୂର୍ବରୁ ସୋମବାର, କେନ୍ଦ୍ରୀୟ ତଦନ୍ତ ସଂସ୍ଥାର ନିର୍ଦ୍ଦେଶ ପରେ ସୁଜିତ ବସୁଙ୍କ ଜ୍ୱାଇଁ ରାହୁଲ ସିଂହ ଇଡି ମୁଖ୍ୟାଳୟରେ ହାଜର ହୋଇଥିଲେ। ପୌର ନିଯୁକ୍ତି ଦୁର୍ନୀତିର ତଦନ୍ତ ସହିତ ଜଡିତ ବିଭିନ୍ନ ସ୍ଥାନରେ ଇଡି ନିକଟରେ ତଲାସୀ ସମୟରେ ତଦନ୍ତକାରୀ ସଂସ୍ଥା ପ୍ରାୟ ୪୫ ଲକ୍ଷ ଟଙ୍କାର ଅନେକ ଡକ୍ୟୁମେଣ୍ଟ, ଡିଜିଟାଲ୍ ସର୍ଭର ଏବଂ ନଗଦ ଜବତ କରିଥିଲା। ଇଡି ସୂତ୍ର ଅନୁସାରେ, ଏହି ପ୍ରସଙ୍ଗରେ ମନ୍ତ୍ରୀଙ୍କ ଝିଅଙ୍କୁ ସମନ କରାଯାଇଥିଲା। ସୂଚନା ମିଳିଛି ଯେ ନିଯୁକ୍ତି ଦୁର୍ନୀତି ମାମଲାରେ କେବଳ ତାଙ୍କ ଝିଅ କିମ୍ବା ଜ୍ୱାଇଁ ନୁହେଁ, ବରଂ ସୁଜିତ ବସୁଙ୍କ ପତ୍ନୀ ଏବଂ ପୁଅଙ୍କୁ ମଧ୍ୟ କେନ୍ଦ୍ରୀୟ ତଦନ୍ତ ସଂସ୍ଥା ସମନ କରିଛି। ସେମାନେ ମଧ୍ୟ ଏହି ସପ୍ତାହରେ ହାଜର ହୋଇପାରନ୍ତି।

# ଫସଲ ବୀମା ଓ କଟନୀ ଛଟନୀ ନାଁରେ ଚାଷୀଙ୍କୁ ଶୋଷଣ ବନ୍ଦ ହେଉ



**ବ୍ରହ୍ମପୁର,୧୮।୧୧ (ସଂଚାର ବ୍ୟୁରୋ):** ରାଜ୍ୟର ଏକ କୃଷି ପ୍ରଧାନ ଜିଲ୍ଲା ଭାବେ ଗଞ୍ଜାମ ଜିଲ୍ଲାରେ ପ୍ରାୟ ୫.୨ ଲକ୍ଷ ଚାଷୀ ଓ ୨.୫ ଲକ୍ଷ ଭାଗଚାଷୀ ଧାନ ଚାଷ କରିଥାନ୍ତି। କେବଳ ମାତ୍ର ୪୦% ଭାଗ ଜମି ହିଁ ଜଳସେଚିତ ହୋଇଥିବାରୁ ଚାଷୀମାନେ କେବଳ ଧାନ ଫସଲକୁ ହିଁ କରିଥାନ୍ତି। ଏହି କାରଣରୁ ଜିଲ୍ଲାର କୃଷି ଅର୍ଥନୀତି କହିଲେ କେବଳ ଧାନ ଫସଲକୁ ହିଁ ବୁଝାଉଛି। କିନ୍ତୁ ଦୁଃଖର କଥା, ଜିଲ୍ଲାର ଏତେ ସଂଖ୍ୟକ ଚାଷୀ ପ୍ରତିବର୍ଷ ଧାନ ସଂଗ୍ରହ ବେଳେ ଭୟଙ୍କର ଶୋଷଣ ଓ ଠକାମୀର ଶିକାର ହେଇ ଆସିଛନ୍ତି। ସରକାରୀ ଅଫିସର ଓ ମିଲ୍ ମାଲିକଙ୍କ ଅଶୁଭ ମେଣ୍ଟ ଯୋଗୁଁ ପ୍ରତିବର୍ଷ ଧାନ ସଂଗ୍ରହ ବେଳେ କୋଟି କୋଟି ଟଙ୍କାର ଦୁର୍ନୀତି ହେଉଥିବା ବେଳେ ଚାଷୀମାନେ ଭୟଙ୍କର ଶୋଷଣ ଓ ପ୍ରତାଡ଼ନାର ଶିକାର ହେଉଛନ୍ତି।

ସରକାର ଗତବର୍ଷ ଧାନ କ୍ୱିଂଟାଲ ପିଛା ୮୦୦ ଟଙ୍କା ଦେବା ପରି ଏକ ଭଲ ପଦକ୍ଷେପ ନେଇଥିଲେ ବି ତା'ର ସୁଫଳ ସବୁ ଚାଷୀଙ୍କୁ ମିଳିପାରିଲା ନାହିଁ। ପୂର୍ବରୁ ଭାଗଚାଷୀଙ୍କ ପଞ୍ଜୀକରଣ ନିୟମ ସରଳ ଥିବା ବେଳେ ତାକୁ ବର୍ତ୍ତମାନର ସରକାର ଜଟିଳ କରି ଦେଇଥିବାରୁ ଜିଲ୍ଲାର ୨.୫ ଲକ୍ଷ ଭାଗଚାଷୀ ଧାନ ସଂଗ୍ରହ ଓ ବୋନସ୍ ପାଇବାରୁ ସମ୍ପୂର୍ଣ୍ଣ ଭାବେ ବଞ୍ଚିତ ରହିଛନ୍ତି। ସରକାର ଭାଗଚାଷୀଙ୍କ ଧାନ ସଂଗ୍ରହ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ କୃଷକ ସଙ୍ଗଠନ ଦାବି କରିଛି। ଜିଲ୍ଲାରେ ଫସଲବୀମା ନାଁରେ ଘରୋଇ ବୀମା କମ୍ପାନୀ ମାନେ ଚାଷୀମାନଙ୍କୁ ଫସଲ କ୍ଷତିପୂରଣ ଠିକ୍ ରୂପେ ଦେଉନଥିବା ବେଳେ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଠାରୁ ପ୍ରିମିୟମ୍ ବାବଦରେ ପ୍ରତିବର୍ଷ କୋଟି କୋଟି ଟଙ୍କା ଲୁଟ୍ କରି ନେଉଛନ୍ତି। ଏଫଏକ୍ୟୁ ମାନ ନାଁରେ ଚାଷୀଙ୍କ ଧାନରେ ମନଇଛା କଟନୀ ଛଟନୀ କରାଗଲେ ଜିଲ୍ଲାରେ ଚାଷୀମାନେ ପ୍ରତିବାଦ ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି କୃଷକ ସଙ୍ଗଠନ କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି।

# ପୌରାଞ୍ଚଳବାସୀଙ୍କ ପାଇଁ ଶିଶୁପାର୍କ ଏକ ପ୍ରହସନ

## ପାର୍କ ନାଁରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ହାଡ଼ପ ଅଭିଯୋଗ



**ଆନନ୍ଦପୁର,୧୮।୧୧ (ସଂଚାର ବ୍ୟୁରୋ):** ଆନନ୍ଦପୁର ପୌରାଞ୍ଚଳ ତଥା ୭ନଂ ୱାର୍ଡ଼ର ବ୍ରିଜଛକ ଠାରେ ଥିବା ଶିଶୁପାର୍କ ଅଂଚଳବାସୀଙ୍କ ପାଇଁ ଏକପ୍ରକାର ପ୍ରହସନରେ ପରିଣତ ହୋଇଛି। ତିନୋଟି ପର୍ଯ୍ୟାୟରେ କୋଟିଏରୁ ଊର୍ଦ୍ଧ୍ୱ ଅର୍ଥ ବ୍ୟୟବରାଦ ହୋଇଥିଲେ ସୁଦ୍ଧା ଦୀର୍ଘ ୧୨ବର୍ଷ ଭିତରେ ଶିଶୁପାର୍କ ସମ୍ପୂର୍ଣ୍ଣ ହେବା ତ ଦୂରର କଥା, ବର୍ତ୍ତମାନ ପରିସ୍ଥିତିରେ କେବଳ ଚତୁପାର୍ଶ୍ୱ ପାଚେରିରେ ଆବଦ୍ଧ ରହିଛି ସତ କିନ୍ତୁ ଭିତରେ ନିର୍ମାଣ ହୋଇଥିବା ପାର୍କ ସାମଗ୍ରୀର ଭଗ୍ନ ଧ୍ୱଂସାବଶେଷ ଏବଂ ଗଛଲତାରେ ପରିପୂର୍ଣ୍ଣ ହେବା ସହ ବିଷଧର ସରୀସୃପ ମାନଙ୍କର ବାସସ୍ଥଳୀ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ସ୍ଥାନଟି ସହରାଞ୍ଚଳ ମଝିରେ ରହିଥିଲେ ମଧ ନିର୍ଜନତା ଦୃଷ୍ଟିରୁ ଏବେ ମଦ୍ୟପ ଓ ନିଶାଡୀଙ୍କ ଆଡ୍ଡାସ୍ଥଳୀରେ ପରିଣତ ହୋଇଛି। ତେବେ ରାଜକୋଷରୁ ଏତେ ଗୁଡାଏ ଅର୍ଥ ବ୍ୟୟବରାଦ କରାଯିବା ସତ୍ତ୍ୱେ ଶିଶୁପାର୍କର ସ୍ଥିତି ଅସମ୍ପୂର୍ଣ୍ଣ ରହିବା ଘଟଣା ଜନସାଧାରଣଙ୍କୁ ବେଶ ବ୍ୟଥିତ କରିବା ସହିତ, ପ୍ରଶାସନିକ ସ୍ତରରେ ଶିଶୁପାର୍କର ଏପରି ଅବସ୍ଥା ପାଇଁ କିଏ ଉତ୍ତରଦାୟୀ ରହିବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନା ମତେ, ୨୦୧୫-୧୬ମସିହାରେ ପୌରାଞ୍ଚଳର ଶିଶୁମାନଙ୍କ ଅବସର ବିନୋଦନ ପାଇଁ ତତ୍କାଳୀନ ଜିଲ୍ଲାପାଳ ଖଣିଜ ପାଣ୍ଠିରୁ ଅର୍ଥ ବ୍ୟୟବାରାଦ କରାଇ ଏକ ଶିଶୁପାର୍କ ନିର୍ମାଣ କରିବାକୁ ସ୍ୱପ୍ନ ଦେଖିଥିଲେ ଏବଂ ଏହାର ବାସ୍ତବ ରୂପରେଖ ପାଇଁ ଆନନ୍ଦପୁର ପୌରପାଳିକାକୁ ଦାୟିତ୍ୱ ଦେଇଥିଲେ। ତେବେ ତିନି ପର୍ଯ୍ୟାୟରେ ଶିଶୁପାର୍କର ରୂପାନ୍ତରିଣ ପାଇଁ ଅର୍ଥ ବ୍ୟୟବରାଦ ହୋଇଥିଲା । ଶିଶୁପାର୍କର କାମ ଶେଷ ପର୍ଯ୍ୟାୟ ଚାଲୁ ରହିଥିବା ସମୟରେ ଉକ୍ତ ଶିଶୁପାର୍କକୁ ଉଭୟ ଆନନ୍ଦପୁର ଓ ଘସିପୁରା ବିଧାୟକ ୨୦୧୯ରେ ଉଦଘାଟନ କରିଥିଲେ।

ତେବେ ଦୀର୍ଘଦିନରୁ ପୌରାଞ୍ଚଳବାସୀଙ୍କର ରହିଆସିଥିବା ଶିଶୁ ପାର୍କ ସ୍ୱପ୍ନ ସ୍ୱପ୍ନରେ ରହିଯାଇଥିବା ବେଳେ, ପୌରକର୍ତ୍ତୃପକ୍ଷଙ୍କ ଉଦାସୀନତା ସହରାଞ୍ଚଳ ବିକାଶରେ ପ୍ରତିବନ୍ଧକ ସୃଷ୍ଟି କରିଛି।

# ଟଙ୍କା ବ୍ୟାଗ ଚୋରି କରିଥିବା ଅଭିଯୁକ୍ତକୁ ବାନ୍ଧିଲା ପୁଲିସ

- ୭ବର୍ଷ ପରେ ଧରାପଡ଼ିଲା ଅଭିଯୁକ୍ତ



**କାକଟପୁର/ଅସ୍ତରଙ୍ଗ,୧୮।୧୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ପୋଲିସ ଚୋରି କରିଥିବା ଅଭିଯୁକ୍ତ କୁ ଧରିଲା। ଖବର ମୁତାବକ ଗତ ୧୭ସେପ୍ଟେମ୍ବର ୨୦୧୮ମସିହାରେ କୁଜୁଡି ଗ୍ରାମର ଧୋବେଇ ଲେଙ୍କା ଅସ୍ତରଙ୍ଗ ସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କରୁ ପୂର୍ବାହ୍ନ ୧୦ଘ ୩୦ମିନିଟ ସମୟରେ ପୁଅ ପଠାଇଥିବା ୨୫ହଜାର ଟଙ୍କା ଉଠାଇ ବ୍ୟାଗରେ ନେଇ ଘରକୁ ଆସିଥିଲେ। ଅସ୍ତରଙ୍ଗ ତାରିଣୀ ମନ୍ଦିର ନିକଟରେ ସାଇକେଲ ରଖି ଦୋକାନକୁ ଆସୁଥିବା ବେଳେ ମୋଟର ସାଇକେଲ ରେ ଆସି ଟଙ୍କା ବ୍ୟାଗ ନେଇ ଦୁର୍ବୃତ୍ତ ଘଟଣାସ୍ଥଳରୁ ଖସିଯାଇଥିଲେ। ଯାହାକୁ ନେଇ କୁଜୁଡି ଗ୍ରାମର ଧୋବେଇ ଲେଙ୍କା ଅସ୍ତରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ଥାନା କେଶ ନମ୍ବର ୭୫/୨୦୧୮ରେ ମାମଲା ରୁଜୁ କେଶ ତଦନ୍ତକାରୀ ପୋଲିସ ବିଭିନ୍ନ ଦିଗକୁ ନେଇ ଯାଞ୍ଚ କରିଥିଲେ। ଅଭିଯୁକ୍ତ ଅସ୍ତରଙ୍ଗ ଥାନା ତାଳଦା ଗ୍ରାମର ଲୋକନାଥ ବେହେରା ପିତା ଗଗନ ବେହେରା ନାମରେ ଚୋରି ମାମଲାରେ ନିମାପଡା ଅଦାଲତରେ ୫୫୧/୨୦୧୮ ଏକ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଥିଲା। ସେହିଦିନ ଠାରୁ ଅଭିଯୁକ୍ତ ଲୋକନାଥ ବେହେରା ପୋଲିସ କୁ ଚକମା ଦେଇ ଖସିଯାଉଥିଲେ। କିନ୍ତୁ ଅସ୍ତରଙ୍ଗ ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଏଡ଼ବାଂଶ ହାଟରୁ ଗତ ୧୬ତାରିଖ ରେ ଥାନାଧିକାରୀ ଦୁର୍ଗା ଚରଣ ମହାପାତ୍ର ଙ୍କ ନେତୃତ୍ୱ ରେ ଅଭିଯୁକ୍ତ କୁ କାବୁ କରିଥିଲା ପୋଲିସ। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଲୋକନାଥକୁ ବିଚାର ବିଭାଗୀୟ ହାଜତ କୁ ପଠାଯାଇଛି।

## ଗୋଛାପଡ଼ା ପୁଲିସ ପକ୍ଷରୁ ଅପରେସନ ନୀଳ ଜହର ଅଭିଯାନ ଆରମ୍ଭ

# ତୃତୀୟ ଦିନରେ କଟାଗଲା ୧୪୨ ହଜାର ଗଞ୍ଜେଇ ଗଛ



**ଫୁଲବାଣୀ,୧୮।୧୧ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାରୁ ଗଞ୍ଜେଇ କାରବାରକୁ ସମୂଳେ ବିନାଶ କରିବା ପାଇଁ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ ରାଜ୍ୟ ପୁଲିସ ମୁଖିଆଙ୍କ ନିର୍ଦ୍ଦେଶ ଓ ଜିଲ୍ଲା ପୁଲିସ ମୁଖିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ଅପରେସନ ନୀଳ ଜହର ବା ଗଞ୍ଜେଇ ଗଛକଟା ଅଭିଯାନ ଆରମ୍ଭ ହୋଇଥିବା ବେଳେ ଅନୁରୂପ ଭାବରେ ଜିଲ୍ଲାର ଗଞ୍ଜେଇ କାରବାରକୁ ନେଇ ସବୁବେଳେ ଚର୍ଚ୍ଚାରେ ରହିଆସିଥିବା ଗୋଛାପଡା ପୁଲିସ ପକ୍ଷରୁ ମଧ ଗୁରୁବାର ଦିନ ଆରମ୍ଭ ହୋଇଛି ଏହି ଅପରେସନ ନୀଳ ଜହର। ତେବେ ସୋମବାର ଦିନ ଗୋଛାପଡା ଥାନା ଅଧିକାରୀ ଚିରଞ୍ଜୀବ ବେହେରାଙ୍କ ନେତୃତ୍ୱରେ ଥାନା ଅଧୀନରେ ଥିବା ବାଲନ୍ଦାପଡା ପଞ୍ଚାୟତର ଓ ବଟାବାହାଲି ଓ ନିକଟବର୍ତ୍ତୀ ଜଙ୍ଗଲ ଜମି ମାନଙ୍କରେ ଚାଷ ହୋଇଥିବା ପ୍ରାୟ ୧୪୨ ହଜାର ଗଞ୍ଜେଇ ଗଛ ଗୁଡିକୁ କାଟି ନଷ୍ଟ କରିଦିଆଯାଇଛି।

ତେବେ ଦିତୀୟ ଦିନରେ ବନ ବିଭାଗ, ପୁଲିସ ଓ ଅବକାରୀ ବିଭାଗର କର୍ମଚାରୀମାନେ ସାମିଲ ଥିବା ବେଳେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ପୃଥ୍ୱୀରାଜ ମହାନନ୍ଦିଆଙ୍କ ଉପସ୍ଥିତିରେ ଏହି ଗଞ୍ଜେଇ ଗଛ ଗୁଡିକ କଟାଯାଇଥିଲା । ଅନ୍ୟପଟେ ସୁରକ୍ଷା ଦୃଷ୍ଟିକୁ ଆଖି ଆଗରେ ରଖି ବ୍ୟାପକ ବୁଲିସ ଫୋର୍ସ ମଧ ମୁତୟନ କରାଯାଇଥିଲା।

# ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳାରୁ ହଷ୍ଟେଲ ଛାତ୍ରୀଙ୍କ ମୃତ୍ୟୁ



**ନବରଙ୍ଗପୁର/ଉମରକୋଟ,୧୮।୧୧ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ବୁର୍ଜା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଛାତ୍ରୀ ନିବାସର ସପ୍ତମ ଶ୍ରେଣୀ ଅନ୍ତେବାସୀ ଭବାନୀ ହରିଜନଙ୍କ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୃତ୍ୟୁ ହୋଇଛି। ଭବାନୀ ଗତକାଲି ଠାରୁ ଅସୁସ୍ଥ ଥିଲେ। ଆଜି ଅପରାହ୍ନରେ ଝିଅ ଅସୁସ୍ଥ ଥିବା କଥା ବିଦ୍ୟାଳୟ କର୍ତ୍ତୃପକ୍ଷ ଫୋନ ଯୋଗେ ପରିବାରଙ୍କୁ ଜଣାଇଥିଲେ ଓ ଭବାନୀଙ୍କୁ ଚିକିତ୍ସାଳୟକୁ ନେବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଚିକତ୍ସାଳୟ ନେବା ବ୍ୟବସ୍ଥା କରିନଥିବାରୁ ନିକଟସ୍ଥ ଜଣେ ଅଭିଭାବକ ଛାତ୍ରୀନିବାସକୁ ଯାଇ ଝିଅ ଗୁରୁତର ଥିବା ଦେଖି ଅଟୋ ଯୋଗେ ଚିକିତ୍ସାଳୟ ନେବା ବ୍ୟବସ୍ଥା କରିଥିଲେ। ଏହି ସମୟରେ ବିଦ୍ୟାଳୟ କର୍ତ୍ତୃପକ୍ଷ ନିଜ ତରଫରୁ ଏକ ଅଟୋ ଯୋଗେ ଅନ୍ୟ ତିନି ଝିଅଙ୍କ ସହ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ସେହିଠାରେ ଚିକିତ୍ସକ ଭବାନୀଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଛାତ୍ରୀଙ୍କ ପରିବାର ବର୍ଗ ଅଭିଯୋଗ କରିଛନ୍ତି ବିଦ୍ୟାଳୟ କର୍ତ୍ତୃପକ୍ଷ ଉପଯୁକ୍ତ ସମୟରେ ଚିକିତ୍ସା ବ୍ୟବସ୍ଥା ନ କରିବା ଯୋଗୁଁ ଭବାନୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ପକ୍ଷରେ ଉମରକୋଟ ଗୋଷ୍ଠି ଶିକ୍ଷା ଅଧିକାରୀ ଇଶ୍ୱର ମାଝୀ ଘଟଣାର ତଦନ୍ତ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ଇଫ୍‌କୋ ଏମ୍‌ଡିଙ୍କ ଜନ୍ମଦିନରେ ରକ୍ତଦାନ ଶିବିର



**ପାରାଦୀପ,୧୮।୧୧ (ସଂଚାର ବ୍ୟୁରୋ):** ଇଫକୋ ପରିଚାଳନା ନିର୍ଦ୍ଦେଶକ କେ.ଜେ. ପଟେଲଙ୍କ ଜନ୍ମଦିନ ଉପଲକ୍ଷେ ଇଫକୋ ପାରାଦୀପ ୟୁନିଟରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ମୁଖ୍ୟ ଅତିଥି ଇଫକୋ ପାରାଦୀପ ୟୁନିଟର ୟୁନିଟ ମୁଖ୍ୟ ଶ୍ରୀ ପି.କେ. ମହାପାତ୍ର ରକ୍ତଦାନ ଶିବିରର ଉଦଘାଟନ କରିଥିଲେ। ଏଥିରେ ବରିଷ୍ଠ ମହାପ୍ରବନ୍ଧକ ଶ୍ରୀ ଏନ.ଆର. ନାୟକ, ଶ୍ରୀ କେ.ଆର.ଏନ. ମୂର୍ତ୍ତି, ମହାପ୍ରବନ୍ଧକ ଡକ୍ଟର ପୁଷ୍ପା ମହାନ୍ତି, ମୁଖ୍ୟ ଚିକିତ୍ସା ଅଧିକାରୀ, ଶ୍ରୀ ବି.କେ. ପରିଡା, ଡି.ଜି.ଏମ. (ପି ଆଣ୍ଡ ଏ); ଶ୍ରୀ ସୁଶାନ୍ତ କୁମାର ଜେନା, ସଭାପତି; ଶ୍ରୀ ସତ୍ୟଜିତ କୁଣ୍ଡିଆ, ଇଫକୋ ଅଧିକାରୀ ସଂଘର ସାଧାରଣ ସମ୍ପାଦକ; ଶ୍ରୀ ପ୍ରସାନ୍ତ କୁମାର ସ୍ୱାଇଁ, ସଭାପତି, ଶ୍ରୀ ତୃପ୍ତି ରଞ୍ଜନ ପୁହାଣ, ଇଫକୋ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ କର୍ମଚାରୀ, ଅଧିକାରୀ ଏବଂ ଅନେକ ବିଶିଷ୍ଟ ବ୍ୟକ୍ତି ଏବଂ ଅଧିକାରୀମାନେ ଉତ୍ସାହଜନକ ଭାବରେ ଅଂଶଗ୍ରହଣ କରିଥିଲେ ଯେଉଁମାନେ ରକ୍ତଦାନ କରିବା ପାଇଁ ଏକାଠି ହୋଇଥିଲେ, ଯାହା ଜୀବନର ସାର ଭାବରେ ରକ୍ତଦାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲା । ଏହି ଅବସର ଶ୍ରୀ ପଟେଲଙ୍କ ଜନ୍ମଦିନର ଶ୍ରଦ୍ଧାଞ୍ଜଳି ଭାବରେ ଦ୍ୱିଗୁଣିତ ହୋଇଥିଲା, ଯାହା ଦାତାମାନଙ୍କୁ ଆଗକୁ ଆସି ଜୀବନ ରକ୍ଷା ପାଇଁ ଯୋଗଦାନ ଦେବାକୁ ପ୍ରେରଣା ଦେଇଥିଲା । ଏହି ଶିବିରଟି କଟକର କେନ୍ଦ୍ରୀୟ ରେଡକ୍ରସ ରକ୍ତ କେନ୍ଦ୍ର ସହଯୋଗରେ ଆୟୋଜିତ ହୋଇଥିଲା ।

# ଟି. ଭେଣୁ ଗୋପାଳ ପାରାଦୀପ ବନ୍ଦର ଉପାଧ୍ୟକ୍ଷ



**ପାରାଦୀପ,୧୮।୧୧ (ସଂଚାର ବ୍ୟୁରୋ):** ବିଶାଖାପାଟଣା ବନ୍ଦର କର୍ତ୍ତୃପକ୍ଷଙ୍କ ପୂର୍ବତନ ସଚିବ ଟି. ଭେଣୁ ଗୋପାଳଙ୍କୁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଉପାଧ୍ୟକ୍ଷ ଭାବରେ ନିଯୁକ୍ତ କରାଯାଇଛି ଏବଂ ଆଜି ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ଭେଣୁ ଗୋପାଳ ୧୯୯୫ ମସିହାରେ ବିଶାଖାପାଟଣା ବନ୍ଦରରେ ସହାୟକ କାର୍ମିକ ଅଧିକାରୀ (ଶ୍ରେଣୀ-୧) ଭାବରେ ତାଙ୍କର କ୍ୟାରିୟର ଆରମ୍ଭ କରିଥିଲେ ଏବଂ ବିଭିନ୍ନ ବିଭାଗରେ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ କାର୍ଯ୍ୟ କରିଥିଲେ। ୨୦୧୯ ମସିହାରେ, ତାଙ୍କୁ ଦୀନଦୟାଲ (କାଣ୍ଡଲା) ବନ୍ଦର କର୍ତ୍ତୃପକ୍ଷଙ୍କ ସଚିବ ଭାବରେ ନିଯୁକ୍ତି ଦିଆଯାଇଥିଲା। ଏହା ପୂର୍ବରୁ, ସେ ୨୦୧୪ ରୁ ୨୦୧୮ ପର୍ଯ୍ୟନ୍ତ ବିଶାଖାପାଟଣା ବନ୍ଦର କର୍ତ୍ତୃପକ୍ଷଙ୍କ ପ୍ରଭାରୀ ସଚିବ ଥିଲେ। ୨୦୨୦ ମସିହାରେ, ତାଙ୍କୁ ସଚିବ ଭାବରେ ବିଶାଖାପାଟଣା ବନ୍ଦର କର୍ତ୍ତୃପକ୍ଷଙ୍କୁ ପୁନର୍ବାର ସ୍ଥାନାନ୍ତର କରାଯାଇଥିଲା।

# ଜିଲ୍ଲାସ୍ତରୀୟ ନିଖିଳ ଭାରତ ସମବାୟ ସପ୍ତାହ ପାଳିତ

**ଖୋର୍ଦ୍ଧା,୧୮।୧୧ (ସଂଚାର ବ୍ୟୁରୋ):** ଉପନିବନ୍ଧକ ସମବାୟ ସମିତି ସମୂହ ଖୋର୍ଦ୍ଧା ବିଭାଜନ ଓ କେନ୍ଦ୍ର ସମବାୟ ବ୍ୟାଙ୍କ ର ମିଳିତ ଅନୁକୁଲ୍ୟରେ ଜୟୀ ରାଜଗୁରୁ ଟାଉନ ହଲ ଠାରେ ୭୨ ତମ ନିଖିଳ ଭାରତ ସମବାୟ ସପ୍ତାହ -୨୦୨୫ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଉପ ଜିଲ୍ଲାପାଳ କିଶୋର କୁମାର ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଅଭିଷେକ ସିଂହ ସାମନ୍ତଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ସଭାରେ ଯୋଗଦେଇ ଉପ-ଜିଲ୍ଲାପାଳ କିଶୋର କୁମାର ପଣ୍ଡା ନିଜ ବକ୍ତବ୍ୟରେ କହିଥିଲେ, ସେ ନିଜେ ଜଣେ ଚାଷୀ ଭାବରେ ଚାଷୀମାନଙ୍କର ଥିବା ସମସ୍ୟାକୁ ନିଜେ ଅତି ପାଖରୁ ଦେଖୁଆସିଛନ୍ତି । ସେଥିପାଇଁ ସମସ୍ତ ସମିତି କର୍ମଚାରୀ ଚାଷୀମାନଙ୍କୁ ସମିତିରେ ସମସ୍ତ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ । ସଭାପତି ଶ୍ରୀ ସିଂ ସାମନ୍ତ ସମିତିର ସମସ୍ତ ଆନୁସଙ୍ଗିକ ସୁବିଧା ପ୍ରଦାନ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ସମବାୟର ବିଭିନ୍ନ ଦିଗ ଓ କାର୍ଯ୍ୟ ଶୈଳୀ ଉପରେ ଆଲୋକପାତ କରି ବ୍ୟାଙ୍କର ଚାଷୀ ମାନଙ୍କୁ ମିଳୁଥିବା ସମସ୍ତ ଋଣ ଓ ଅନ୍ୟାନ୍ୟ ସାହାଯ୍ୟ ବିଷୟରେ ବ୍ୟାଙ୍କ ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସାରଥୀ ଶତପଥି ଆଲୋକପାତ କରିଥିଲେ ।




## ଶିଳ୍ପ ତାଲିମ ଅନୁଷ୍ଠାନରେ ପଦଚ୍ୟୁତିକୁ ନେଇ ପ୍ରତିବାଦ

# ଜିଲ୍ଲାପାଳ ମାଧ୍ୟମରେ ରାଷ୍ଟ୍ରପତିଙ୍କୁ ଇଚ୍ଛାମୃତ୍ୟୁ ଆବେଦନ




**ଛତ୍ରପୁର,୧୮।୧୧ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ସରକାରୀ ଜିଲ୍ଲା ଶିଳ୍ପ ତାଲିମ ଅନୁଷ୍ଠାନ (ଆଇଟିଆଇ) ରେ କାର୍ଯ୍ୟରତ ଅତିଥି ପ୍ରଶିକ୍ଷକମାନଙ୍କ ନିଯୁକ୍ତି ମାମଲାରେ ଅଚାନକ ପରିବର୍ତ୍ତନ ଓ ପଦଚ୍ୟୁତି ନେଇ ଗଞ୍ଜାମ ଜିଲ୍ଲା ଅତିଥି ପ୍ରଶିକ୍ଷକ ସଙ୍ଘ ତୀବ୍ର ପ୍ରତିବାଦ ଜଣାଇଛି। ଜିଲ୍ଲାରେ କାର୍ଯ୍ୟରତ ୧୫୦ ଅତିଥି ପ୍ରଶିକ୍ଷକଙ୍କ ମଧ୍ୟରୁ କେବଳ ୫୯ ଜଣଙ୍କୁ ରଖି ଅବଶିଷ୍ଟ ପ୍ରଶିକ୍ଷକମାନଙ୍କୁ କୌଣସି ସ୍ପଷ୍ଟ କାରଣ ଦର୍ଶାଇବା ବିନା ବାଦ ଦିଆଯାଇଥିବା ଅଭିଯୋଗ ହୋଇଛି। ଦୀର୍ଘଦିନ ଧରି ବିଭିନ୍ନ ବିଭାଗରେ ଶିକ୍ଷା ଓ ପ୍ରଶିକ୍ଷଣ ଦେଇ ଆସୁଥିବା ଏହି ପ୍ରଶିକ୍ଷକମାନଙ୍କୁ, ପୂର୍ବସୂଚନା ବିନା ତାଲିକାରୁ ବାଦ ହେବାକୁ ସଂପୂର୍ଣ୍ଣ ଅନ୍ୟାୟ ବୋଲି କହିଛନ୍ତି।

ଏହି ଅସନ୍ତୋଷକୁ ନେଇ ଗଞ୍ଜାମ ଜିଲ୍ଲା ଅତିଥି ପ୍ରଶିକ୍ଷକ ସଂଘ ତରଫରୁ ଜିଲ୍ଲାପାଳଙ୍କ ମାଧମରେ ମହାମହିମ ରାଷ୍ଟ୍ରପତିଙ୍କୁ ଏକ ଇଚ୍ଛାମୃର୍ତ୍ତ ଆବେଦନ ସମର୍ପିତ କରାଯାଇଛି। ସଂଘ ପକ୍ଷରୁ ଦାବି କରାଯାଇଛି ଯେ ଚାକିରିରୁ ବାଦ କରାଯାଇବାର ପ୍ରକ୍ରିୟା ନ୍ୟାୟସଂଗତ ଓ ପାରଦର୍ଶୀ ନୁହେଁ, ତେଣୁ ବଦଳ ହୋଇଥିବା ଦୀର୍ଘଦିନର ପ୍ରଶିକ୍ଷକମାନଙ୍କୁ ପୁନଃ ନିଯୁକ୍ତି ଦିଆଯାଉ। ଏପର୍ଯ୍ୟନ୍ତ ଏହାକୁ ନେଇ ସଂପୂର୍ଣ୍ଣ ପ୍ରଶାସନିକ ପ୍ରତିକ୍ରିୟା ମିଳିନଥିଲେ ମଧ, ପ୍ରଶିକ୍ଷକମାନେ ନ୍ୟାୟ ନ ମିଳିଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋର୍‌ଦାର କରିବାକୁ ଚେତାବନୀ ଦେଇଛନ୍ତି।

# ଦୀର୍ଘ ୨୪ ଘଣ୍ଟା ପରେ ଉଠିଲା ଶବ

**ଉମରକୋଟ,୧୮।୧୧ (ସଂଚାର ବ୍ୟୁରୋ):** ଛାତ୍ରୀର ମୃତ୍ୟୁକୁ ନେଇ କ୍ଷତି ପୂରଣ ଦାବିରେ ରାସ୍ତାରେ ବସିଲେ କିନ୍ତୁ ଶବ ସଂସ୍କାରରେ କେହି ସାମିଲ ହେଲେ ନାହିଁ। ଏମିତି ଚର୍ଚ୍ଚା ଏବେ ଉମରକୋଟ ଅଂଚଳରେ ଘୁରି ବୁଲୁଛି। ଛାତ୍ରୀ ମୃତ୍ୟୁର କ୍ଷତି ପୂରଣ ଦାବୀ ଓ ଆନ୍ଦୋଳନ ଯୋଗୁଁ ମୃତ ଛାତ୍ରୀର ଶବ ସନ୍ଧ୍ୟା ସାତଟା

## ଶବ ନେଇ ରାଜନୀତି କଲେ ଶେଷରେ ସଂସ୍କାରକୁ ଗଲେ ନାହିଁ



ସମୟରେ ପରିବାରକୁ ହସ୍ତାନ୍ତର କରାଗଲା କିନ୍ତୁ ଚିକିତ୍ସାଳୟରୁ ଶବ ନେବା ସମୟରେ ବିଜେଡି, କଂଗ୍ରେସ ନେତା କିମ୍ବା କର୍ମୀ କାହାର ଦେଖା ମିଳିଲା ନାହିଁ କେବଳ ପରିବାର ଲୋକ ଓ କିଛି ଗ୍ରାମବାସୀ ଶବ ନେଇ ନିଜ ଗାଁକୁ ଫେରିଲେ। ଏହି ଘଟଣାକୁ ନେଇ ବୁଦ୍ଧିଜୀବୀ ମହଲରେ ଟୁପୁରୁ ଟାପୁରୁ ହେଉଛନ୍ତି ଶବ ନେଇ ରାଜନୀତି କଲେ କିନ୍ତୁ ଶେଷରେ ପୀଡିତା ପରିବାରକୁ ଅସହାୟ ଅବସ୍ଥାରେ ଛାଡିଦେଲେ।

ଗତକାଲି ସନ୍ଧ୍ୟାରେ ମୃତ୍ୟୁ ପରେ ଶିକ୍ଷା ବିଭାଗ ପକ୍ଷରୁ ମୃତ୍ୟୁ ଘଟଣାର ତଦନ୍ତ କରି ବୁର୍ଜା କେଜିବିଭିର ପ୍ରଧାନ ଶିକ୍ଷୟତ୍ରୀ ମମତା ସ୍ୱାଇଁଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିଲେ କିନ୍ତୁ ଆଜି ବିଜେଡି, କଂଗ୍ରେସ ଓ ପରିବାର ଲୋକେ ଆଜି ସକାଳ ନଅ ଘଣ୍ଟା ଠାରୁ ଡାକ୍ତରଖାନ ପରିସରରେ ପରେ ତିନି ଘଣ୍ଟା ଠାରୁ ସହରର ମୁଖ୍ୟ ରାସ୍ତାରେ ହୋହାଲ୍ଲା କରିଥିଲେ। ପରେ ପ୍ରଶାସନ ତରଫରୁ ଘଟଣାସ୍ଥଳରେ ସ୍ଥାନୀୟ ତହସିଲ ଓ ନବରଙ୍ଗପୁର ଜିଲ୍ଲା ଶିକ୍ଷା ଅଧିକାରୀ ପହଞ୍ଚି ବୁଝାସୁଝା କରି କ୍ଷତି ପୂରଣ କରିବାକୁ ପ୍ରତିଶୃତି ଦେବା ପରେ ଆନ୍ଦୋଳନ କାରି ଶାନ୍ତ ପଡ଼ିଥିଲେ। ପରେ ତହସିଲଦାର ମାଜିଷ୍ଟ୍ରେଟ ଦାୟିତ୍ୱରେ ରହି ଶବ ବ୍ୟବଚ୍ଛେଦ କରାଇଥିଲେ। ଘଟଣା ପ୍ରକାରେ ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ବୁର୍ଜା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଛାତ୍ରୀ ନିବାସର ସପ୍ତମ ଶ୍ରେଣୀ ଅନ୍ତେବାସୀ ଭବାନୀ ହରିଜନଙ୍କ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୃତ୍ୟୁ ଘଟିଥିଲା। ଭବାନୀ ରବିବାର ସଂଧ୍ୟା ଠାରୁ ଅସୁସ୍ଥ ଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ସୋମବାର ଅପରାହ୍ନରେ ଝିଅ ଅସୁସ୍ଥ ଥିବା କଥା ଫୋନ ଯୋଗେ ବିଦ୍ୟାଳୟ କତୃପକ୍ଷ ପରିବାରଙ୍କୁ ଜଣାଇଥିଲେ। ଜଲଦୀ ଆସି ଭବାନୀଙ୍କୁ ଚିକତ୍ସାଳୟ କୁ ନେଇଯିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଚିକତ୍ସାଳୟ ନେବା ବ୍ୟବସ୍ଥା କରିନଥିଲେ।

# ପ୍ରତାପଶାସନ ପଞ୍ଚାୟତକୁ ବିଏମସିରେ ମିଶ୍ରଣ ଦାବି

**ବାଲିଅନ୍ତା,୧୮।୧୧ (ସଂଚାର ବ୍ୟୁରୋ):** ଓଡିଶାର ଓଡିଶାର ଦ୍ୱିତୀୟ ଜନବହୁଳ ଅଞ୍ଚଳ ବାଲିଅନ୍ତା ବ୍ଲକ ପ୍ରତାପଶାସନ ପଞ୍ଚାୟତ(ବାଳକାଟି) ଯାହାର ଲୋକସଂଖ୍ୟା ୩୦ ହଜାରରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ମତଦାତାଙ୍କ ସଂଖ୍ୟା ୧୧ ହଜାର। ଏହି ପଞ୍ଚାୟତଟି ଓଡିଶା କାହିଁକି ଦେଶବିଦେଶରେ କଂସା ପିତ୍ତଳର ସୁନ୍ଦର ସୁନ୍ଦର ବାସନକୁସନ ସହ କାରୁକାର୍ଯ୍ୟ ନିମନ୍ତେ ପ୍ରସିଦ୍ଧି ଲାଭ କରିବା ସଙ୍ଗେ ସଙ୍ଗେ ପଡୋଶୀ ୪ ଟି ଜିଲ୍ଲାରେ ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି । ମୁଖ୍ୟତଃ ଏହି ଅଞ୍ଚଳ ବ୍ୟବସାୟିକ ପେଣ୍ଠସ୍ଥଳୀ ଭାବେ ପରିଚିତ ହୋଇଛି। ଏଥିସହ ଏହି ଅଞ୍ଚଳର ଅବସ୍ଥିତି ରାଜଧାନୀ ଭୁବନେଶ୍ୱର ନିକଟରେ ହୋଇଥିବା ବେଳେ ଏହାକୁ ସବ-ଅରବାନ ଅଞ୍ଚଳ କହିଲେ କିଛି ଅତ୍ୟୁକ୍ତି ହେବନାହିଁ। ଗତ କିଛି ବର୍ଷ ହେଲା ଉକ୍ତ ପଞ୍ଚାୟତର ନବକଳେବର ବୃଦ୍ଧି ପାଇଛି । ରାଜ୍ୟ ତଥା ଜିଲ୍ଲା ବାହାରୁ ଲୋକେ ଆସି ଏଠାରେ ଜାଗା କିଣି ଘରକରି ବସବାସ କରିରହିଲେଣି । ବର୍ତ୍ତମାନ ଏହି ପଞ୍ଚାୟତକୁ ଦେଖିଲେ ଏହାର ଭୌଗଳିକ ସ୍ଥିତି ଏକ ସହର ଭଳି ମନେହୁଏ । ୨୦୧୨ ମସିହାରୁ ଏହି ପଞ୍ଚାୟତକୁ ମହାନଗର ନିଗମରେ ସାମିଲ କରିବା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗର ବିଚାରଧୀନ ଅଛି । ଗତକିଛି ଦିନ ହେଲା ସରକାର ଭୁବନେଶ୍ୱର ବ୍ଲକର ୧୨ ଟି ପଞ୍ଚାୟତ, ଜଟଣୀ ଏବଂ ବାଲିଅନ୍ତା ବ୍ଲକର ଗୋଟିଏ ପଞ୍ଚାୟତର ମୋଟ ୭୧ ଟି ଗାଁକୁ ଭୁବନେଶ୍ୱର ମହାନଗର ନିଗମରେ ମିଶାଇବା ପାଇଁ ସ୍ଥିର କରିଛନ୍ତି । ଭୌଗଳିକ ଏବଂ ଗମନାଗମନ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ପ୍ରତାପଶାସନ ପଞ୍ଚାୟତଟି ଭୁବନେଶ୍ୱର ରାଜଧାନୀ ଠାରୁ ୭ କିଲୋମିଟର ମହାନଗର ସିମା ଅଞ୍ଚଳ (ନୂଆଗାଁ)ଠାରୁ ୩ କିମି ଏବଂ ପ୍ରସ୍ତାବିତ ଗାଁ ବାସୁଆଘାଇ ଓ ବାଙ୍କୁଆଳ ଠାରୁ ମାତ୍ର ୨ କିଲୋମିଟର । ଏହି ଅଞ୍ଚଳରେ ଗଢି ଉଠିଥିବା ଶିକ୍ଷାନୁଷ୍ଠାନ ପ୍ରାଥମିକ ଶିକ୍ଷା ଠାରୁ ଆରମ୍ଭ କରି ମହାବିଦ୍ୟାଳୟ, ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର, ସରକାରୀ କାର୍ଯ୍ୟାଳୟ, ଜାତୀୟକରଣ ବ୍ୟାଙ୍କ ଗୁଡିକ ଭିତ୍ତିଭୂମୀ ଖୁବ ଉନ୍ନତ । ଏଠାରେ ଏକ ସୁଲଭ ବଜାର ରହିଛି ଯେଉଁଥିରେ ସବୁପ୍ରକାର ସାମଗ୍ରୀ ଶସ୍ତାରେ ଉପଲବ୍ଧ ହୋଇଥାଏ । ଏହିସବୁ ଦୃଷ୍ଟି କୋଣରୁ ଦେଖିଲେ ଏହି ପଞ୍ଚାୟତକୁ ଭୁବନେଶ୍ୱର ମହାନଗର ନିଗମ (ବିଏମସି)ରେ ମିଶାଇବା ପାଇଁ କୌଣସି ଅସୁବିଧା ନାହିଁ । ସେହିପରି ଏହି ପଞ୍ଚାୟତ ଖୋର୍ଦ୍ଧା ଜିଲ୍ଲା ତଥା ବାଲିଅନ୍ତା ବ୍ଲକର ଏକ ସେନ୍ସସ ଟାଉନ ଭାବରେ ସ୍ୱୀକୃତି ପାଇଅଛି ଏବଂ ଗ୍ରାମସଭାରେ ନିଗମରେ ମିଶ୍ରଣ ପାଇଁ ଜନସାଧାରଣଙ୍କ ଦ୍ୱାରା ବ୍ଲକ ତରଫରୁ ପ୍ରସ୍ତାବ ଉପସ୍ଥାପନା କରାଯାଇଅଛି । ଏହାକୁ ବିଚାରକୁ ନେଇ ଏହି ପଞ୍ଚାୟତକୁ ବିଏମସିରେ ମିଶାଇବା ପାଇଁ ଜନସାଧାରଣଙ୍କ ରାଜ୍ୟ ସରକାରଙ୍କ ନିକଟରେ ଦାବି ହୋଇଛି ।

# ତହସିଲ କାର୍ଯ୍ୟରେ ଆସୁନି ସୁଧାର

**ଖାଲିପଡିଛି ଅନେକ ପଦବୀ**

**ବଢୁଛି ଦାୟିତ୍ୱ, ଚିନ୍ତାରେ କର୍ମଚାରୀ**

**ଭୟ ବଢ଼ାଉଛି ନୂଆ ଫର୍ମୁଲା**




**କାକଟପୁର/ଅସ୍ତରଙ୍ଗ,୧୮।୧୧ (ସଂଚାର ବ୍ୟୁରୋ):** ରାଜ୍ୟ ରାଜସ୍ୱ ବିଭାଗ ଫର୍ମୁଲାର ପରୀକ୍ଷା କରି ଚାଲିଛି। ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟକୁ ବାରମ୍ବାର ସମୀକ୍ଷା କରୁଛି। ତଥାପି ତହସିଲର କାର୍ଯ୍ୟରେ ସୁଧାର ଆସୁନି। ଏବେ ବି ପ୍ରଜାଙ୍କୁ ତହସିଲ କୋର୍ଟର ଚକ୍କର କାଟିବାକୁ ପଡୁଛି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ କାର୍ଯ୍ୟାଳୟଟି ଭିତ୍ତିଭୂମି ଠାରୁ ମାନବ ସମ୍ବଳ ସବୁଥିରେ ଅଭାବକୁ ଦେଖୁଥିବା ବେଳେ ପୁଣି ଏକ ଦାୟିତ୍ୱ ଆଶଙ୍କା ଚିନ୍ତା ବଢ଼ାଇ ଦେଇଛି। ଅସ୍ତରଙ୍ଗ ତହସିଲଟି ୧୫ଗୋଟି ପଂଚାୟତକୁ ନେଇ ଗଠିତ ହୋଇଥିବା ବେଳେ ଗତ କିଛି ବର୍ଷ ହେବ ତହସିଲରେ କର୍ମଚାରୀ ଅଭାବ ଥିବାରୁ ନିଜର ସ୍ଥିତି ହରାଇ ସାରିଛି। ମାଳ ମାଳ ମାମଲାରେ ଛନ୍ଦି ହୋଇ ରହିଥିବା ଏହି ତହସିଲ କର୍ମଚାରୀଙ୍କ ଘୋର ଅଭାବକୁ ସାମ୍ନା କରୁଛି। ଅସ୍ତରଙ୍ଗ ତହସିଲ ଅଧୀନରେ ୧୦୫ଟି ରାଜସ୍ୱ ଗ୍ରାମ ରହିଥିବା ବେଳେ ନଗର, ନଈଗୁଆଁ, ଅସ୍ତରଙ୍ଗ, କେନ୍ଦ୍ରାପଟି ଓ ମାଣ୍ଡୁକି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ରହିଛି। ତହସିଲ କାର୍ଯ୍ୟାଳୟରେ ଏଷ୍ଟାବ୍ଲିସମେଣ୍ଟ, ମ୍ୟୁଟେସନ, କଲମ-୨ ସଂଶୋଧନ, ଓଏଲଆର, ରେକର୍ଡ ରୁମ, ଲିଜ, ବିସିପି, ମିସକେଶ, ଡିମାରକେସନ, ଏନକ୍ରୋଚମେଣ୍ଟ,ବସୁନ୍ଧରା, ଓପିଡିଆର କେଶ, ହାଇକୋର୍ଟ କେଶ, ଓଏସଏସ କେଶ, ହାଇଟେକ ସର୍ଭେ, ଜଗନ୍ନାଥ ଜମି, ଭୂଦାନ ଜମି, ଇନିସ୍କେକ୍ସନ, ଇଲେକ୍ସନ, ଜନଗଣନା, ଚିଟଫଣ୍ଡ (ଓପିଆଇଡି), ଆରଟିଆଇ ମାମଲା ଭଳି ଅନେକ ବିଭାଗ କାର୍ଯ୍ୟ କରୁଛି। ସେଥିପାଇଁ ତହସିଲରେ ଆବଶ୍ୟକ ମୁତାବକ କର୍ମଚାରୀ ନିଯୁକ୍ତି କରିବାକୁ ସରକାର ସ୍ଥିର କରିଥିଲେ। ମାତ୍ର ଏବେ ସୁଦ୍ଧା ଅନେକ ପଦରେ କର୍ମଚାରୀ ପଦ ଖାଲି ପଡିଚି। ଜଣେ ଜଣେ କିରାଣୀ ୫ରୁ ୬ଗୋଟି ବିଭାଗର ଦାୟିତ୍ୱ ତୁଲାଉଥିବା ପ୍ରଜାଙ୍କୁ ଠିକଣା ସମୟରେ ନ୍ୟାୟ ମିଳିପାରୁନାହିଁ।

ଲୋକଙ୍କୁ ଠିକଣା ସମୟରେ ଜାତିଗତ ହେଉ କିମ୍ବା ରୋଜଗାର ସମ୍ପର୍କିତ ପ୍ରମାଣପତ୍ର ମିଳିପାରୁନି। ମ୍ୟୁଟେସନ କେଶ ଗୁଡିକ ନିର୍ଦ୍ଧାରିତ ସମୟରେ କରାଯାଉନଥିବା ବେଳେ ପ୍ରଜାଙ୍କୁ ପଟ୍ଟା ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି। ଏପରିକି ସରକାରୀ ଜମିର ସୁରକ୍ଷା କରାଇବାରେ ଅସ୍ତରଙ୍ଗ ତହସିଲ ବିଫଳ ହୋଇଛି। କେବଳ ସେତିକି ନୁହେଁ, ବସୁନ୍ଧରା ଭଳି ଯୋଜନାକୁ କାର୍ଯ୍ୟକାରୀ କରିବାକୁ ତହସିଲ ବାବୁମାନେ ଆଗ୍ରହ ପ୍ରକାଶ କରୁନାହାନ୍ତି। ବହୁ ଡିମାରକେଶନ (ମାପଚୁପ) କେଶ ନାଲିଫିତା ତଳେ ଚାପି ହୋଇ ରହିଥିବାରୁ ପ୍ରଜାଙ୍କୁ ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡୁଛି।

ଏପରିସ୍ଥିତିରେ ଜମି କିଣାବିକା ଭଳି ଦାୟିତ୍ୱ ବହନ ତହସିଲ କାର୍ଯ୍ୟାଳୟରେ ସ୍ୱଳ୍ପ ସଂଖ୍ୟକ କର୍ମଚାରୀ ତାହାକୁ ସଠିକ ଭାବେ ତୁଲାଇବା କଷ୍ଟକର ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଗୁରୁତ୍ୱ ସହ ନେଇ ଖାଲି ପଡ଼ିଥିବା ପଦବୀ ଗୁଡିକ ପୂରଣ ପାଇଁ ସାଧାରଣ ଦାବୀ ହୋଇଛି।

### ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା

# ଓଡ଼ିଶା ପାଭିଲିୟନର ବ୍ୟାପକ ବ୍ୟବସାୟିକ ସଫଳତା

**ଦେଶ ବିଦେଶର ଦୃଷ୍ଟି ଆକର୍ଷଣ କରୁଛି ଓଡ଼ିଶା ପାଭିଲିୟନ**



**ନୂଆଦିଲ୍ଲୀ/ଭୁବନେଶ୍ୱର, ୧୮।୧୧ (ସଂଚାର ବ୍ୟୁରୋ):** ଚଳିତ ନଭେମ୍ବର ୧୪ ରୁ ୨୭ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମ୍ ପରିସରରେ ଆୟୋଜିତ ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଖୋଲାଯାଇଥିବା ଓଡ଼ିଶା ପାଭିଲିୟନ ଦେଶ ବିଦେଶର ବୃହତ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ସହିତ ବାଣିଜ୍ୟିକ ସମ୍ପର୍କ ସ୍ଥାପନ କରିବାରେ ସଫଳ ହୋଇଛି। ଚଳିତ ବର୍ଷର ବିଷୟବସ୍ତୁ 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ସାର୍ଥକତାକୁ ପ୍ରତିପାଦନ କରିବାକୁ ଯାଇ, ସ୍ୱଦେଶୀ ଜ୍ଞାନକୌଶଳରେ ଉତ୍ପାଦିତ ଓଡ଼ିଶାର କୃଷିଜାତ ସାମଗ୍ରୀଠାରୁ ଆରମ୍ଭ କରି ବୟନ ଓ ହସ୍ତଶିଳ୍ପ ପର୍ଯ୍ୟନ୍ତ ସମସ୍ତ ସାମଗ୍ରୀ, ଦେଶ ବିଦେଶର ବହୁବହୁ ବ୍ୟବସାୟୀ ସମେତ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନ ଗୁଡ଼ିକର ଦୃଷ୍ଟି ଆକର୍ଷଣ କରୁଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଏକ ଭାରତ, ଶ୍ରେଷ୍ଠ ଭାରତ' ଏବଂ 'ଆତ୍ମନିର୍ଭର ଭାରତ' ଆହ୍ୱାନ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ 'ଓଡ଼ିଶା ଭିଜନ ୨୦୩୬' ପାଇଁ ଶିଳ୍ପାୟନ ଓ ପୁଞ୍ଜି ବିନିଯୋଗ ମାର୍ଗଦର୍ଶନର ପ୍ରତିଫଳନ ସ୍ୱରୂପ, ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାର ପ୍ରଥମ ପାଞ୍ଚ ଦିନ ପର୍ଯ୍ୟନ୍ତ ନିର୍ଦ୍ଧାରିତ ବ୍ୟବସାୟିକ ଅବଧିରେ ଓଡ଼ିଶା ପାଭିଲିୟନ ଏହି ସଫଳତା ହାସଲ କରିଛି।

ବରଗଡ଼ର ଗୌମୟ ପେଣ୍ଟସ, ବ୍ରହ୍ମପୁରର ଇଭେଟ କ୍ରଷିସ , ମୟୂରଭଞ୍ଜ ଜିଲ୍ଲାର ଯଶିପୁର କୃଷି ଉତ୍ପାଦକ ସଂଘର ଷ୍ଟଲ , ରାୟଗଡ଼ାର ପ୍ରେରଣା ସ୍ୱୟଂ ସହାୟକ ଗୋଷ୍ଠୀ, ଧାନ କଳାକୃତି, ସଉରା ଓ ଗଞ୍ଜ ଜନଜାତି ଚିତ୍ରକଳା, କୋରାପୁଟ କଫି ଓ ଜନଜାତି ସମୁଦାୟଙ୍କ ଦ୍ୱାରା ସଂଗୃହିତ, ଉତ୍ପାଦିତ ଓ ପ୍ରକ୍ରିୟାକୃତ ସାମଗ୍ରୀକୁ ନେଇ ଅନୁସୂଚୀତ ଜାତି ଓ ଅଂଶଗ୍ରହଣ କରିଥିବା ଷ୍ଟଲ ସମେତ ଓରମାସ ଓ ମିଶନ ଶକ୍ତି ଆନୁକୂଲ୍ୟରେ ଅଂଶଗ୍ରହଣ କରିଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀ ଦ୍ୱାରା ଉତ୍ପାଦିତ ଓ ପ୍ରସ୍ତୁତ ବିଭିନ୍ନ ସୁସ୍ୱାଦ୍ୟ ସାମଗ୍ରୀ ମଧ୍ୟ ବାଣିଜ୍ୟ ଓ ଦେଶସମୂହର ବ୍ୟବସାୟୀମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁରେ ପରିଣତ ହୋଇଛି। ଗତ ୧୪ ତାରିଖରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହାକୁ ଉଦଘାଟନ କରିଥିବା ବେଳେ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓଡ଼ିଶା ପାଭିଲିୟନ ସମେତ ଭାରତ ସରକାରଙ୍କ ଶକ୍ତି ମନ୍ତ୍ରାଳୟ ଏବଂ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରାଳୟ ପାଭିଲିୟନ ପରିଦର୍ଶନ କରି ସେମାନଙ୍କ ସମ୍ମୁଖରେ ଏହି ଉଭୟ କ୍ଷେତ୍ରରେ ଓଡ଼ିଶାର ଆଭିମୁଖ୍ୟ ଓ ସମ୍ଭାବନାର ସ୍ପଷ୍ଟ ଚିତ୍ର ଉପସ୍ଥାପନ କରିଥିଲେ।

### ବାଂଲାଦେଶୀ ନାବାଳିକାଙ୍କୁ ଚାଲାଣ ଅଭିଯୋଗ

# ୧୦ ଜଣଙ୍କ ବିରୋଧରେ ଏନଆଇଏର ଚାର୍ଜସିଟ୍




**ଭୁବନେଶ୍ୱର, ୧୮।୧୧ (ସଂଚାର ବ୍ୟୁରୋ):** ଓଡ଼ିଶାରେ ଜଣେ ବାଂଲାଦେଶୀ ନାବାଳିକାଙ୍କୁ ଚାଲାଣ କରିବା ଘଟଣାର ତଦନ୍ତ କରି ଜାତୀୟ ତଦନ୍ତ ସଂସ୍ଥା (ଏନଆଇଏ) ୧୦ ଜଣଙ୍କ ନାମରେ ଚାର୍ଜସିଟ୍ ଦାଖଲ କରିଛି। ଗତ ବର୍ଷ ନଭେମ୍ବର ୯ ରାତିରେ କଟକର ଲିଙ୍କ ରୋଡ୍ ଅଞ୍ଚଳରେ ବୁଲୁଥିବା ୧୭ ବର୍ଷୀୟା ଯୁବତୀଙ୍କୁ ମଧୁପାଟଣା ପୁଲିସ ଉଦ୍ଧାର କରିବା ପରେ ଏହି ଘଟଣା ସାମ୍ନାକୁ ଆସିଥିଲା। ପରେ ତାଙ୍କୁ ଶିଶୁ କଲ୍ୟାଣ କମିଟି (ସିଡବ୍ଲୁସି)କୁ ହସ୍ତାନ୍ତର କରାଯାଇଥିଲା।

ଚାକିରିର ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ଅନୈତିକ ଭାବରେ ଚାଲାଣ କରାଯାଇଥିବା ଅଭିଯୋଗରେ ମଙ୍ଗଳବାର ଭୁବନେଶ୍ୱରର ସ୍ୱତନ୍ତ୍ର କୋର୍ଟରେ ଏହି ଚାର୍ଜସିଟ୍ ଦାଖଲ କରାଯାଇଥିଲା। ତେବେ ଏହି ମାନବ ଚାଲାଣ ନେଟୱାର୍କର ପର୍ଦ୍ଦାଫାସ ହେବାପରେ ତଦନ୍ତ ଜୋର୍ ଧରିଥିଲା। ଅଭିଯୁକ୍ତମାନେ ଯୁବତୀଙ୍କ ପରିବାରର ଆର୍ଥିକ ପରିସ୍ଥିତିର ସୁଯୋଗ ନେଇ ଏପରି ଯୋଜନା କରିଥିବା ଜଣାପଡ଼ିଥିଲା।

ପ୍ରାରମ୍ଭରେ ଓଡ଼ିଶା ପୁଲିସ ପୋକ୍ସୋ କୋର୍ଟରେ ଏହି ମାମଲାରେ ଦୁଇ ମହିଳାଙ୍କ ସମେତ ଛଅ ଜଣ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୁଇଟି ଚାର୍ଜସିଟ୍ ଦାଖଲ କରିଥିଲା। ପରେ ଏନଆଇଏ ଚଳିତ ବର୍ଷ ଏହାର ତଦନ୍ତ ଦାୟିତ୍ୱ ନେବା ପରେ ସେପ୍ଟେମ୍ବରରେ ପଶ୍ଚିମବଙ୍ଗର କୋଲକାତା ଏବଂ ବନଗାଓଁରେ ପାଞ୍ଚଟି ସ୍ଥାନରେ ଚଢ଼ଉ କରାଯାଇ ନାବାଳିକା ବାଂଲାଦେଶୀଙ୍କ ଚାଲାଣରେ ସମ୍ପୃକ୍ତ ଥିବା ଅଭିଯୋଗରେ ଆଉ ଦୁଇ ଜଣଙ୍କୁ ଗିରଫ କରିଥିଲା। ଏହାବ୍ୟତୀତ ସେମାନଙ୍କଠାରୁ ଅନେକ ଅପରାଧିକ କାଗଜପତ୍ର ସମେତ ବିପୁଳ ପରିମାଣର ଭାରତୀୟ, ବାଂଲାଦେଶୀ ଏବଂ ଅନ୍ୟାନ୍ୟ ବିଦେଶୀ ମୁଦ୍ରା ମଧ୍ୟ ଜବତ କରାଯାଇଥିଲା। ସେମାନଙ୍କର ସୋସିଆଲ ମିଡିଆ ଆକାଉଣ୍ଟ ଓ ଆର୍ଥିକ କାରବାର ଯାଞ୍ଚ କରିବା ପରେ ସେମାନଙ୍କର ଆଉ ଦୁଇ ସହଯୋଗୀଙ୍କୁ ଗିରଫ କରାଯାଇଥିଲା।

# ଓଡ଼ିଶାର ୫ ଜିଲ୍ଲାକୁ 'ଜାତୀୟ ଜଳ ପୁରସ୍କାର'



**ଭୁବନେଶ୍ୱର,୧୮।୧୧(ସଂଚାର ବ୍ୟୁରୋ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ମଙ୍ଗଳବାର ଷଷ୍ଠ ଜାତୀୟ ଜଳ ପୁରସ୍କାର-୨୦୨୪ ଏବଂ ଜଳ ସଂଚୟ ଜନ ଭାଗୀଦାରୀ ପୁରସ୍କାର ପ୍ରଦାନ କରିଛନ୍ତି। ଜଳ ସଂରକ୍ଷଣ ଏବଂ ପରିଚାଳନା କ୍ଷେତ୍ରରେ ଅନୁକରଣୀୟ କାର୍ଯ୍ୟ ପାଇଁ ୧୦ଟି ବର୍ଗର ମିଳିତ ବିଜେତାଙ୍କ ସମେତ ୪୬ ଜଣ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତ୍ୟେକ ପୁରସ୍କାର ବିଜେତାଙ୍କୁ ଏକ ପ୍ରଶସ୍ତିପତ୍ର, ଏକ ଟ୍ରଫି ଏବଂ କିଛି ବର୍ଗରେ ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା।

ଚଳିତ ବର୍ଷ ମୋଟ ୧୦୦ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଏଥିରେ ତିନୋଟି ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ, ୬୭ ଜିଲ୍ଲା, ଛଅଟି ନଗର ନିଗମ, ଗୋଟିଏ ପୌର ସଂସ୍ଥା, ଦୁଇଟି ସହଭାଗୀ ମନ୍ତ୍ରଣାଳୟ/ ବିଭାଗ, ଦୁଇଟି ଶିଳ୍ପ, ତିନୋଟି ଏନଜିଓ, ଦୁଇ ସ୍ୱେଚ୍ଛାସେବୀ ବ୍ୟକ୍ତି ବିଶେଷ ଏବଂ ୧୪ ଜଣ ନୋଡାଲ ଅଧିକାରୀ ଅନ୍ତର୍ଭୁକ୍ତ। ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲାଗୁଡ଼ିକୁ ବର୍ଗ ୧ରେ ପ୍ରତ୍ୟେକଙ୍କୁ ୨ କୋଟି ଟଙ୍କା, ବର୍ଗ ୨ ଏବଂ ୩ରେ ଥିବା ଜିଲ୍ଲାଗୁଡ଼ିକୁ ଯଥାକ୍ରମେ ୧ କୋଟି ଟଙ୍କା ଏବଂ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ମଧ୍ୟରେ ଓଡିଶାର ଗଞ୍ଜାମ, ମୟୂରଭଞ୍ଜ, କଳାହାଣ୍ଡି, ରାୟଗଡା, କଟକ ତୃତୀୟ ବର୍ଗରେ ପୁରସ୍କୃତ ହୋଇଛନ୍ତି। ଏସବୁ ଜିଲ୍ଲାରେ ବିଭିନ୍ନ ଜଳପ୍ରକଳ୍ପକୁ ସଫଳତାର ପୂର୍ବକ କାର୍ଯ୍ୟକାରୀ କରିବା ଲାଗି ପ୍ରତ୍ୟେକ ଜିଲ୍ଲାକୁ ୨୫ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଛି।

ଗଞ୍ଜାମ ଜିଲ୍ଲାରେ ୯,୪୦୨ଟି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ମୟୂରଭଞ୍ଜ, କଳାହାଣ୍ଡି, ରାୟଗଡା, କଟକ ଜିଲ୍ଲାରେ ଯଥା କ୍ରମେ ୧୫,୧୪୧, ୬,୬୭୮, ୮,୨୩୭, ୫,୫୭୨ ଟି ଲେଖାଏଁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏହା ସହିତ, ଜଳ ସଞ୍ଚୟ ଜନ ଭାଗୀଦାରୀ ପ୍ରୟାସରେ ଭୂତଳ ଜଳ ପୁନଃଚାର୍ଜ ଢାଞ୍ଚା ବିକାଶରେ ଅନୁକରଣୀୟ ଅବଦାନ ପାଇଁ ୧୦୦ ଜଣ ପ୍ରତିଷ୍ଠିତ ପୁରସ୍କାରପ୍ରାପ୍ତ ବ୍ୟକ୍ତିଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମଟି ପାରମ୍ପରିକ 'ଜଳ କଳସ' ସମାରୋହ ସହିତ ଆରମ୍ଭ ହୋଇଥିଲା।

# ଓଡିଶା ବିଧାନସଭା ପରିଦର୍ଶନ କଲେ ୪୦ ବିଦେଶୀ ପ୍ରତିନିଧି



**ଭୁବନେଶ୍ୱର, ୧୮।୧୧ (ସଂଚାର ବ୍ୟୁରୋ):** ଆଜି ନୂଆଦିଲ୍ଲୀ ସ୍ଥିତ ଲୋକସଭା ସଚିବାଳୟ ତରଫରୁ ୧୨ଟି ଦେଶର ୪୦ ଜଣ ବିଦେଶୀ ପ୍ରତିନିଧି ପରିଦର୍ଶନରେ ଆସିବା ସହ ସଚିବାଳୟ ସମ୍ମିଳନୀ କକ୍ଷରେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଓଡିଶା ସଚିବାଳୟର ବାଚସ୍ପତି ସୁରମା ପାଢ଼ୀ ଏହି ବୈଠକକୁ ଉଦଘାଟନ କରିଥିଲେ। ସେ ଉପସ୍ଥିତ ପ୍ରତିନିଧିମାନଙ୍କୁ ସ୍ୱାଗତ କରିବା ସହ ବିଧାନସଭାର ଗୌରବମୟ ଇତିହାସ ଓ ଏହାର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ବିଧାନସଭାର ସଂସଦୀୟ କାର୍ଯ୍ୟ ପ୍ରଣାଳୀ ଭାରତର ସର୍ବଶ୍ରେଷ୍ଠ। ଚଳିତ ୧୭ତମ ବିଧାନସଭାର ପ୍ରଥମ ବର୍ଷରେ ମୋଟ ୬୨ ଦିନ ଅଧିବେଶନ କାର୍ଯ୍ୟ ଦିବସ ସମ୍ପାଦନ କରିବା ପାଇଁ ସକ୍ଷମ ହୋଇପାରିଛି। ଏତଦବ୍ୟତୀତ ଓଡିଶା ବିଧାନସଭାର ସମସ୍ତ କାର୍ଯ୍ୟ ଡିଜିଟାଇଜେସନ୍ ଏବଂ କମ୍ପ୍ୟୁଟରୀକରଣ ହେବା ସହ ନେଭା ପ୍ରୋଜେକ୍ଟ ଦ୍ୱାରା ସମସ୍ତ କାର୍ଯ୍ୟକୁ କାଗଜ ଶୂନ୍ୟ କରିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ଓଡିଶା ବିଧାନସଭାର ବାଚସ୍ପତି କହିଥିଲେ।

ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଓଡିଶା ବିଧାନସଭାର ବିଧି ବ୍ୟବସ୍ଥା ଓ କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ସମସ୍ତ ପ୍ରତିନିଧିମାନଙ୍କୁ ଅବଗତ କରିଥିଲେ। ସେହିପରି ବିଭିନ୍ନ ଦେଶର ଲୋକଙ୍କ ମଧ୍ୟରେ ସଂସଦୀୟ ଓ ସାଂସ୍କୃତିକ ପରମ୍ପରାର ଆଦାନ ପ୍ରଦାନ କାର୍ଯ୍ୟକ୍ରମ ଆହୁରି ନିବିଡ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ସାଂସଦ ସୁଜିତ କୁମାର ଭାରତୀୟ ସଂସଦୀୟ ପରମ୍ପରା ଓ କାର୍ଯ୍ୟ ପ୍ରଣାଳୀ ଉପରେ ଆଲୋକପାତ କରିଥିଲେ।

# ୧୨୦ ଗ୍ରାମ ବ୍ରାଉନ ସୁଗର ଜବତ, ଜଣେ ଗିରଫ



**ସମ୍ବଲପୁର,୧୮।୧୧(ସଂଚାର ବ୍ୟୁରୋ):** ସମ୍ବଲପୁର ଟାଉନ ପୁଲିସ ଦ୍ୱାରା ବ୍ରାଉନସୁଗର ଜବତ ହୋଇଛି। ଦୁଇ ଗିରଫ ଅଭିଯୁକ୍ତ ହେଲେ ମହମ୍ମଦ ନୁମାଲ ଓ ମହମ୍ମଦ ସହେଲା ଏହି ଘଟଣାରେ ୩ଜଣ ମହିଳାଙ୍କୁ ମଧ୍ୟ ଅଟକ ରଖାଯାଇଛି। ଭିଏସଏସ ମାର୍ଗଠାରେ ବ୍ରାଉନସୁଗର କାରବାର କରୁଥିବା ବେଳେ ପୁଲିସ ମାଡି ବସିଥିଲା । କୋଲକାତାରୁ ଏହି ବ୍ରାଉନସୁଗର ଅଣାଯାଇଥିଲା । ଏହି ବ୍ରାଉନସୁଗର କରବାରରେ ତିନିଜଣ ମହିଳା ମଧ୍ୟ ସାମିଲ ଅଛନ୍ତି । ଏହି ଦୁଇ ଯୁବକ ତିନିଜଣ ମହିଳାଙ୍କ ପାଇଁ କୋଲକାତାରୁ ଏହି ବ୍ରାଉନସୁଗର ଆଣିଥିବା ଯୁବକମାନେ ମାନିଛନ୍ତି। ଏହି ମହିଳାମାନଙ୍କ ସମ୍ପୃକ୍ତିକୁ ନେଇ ବର୍ତ୍ତମାନ ପୁଲିସ ତଦନ୍ତ ଜାରି ରଖିଛି । ଆଉ କେତେଥର ଏହି ମହିଳାମାନେ କାହା କାହା ହାତରେ କୋଲକାତାରୁ କେତେଥର ବ୍ରାଉନସୁଗର ସମ୍ବଲପୁରକୁ ଆଣିଛନ୍ତି ସେନେଇ ପୁଲିସ ତଦନ୍ତ କରୁଛି ।

● ୨୦୧୫ ହତ୍ୟାକାଣ୍ଡ ମାମଲା

# ଗୋଟିଏ ପରିବାରର ୫ଜଣଙ୍କୁ ଆଜୀବନ କାରାଦଣ୍ଡ

**ରାୟଗଡା,୧୮।୧୧(ସଂଚାର ବ୍ୟୁରୋ):** ରାୟଗଡା ସହରର ବୁଦୁରାବାଲସା ସାହିରେ ୨୦୧୫ ମସିହାରେ ହୋଇଥିବା ବହୁ ଚର୍ଚ୍ଚିତ ହତ୍ୟାକାଣ୍ଡ ଘଟଣାରେ ୫ଜଣ ଅଭିଯୁକ୍ତଙ୍କୁ ରାୟଗଡ଼ା ଜିଲ୍ଲା ଦୌରା ଜଜ ସତ୍ୟନାରାୟଣ ଷଡ଼ଙ୍ଗୀ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା ମଧ୍ୟ ଶୁଣାଇଛନ୍ତି। ଜରିମାନା ଅନାଦେୟ ହେଲେ ଅତିରିକ୍ତ ୧ ବର୍ଷ ଜେଲରେ ରହିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି। ୨୦୧୫ ମସିହାରେ ରାୟଗଡା ସହରର ବୁଦୁରାବଲାସା ନିକଟସ୍ଥ ମଝିଘରିଆଣୀ ମଣ୍ଡପ ନିକଟରେ ରହୁଥିବା ଭାରତୀୟ ଖାଦ୍ୟ ନିଗମରେ ଖଲାସି ରୂପେ କାର୍ଯ୍ୟ କରୁଥିବା କେ. ଆପଲା ନାରାୟଣଙ୍କୁ ସାହିରେ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରିଥିଲେ। ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥିଲା। ଆଜୀବନ କାରାଦଣ୍ଡ ଦଣ୍ଡାଦେଶ ପାଇଥିବା ଅଭିଯୁକ୍ତମାନେ ହେଲେ ପି .ସୂରିଆ ରାଓ, ପି ଶଙ୍କର ରାଓ, ପି ଶ୍ରୀନୁ, ପି ତ୍ରିନାଥ ରାଓ ଓ ପି ସତ୍ୟା । ଅଭିଯୁକ୍ତମାନେ ସମସ୍ତେ ଗୋଟିଏ ପରିବାର ବୋଲି ଜଣାପଡିଛି। ଏହି ମାମଲାରେ ସରକାରୀ ଓକିଲ ବିକ୍ରମ ନାରାୟଣ କୁଣ୍ଡୁ ମକଦ୍ଦମା ପରିଚାଳନା କରୁଥିଲେ।

● ଦିବ୍ୟାଙ୍ଗ ନାବାଳିକାକୁ ଦୁଷ୍କର୍ମ ଘଟଣା

# ୧୨ ଘଣ୍ଟିଆ ବନ୍ଦ ପାଳନ କଲା ଭିଏଚ୍‌ପି

**କେନ୍ଦୁଝର,୧୮।୧୧ (ସଂଚାର ବ୍ୟୁରୋ):** ଆଜି ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ୧୨ ଘଣ୍ଟିଆ ଜିଲ୍ଲା ବନ୍ଦ ଡ଼ାକରା ଦିଆଯାଇଥିଲା। ଆଜି ସକାଳୁ ଜିଲ୍ଲାରେ ଅତ୍ୟାବଶ୍ୟକ ସେବାକୁ ଛାଡ଼ି ଦୋକାନ, ବଜାର, ସ୍କୁଲ୍, କଲେଜ, ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ଅନୁପ୍ରବେଶକାରୀ, ଉପଦ୍ରବକାରୀ, ଅସାମାଜିକ କାର୍ଯ୍ୟରେ ଲିପ୍ତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ଜିଲ୍ଲାରୁ ବାହାର କରିବା ଦାବିରେ ବନ୍ଦ ଡ଼ାକରା ଦିଆଯାଇଥିଲା। କେନ୍ଦୁଝର ସହର, ଚମ୍ପୁଆ, ଯୋଡ଼ା, ବଡ଼ବିଲ, ପାଟଣା, ଘସିପୁରା, ଆନନ୍ଦପୁରରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ଆଜି ସକାଳୁ ବିଶ୍ୱହିନ୍ଦୁ ପରିଷଦର ନେତା ଓ ସଦସ୍ୟମାନେ ପିକେଟିଂ କରି ବିଭିନ୍ନ ସ୍ଥାନରେ ବନ୍ଦ କରିଥିଲେ। ଜିଲ୍ଲାରେ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ଏହାର ପ୍ରଭାବରେ ଜିଲ୍ଲାରେ ସ୍ୱତଃସ୍ଫୂର୍ତ୍ତ ଦୋକାନ, ବଜାର ବନ୍ଦ ରହିଥିଲା। ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ଏହି ବନ୍ଦ ଶାନ୍ତିପୂର୍ଣ୍ଣ ଭାବେ କରାଯାଇଥିଲା। ପ୍ରକାଶ ଯେ, ଗତ ୧୫ ତାରିଖରେ ବାଂଶପାଳ ବ୍ଲକ ସଦର ଥାନା ଅଞ୍ଚଳରେ ଜଣେ ଦିବ୍ୟାଙ୍ଗ ନାବାଳିକା ଦୁଷ୍କର୍ମର ଶିକାର ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏହି ମାମଲାରେ ଜଣେ ବଙ୍ଗାଳୀ ମୁସଲମାନ ଗିରଫ ହୋଇଛନ୍ତି। ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଜିଲ୍ଲାବ୍ୟାପୀ ଦିଆଯାଇଥିବା ବନ୍ଦ ପାଳନ ଡାକରା ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ସହ ଏକ ଆଲୋଚନା ପରେ ସମାପ୍ତ ହୋଇଛି। ସହଯୋଗ ପାଇଁ ବିଶ୍ୱ ହିନ୍ଦୁ ପରିଷଦର ଜିଲ୍ଲା ସଭାପତି ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି।

# ବଦଳିଲେ ଧର୍ମଶାଳା ଥାନା ଅଧିକାରୀ

**ଧର୍ମଶାଳା,୧୮।୧୧ (ସଂଚାର ବ୍ୟୁରୋ):** ଯାଜପୁର ଜିଲା ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝିଙ୍କ ପାଣିକୋଇଲି ହେଡକ୍ୱାର୍ଟରକୁ ବଦଳି ହାଇଥିବା ଜଣାପଡିଛି। ଥାନା ଅଧିକାରୀ ଧର୍ମଶାଳା ଥାନାରେ ଏକ ବର୍ଷ କାଳ ରହି ବିଭିନ୍ନ ଘଟଣାରେ ବିବାଦୀୟ ହୋଇପଡିଥିଲେ। ଯାଜପୁର ଏସପି ଯସପ୍ରତାପ ସାମଲ ତାଙ୍କୁ ପାଣିକୋଇଲିସ୍ଥିତ ପୁଲିସ ହେଡକ୍ୱାଟରକୁ ବଦଳି କରିଥିବା ଜଣାପଡିଛି। ଏବେ ଥାନା ଅଧିକାରୀ ଦାୟିତ୍ୱରେ ଏସ୍ଆଇ ରମାକାନ୍ତ ନାୟକ ରହିଥିବା ଜଣାଯାଇଛି। ଏହି ଥାନାରେ କେବେ ନୂତନ ଥାନା ଅଧିକାରୀଙ୍କ ନିଯୁକ୍ତି ଦିଆଯିବ ତାହା ପରବର୍ତୀ ସମୟରେ ଜଣାପଡିବ।

# ସାଇବର ଠକେଇ ପର୍ଦ୍ଦାଫାସ: ୧୨ ଗିରଫ




**ବିଭିନ୍ନ ବ୍ୟାଙ୍କର ୬୧ ପାସବୁକ୍, ୪୧ ଏଟିଏମ, ୯୦ମୋବାଇଲ ଓ କାର ଜବତ**

**ଝାରସୁଗୁଡ଼ା,୧୮।୧୧(ସଂଚାର ବ୍ୟୁରୋ):** ଝାରସୁଗୁଡ଼ାରୁ ଜାମତରା, ବିହାର, ରାଜସ୍ଥାନକୁ ଲମ୍ବିଛି ଏହି ସାଇବର ଠକେଇ ଚେର। ଏଭଳି ଏକ ବଡ଼ଧରଣର ରାକେଟର ପର୍ଦ୍ଦାଫାସ କରିଛି ଝାରସୁଗୁଡା ପୁଲିସ। ଏହି ଘଟଣାରେ ୧୨ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ବିଭିନ୍ନ ବ୍ୟାଙ୍କର ୬୧ରୁ ଅଧିକ ପାସବୁକ, ୪୧ଟି ଏଟିଏମ, ୯୦ଟି ମୋବାଇଲ, ଏକ କାର ଜବତ କରିଛି ପୁଲିସ। ତଦନ୍ତ ଜାରି ରହିଥିବା ବେଳେ ଏହି ମାମଲାରେ ଆହୁରି ଅଧିକ ଲୋକ ଗିରଫ ହୋଇପାରନ୍ତି ବୋଲି କହିଛନ୍ତି ଏସପି ଜି. ଆର. ରାଘବେନ୍ଦ୍ର। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୨ ଜଣ ନାବାଳକ ମଧ୍ୟ ରହିଛନ୍ତି। ଅଭିଯୁକ୍ତମାନେ ହେଲେ ଝାରସୁଗୁଡ଼ାର ସୋନୁ ମଣ୍ଡଳ, ଶୁଭମ ପ୍ରସାଦ, ଶିଭମ ସାହୁ, ଅଭୟ ଘୋଷ, ସମୀର ସୁନା, ଏମ ଜଗଦୀଶ୍ୱର ରାଓ, ସମ୍ବଲପୁରର ଯୋଗେଶ୍ୱର ଚାନ୍ଦ, ନରେଶ ବାଗ, ଧୀରଜ ଗରଡିଆ, ରାଉରକେଲାର ଅଭିରାଜ ଶାହ। ପୁଲିସ ସୂଚନା ଅନୁସାରେ, ବିଭିନ୍ନ ସାଇବର ଠକେଇ ଗ୍ୟାଙ୍ଗ ପାଇଁ ଝାରସୁଗୁଡାରୁ ନିୟନ୍ତ୍ରିତ ହେଉଥିଲେ ଏଜେଣ୍ଟ। ଗେମିଂରୁ ପଇସା ମିଳିବ କହି ସାଧାରଣ ଲୋକଙ୍କ ନାଁମରେ ବ୍ୟାଙ୍କ ପାସବୁକ ଖୋଲାଉଥିଲେ। ପ୍ରତିଟି ପାସବୁକ ପାଇଁ ଆକାଉଣ୍ଟ ହୋଲଡରଙ୍କୁ ୫ ହଜାର ଟଙ୍କା, ଏକ ସିମ କାର୍ଡ ଦିଆଯାଉଥିଲା। ଝାରସୁଗୁଡାର ବିଭିନ୍ନ ଲୋକଙ୍କ ପାସବୁକ ବିହାର, ରାଜସ୍ଥାନ, ଝାରଖଣ୍ଡକୁ ବସ ଓ ଟ୍ରେନ ଯୋଗେ ପଠା ଯାଉଥିଲା। ସାଇବର ଠକେଇରୁ ମିଳିଥିବା ଟଙ୍କାକୁ ଝାରସୁଗୁଡାର ବିଭିନ୍ନ ଏଟିଏମରୁ ଉଠାଣ କରାଯିବା ପରେ ପୂର୍ବରୁ ପ୍ରସ୍ତୁତ ହୋଇ ରହୁଥିବା ଆକାଉଣ୍ଟରେ କ୍ୟାସ ଡିପୋଜିଟ କରାଯାଉଥିଲା।

# ସୁପୋଷିତ ଓଡ଼ିଶା ମିଶନର ଶୁଭାରମ୍ଭ

### ପ୍ରତ୍ୟେକ ଶିଶୁର ପୁଷ୍ଟିସାଧନ ନିମନ୍ତେ ନିଆଯିବ ସମୁଚିତ ପଦକ୍ଷେପ




**ଭୁବନେଶ୍ୱର, ୧୮।୧୧(ସଂଚାର ବ୍ୟୁରୋ):** ରାଜ୍ୟରେ ସମସ୍ତ ଶିଶୁଙ୍କର ପୁଷ୍ଟି ସାଧନ ପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଶିଶୁମାନଙ୍କୁ ପୋଷଣଯୁକ୍ତ କରାଇବା ପାଇଁ ସୁପୋଷିତ ଓଡ଼ିଶା ମିଶନ ଲୋକାର୍ପିତ ହୋଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ଲୋକସେବା ଭବନସ୍ଥିତ ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରେ ଏହି ମିଶନର ଶୁଭାରମ୍ଭ କରିଛନ୍ତି। ଓଡ଼ିଶା ପୁଷ୍ଟି ମିଶନ ଅଧୀନରେ ସୁପୋଷିତ ଓଡ଼ିଶା ମିଶନ ରାଜ୍ୟରେ ଶିଶୁମାନଙ୍କୁ କୁପୋଷଣରୁ ରୋକିବା ସହିତ ପ୍ରତ୍ୟେକ ଶିଶୁର ସ୍ୱାସ୍ଥ୍ୟ ଏବଂ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରହିଛି। ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମିଶନ ଶକ୍ତି, ପଞ୍ଚାୟତିରାଜ ଓ ପାନୀୟ ଜଳ, ଅନୁସୂଚିତ ଜନଜାତି ଓ ଅନୁସୂଚି ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ, କ୍ରୀଡ଼ା ଓ ଯୁବସେବା ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମିଳିତ ଭାବରେ ଏକ ଏକକୀକୃତ ସେବା ପ୍ରଦାନ ମଡେଲ ପ୍ରସ୍ତୁତ କରି ହିତାଧିକାରୀଙ୍କ ରକ୍ତହୀନତା, ଗେଡ଼ାପଣ, କ୍ଷୀଣକାୟ ଅବସ୍ଥା ହ୍ରାସ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ଏହା ଦ୍ୱାରା ରାଜ୍ୟରେ ଶିଶୁମାନଙ୍କର ପୁଷ୍ଟିସାଧନରେ ସମୁଚିତ ପଦକ୍ଷେପ ଗ୍ରହଣ କରାଯାଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି।

ଏତଦ୍‌ବ୍ୟତୀତ ଓଡ଼ିଶାରେ ପୋଷଣର ପରିଦୃଶ୍ୟ ଉପରେ ଏକ କଫିଟେବୁଲ୍ ବୁକ୍‌କୁ ମଧ୍ୟ ସେ ଉନ୍ମୋଚିତ କରିଛନ୍ତି। ଏହା ସମସ୍ତଙ୍କ ନିକଟରେ ଉପଲବ୍ଧ ହେବା ଦ୍ୱାରା ସମସ୍ତ ଅଙ୍ଗନବାଡ଼ି କର୍ମୀ, ପାଚିକା, ସ୍ୱୟଂ ସହାୟକ ଗୋଷ୍ଠୀ ଓ ମହିଳା ସଦସ୍ୟା, ମା' ଏବଂ କିଶୋରୀମାନେ ମଧ୍ୟ ଖାଦ୍ୟ ଗୁଣବତ୍ତାସଂପନ୍ନ ପ୍ରସ୍ତୁତ ପ୍ରଣାଳୀକୁ ଅନୁସରଣ କରିପାରିବେ। ଏତଦ୍‌ବ୍ୟତୀତ ପ୍ରତ୍ୟେକ ଅଙ୍ଗନବାଡ଼ି କେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀ ଓ ଶିଶୁମାନଙ୍କ ଜୀବନକୁ ପ୍ରାଧାନ୍ୟ ଦେଇ ସ୍ୱତନ୍ତ୍ର ଅଗ୍ନି ନିର୍ବାପକ ବ୍ୟବସ୍ଥା କରାଯିବ। ଅଗ୍ନିଜନିତ ଦୁର୍ଘଟଣାରୁ ରକ୍ଷା ପାଇବା ପାଇଁ ବାଲିବସ୍ତା ଓ ଅଗ୍ନିନିର୍ବାପକ କମଳ ଭଳି ସରଞ୍ଜାମ ରଖାଯିବ। ସେହିଭଳି ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନରେ ଏକ ସିଲାଇ ୟୁନିଟ୍‌ର ମଧ୍ୟ ଲୋକାର୍ପଣ ହୋଇଛି। ଏହି ଅବସରରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ସମ୍ନ୍ୱିତ ଶିଶୁ ବିକାଶ ସେବା ନିର୍ଦ୍ଦେଶିକା ମନୀଷା ବାନାର୍ଜୀ, ଅତିରିକ୍ତ ଶାସନ ସଚିବ ସ୍ୱୟଂପ୍ରଭା ମହାନ୍ତି, ନିଲୁ ମହାପାତ୍ର, ଅନନ୍ତ ନାରାୟଣ ସିଂ ଲାଗୁରି ଓ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ୧୦ ଶ୍ରମିକ ଉଦ୍ଧାର, ୨ ଅଭିଯୁକ୍ତ ଗିରଫ

**ବଲାଙ୍ଗୀର,୧୮।୧୧ (ସଂଚାର ବ୍ୟୁରୋ):** ବୃଦ୍ଧି ପାଉଥିବା ବେଆଇନ ଦାଦନ ଚାଲାଣ ରୋକିବା ପାଇଁ ଖପ୍ରାଖୋଲ ପୁଲିସ ଏକ ସଫଳ ଅଭିଯାନ ଚଳାଇଥିବା ଦେଖିବାକୁ ମିଳିଛି। ଏହାର ଫଳ ସ୍ୱରୂପ ୨ ଶିଶୁ ସମେତ ୧୦ ଜଣ ଶ୍ରମିକଙ୍କୁ ଉଦ୍ଧାର କରିଛି ଖପ୍ରାଖୋଲ ପୁଲିସ। ପୁଲିସର ଦାଦନ ଶ୍ରମିକ ଉଦ୍ଧାର ଅଭିଯାନ ପେଟ୍ରୋଲ ପମ୍ପ ନିକଟସ୍ଥ ବଡ଼ଗୁର୍ଜିଭଟା ଗ୍ରାମ ନିକଟରେ ସଫଳ ହୋଇଥିଲା। ଶ୍ରମିକ ସର୍ଦ୍ଦାର ଘନଶ୍ୟାମ ଶବର ଓ ଗାଡି ଚାଳକ ୱାସିର୍ ମହମ୍ମଦଙ୍କୁ ଘଟଣାସ୍ଥଳରୁ ଗିରଫ କରିବାରେ ସଫଳ ହୋଇଛି ପୁଲିସ। ଶ୍ରମିକମାନଙ୍କୁ ବେଆଇନ ବଇନା ଦେଇ ବିଜୟୱାଡାକୁ ଚାଲାଣ କରାଯାଉଥିବା ସୂଚନା ମିଳିଛି। ଘଟଣାରେ ବ୍ୟବହୃତ ବୋଲେରୋ ଗାଡିକୁ ମଧ୍ୟ ପୋଲିସ ଜବତ କରିଛି। ଏନେଇ ଖପ୍ରାଖୋଲ ଥାନା କେସ ନଂ ୨୬୭/୨୦୨୫ରେ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ତଦନ୍ତରେ ପ୍ରକାଶ ହୋଇଛି ଯେ, ଦୁଇ ଅଭିଯୁକ୍ତ ନୂଆପଡା ଜିଲ୍ଲାର କୋମନା ଥାନା ଅଧୀନସ୍ଥ ସୁଖଲିମୁଣ୍ଡା ଗ୍ରାମର ବସିନ୍ଦା। ଉଦ୍ଧାର ହୋଇଥିବା ସମସ୍ତ ଶ୍ରମିକମାନେ ନୂଆପଡା ଜିଲ୍ଲା ପାଇକମାଲ ଅଂଚଳର ବୋଲି ଖପ୍ରାଖୋଲ ପୋଲିସ ଜଣାଇଛି। ଏହି ଆପତ୍‌କାଳୀନ ଅଭିଯାନର ନେତୃତ୍ୱ ନେଇଥିବା ଖପ୍ରାଖୋଲ ଥାନାଧିକାରୀ ନରେନ୍ଦ୍ର ଛତରଙ୍କ ସମୟୋଚିତ ପଦକ୍ଷେପ ବେଆଇନ ଦାଦନ ଶ୍ରମିକ ଚାଲାଣ ପ୍ରତି ରୋକ ଲଗାଇବାର ଉଦ୍ୟମ ସ୍ୱାଗତଯୋଗ୍ୟ ବୋଲି ସାଧାରଣରେ ଆଲୋଚନା ହେଉଛି।

### ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ମୁଖ୍ୟ ସଚିବଙ୍କ ପରାମର୍ଶ

# ସମସ୍ତ ପ୍ରଶାସନିକ କାର୍ଯ୍ୟରେ ନାଗରିକଙ୍କ ସମ୍ମାନକୁ ଗୁରୁତ୍ୱ



**ଭୁବନେଶ୍ୱର, ୧୮।୧୧(ସଂଚାର ବ୍ୟୁରୋ):** ରାଜ୍ୟ କନଭେନସନ ସେଣ୍ଟର ଠାରେ ଆୟୋଜିତ ଦୁଇଦିନିଆ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ସମ୍ମିଳନୀର ପ୍ରଥମ ଦିନର ଦ୍ୱିତୀୟ ଅଧିବେଶନ ମୁଖ୍ୟ ଶାସନ ସଚିବ ମନୋଜ ଅହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଅଧିବେଶନରେ ଆଲୋଚ୍ୟ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଏହି ଅଧିବେଶନରେ ନାଗରିକ କେନ୍ଦ୍ରିକ ସେବା ପ୍ରଦାନରେ ନୈତିକତା, ଲୋକସେବା ଅଧିକାର ଅଧିନିୟମ ଅନ୍ତର୍ଭୁକ୍ତ ସେବା ପ୍ରଦାନ, ବ୍ୟକ୍ତିଗତ ଅଧିକାର, ସରକାରୀ କଲ୍ୟାଣ ଯୋଜନା, ସାମୁହିକ ସମ୍ପଦ ଏବଂ ଜନ ସାଧାରଣଙ୍କୁ ସୁବିଧାରେ ସରକାରୀ ସେବା ପ୍ରଦାନ ସଂପର୍କିତ ବିସ୍ତୃତ ଆଲୋଚନା କରାଯାଇଥିଲା। ସମ୍ମିଳନୀରେ ଯୋଗ ଦେଇଥିବା ଜିଲ୍ଲାପାଳ ତଥା ରାଜ୍ୟ ପ୍ରଶାସନର ସଚିବ ତଥା ବରିଷ୍ଠ ପଦାଧିକାରୀଙ୍କୁ ସମ୍ବୋଧନ କରି ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା କହିଥିଲେ ଯେ, ନାଗରିକମାନେ ହେଉଛନ୍ତି ଆମ ରାଜ୍ୟର ପ୍ରମୁଖ ସମ୍ପଦ। ପ୍ରତି ପ୍ରଶାସନିକ କାର୍ଯ୍ୟ ଓ ସେବା ପ୍ରଦାନ ବେଳେ ସେମାନଙ୍କର ମର୍ଯ୍ୟାଦା ପ୍ରତି ଯଥେଷ୍ଟ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ପ୍ରତି ଗାଁ ଗାଁରେ ନାଗରିକମାନେ ସମ୍ମାନର ସହିତ ଜୀବନ ଯାପନ କରିବା ପାଇଁ ସେମାନଙ୍କ ପାଇଁ ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା, ଗମନାଗମନ ପାଇଁ ସଡ଼କ ସୁବିଧା, ମୋବାଇଲ ଯୋଗାଯୋଗ, ବିଦ୍ୟୁତ୍ ସେବା ସହ ଜନକଲ୍ୟାଣକାରୀ ଯୋଜନାର ସୁଫଳ ପହଁଚିବା ଆଦି ସମସ୍ତ ସୁବିଧା ସୁଯୋଗକୁ ସୁନିଶ୍ଚିତ କରିବାକୁ ତ୍ୱରାନ୍ୱିତ ପଦକ୍ଷେପ ଓ ସୁବ୍ୟବସ୍ଥା କରିବା ସଂପର୍କରେ ସେ ଆଲୋକପାତ କରିଥିଲେ। ଅଧିବେଶନରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ନିର୍ଦ୍ଦେଶକ ବିନୀତ ଭରଦ୍ୱାଜ ଉପସ୍ଥିତ ଥିଲେ। ଜିଲ୍ଲାପାଳ, ଦେଓଗଡ କବୀନ୍ଦ୍ର କୁମାର ସାହୁ, ଜିଲ୍ଲାପାଳ , ଖୋର୍ଦ୍ଧା ଅମ୍ରିତ ଋତୁରାଜ, ଜିଲ୍ଲାପାଳ, ଗଞ୍ଜାମ କୀର୍ତ୍ତୀଭାସନ ଭି. ଜିଲ୍ଲାପାଳ ବାଲେଶ୍ୱର ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲ୍ଲାପାଳ , ମୟୂରଭଞ୍ଜ ହେମକାନ୍ତ ସାଏ ପ୍ରମୁଖ ଯୋଗଦେଇଲେ।

# ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

**ଧର୍ମଶାଳା, ୧୮।୧୧ (ସଂଚାର ବ୍ୟୁରୋ):** ଶୂନ ମୃତ୍ୟୁ ପାଇଁ ସରକାର ଓ ସଡକ ପରିବହନ ବିଭାଗ ପକ୍ଷରୁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଚାଲିଥିବା ବେଳେ ପୁଣି ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଏଭଳି ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି ଯାଜପୁରା ଜିଲା ଚଣ୍ଡିଖୋଲ-ଡୁବରୀ ୫୩ ନମ୍ବର ଜାତୀୟ ରାଜପଥ ପାଖର ନିକଟରେ। ଅକାଳରେ ଚାଲିଗଲା ଯୁବ ପଲସର ଚାଳକଙ୍କ ଜୀବନ। ମୃତ ଯୁବକ ଜଣକ ହେଲେ ସୁକିନ୍ଦା ଥାନା ଅନ୍ତର୍ଗତ ଲମ୍ବୋ ଗ୍ରାମର ବିଷ୍ଣୁ ପ୍ରଧାନଙ୍କ ପୁଅ ବିଜୟ ବୋଲି ଜଣାପଡିଛି। ବିଜୟ ଭୁବନେଶ୍ୱରକୁ କୌଣସି ଏକ ପରୀକ୍ଷା ଦେବାକୁ କଳା ପଲସର ନେଇ ଯାଉଥିବା ସମୟରେ ପାଖର ନିକଟରେ ବିପାରି ଦିଗରୁ ଆସୁଥିବା ଏକ ରଡ ବୋଝେଇ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତା'ର ମୃତ୍ୟୁ ଘଟିଥିଲା। ଧର୍ମଶାଳା ପୁଲିସ ଖବର ପାଇ ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରିବା ସହ ଏକ ଅପମୃତ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଅଧିକ ତଦନ୍ତ ଜାରି ରଖିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଭାରତ-ଆମେରିକା ବାଣିଜ୍ୟ ରାଜିନାମା ନେଇ ସହମତି



ନୂଆଦିଲ୍ଲୀ, ୧୮।୧୧: ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ରାଜିନାମାକୁ ନେଇ ଚାଲିଥିବା ଆଲୋଚନାରେ ବଡ଼ ସଫଳତା ମିଳିଛି। ଏହାର ପ୍ରଥମ ପର୍ଯ୍ୟାୟ ପ୍ରାୟ ଚୂଡ଼ାନ୍ତ ହୋଇସାରିଛି ବୋଲି ଭାରତ ପକ୍ଷରୁ ମୁଖ୍ୟଚାଳର ନେତୃତ୍ୱ ନେଇଥିବା ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଦୁଇଟି ଉପାୟରେ ଆମେରିକା ସହ ଆଲୋଚନା ହେଉଛି। ଯେଉଁ ପ୍ରସଙ୍ଗଗୁଡ଼ିକ ପାଇଁ ଅଧିକ ସମୟ ଲାଗିବ ତାହାକୁ ଅଲଗା ରଖି ଆଲୋଚନା କରାଯାଉଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଶୁଳ୍କ ସମସ୍ୟାର ସମାଧାନ କରିବାକୁ ଉଦ୍ୟମ କରାଯାଉଛି। ବର୍ତ୍ତମାନ ଭର୍ଚୁଆଲ ମାଧ୍ୟମରେ ଉଭୟ ପକ୍ଷ ଆଲୋଚନା କରୁଛନ୍ତି।

ଆମେରିକା ଦୁଇଟି ପର୍ଯ୍ୟାୟରେ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଛି। ପ୍ରଥମେ ଏହା ୨୫ ପ୍ରତିଶତ ପାଲଟା ଶୁଳ୍କ ଲଗାଇଥିଲା। ରୁଷରୁ ତେଲ କ୍ରୟ କରୁଥିବାରୁ ଜରିମାନା ଆକାରରେ ଆଉ ୨୫ ପ୍ରତିଶତ ଶୁଳ୍କ ଲଗାଇଥିଲା। ଏବେ ସେହି ଦୁଇ ପ୍ରକାର ଶୁଳ୍କ କମ କରିବା ଲାଗି ଭାରତ କଥାବାର୍ତ୍ତା କରୁଛି। ପାଲଟା ଶୁଳ୍କ କମାଇବା ଓ ଆମେରିକା ପାଇଁ ନିଜ ବଜାରକୁ ଅଧିକ ଖୋଲା କରିବା ନେଇ ହେଉଥିବା ଆଲୋଚନା ପ୍ରାୟ ଚୂଡ଼ାନ୍ତ ହୋଇଯାଇଛି।

ଦ୍ୱିପାକ୍ଷିକ ବାଣିଜ୍ୟ ଆଲୋଚନାକୁ ନେଇ ଆମେରିକାଠାରୁ ଭାରତ ଏକ ନିର୍ଭର ପ୍ରତିଶ୍ରୁତି ଆଶା କରୁଛି। ଶୀତ ଋତୁ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ରାଜିନାମା ଚୂଡ଼ାନ୍ତ ହେବାର ସମ୍ଭାବନା ରହିଛି। ଜଣେ ଅଧିକାରୀ କହିଛନ୍ତି ଯେ ବର୍ତ୍ତମାନ ସମୟରେ ଆଉ ଆଲୋଚନାର କିଛି ଆବଶ୍ୟକତା ନାହିଁ। ଭାରତ ଉପରେ ଆମେରିକା ଗତ ଅଗଷ୍ଟ ୨୭ରୁ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିଛି। ସେହି ଶୁଳ୍କ ଅଧିକାଂଶ ଭାରତୀୟ ସାମଗ୍ରୀକୁ ପ୍ରଭାବିତ କରିଛି। ତେଣୁ ଶୀଘ୍ର ରାଜିନାମା କରି ଆଶ୍ୱସ୍ତି ପାଇବାକୁ ଭାରତ ଉଦ୍ୟମ କରୁଛି। ଆମେରିକା ଲଗାଇଥିବା ଟିକସ ଭାରତର ୪୮୨୦ କୋଟି ଡଲାରର ରପ୍ତାନିକୁ ପ୍ରଭାବିତ କରିବା ଆଶଙ୍କା ରହିଛି। ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟ କାରବାରକୁ ୫୦୦ ବିଲିଅନ ଡଲାର ପର୍ଯ୍ୟନ୍ତ ବଢ଼ାଇବା ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମିଳିତ ଅଭିଳାଷ ଘୋଷଣା କରିବା ପରେ ଗତ ଫେବୃଆରିରୁ ଦୁଇ ଦେଶ ଭିତରେ ଆନୁଷ୍ଠାନିକ ଆଲୋଚନା ଆରମ୍ଭ ହୋଇଥିଲା। କିନ୍ତୁ ଭାରତକୁ ଲଗାତାର ଭାବେ ଚାପରେ ରଖିବାକୁ ଆମେରିକା ଯେତେସବୁ ଉଦ୍ୟମ କରିଥିଲା ତାହା ବିଫଳ ହୋଇଥିଲା। ଭାରତକୁ ଏକ ଅଧିକ ଟିକସ ଲଗାଉଥିବା ଦେଶ ଭାବେ ଟ୍ରମ୍ପ ବାରମ୍ବାର ଅଭିଯୋଗ କରିଥିଲେ। କିନ୍ତୁ ସେଥିରେ ଭାରତ ବିଚଳିତ ହୋଇନଥିଲା। ଚାଷୀଙ୍କ ସ୍ୱାର୍ଥ ସହ କୌଣସି ସାଲିସ କରାଯିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ମୋଦୀ ଆମେରିକାକୁ ରୋକ୍‌ଠୋକ୍ ଶୁଣାଇଥିଲେ।

## କମିଲା ସୁନା ରେଟ୍

ନୂଆଦିଲ୍ଲୀ, ୧୮।୧୧: ଯେମିତି ବଢ଼ିଥିଲା ସେମିତି କମିଲା। ହୁହୁ ହୋଇ ବଢ଼ିବା ପରେ ଏବେ ଲାଗିଛି ବ୍ରେକ୍। ଖସିଛି ସୁନା ଏବଂ ରୁପାର ଦାମ୍। ମଙ୍ଗଳବାର ରେକର୍ଡ ଦରରେ ହ୍ରାସ ପାଇଛି ସୁନା। ୟୁଏସ ଫେଡେରାଲ ରିଜର୍ଭ ସୁଧ ହାର ହ୍ରାସ କରିବା ସମ୍ଭାବନା ଥିବାରୁ ଏହାର ପ୍ରଭାବ ସୁନା ଦର ଉପରେ ପଡିଛି। ମଲ୍ଟି କମୋଡିଟି ଏକ୍ସଚେଞ୍ଜ୍ ବା ଏମସିଏକ୍ସ ଅନୁସାରେ, ଡିସେମ୍ବର ମାସରେ ସୁନା ଦର ୧୮୦୭ ଟଙ୍କା ଖସିବ। ଯାହା ବର୍ତ୍ତମାନ ମୂଲ୍ୟ ଅନୁସାରେ ୧.୪୭ ପ୍ରତିଶତ। ଫଳରେ ଦର ୧୦ ଗ୍ରାମ୍ ପ୍ରତି ୧ ଲକ୍ଷ ୨୧ ହଜାର ୧୨୦ ଟଙ୍କାରେ ପହଁଚିଯିବ। ,ସେହିପରି ଆସନ୍ତା ଫେବୃଆରୀରେ ୧୮୩୩ ଟଙ୍କା ଯାଏଁ ଦାମ୍ କମିବ। ଯହା ଫଳରେ ସୁନା ରେଟ୍ ୧ ଲକ୍ଷ ୨୨ ହଜାର ୮୪୧ ଟଙ୍କାରେ ପହଁଚିବ। କେବଳ ସୁନା ନୁହେଁ ରୁପା ଦର ମଧ୍ୟ କମିବା ନେଇ ଅନୁମାନ କରାଯାଉଛି। ଡିସେମ୍ବରରେ ଦାମୀ ଧାତୁର ଭବିଷ୍ୟତ ଦରକୁ ଦେଖିଲେ ରୁପା କେଜି ପିଛା ୩୬୬୦ ଟଙ୍କା ବା ୨.୩୬ ପ୍ରତିଶତ ଦର କମିଯିବ। ସେହିପରି ମାର୍ଚ୍ଚ ମାସରେ ୩୩୬୮ ଟଙ୍କା କମି ରୁପା ଦର ୧ ଲକ୍ଷ ୫୪ ହଜାର ୫୫୭ ଟଙ୍କାରେ ପହଁଚିବ। ବିଶେଷଜ୍ଞଙ୍କ କହିବା କଥା ହେଲା, ୟୁଏସ ଫେଡେରାଲ ରିଜର୍ଭ ସୁଧ ହାର କମାଇବ ବୋଲି ଆଶା କରାଯାଉଛି। ଯାହାର ସିଧାସଳଖ ପ୍ରଭାବ ସୁନା ଦର ଉପରେ ପଡିବ। ଯାହା ଫଳରେ ଦରରେ ଐତିହାସିକ ହ୍ରାସ ପାଇବ। ଏବେ ଭାରତ ଏବଂ ଆମେରିକା ମଧ୍ୟରେ ପୁଣି ଥରେ ବାଣିଜ୍ୟ କାରବାର ଆରମ୍ଭ ହୋଇଛି। ଏହାର ପ୍ରଭାବ ମଧ୍ୟ ହଳଦିଆ ଧାତୁ ଉପରେ ପଡିବ। ସୂଚନାଯୋଗ୍ୟ , ଗତ ଅକ୍ଟୋବରରେ ଭାରତର ସୁନା ଆମଦାନୀ ୧୪ ବିଲିୟନ ଡଲାରରେ ପହଁଚିଥିଲା। ଯାହାଦ୍ୱାରା ଦେଶରେ ରପ୍ତାନୀ କମିଥିବା ବେଳେ ଆମଦାନୀ ବଢ଼ିଥିଲା। ତେବେ ମଙ୍ଗଳବାର ଘରୋଇ ବଜାରରେ ୨୪ କ୍ୟାରେଟ ସୁନାର ଦାମ୍ ଗ୍ରାମ ପିଛା ୧୨,୩୮୧ ଟଙ୍କା ଥିବା ବେଳେ ୨୨ କ୍ୟାରେଟର ଦାମ୍ ରହିଛି ୧୧,୩୫୦ ଟଙ୍କା।

### ରୁପା ଦାମ୍‌ରେ ବି ରେକର୍ଡ ହ୍ରାସ

## ଆଜିର ସୁନା ଦର



ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୨୪,୯୭୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୪,୫୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୪,୯୭୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୪,୫୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୨୪,୯୭୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୪,୫୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୫,୧୨୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୪,୭୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୨୫,୮୯୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୧୫, ୪୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୨୪,୯୭୦ ଓ ୧,୧୪,୫୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୬୭,୦୦୦ ଟଙ୍କା ହୋଇଛି।

# ଓପୋ ଫାଇଣ୍ଡ ଏକ୍ସ୯ ଏବଂ ଫାଇଣ୍ଡ ଏକ୍ସ୯ ପ୍ରୋ ଭାରତରେ ଲଞ୍ଚ



ନୂଆଦିଲ୍ଲୀ, ୧୮।୧୧: ଭାରତରେ ଲଞ୍ଚ ହୋଇଛି ଓପୋ ଫାଇଣ୍ଡ ଏକ୍ସ୯ ଏବଂ ପାଇଣ୍ଡ ଏକ୍ସ୯ ପ୍ରୋ ଫ୍ଲାଗସିପ୍ ସ୍ମାର୍ଟଫୋନ୍। ପୂର୍ବରୁ ଏହା ଚୀନ ଓ ଅନ୍ୟ ଦେଶଗୁଡ଼ିକରେ ଲଞ୍ଚ ହୋଇ ସାରିଥିବା ବେଳେ ମଙ୍ଗଳବାର ଭାରତରେ ଲଞ୍ଚ କରିଛି କମ୍ପାନୀ। କମ୍ପାନୀ ଏଥିରେ ଏକାଧିକ ଆର୍ଷଣୀୟ ଫିଚର୍ସ ଯୋଡ଼ିଛି। ତେବେ ଆରମ୍ଭରୁ ଓପୋର ଫୋକସରେ ରହିଛି କ୍ୟାମେରା। ଏଥର ବି କମ୍ପାନୀଏହି ସେଗମେଣ୍ଟରେ ବଡ଼ ପରବିର୍ତ୍ତନ କରିଛି। ଉଭୟ ସ୍ମାର୍ଟଫୋନରେ ହାସେଲବ୍ଲାଡ୍ କୋ-ଇଞ୍ଜିନିୟରିଂ ଇମେଜିଂ ସିଷ୍ଟମ୍ ଦିଆଯାଇଛି। ପୂର୍ବଥର ଏକ୍ସ୮ ସିରିଜରେ ୪ ଟି କ୍ୟାମେରା ଦିଆଯାଇଥିଲା ଏଥର ୩ କ୍ୟାମେରା ସେଟଅପ ଦେଇଛି। ହେଲେ ୨୦୦ ମେଗାପିକ୍ସେଲର୍ ବଡ଼ ପେରିସ୍କୋପ୍ ଲେନ୍ସ ଦେଇଛି, ଯାହା 6x ଅପ୍ଟିକାଲ୍-କ୍ୱାଲିଟି ଜୁମ୍ କରିପାରିବ। ସେହିପରି ୭ ହଜାର ଏମଏଚର ବ୍ୟାଟେରୀ ସାଂଗକୁ ସଲିଟ ବ୍ୟୁଲ୍ଡ କ୍ୱାଲିଟି ଗ୍ରାହକଙ୍କ ମନ ଛୁଇଁବ।

ଏବେ ଆସନ୍ତୁ ଜାଣିବା ଏହାର ଫିଚର୍ସ ଓ ପ୍ରାଇସ୍

ଓପୋ ଫାଇଣ୍ଡ ଏକ୍ସ୯ ରେ ୧.୫କେ ରିଜୋଲ୍ୟୁସନ୍ (୨୭୬୦×୧୨୫୬),୧୨୦ହର୍ଜ୍ସ ରିଫ୍ରେସ୍ ରେଟ୍ ଏବଂ ୩,୬୦୦ ନିଟ୍ସ ପିକ୍ ବ୍ରାଇଟନେସ ସହିତ ୬.୫୯-ଇଞ୍ଚର ଡିସପ୍ଲେ ଦିଆଯାଇଛି। ଏଥିରେ କର୍ଣ୍ଣିଂ ଗରିଲା ଗ୍ଲାସ ଭିକ୍ଟସ-୨ ପ୍ରୋଟେକ୍ସନ ରହିଛି। ପାୱାର ପ୍ରୋସେସିଂ ପାଇଁ ଏଥିରେ ମିଡିଆ ଟେକ୍‌ର ନୂଆ ୩ଲଏନଏମ ଡାଇମନ୍‌ସିଟି ୯୫୦୦ ଚିପସେଟ୍ ରହିଛି। ଏଥିରେ ୧୨ଜିବି ପର୍ଯ୍ୟନ୍ତ ରାମ ଏବଂ ୫୧୨ ଜିବି ପର୍ଯ୍ୟନ୍ତ ଷ୍ଟୋରେଜ୍ ରହିଛି। ଫୋନରେ ୧୦ ୱାଟର ରିଭର୍ସ ୱାୟାରଲେସ୍ ଚାର୍ଜିଂ ସହିତ ୮୦ ୱାଟର ୱାୟର୍ଡ ଏବଂ ୫୦ ୱାଟର ୱାୟାରଲେସ୍ ଚାର୍ଜିଂ ସପୋର୍ଟ ଦିଆଯାଇଛି। ସେହିପରି ୭,୦୨୬ଏମଏଏଚ ବ୍ୟାଟେରୀ ରହିଛି। ରିୟର ସାଇଡରେ ଫାଇଣ୍ଡ ଏକ୍ସ୯ରେ ହାସେଲବ୍ଲାଡ୍-ଟ୍ୟୁନ୍ ହୋଇଥିବା ଟ୍ରିପଲ୍ କ୍ୟାମେରା ସେଟଅପ୍ ରହିଛି। ଯେଉଁଥିରେ ଏକ ୫୦ ମେଗାପିକ୍ସେଲର ସୋନ ଏଲ୍‌ୱାଇଟି ୮୦୮ ମୁଖ୍ୟ ସେନ୍ସର,ଏକ ୫୦ ମେଗାପିକ୍ସେଲର ସାମସଙ୍ଗ ଜେଏନ୫ ଅଲଟ୍ରାୱାଇଡ୍ ଲେନ୍ସ,ଏବଂ ଏକ ୫୦ ମେଗାପିକ୍ସେଲର ସୋନି ଏଲୱାଇଟି-୬୦୦ ଟେଲିଫଟୋ କ୍ୟାମେରା ୩ ଏକ୍ସ ଅପ୍ଟିକାଲ୍ ଜୁମ୍ ଏବଂ ଓଆଇଏସ ସହିତ ରହିଛି।

ପ୍ରିମିୟମ୍ ଫାଇଣ୍ଡ ଏକ୍ସ୯ ପ୍ରୋରେ ୧୨୦ହର୍ଜ୍‌ର ରିଫ୍ରେସ୍ ରେଟ୍ ଏବଂ ୩,୬୦୦ନିଟ୍ସର ପିକ୍ ବ୍ରାଇଟନେସ୍ ସହିତ ୬.୭୮-ଇଞ୍ଚର ବଡ଼ ଆମୋଲେଡ୍ ଡିସପ୍ଲେ ଦିଆଯାଇଛି। ଏଥିରେ ଗରିଲା ଗ୍ଲାସ ଭିକ୍ଟସ-୨ ପ୍ରୋଟେକ୍ସନ ରହିଛି। ସମାନ ମେଡିଆ ଟେକ ଡାଇମନସିଟି ୯୫୦୦ ଚିପସେଟ୍ ସହ ୧୬ ଜିବି ରାମଏବଂ ୫୧୨ ଜିବି ଷ୍ଟୋରେଜ୍ ସହିତ ମୋବାଇଲ ଲଞ୍ଚ ହୋଇଛି। ପାଇଣ୍ଡ ଏକ୍ସ୯ ପ୍ରୋରେ ୭,୫୦୦ଏମଏଏଚର ବଡ଼ ବ୍ୟାଟେରୀ ଦିଆଯାଇଥିବା ବେଳେ ଚାର୍ଜିଂ ବ୍ୟବସ୍ଥା ପୂର୍ବ ମୋଡେଲ ପରି ରହିଛି। ପ୍ରୋ ମଡେଲରେ କ୍ୟାମେରା ଗୁରୁତ୍ୱପୂର୍ଣ୍ଣ ଅପଗ୍ରେଡ୍ କରାଯାଇଛି। ଏହାର ପ୍ରାଇମେରି ଓ ଅଲ୍ଟ୍ରାଇୱାଡ୍ ଲେନ୍ସ ୫୦ ମେଗାକିସ୍ଲେର୍ ହୋଇଥିବା ବେଳେ ୩ଏକ୍ସ ଅପ୍ଟିକାଲ୍ ଜୁମ୍ ଏବଂ ଓଆଇଏସ ସହିତ ୨୦୦ ମେଗାପିକ୍ସେଲର ପେରିସ୍କୋପ୍ ଟେଲିଫୋଟୋ ଲେନ୍ସ ଦିଆଯାଇଛି। ସେଲ୍‌ଫୀ ପାଇଁ ମଧ୍ୟ ୫୦ ମେଗାପିକ୍ସେଲର ଫ୍ରଣ୍ଟ କ୍ୟାମେରା ଦିଆଯାଇଛି। ପେରିସ୍କୋପ ଲେନ୍ସଟି ୧୩.୨ଏକ୍ସ ପର୍ଯ୍ୟନ୍ତ ଲସଲେସ ଜୁମ୍ କରିପାରିବ। ଏହାର ଜୁମିଂ କ୍ଷମତାକୁ ଆହୁରି ବଢ଼ାଇବା ପାଇଁ ଓପୋ ଏକ ହାସେଲବ୍ଲାଡର ଟେଲିକନଭର୍ଟର କିଟ୍ ମଧ୍ୟ ଦେଉଛି। ଯାହା ଜୁମିଂ କ୍ଷମତାକୁ ୯.୬ଏକ୍ସ ଅପ୍ଟିକାଲ୍ ଏବଂ ୨୦୦xଡିଜିଟାଲ୍ ଭାବରେ ବଢ଼ାଇପାରିବ। ହେଲ କମ୍ପାନୀ ଏହାକୁ ଅଲଗା ଭାବରେ ବିକ୍ରି କରୁଛି। ଏହି କିଟ୍ କେବଳ ଫାଇଣ୍ଡ ଏକ୍ସ୯ ପ୍ରୋର ଟେଲିଫଟୋ କ୍ୟାମେରା ସହିତ କାମ କରିବ, ଯାହା ଫୋକାଲ୍ ଲେନ୍ଥକୁ ୨୩୦ଏମଏମରୁ ୯୨୦ଏମଏମପର୍ଯ୍ୟନ୍ତ ବିସ୍ତାର କରିପାରିବ। ଓପୋ ଏହାର ଏହି ଡିଭାଇସଗୁଡ଼ିକ ସହିତ ଏହାର ଉନ୍ନତ ଲୁମୋ ଇମେଜିଂ ସିଷ୍ଟମ୍ ମଧ୍ୟ ଦେଇଛି। ଫଳରେ ଏଥିରେ କ୍ୟାମେରାର ଦୃଶ୍ୟର ସଠିକ୍ ରଙ୍ଗ ଓ ଡିଟେଲ୍ସ ପ୍ରଦାନ କରିବ। ଟାଇଟନିମୟ ଗ୍ରେ ଓ ସ୍ପେଶ୍ ବ୍ଲାକ୍ ଦୁଇଟି କଲର ଅପସନରେ ଉପଲବ୍ଧ ହେବ। ଏହାର ଦୁଇଟି ଭ୍ୟାରିଏଣ୍ଟର ମୂଲ୍ୟ ଯଥାକ୍ରମେ- ୧୨ଜିବି+୨୫୬ଜିବି: ୭୪,୯୯୯ ଟଙ୍କା, ୧୬ଜିବି+୫୧୨ଜିବି: ୮୪,୯୯୯ ଟଙ୍କା। ଓପୋ ଫାଇଣ୍ଡ ଏକ୍ସ୯ Pro:ଏହା କେବଳ ଗୋଟିଏ ଭ୍ୟାରିଏଣ୍ଟରେ ଲଞ୍ଚ ହୋଇଥିବା ବେଳେ ଦୁଇଟ କଲର ଅପସନ- ସିଲ୍କ ହ୍ୱାଇଟ ଓ ଟାଇଟନିୟମ କୋରାଲରେ ଉପଲବ୍ଧ ହେବ।ଏହାର ୧୬ଜିବି+୫୧୨ଜିବି ଭ୍ୟାରିଏଣ୍ଟର ଦାମ ୧,୦୯,୯୯୯ ହଜାର ଟଙ୍କା ରଖାଯାଇଛି। ଉଭୟ ସ୍ମାର୍ଟଫୋନ୍ ୨୧ନଭେମ୍ବରରୁ ଫ୍ଲିପକାର୍ଟ ସମେତପ୍ରମୁଖ ଇ-କମର୍ସ ପ୍ଲାଟଫର୍ମ ଏବଂ ପ୍ରମୁଖ ଅଫଲାଇନ୍ ରିଟେଲ ଷ୍ଟୋରରେ ଉପଲବ୍ଧ ହେବ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ମୂଲ୍ୟ ପରିବର୍ତ୍ତନ ହୋଇଛି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ହେଲେ ଭୁବନେଶ୍ୱରରେ କମିଛି ପେଟ୍ରୋଲ ଏବଂ ଡିଜେଲ ଦାମ୍। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୩ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୧ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି।



# ଆନ୍ଧ୍ରରେ ତିଆରି ହେବ ଦେଶର ପ୍ରଥମ ଇଲେକ୍ଟ୍ରିକ୍ ଏୟାର ଟ୍ୟାକ୍ସି ହବ୍

ନୂଆଦିଲ୍ଲୀ, ୧୮।୧୧: ଆନ୍ଧ୍ର ପ୍ରଦେଶରେ ତିଆରି ହେବ ଭାରତର ପ୍ରଥମ ଇଲେକ୍ଟ୍ରିକ୍ ଏୟାର ଟ୍ୟାକ୍ସି ହବ୍। ଏଥିପାଇଁ ଆନ୍ଧ୍ର ସରକାର ସରଳା ଆଭିଏସନ ସହ ଏକ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତି ଅନୁଯାୟୀ, ରାଜ୍ୟରେ ଇଲେକ୍ଟ୍ରିକ୍ ଭର୍ଟିକାଲ୍ ଟେକ୍-ଅଫ୍ ଏବଂ ଲ୍ୟାଣ୍ଡିଂ ଉତ୍ପାଦନ କାରଖାନା ପ୍ରତିଷ୍ଠା କରାଯିବ। ଏହି ପ୍ରୋଜେକ୍ଟର ନାଁ ସ୍କାଏ ଫ୍ୟାକ୍ଟ୍ରି ରଖାଯାଇଥିବାବେଳେ, ଏହା ଅନନ୍ତପୁର ଜିଲ୍ଲାରେ ଅବସ୍ଥାପିତ କରାଯିବ। ଏଠାରେ ହିଁ ଇଲେକ୍ଟ୍ରିକ୍ ଏୟାର ଟ୍ୟାକ୍ସି ଭଳି ବିମାନ ନିର୍ମାଣ କରାଯିବ। କମ୍ପାନୀ ପ୍ରଥମ ପର୍ଯ୍ୟାୟରେ ୩୩୦ କୋଟି ଟଙ୍କା ନିବେଶ କରିବାକୁ ଯୋଜନା ରଖିଛି। ଏହି କ୍ରମରେ ୨୦୨୯ ସୁଦ୍ଧା ପରିଚାଳନା ଆରମ୍ଭ କରିପାରେ। ତେବେ ଏହି ପଦକ୍ଷେପ ଭାରତର ଗ୍ରୀନ ମୋବିଲିଟିକୁ ଆଗକୁ ବଢ଼ାଇବ। ସ୍କାଏ ଫ୍ୟାକ୍ଟ୍ରି କଲ୍ୟାଣଦୁର୍ଗ ମଣ୍ଡଳ ନିକଟସ୍ଥ ଥିମ୍ମାସମଦ୍ରମରେ ନିର୍ମିତ ହେବ। ଏହା ୧୫୦ ଏକର ଜମିରେ ବିସ୍ତୃତ ହେବ। ଏଥିରେ ପ୍ରଡକ୍ସନ ଲାଇନ, ଗବେଷଣା ଏବଂ ବିକାଶ କେନ୍ଦ୍ର, କମ୍ପୋଜିଟ୍ ଲ୍ୟାବ୍ ଏବଂ ୨ କିଲୋମିଟର ରନଓ୍ୱେ ରହିବ, ଯେଉଁଠାରେ ଡିଜିସିଏ ପ୍ରମାଣପତ୍ର ସହ ପରୀକ୍ଷଣ କରାଯିବ। ପ୍ରଥମ ପର୍ଯ୍ୟାୟରେ ୩୩୦ କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧,୩୦୦ କୋଟି ଟଙ୍କା ସହ ୩୫୦ ଏକର ଅଞ୍ଚଳରେ ଫ୍ୟାକ୍ଟ୍ରିକୁ ବିସ୍ତାର କରାଯିବ। ଏହି ଫେସିଲିଟିରେ 'ସରଳା'ର ଫ୍ଲାଗସିପ୍ ଶୂନ୍ୟ ହାଇବ୍ରିଡ଼ ଭିଟିଓଏଲ ବିମାନ ସହ ଇଲେକ୍ଟ୍ରିକାଲ ହାର୍ନେସ୍



ସିଷ୍ଟମ୍, ଲ୍ୟାଣ୍ଡିଂ ଗିୟର୍ ଏବଂ ଉନ୍ନତ କମ୍ପୋଜିଟ୍ ଷ୍ଟ୍ରକଚର ତିଆରି କରାଯିବ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପରେ ଏହି ହବ୍ ବାର୍ଷିକ ୧୦୦୦ଟି ନେକ୍ସଟ୍ ଜେନେରେସନର ବିମାନ ଉତ୍ପାଦନ କରିପାରିବ। ଏହି ମଡେଲ କାଲିଫର୍ଣ୍ଣିଆ ଏବଂ ମ୍ୟୁନିଚ୍ର ବିଶ୍ୱବ୍ୟାପୀ ହବ୍ ଉପରେ ଆଧାରିତ। ଆନ୍ଧ୍ର ପ୍ରଦେଶ ବିମାନବନ୍ଦର ବିକାଶ ନିଗମ ଲିମିଟେଡ୍ ପ୍ରକଳ୍ପର ପରିଚାଳନା କରିବ।

ସୂଚନାଯୋଗ୍ୟ, ସରଳା ଆଭିଏସନ୍ ୨୦୨୩ରେ କର୍ଣ୍ଣାଟକରୁ ଆରମ୍ଭ ହୋଇଥିବା ଏକ କମ୍ପାନି। ଏହାକୁ ବିଶ୍ୱ ଇଭିଟିଓଏଲ ଇଣ୍ଡଷ୍ଟ୍ରିର ଅଭିଜ୍ଞ ବ୍ୟକ୍ତିମାନେ ପ୍ରତିଷ୍ଠା କରିଛନ୍ତି। କମ୍ପାନି ୬ ସିଟ୍ ଆସନ ବିଶିଷ୍ଟ ଇଲେକ୍ଟ୍ରିକ ଏୟାର ଟ୍ୟାକ୍ସି ଡିଜାଇନ୍ କରୁଛି, ଯାହା ଭାରତର ପ୍ରମୁଖ ସହରଗୁଡ଼ିକରେ ଯାତାୟାତ ସମୟକୁ ହ୍ରାସ କରିବାରେ ସାହାଯ୍ୟ କରିବ। ଇଭିଟିଓଏଲର ଅର୍ଥ ଇଲେକ୍ଟ୍ରିକ୍ ଭର୍ଟିକାଲ୍ ଟେକ୍-ଅଫ୍ ଏବଂ ଲ୍ୟାଣ୍ଡିଂ ଏୟାରକ୍ରାଫ୍ଟ, ଯାହା ବ୍ୟାଟେରୀ ଚାଳିତ। ଏହି ବିମାନଗୁଡ଼ିକ ଭର୍ଟିକାଲ୍ ଟେକ୍-ଅଫ୍, ଲ୍ୟାଣ୍ଡିଂ ଏବଂ ହୋଭରିଂ କରିପାରିବ, ଯାହା ପାରମ୍ପରିକ ବିମାନଠାରୁ ଭିନ୍ନ। ଏହି ଟେକ୍ନୋଲୋଜି ଭାରତରେ ନୂଆ କିନ୍ତୁ ଗ୍ରୀନ ମୋବିଲିଟି ପାଇଁ ଏହା ଗେମ୍ ଚେଞ୍ଜର ହୋଇପାରେ। ସରଳା ୨୦୨୯ ସୁଦ୍ଧା ବାଣିଜ୍ୟିକ ବିମାନ ଉଡ଼ାଣ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛି। ଏହି ହବ୍ ସ୍ୱଦେଶୀ ବିକାଶକୁ ପ୍ରୋତ୍ସାହିତ କରିବ। ଇଭିଟିଓଏଲ ବଜାର ବିଶ୍ୱ ସ୍ତରରେ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ତେଣୁ ଏହି ହବ୍ ଦ୍ୱାରା ଭାରତ ବିଶ୍ୱରେ ନିଜର ସ୍ଥିତି ଜାହିର କରିପାରିବ। ଏହି ପ୍ରକଳ୍ପ ୨୦୨୭ ସୁଦ୍ଧା ୪୦ଟି ସ୍ୱତନ୍ତ୍ର ନିଯୁକ୍ତି ଏବଂ ୧୪୦ଟି ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବ। ଏହା ଉନ୍ନତ ଉତ୍ପାଦନ, ମହାକାଶ କ୍ଷେତ୍ରରେ ନବସୃଜନ ଏବଂ ଗ୍ରୀନ ଟେକ୍ନୋଲୋଜି କ୍ଷେତ୍ରରେ ଉଚ୍ଚ-ମୂଲ୍ୟର ନିଯୁକ୍ତି ସୃଷ୍ଟି କରିବ। ଏହି ପ୍ରକଳ୍ପ ଦ୍ୱାରା ଆନ୍ଧ୍ରପ୍ରଦେଶ ଏୟାର ଟ୍ୟାକ୍ସିର ଉତ୍ପାଦନର ରାଜଧାନୀ ହେବ। ଦୀର୍ଘକାଳୀନ ହିସାବରେ ଦେଖିଲେ ବିଶାଳ ଫ୍ରାକ୍ଟି ହଜାର ହଜାର ନିଯୁକ୍ତି ସୃଷ୍ଟି କରିବ। ଆଉ ଏହା ସ୍ଥାନୀୟ ଅର୍ଥନୀତିକୁ ବୃଦ୍ଧି କରିବ। ଘୋଷଣାର ଦୁଇ ବର୍ଷ ମଧ୍ୟରେ ଆନ୍ଧ୍ରପ୍ରଦେଶରେ ପ୍ରଥମ ଡ୍ରୋନ୍ ଟ୍ୟାକ୍ସି ଆରମ୍ଭ ହେବ। ଭାରତକୁ ବୈଦ୍ୟୁତିକ ବିମାନ ଚଳାଚଳ କ୍ଷେତ୍ରରେ ଏକ ବିଶ୍ୱ ପାୱାରହାଉସ୍ କରିବା ଲକ୍ଷ୍ୟରେ କାମ କରୁଥିବା କମ୍ପାନି ସରଳା, ପର୍ଯ୍ୟାୟକ୍ରମେ ୨୦୨୬ ସୁଦ୍ଧା ନିଯୁକ୍ତି ସୃଷ୍ଟି କରିବ ଏବଂ ୨୦୨୯ ସୁଦ୍ଧା ପୂର୍ଣ୍ଣ ବାଣିଜ୍ୟିକ କାର୍ଯ୍ୟ ଆରମ୍ଭ ହେବ।

## ଅରୁନ୍ଧତୀ ଜୁଏଲର୍ସର 'ବିବାହ ମହୋତ୍ସବ'





ବଲାଙ୍ଗୀର, ୧୮।୧୧: ଚଳିତ ବିବାହ ଋତୁ ପାଇଁ ଅରୁନ୍ଧତୀ ଜୁଏଲର୍ସ ଏହାର ପୁରୀ ଶାଖାଠାରେ ବିବାହ ମହୋତ୍ସବ ଅଳଙ୍କାର ପ୍ରଦର୍ଶନୀ ଆରମ୍ଭ କରିଛି। ବିବାହ ଅବସର ପାଇଁ ବିଶେଷ ଭାବେ ପ୍ରସ୍ତୁତ ପାରମ୍ପରିକ ସୁନାଗହଣାର କମ୍ ଓଜନର ସର୍ବୋତ୍ତମ ଡିଜାଇନ୍ ଓ କଲେକ୍ସନ ଏଠାରେ ଉପଲବ୍ଧ। ଏହାସହିତ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ୫୦ ଗ୍ରାମ୍‌ରୁ ଅଧିକ ସୁନାଗହଣା କ୍ରୟ ଉପରେ ଗଢ଼ା ଜରୁରିରେ ଫ୍ଲାଟ୍ ୫୦ ପ୍ରତିଶତ ରିହାତି ଘୋଷଣା କରାଯାଇଛି। ୨୫ରୁ ୫୦ ଗ୍ରାମ୍ ଭିତରେ ଯେତିକି ଗ୍ରାମ୍ ସୁନାଗହଣା କ୍ରୟ କରାଯିବ ସେତିକି ପ୍ରତିଶତ ଗଢ଼ା ମଜୁରିରେ ରିହାତି ସହ ପ୍ରତି କ୍ୟାରେଟ୍ ହୀରା ମୂଲ୍ୟରେ ୨୦ ହଜାର ଟଙ୍କାର ରିହାତି ଅଫର୍ ରହିଛି। ଏହା ସହ ୫୧ ଜଣ ଲକ୍ଷପତି ହେବାର ସୁଯୋଗ ମଧ୍ୟ ପାଇପାରିବେ। ରୁପା ଗହଣାରେ ମଧ୍ୟ ସମାନ ପ୍ରକାରର ଅଫର୍ ରହିଛି। ଏହି ଅଫର୍ ଅରୁନ୍ଧତୀର ସମସ୍ତ ଶାଖାରେ ଉପଲବ୍ଧ ରହିଛି।

## ବେକାରୀ ହାର ୫.୨%

ନୂଆଦିଲ୍ଲୀ, ୧୮।୧୧: ଅକ୍ଟୋବର ମାସରେ ଦେଶର ବେକାରୀ ହାର ୫.୨%ରେ ଅପରିବର୍ତ୍ତିତ ରହିଛି ବୋଲି ମାସିକ ଶ୍ରମ ଶକ୍ତି ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ତଥ୍ୟ ଅନୁଯାୟୀ ୧୫ ବର୍ଷ ଓ ତଦୂର୍ଦ୍ଧ୍ୱ ବୟସ ବର୍ଗରେ ଅକ୍ଟୋବରରେ ବେକାରୀ ହାର ୫.୨%ରେ ରହିଛି। ସେପ୍ଟେମ୍ବରରେ ଏହା ସମାନ ସ୍ତରରେ ଥିଲା। ଅକ୍ଟୋବରରେ ଗ୍ରାମାଞ୍ଚଳରେ ବେକାରୀ ହାର ୪.୬%ରୁ ଖସି ୪.୪% ହୋଇଛି। କିନ୍ତୁ ସହରାଞ୍ଚଳର ଶ୍ରମ ବଜାର ଚାପରେ ଥିଲା। ଗତ ସେପ୍ଟେମ୍ବରର ୬.୮%ରୁ ଏହା ବୃଦ୍ଧି ପାଇ ତିନି ମାସର ସର୍ବୋଚ୍ଚ ସ୍ତର ୭%ରେ ପହଞ୍ଚିଛି। ପୁରୁଷମାନଙ୍କ ମଧ୍ୟରେ ବେକାରୀ ହାର ୫.୧%ରେ ସ୍ଥିର ରହିଥିବା ବେଳେ ମହିଳାଙ୍କ କ୍ଷେତ୍ରରେ ଏହା ୫.୪ %କୁ ଖସିଛି।

## ୱାକାରୁକୁ ମିଳିଲା ନମ୍ବର ୧ ପିୟୁ ଫୁଟ୍‌ଓୟାର୍ ବ୍ରାଣ୍ଡ ମାନ୍ୟତା

Walkaroo

କୋଏମ୍ବାଟୁର୍, ୧୮।୧୧: ବିଶ୍ୱସ୍ତରର ବଜାର ଗବେଷଣା ସଂସ୍ଥା କାଡେନ୍ସ ଇଣ୍ଟରନ୍ୟାସନାଲ୍ ଦ୍ୱାରା କରାଯାଇଥିବା ଏକ ସର୍ଭେ ଆଧାରରେ ଘରୋଇ ଫୁଟ୍‌ଓୟାର୍ ବ୍ରାଣ୍ଡ ୱାକାରୁକୁ ଭାରତରେ ନମ୍ବର ୧ ପିୟୁ ଫୁଟ୍‌ଓୟାର୍ ବ୍ରାଣ୍ଡ ଭାବେ ସ୍ୱୀକୃତି ଦିଆଯାଇଛି। ଏହି ମାନ୍ୟତା ଭାରତୀୟ ଗ୍ରାହକଙ୍କ ସହିତ ୱାକାରୁର ଦୃଢ଼ ସମ୍ପର୍କକୁ ପ୍ରଦର୍ଶିତ କରୁଛି। ଏହି ସଫଳତା ବିଷୟରେ, ୱାକାରୁ ଇଣ୍ଟରନ୍ୟାସ୍‌ନାଲ୍ ଲିମିଟେଡ୍‌ର ଏମ୍‌ଡି ନୌଶାଦ୍ କୁହନ୍ତି, ଭାରତର ନମ୍ବର ୧ ପିୟୁ ଫୁଟ୍‌ଓୟାର୍ ବ୍ରାଣ୍ଡ ହେବା କେବଳ ଏକ ଉପଲବ୍ଧି ନୁହେଁ-ଏହା କୃତଜ୍ଞତାର ଏକ ମୁହୂର୍ତ୍ତ। ଏହା ଆମ ପାର୍ଟନର୍, ଡିଲର୍, ଖୁଚୁରା ବିକ୍ରେତା ଏବଂ କର୍ମଚାରୀଙ୍କ ଉତ୍ସର୍ଗ ଯୋଗୁ ସମ୍ଭବ ହୋଇଛି।

# ମେଡିସିନ ଦୋକାନରୁ ଟଙ୍କା ଚୋରି କରି ଯୁବକ ହଟହଟା




**ନୀଳଗିରି,୧୮।୧୧ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲା ନୀଳଗିରି ଥାନା ଅନ୍ତର୍ଗତ ନୀଳଗିରି ବଜାରରେ ମଙ୍ଗଳବାର ଷଷ୍ଠ ଦିବାଲୋକରେ ମେଡିସିନ ଦୋକାନରୁ ଟଙ୍କା ଚୋରି କରି ଜଣେ ଯୁବକ ହଟହଟା, ଧରା ପଡ଼ି ଛେଚା ଖାଇଛନ୍ତି ଯୁବକ। ସୂଚନା ଆଜି ନୀଳଗିରି ପୋଡାଶୁଳ ଅଞ୍ଚଳର ଜଣେ ଯୁବକ ନୀଳଗିରି ଦୁର୍ଗା ମଣ୍ଡପ ନିକଟ ରଘୁନାଥ ମେଡିସିନ ଦୋକାନରୁ ୪୦ ରୁ ୫୦ ହଜାର ଟଙ୍କା ଚୋରି କରିଥିଲେ। ଯୁବକ ଜଣକ ମେଡିସିନ ଦୋକାନକୁ ପୂର୍ବ ପ୍ରସ୍ତୁତି ମୁତାବକ ସେଠାରେ ଜଗି ରହିଥିବା ବେଳେ ଦୋକାନ ମାଲିକ ଯେତେବେଳେ ପାଣି ଆଣିବାକୁ ଯାଇଥିବା ବେଳେ ଦୋକାନ ଭିତରକୁ ଯାଇ ଟଙ୍କା ଲୁଟ୍ କରିନେଇଥିଲେ। ତେବେ ପୂର୍ବରୁ ଏହି ପ୍ରକାର ଅନେକ ଥର ଯୁବକ ଜଣକ ଚୋରି କରି ବନ୍ଧା ହୋଇଥିଲେ। ଚୋର ଜଣକ ଜଣିବା ପଶ୍ଚାତ୍ତ ଟେଙ୍ଗାଶାହି ଅଞ୍ଚଳର ଚୈତନ୍ୟ ସିଂ ବଲି ଜଣା ପଡ଼ିଛି ଘଟଣା ସ୍ଥଳରେ ଚାପା ଉତ୍ତେଜନା ଲାଗି ରହିଛି। ସମସ୍ତ ଟଙ୍କାକୁ ନେଇ ନିକଟସ୍ଥ ଏନ.ଏ.ସି ମାର୍କେଟ କମ୍ପ୍ଲେକ୍ସ ବାଲିରେ ଲୁଚାଇ ରଖିଥିବା ବେଳେ ତାହା ସେ ନିଜେ ଯାଇ ସମସ୍ତଙ୍କ ଉପସ୍ଥିତିରେ ଖୋଲି ବାହାର କରି ଦେଇ ଥିବା ଜଣା ପଡ଼ିଛି।

## ବ୍ଲକସ୍ତରୀୟ ଚଇତି ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ

**କୋଲନରା,୧୮।୧୧ (ସଂଚାର ବ୍ୟୁରୋ):** ରାୟଗଡା ଜିଲ୍ଲା କୋଲନରା ବ୍ଲକ କାର୍ଯ୍ୟାଳୟ ପରିସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୀନା ପ୍ରଧାନଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତ ସମିତି ଅଧକ୍ଷା ସଂଯୁକ୍ତା କୁଲେସିକାଙ୍କ ସଭାପତିତ୍ୱରେ ବ୍ଲକ ସ୍ତରୀୟ ଚଇତି ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରସ୍ତୁତି ବୈଠକରେ ବ୍ଲକ ଉପାଧ୍ୟକ୍ଷ ଛଲେନ୍ଦ୍ର ଡିମିରିକା, ବିଡିଓ ମଞ୍ଜୁଲତା ଜେନା, ବୁଦ୍ଧିଜୀବୀ ଜଗନ୍ନାଥ ପଣ୍ଡା, କୋଲନରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡକ୍ଟର ରଶ୍ମିପ୍ରଭା ଦାସ, ଚାନ୍ଦିଲି ଥାନା ଅଧିକାରୀ ରଶ୍ମୀ କୁମାର ସାହୁ, ଅତିରିକ୍ତ ତହସିଲଦାର ବିଘ୍ନରାଜ କହଁର, ଆକାଉଣ୍ଟାଣ୍ଟ ଗଣେଶ୍ୱର ଭଞ୍ଜ, ସମସ୍ତ ସରପଞ୍ଚ, ସମିତିସଭ୍ୟ, ସମାଜସେବୀ, ବୁଦ୍ଧିଜୀବୀ ପ୍ରମୁଖ ମଞ୍ଚାସିନ ରହି ବ୍ଲକ ଚଇତି ମହୋତ୍ସବକୁ ସୁରୂପେ ପାଳନ କରିବା ପାଇଁ ନିଷ୍ପତି ନେବା ସହିତ କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ନିଷ୍ପତି ନେଇଥିଲେ । ଉକ୍ତ ବୈଠକକୁ ଜିପିଓ ଅଜିତ କୁମାର ହୋତା ପରିଚାଳନା କରିଥିଲେ ।



# ମଦମୁକ୍ତ ପାଣି ଗାଁ ଗଠନ ପାଇଁ ଅଣ୍ଟା ଭିଡ଼ିଲେ ମହିଳା ଗୋଷ୍ଠୀ

**କଳାହାଣ୍ଡି,୧୮।୧୧ (ସଂଚାର ବ୍ୟୁରୋ):** ଗ୍ରାମାଞ୍ଚଳରେ ମଦ ପାଲଟିଛି କୁଟୀର ଶିଳ୍ପ । ମଦ ମାଫିଆ କିଛି ଲୋକଙ୍କୁ ନିୟୋଜିତ କରି ନିଜର କଳା ବେପାରର ସାମ୍ରାଜ୍ୟ ବିସ୍ତାର କରି ଚାଲିଛନ୍ତି। ଦିନକୁ ଦିନ ମଦ ନିଶାରେ ବିପଥଗାମୀ ହେଉଛନ୍ତି ଯୁବକ । ବୃଦ୍ଧି ପାଉଛି ଘରୋଇ ହିଂସା । ବଢ଼ୁଛି ଦୁର୍ଘଟଣା । କିଛି ଶିଶୁ ଅନାଥ ହେଉଥିବା ବେଳେ, ସିମନ୍ତିନୀର ସିନ୍ଦୁର ମଧ ହଜି ଯାଉଛି । ମାଆ କୋଳ ଶୂନ୍ୟ ହେଉଥିବା ବେଳେ, କଳାହାଣ୍ଡି ଜିଲ୍ଲା - କଳମପୁର ପୋଲିସ ଥାନା ଅଂଚଳରେ ପ୍ରତ୍ୟେକ ଗାଁରେ ବେଆଇନ ମଦ କୋଠୀ । ଦେଶୀ ବିଦେଶୀ ସମେତ ହାଉଆ ମଦ ବିକ୍ରି ଯୋଗୁଁ ଲୋକେ ନିଜକୁ ସୁରକ୍ଷିତ ମଣୁ ନାହାଁନ୍ତି । ତେଣୁ ତୁରନ୍ତ ଏହାର ସମାଧାନ ପାଇଁ ଅଣ୍ଟା ଭିଡ଼ିଛନ୍ତି, ପାଣିଗାଁର ମହିଳା ଗୋଷ୍ଠୀର ସଦସ୍ୟା ।

ପାଣିଗାଁରେ ୧୧ ଜଣ ବ୍ୟକ୍ତି ଦେଶୀ , ବିଦେଶୀ ଏବଂ ହାଉଆ ମଦ ବିକ୍ରି କରୁଥିବା ଜେରୁ, ଗ୍ରାମବାସୀ ଏକତ୍ରିତ ହୋଇ କଳମପୁର ପୁଲିସ ଥାନାରେ ଲିଖିତ ଅଭିଯୋଗ କରିବା ସହିତ ଗ୍ରାମ ପରିକ୍ରମା କରି ମଦ ବେପାର କରୁଥିବା ବ୍ୟକ୍ତିଙ୍କୁ ଏଥିରୁ ନିବୃତ ରହିବା ପାଇଁ ସୂଚନା ଦେଇଥିଲେ । କଳମପୁର ପୁଲିସ ମଧ ମଦ ବେପାରରେ ସଂଶ୍ଳିଷ୍ଟ ବ୍ୟକ୍ତିଙ୍କୁ ଗ୍ରାମବାସୀଙ୍କ ଦାବୀ ମୁତାବକ ମଦ ବିକ୍ରି ବନ୍ଦ କରିବା ପାଇଁ ସୂଚନା ଦେଇଥିଲେ । କିନ୍ତୁ ଅଦ୍ୟାବଧି ମଦ ବେପାରୀ ଖୁଲମ ଖୁଲା ମଦ ବିକ୍ରି କରୁଥିବାରୁ ମଙ୍ଗଳବାର ଦିନ ସାଢ଼େ ୧୨ଟା ବେଳେ ଶତାଧିକ ମହିଳା ଭବାନୀପାଟଣା ଯାଇ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦତ୍ତଙ୍କ ସମେତ ଏସପି କଳାହାଣ୍ଡି ଓ ଏସପି ଅବକାରୀ ବିଭାଗଙ୍କୁ ସାକ୍ଷାତ କରିବା ସହ ମଦ ବନ୍ଦ କରିବା ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

ତେବେ ପ୍ରଶାସନ ଏଦିଗରେ କିଭଳି ପଦକ୍ଷେପ ଗ୍ରହଣ କରୁଛନ୍ତି, ନହେଲେ ଆଗାମୀ ଦିନରେ ଭୟାବହ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି ସମାଜସେବୀ ଭାରତ ଭୂଷଣ ମୁଣ୍ଡ, ଶରତ ଚନ୍ଦ୍ର ମୁଣ୍ଡ, ଅମୂଲ୍ୟ ମୁଣ୍ଡ, ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ସମେତ ମହିଳା ଗୋଷ୍ଠୀର ସମସ୍ୟମାନେ।



## ଅଲିଭ୍ ରିଡଲେ କଇଁଛଙ୍କ ଅଣ୍ଡାଦାନ ଆରମ୍ଭ

**କାକଟପୁର/ଅସ୍ତରଙ୍ଗ,୧୮।୧୧ (ସଂଚାର ବ୍ୟୁରୋ):** ଅଲିଭ ରିଡ଼ଲେ କଇଁଛ ଙ୍କ ଅନ୍ୟତମ ଏକୁଟିଆଶାଳ କୁହାଯାଉଥିବା ଅସ୍ତରଙ୍ଗ ଦେବୀ ନାସିରେ ଚାଲିଛି ଅଲିଭ ରିଡ଼ଲେ ଙ୍କ ପ୍ରଜନନ ଋତୁ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଦେବୀ ନଦୀ ମୁହାଁଣ ରେ ଆରମ୍ଭ ହୋଇଛି ବିରଳ ଅଲିଭ ରିଡଲେ କଇଁଛ ଙ୍କ ଅଣ୍ଡାଦାନ। ଏ ବର୍ଷ ରେକର୍ଡ ସଂଖ୍ୟକ କଇଁଛ ଆସିଥିବା ଅନୁମାନ କରାଯାଉଛି। ଦେବୀ ନଦୀ ନିକଟ କେଉଣ୍ଟା ମୁହାଁଣ ସ୍ଥିତ କାଇଁଗୁଡ଼ ଅଂଚଳରେ ଅଲିଭି ରିଡ଼ଲେ କଇଁଛ ଚଳିତ ବର୍ଷର ପ୍ରଥମ ଅଣ୍ଡାଦାନ କରିଛନ୍ତି। ସମୁଦ୍ର କୂଳରେ ପାଟ୍ରୋଲିଂ କରୁଥିବା ବନକର୍ମଚାରୀ ମାନେ ଏହାକୁ ଠାବ କରିଥିଲେ। ଗୋଟିଏ କଇଁଛ କେଉଣ୍ଟା ମୁହାଁଣ ନିକଟସ୍ଥ କାଇଁଗୁଡ଼ ଠାରେ କୂଳକୁ ଆସି ୧୨୪ଟି ଅଣ୍ଡା ଦେଇ ଥିବା ବେଳେ ସଂଗ୍ରହ ଅଣ୍ଡା କୁ ଅସ୍ଥାୟୀ ହାଚେରୀ ରେ ସାଇତି ରଖାଯାଇଛି। ତେବେ ଅଣ୍ଡା ଦେବାର ୪୫ଦିନ ପରେ ଏଥିରୁ ଶାବକ ଜନ୍ମ ନେଇ ସମୁଦ୍ର ମୁହାଁ ହେବେ।



## ଜେଆରସି ପକ୍ଷରୁ ପ୍ରାଥମିକ ଚିକିତ୍ସା ତାଲିମ୍ ପ୍ରଦାନ




**ନାଉଗାଁ,୧୮।୧୧ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ଜୁନିଅର୍ ରେଡକ୍ରସ୍ ସଂଗଠନ ତରଫରୁ ନାଉଗାଁ ବ୍ଲକ ଅନ୍ତର୍ଗତ ଦହିପାଳସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ନାଉଗାଁହାଟ ଉଚ୍ଚ ବିଦ୍ୟାଳୟରେ ପ୍ରାଥମିକ ଚିକିତ୍ସା ତାଲିମ୍ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଜୁନିଅର୍ ରେଡକ୍ରସ୍ ଅଧିକାରୀ ତ୍ରିଲୋଚନ ସାହୁଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଜେଆରସି (ଜୁନିୟର ରେଡ଼କ୍ରସ) ସଂଗଠନର ବରିଷ୍ଠ ଶିକ୍ଷକ ନିରଞ୍ଜନ ମହାନ୍ତି, ପ୍ରଶିକ୍ଷକ ଚନ୍ଦନ ବେହେରା, ହିମାଂଶୁ ମହାନ୍ତି, ସାରଦା ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପିଲାମାନଙ୍କୁ ପ୍ରାଥମିକ ଚିକିତ୍ସା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଓଡିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷା ଅର୍ଚ୍ଚନା ନନ୍ଦ, ଶିକ୍ଷକ କୃଷ୍ଣବଲ୍ଲଭ ବେହେରା, ଅଭିଜିତ ବେହେରା, ବିଶ୍ୱଜିତ୍ ବିଶ୍ୱାଳ, ବିଭୁପ୍ରସାଦ ଓଝା, ସତ୍ୟରଞ୍ଜନ ବେହେରା, ନୀତିଶ କୁମାର ବେହେରା, ନାଉଗାଁହାଟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷୀ ସେଠୀ, ଶିକ୍ଷକ ପୁରୁଷୋତ୍ତମ ତ୍ରିପାଠୀ, ମାନସ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ। ନୂତନ ଭାବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଜେଆର୍ସି ୟୁନିଟ ଖୋଲାଯାଇ ପିଲାମାନଙ୍କୁ ଶପଥ ପାଠ କରାଯାଇଥିଲା।

# ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀ ପାଳିତ




**ଫୁଲବାଣୀ,୧୮।୧୧ (ସଂଚାର ବ୍ୟୁରୋ):** ସର୍ଦ୍ଦାର ବଲ୍ଲବଭାଇ ପଟେଲଙ୍କ ୧୫୦ତମ ଜନ୍ମ ବାର୍ଷିକୀ ପାଳନ ଅବରରରେ "ଏକ ଭାରତ ଆତ୍ମନିର୍ଭର ଭାରତ''ର ଭାବନକୁ ନେଇ ଏକତା ପଦଯାତ୍ରା ଆୟୋଜିତ କରାଯାଇଥିଲା । ମାନ୍ୟବର ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର ସୂର୍ଯ୍ୟବଂଶୀ ସୂରଜ ପତାକା ଦେଖାଇ ଏହି ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ପଦଯାତ୍ରା ଶ୍ରୀ ଜଗନ୍ନାଥ ମନ୍ଦିରରୁ ବାହାରି କୋରେନେସନ ପଡିଆରେ ଶେଷ ହୋଇଥିଲା। ଏହି ସମୟରେ ରାସ୍ତାର ପାର୍ଶ୍ୱରେ ରଙ୍ଗୋଲି, ଫେନ୍ସିଡ୍ରେସ ପ୍ରତିଯୋଗିତା ଆଦି ଆୟୋଜନ କରାଯାଇଥିଲା। କୋରେନେସନ ପଡିଆଠାରେ ଉଦ୍‌ଯାପନି ସଭାର ଆୟୋଜନ କରାଯାଇଥିଲା ।

ଏହି ସଭାରେ ମାନ୍ୟବର ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମାନ୍ୟବର ସାଂସଦ, କନ୍ଧମାଳ ସୁକାନ୍ତ କୁମାର ପାଣିଗ୍ରାହୀ, ଜିଲ୍ଲାପାଳ, କନ୍ଧମାଳ ବେଦଭୂଷଣ, ଆରକ୍ଷୀ ଅଧିକ୍ଷକ, କନ୍ଧମାଳ ହରିଶ ବି. ସି, ଅତିରିକ୍ତ ଜିଲ୍ଲାପାଳ ରମେଶ କୁମାର ଜେନା, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା ସନ୍ତୋଷ କୁମାର ପାଢ଼ି, ସଭାପତି, ଭାଜପା କନ୍ଧମାଳ ଶ୍ରୀ ବିଶି ମାଝୀ ଯୋଗଦେଇଥିଲେ। ସଭାକୁ ସମ୍ବୋଧନ କରି ମାନ୍ୟବର ମନ୍ତ୍ରୀ କହିଥିଲେ ଯେ ଆଜିର ଭାରତର ମାନଚିତ୍ର ଭୌଗୋଳିକ ବିନ୍ୟାସପାଇଁ ସର୍ଦ୍ଦାର ବଲ୍ଲବଭାଇ ପଟେଲ ଯେଉଁଭଳି ଭାବରେ ସାମ, ଦାମ, ଦଣ୍ଡ ଭେଦ ନୀତି, କୂଟନୀତି, ରାଜନୀତିକୁ ପ୍ରତିପାଦିତ କରି ନୂତନ ଭାରତ ସ୍ୱରୂପ ପ୍ରଦାନ କରିଛନ୍ତି ତାହା ଉତ୍ତରପିଢ଼ି ନିକଟରେ ଉତ୍ତରଣ କରିବା ଏହି ପଦଯାତ୍ରାର ଉଦ୍ଦେଶ୍ୟ। ଉପସ୍ଥିତ ଯୁବପିଢ଼ିକୁ ଜଣେ ଜଣେ ଭଲ ଭାରତୀୟ ହେବା ପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ ସାଂସ୍କୃତିକ ଦଳମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।

# ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ବୈଠକ

**ଡେରାବିଶ,୧୮।୧୧ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ଶ୍ରୀ ଶ୍ରୀ ଦଧିବାମନଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ଡେରାବିଶ ବ୍ଲକ ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶ୍ରମକ ମନୋଜ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥିଭାବେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ ଯୋଗଦେଇ କେନ୍ଦ୍ରାପଡ଼ା ଜିଲ୍ଲାରେ ନିର୍ମାଣ ଶ୍ରମିକମାନଙ୍କର ଥିବା ବିଭିନ୍ନ ସମସ୍ୟା ଏବଂ ତାର ସମାଧାନ ବିଷୟରେ ଆଲୋକପାତ କରିଥିଲେ। ଏଥିସହିତ ମହିଳା ନିର୍ମାଣ ଶ୍ରମିକମାନଙ୍କୁ ଶ୍ରମ ବିଭାଗ ପକ୍ଷରୁ ଗତ ପାଞ୍ଚ ବର୍ଷ ହେବ ଶ୍ରମ ପରିଚୟ ପତ୍ର ଦିଆଯାଉନଥିବାରୁ ସେମାନେ ଶ୍ରମ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ି ନିରାଶ ହେବା ସହିତ ସେମାନଙ୍କ କ୍ଷେତ୍ରେ ଘୋର ଅସନ୍ତୋଷ ସୃଷ୍ଟି ହୋଇଛି ବୋଲି କହିଥିଲେ। ତୁରନ୍ତ ମହିଳା ନିର୍ମାଣ ଶ୍ରମିକମାନଙ୍କ ସମସ୍ୟା, ଅ'ଲାଇନ୍‌ଷର ଝିଅ ବିଭାଗର ରାଶି ପାଇବା ପାଇଁ ଆବେଦନର ସମାଧାନ କରାନଗଲେ ନିର୍ମାଣ ଶ୍ରମିକମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଶ୍ରୀ ତ୍ରିପାଠୀ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ କ୍ଷେତ୍ରେ ହୃଷିକେଶ ଧଳ, ଚନ୍ଦ୍ରମଣି ପ୍ରଧାନ, ଅନିରୁଦ୍ଧ ପୃଷ୍ଟି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶେଷରେ ହରିହର ମାହାଳି ଧନ୍ୟବାଦ ଅର୍ପଣ କରିଥିଲେ।




# ଦୁମୁକାହାଟରେ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ

**ଡେରାବିଶ,୧୮।୧୧ (ସଂଚାର ବ୍ୟୁରୋ):** ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ମିନି ଷ୍ଟାଡିୟମ ପରିସରରେ ଆଜି ଡେରାବିଶ ବ୍ଲକ ୧୨ ନଂ ଜୋନ୍ ସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କ୍ରୀଡ଼ା ପ୍ରତିଯୋଗିତାରେ ୧୨ ନଂ ଜୋନ୍ ଅଧୀନ ୭ଟି ପଞ୍ଚାୟତରୁ ଶତାଧିକ ଛାତ୍ରଛାତ୍ରୀ ଭାଗ ନେଉଛନ୍ତି। ଉଭୟ ବାଳକ ଓ ବାଳିକା ଜୁନିୟର ଓ ସିନିୟର ବର୍ଗରେ ପ୍ରତିଯୋଗୀମାନଙ୍କ କ୍ଷେତ୍ରେ ଦୌଡ଼, କୁଦ, ଫୋପଡ଼ା, ଭଲ୍ଲିବଲ୍, କବାଡ଼ି ଭଳି ୮ ପ୍ରକାରର ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ କ୍ରିଡ଼ା ଉତ୍ସବକୁ ପାଟକୁରା ନିର୍ବାଚନ ମଣ୍ଡଳୀରେ ଖେଳ ମହୋତ୍ସବର ମୁଖ୍ୟ ସଞ୍ଚାଳକ ତଥା ରାଜ୍ୟ ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଅଛି। ଆଜି ଏହି ଉପଲକ୍ଷେ ଦୁମୁକାହାଟ ସ୍ଥିତ ମିନିଷ୍ଟାଡ଼ିୟମରେ ଶ୍ରୀ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥିଭାବେ ପୂର୍ବତନ କ୍ରୀଡ଼ାବିତ୍ ତଥା ପୂର୍ବତନ ସୈନିକ ରମେଶ ଚନ୍ଦ୍ର ରାଉତ ଯୋଗଦେଇ କ୍ରୀଡ଼ା ପତାକା ଉତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ବରିଷ୍ଠ ବିଜେପି ନେତା ଦୁର୍ଯ୍ୟୋଧନ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ଜ୍ୟୋତ୍ସ୍ନାରାଣୀ ଜେନା, ପୂର୍ବତନ ବ୍ଲକ ଅ୍ମକ୍ଷ ସରୋଜକାନ୍ତ ସାହୁ, ଗୋଲରାହାଟ ସରପଞ୍ଚ କାଶିନାଥ କାଣ୍ଡି, ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, ବ୍ଲକ ଶିକ୍ଷାଧିକାରୀ ନାରାୟଣ ମନ୍ତ୍ରୀ, ଅତିରକ୍ତ ବ୍ଲକ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ଦେବଦତ ଶତପଥି, ସଚିକାନ୍ତ ମିଶ୍ର, ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦାଶ ପ୍ରମୁଖ ଯୋଗଦେଇଥିଲେ ପ୍ରତିଯୋଗିତାରେ ଭାଗନେବାକୁ ଆସିଥିବା କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ।

# ଗିରଫ ହେବାର ୧୩ଦିନ ପରେ ବି ନିଲମ୍ବନ ହୋଇନାହାନ୍ତି ଡାକ୍ତର

**କଣାସ,୧୮।୧୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଣାସ ବ୍ଲକର କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭାରପ୍ରାପ୍ତ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ଡାକ୍ତର କ୍ଷେମାନିଧି ସେଠି ଗତ ୩ତାରିଖ ଦିନ ସେହି ଡାକ୍ତରଖାନାରେ କାର୍ଯ୍ୟ କରୁଥିବା ଜଣେ ଆୟୁଶ ଡାକ୍ତାରାଣୀଙ୍କୁ ତାଙ୍କ ସ୍କୁଟରେ ବସି ଯାଉଥିବା ସମରେ ଦୁଷ୍କକର୍ମ କରିବା ପାଇଁ ଉଦ୍ୟମ କରିଥିବା ଡାକ୍ତରାଣୀ ଜଣକ ଭୁବନେଶ୍ୱର ଏଆର ଫିଲିଡି ଥାନାରେ ଅଭିଯୋଗ କରିବା ପରେ ଥାନା ଅଧିକାରୀ ଡାକ୍ତରଙ୍କୁ ସଂଗେ ସଂଗେ ଗିରଫ କରି ୪ତାରିଖ ଦିନ କୋର୍ଟଚାଲଣ କରିଥିଲା। ପୁରୀ ମୁଖ୍ୟ ଚିକିତ୍ସା ଅଧିକାରୀ ଖବର ପାଇ ୫ତାରିଖ ଦିନ ଏକ ତଦନ୍ତକାରି ଦଳଙ୍କୁ ପୁରୀରୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ତଦନ୍ତ କରିଥିଲେ ମଧ ତଦନ୍ତ ରିପୋଟ ଭୁବନେଶ୍ୱର ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କୁ ୧୩ତାରିଖ ଦିନ ଲିଖିତ ଭାବେ ଜଣାଇଥିଲେ। ୧୩ତାରିଖ ଦିନ ନିଦର୍ଦେଶକ ପୁରୀ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ପତ୍ର ପାଇଥିଲେ ମଧ ଖବର ଲେଖା ହେବା ସୁଧା ସରକାରଙ୍କୁ ଜଣାଇ ନ ଥିଲେ। ଜଣେ ସରକାରୀ କର୍ମଚାରୀ ଗିରଫ ହୋଇ କୋର୍ଟଚାଲଣ ହେବାର ୪୮ଘଣ୍ଟା ବିତିଗଲା ପରେ ନିଲମ୍ବନ ହେବା ପାଇଁ ନିର୍ଦ୍ଦେଶ ଥିଲେ ମଧ କାହିଁ କି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ନିର୍ଦ୍ଦେଶକ ଗିରଫ ହୋଇଥିବା ଡାକ୍ତରଙ୍କୁ କି ଉଦ୍ଦେଶ୍ୟ ରଖି ନିଲମ୍ବନ ନ କରି ଘଣ୍ଟଘୋଡାଉଛନ୍ତି କଣାସ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ଆଲୋଚନାର ବିଷୟବସ୍ତୁ ହୋଇଛି। ଉକ୍ତ ଡାକ୍ତର ଗିରଫ ହେବାପରେ ମଧ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତରଖାନାକୁ ଡାକ୍ତର ନ ପଠାଇବାରୁ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୫ଜଣ ଡାକ୍ତର ରହିବାର ବ୍ୟବସ୍ଥା ଥିବା ବେଳେ ମାତ୍ର ୪ଜଣ ଡାକ୍ତର ନିଯୁକ୍ତି ପାଇଥିବା ବେଳେ ୧୧ଟି ଡାକ୍ତର ପଦବୀ ଦୀର୍ଘ ଦିନ ହେଲା ଖାଲିପଡ଼ିଛି। ଦୈନ ଦିନ ୫ଶହରୁ ଉର୍ଦ୍ଧ୍ୱ ରୋଗୀ ଡାକ୍ତରଖାନାକୁ ଆସୁଥିବାରୁ ଯେଉଁ ଡାକ୍ତରଙ୍କ ଡିୟୁଟ୍ ପଡୁଛି ସେ ଲହୁଲୁହାଣ ହୋଇପଡୁଛନ୍ତି। ଜଣେ ଜଣେ ରୋଗୀ ଡାକ୍ତରଙ୍କୁ ଦେଖା ହେବା ପାଇଁ ଲାଇନ୍‌ରେ ଦୁଇରୁ ତିନି ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ସ୍ୱାସ୍ଥ୍ୟ ମନ୍ତ୍ରୀ ଏଥି ପ୍ରତି ଦୃଷ୍ଟି ଦେବା ପାଇଁ କଣାସ ଅଞ୍ଚଳବାସୀ ଦାବୀ କରିଛନ୍ତି।

## ଦୁଇଦିନ ହେବ ରାଇଗୁଡ଼ା ପାଦେରୀପଡ଼ାରେ ବିଦ୍ୟୁତ୍ ସେବା ବନ୍ଦ

**ଫିରିଙ୍ଗିଆ,୧୮।୧୧ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ରାଇଗୁଡ଼ା ଗ୍ରାମର ପାଦେରୀପଡ଼ା ସାହିରେ ପ୍ରାୟ ୨ ଦିନ ହେବ ବିଦ୍ୟୁତ୍ ସେବା ବନ୍ଦ ହେଇଛି। ଆଜି ଫିରିଙ୍ଗିଆ ବ୍ଲକର ବିଦ୍ୟୁତ୍ ବିଭାଗ ଅଧିକାରୀ ସୁପର ଭାଉଜର ସୁରୋଜ ସାହୁଙ୍କୁ ଫୋନ୍ କରିବାରୁ ଯଥାଶୀଘ୍ର ବିଦ୍ୟୁତ୍ ଯୋଗାଇଦେବା ପାଇଁ କହିଛନ୍ତି। ହେଲେ ଏବେ ପର୍ଯ୍ୟନ୍ତ



କୌଣସି ଅଧିକାରୀ ଦେଖା ମିଳୁନାହାଁ। ରାଜ୍ୟ ଓ କେନ୍ଦ୍ର ସରକାର ସହରାଞ୍ଚଳ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ରହୁଥିବା ପ୍ରତ୍ୟେକ ଗରିବ ପରିବାରକୁ ଆଜି ବିଦ୍ୟୁତ୍ ଯୋଗାଇ ଦେଉଥିବା ବେଳେ ଏହି ପାହାଡ଼ିଆ ଅଞ୍ଚଳରେ କାହିଁକି ପ୍ରଶାସନ ଦୃଷ୍ଟି ପଡୁନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

## ପିଏମଶ୍ରୀ କୋରୋ ଉଚ୍ଚ ବିଦ୍ୟାଳୟରେ ସାଂସଦ କ୍ରୀଡ଼ା ମହୋତ୍ସବ




**କେନ୍ଦ୍ରାପଡ଼ା,୧୮।୧୧(ସଂଚାର ବ୍ୟୁରୋ):** ପିଏମଶ୍ରୀ କୋରୋ ପାୟତ ଉଚ୍ଚ ବିଦ୍ୟାଳୟର ମିନି ଷ୍ଟାଡିୟମରେ ୫ନଂ ଜୋନ ସ୍ତରୀୟ ସାଂସଦ କ୍ରୀଡା ମହୋତ୍ସବ ଉଦଘାଟିତ ହେଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ସୋମନାଥ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କ୍ରୀଡା ମହୋତ୍ସବରେ ଉଦଘାଟକ ଭାବରେ ସାଂସଦଙ୍କ ପ୍ରତିନିଧି ସଲିମ ଖାନ,ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ପୂର୍ବତନ ଜିଲ୍ଲା ବିଜେପି ସଭାପତି କିଶୋର ପଣ୍ଡା, ପୂର୍ବତନ ମଣ୍ଡଳ ସଭାପତି ଶଶାଙ୍କ ଶେଖର ଓଝା ଓ ଗଣମାଧ୍ୟମ ପ୍ରତିନିଧି ଦିଲ୍ଲୀପ କୁମାର ଶତପଥି ପ୍ରମୁଖ ଯୋଗଦେଇ କ୍ରୀଡା ମହୋତ୍ସବକୁ ଉଦଘାଟନ କରିଥିଲେ। ଦୁଇଦିନ ଧରି ଚାଲିବାକୁ ଥିବା ଏଇ କ୍ରୀଡାରେ ବିଭିନ୍ନ ବିଭାଗରେ ଅଂଶ ଗ୍ରହଣ କରିବାକୁ ୮ଟି ପାୟତର୧୪ଟି ବିଦ୍ୟାଳୟରୁ ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଦୁଇଦିନ ଧରି ଚାଲିବାକୁ ଥିବା ଏହି କ୍ରୀଡା ମହୋତ୍ସବରେ କବାଡି, ଭଲିବଲ,୧୦୦ମିଟର ରେସ, ୪୦୦ମିଟର ରେସ, ଲଙ୍ଗ ଜମ୍ପ, ହାଇ ଜମ୍ପ, ରିଲେ ରେସ, ସଟ ଦ ଫୁଟ ଖେଳରେ ପିଲାମାନେ ତାଙ୍କ କ୍ରୀଡା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ । ଖେଳ ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଜୋନରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶାରୀରିକ ଶିକ୍ଷକମାନେ ଖେଳକୁ ପରିଚାଳନା କରିବା ସହ ବିଦ୍ୟାଳୟର ସମସ୍ତ ଶିକ୍ଷକ ଏଥିରେ ସହଯୋଗ କରିଥିଲେ ।

# ବାଲିଅନ୍ତା ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଉଦଯାପିତ



**ବାଲିଅନ୍ତା,୧୮।୧୧ (ସଂଚାର ବ୍ୟୁରୋ):** ଆଜି ବାଲିଅନ୍ତା ବ୍ଲକ ଅଧୀନ କାକରୁଦ୍ରପୁର ସ୍ଥିତ ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଣ୍ଡଳ ସ୍ତରୀୟ ବାଲ ବୈଜ୍ଞାନିକ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ବିଜ୍ଞାନ ପ୍ରଦର୍ଶନୀ - ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଷଷ୍ଠ ଶ୍ରେଣୀରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ବିଭିନ୍ନ ବିଭାଗରେ ମୋଟ ୧୦୦ଗୋଟି ପ୍ରକଳ୍ପ ମେଳାରେ ସ୍ଥାନ ପାଇଥିଲା। ସେଥି ମଧ୍ୟରୁ ବାଲ ବୈଜ୍ଞାନିକରୁ ୭ଟି ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରୁ ମନୋନୀତ ୬ ଗୋଟି ଶ୍ରେଷ୍ଠ ପ୍ରକଳ୍ପ ଜିଲ୍ଲା ସ୍ତରକୁ ମନୋନୀତ କରାଯାଇଥିଲା। ଏହି ଅବସରରେ ପୂର୍ବାହ୍ନ ଅଧିବେଶନରେ ସହ ଜିଲ୍ଲା ଶିକ୍ଷା ଅଧିକାରୀ ବିଜୟ କୁମାର ବେହେରା, ବାଲିଅନ୍ତା ଗୋଷ୍ଠୀ ଶିକ୍ଷା ଅଧିକାରୀ ଭକ୍ତ ବସ୍ତଳ ମହାପାତ୍ର, ସହ ମଣ୍ଡଳ ଶିକ୍ଷା ଅଧିକାରୀ ରମାମଣି ଦେଈ, ସ୍ଥାନୀୟ ସରପଞ୍ଚ ରଶ୍ମିତା ମଲ୍ଲିକ ଓ ପରିଚାଳନା ସମିତି ସଭାପତି ପର୍ଶୁରାମ ମୁଖି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହା ସହିତ ଅତିଥିବୃନ୍ଦ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ପଚାରି ବୁଝିବା ସହ ଭବିଷ୍ୟତରେ ଜଣେ ଜଣେ ବୈଜ୍ଞାନିକ ହେବାକୁ ଉତ୍ସାହିତ କରିଥିଲେ। ସେହିପରି ଅପରାହ୍ନ ଅଧିବେଶନରେ ବିଦ୍ୟାଧରପୁର କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରର ଅବସରପ୍ରାପ୍ତ ବୈଜ୍ଞାନିକ ଶରତ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ଅତିରିକ୍ତ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ସ୍ୱାଇଁ,ପଞ୍ଚସଖା ସେତୁ ସଭାପତି ଶରତ କୁମାର ପ୍ରଧାନ ଓ ସମିତି ସଭ୍ୟା ମିଲିଲତା ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଜ୍ଞାନର ବିଭିନ୍ନ ଦିଗ ଉପରେ ଗୁରୁତ୍ୱାରୋପ କରିଥିଲେ। ମୋଟ ୧୦ଟି ସାର୍କଲର ସିଆରସିସି ଓ ଶିକ୍ଷକ / ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପାପଡ଼ାହାଣ୍ଡି ଶହୀଦ ମିନାର ଠାରୁ ଜିଲ୍ଲାସ୍ତରୀୟ ଏକତା ପଦଯାତ୍ରା



**ପାପଡାହାଣ୍ଡି,୧୮।୧୧ (ସଂଚାର ବ୍ୟୁରୋ):** ସର୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକି ପାଳନ ଉପଲକ୍ଷେ ଓଡ଼ିଆ ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ଏବଂ ଜିଲ୍ଲା ପ୍ରଶାସନର ଆନୁକୁଲ୍ୟରେ ଆଜି ସକାଳୁ ପାପଡାହାଣ୍ଡି ସ୍ଥିତ ଶହୀଦ ମିନାର ଠାରୁ ଆରମ୍ଭ ହୋଇ ନବରଙ୍ଗପୁର ମାଝୀଗୁଡା ସ୍ଥିତ ଖେଳ ପଡିଆ ପର୍ଯ୍ୟନ୍ତ ଏକ ଭାରତ ଆତ୍ମନିର୍ଭର ଭାରତ ନାରା ନେଇ ଜିଲ୍ଲା ସ୍ତରୀୟ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି,ଏହି ପଦଯାତ୍ରା ରେ ପାପଡାହାଣ୍ଡି ଶହୀଦ ମିନାର ଠାରୁ ୯୦ ମିଟର ଲମ୍ବା ତ୍ରିରଙ୍ଗା ପତକା ସହିତ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା, ସମସ୍ତେ ହାତରେ ତ୍ରିରଙ୍ଗା ପତକା ଧରି ଭାରତ ମାତା କି ଜୟ, ବନ୍ଦେ ମାତାରଂ ସ୍ଲୋଗାନ ଦେଇ ଆଗେଇ ଥିଲେ, ଏହି ପଦ ଯାତ୍ରା ନିମନ୍ତେ ସ୍ଥାନେ ସ୍ଥାନେ ବିଶ୍ରାମ ଗୃହ, ଖାଇବା ବ୍ୟବସ୍ଥା, ପାନୀୟ ଜଳ, ପ୍ରାଥମିକ ଚିକିତ୍ସା ସେବା, ଭାରତ କିଓସ୍କ ପଇଣ୍ଟ, ସାଂସ୍କୃତିକ କାର୍ଯ୍ୟକ୍ରମ,ଶାନ୍ତିଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ପରିମଳ ବ୍ୟବସ୍ତା ପ୍ରଭୁତି ଜିଲ୍ଲା ପ୍ରଶାସନ ତରଫରୁ ବ୍ୟବସ୍ଥା କରାଯାଇଥିଲା।

# ବିଦ୍ୟାଳୟରେ ନିମ୍ନମାନର ପୋଷାକ ବିତରଣ ଅଭିଯୋଗ

**ବାଲିପାଟଣା,୧୮।୧୧ (ସଂଚାର ବ୍ୟୁରୋ):** ସରକାରଙ୍କ ନିୟମକୁ ଖୋଲା ଖୋଲି ଉଲଂଘନ। ପରିଚାଳନା କମିଟିକୁ ବିଇଓଙ୍କ ନାଲି ଆଖି। ନିର୍ଦ୍ଧିଷ୍ଟ ଏକ ରାଜନୈତିକ ବିଜେଡି ଦଳର ପ୍ରଚାର କରୁଛନ୍ତି କି ବିଇଓ? ବିଇଓ ସରକାରୀ ଚାକିରୀ କରୁଛନ୍ତି ନା ବିଜେଡି ଦଳର ପ୍ରଚାର କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ସରକାର ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ସୁବିଧାସୁଯୋଗ ଯୋଗାଇ ଦେଉଛନ୍ତି। ଛାତ୍ରଛାତ୍ରୀଙ୍କୁ ମଧାହ୍ନ ଭୋଜନଠାରୁ ଆରମ୍ଭ କରି ସାଇକେଲ୍, ବହି ଏବଂ ପୋଷାକପତ୍ର ଆଦି ପ୍ରଦାନ କରାଯାଉଛି। ଛାତ୍ରଛାତ୍ରୀ ଯେଉଁଭଳି ଉନ୍ନତମାନର ପୋଷାକ ପିନ୍ଧିପାରିବେ ସେଥିପାଇଁ ବିଭିନ୍ନ ନିୟମ ରହିଥିବା ବେଳେ ବାଲିପାଟଣା ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରେ ଏହାକୁ ଉଲଂଘନ କରାଯାଇ ପୋଷାକ ବଣ୍ଟନକୁ ନେଇ ଛାତ୍ରଛାତ୍ରୀ ଏବଂ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପୋଷାକ ବଣ୍ଟାକୁ କେନ୍ଦ୍ରକରି କେଉଁଠି ବିଇଓ ଏବଂ ଏସ୍‌ଏମ୍‌ସି କମିଟି ମୁହାଁମୁହିଁ ହେଲେଣି ତ ପୁଣି କେଉଁଠି ପିସି କାରବାର ହୋଇ ନିମ୍ନମାନର ପୋଷାକ ବଣ୍ଟନ କରାଯାଉଛି ବୋଲି ଅଭିଯୋଗ ହେଉଛି।

ବାଲିପାଟଣା ବିପିନି ବିହାରୀ ଉଚ୍ଚ ବିଦ୍ୟାଳୟ ସମେତ ବ୍ଲକ ଶିକ୍ଷାଞ୍ଚଳ ଅନ୍ତର୍ଗତ ଅନେକ ବିଦ୍ୟାଳୟରେ ଏଭଳି ନିମ୍ନମାନର ପୋଷାକ ଦିଆଯାଉଥିବା ଅଭିଯୋଗ ହେଉଛି। ପୋଷାକ କିଣିବାକୁ ଥିବା ନିୟମକୁ ଅଧିକାଂଶ ବିଦ୍ୟାଳୟରେ ପାଳନ କରାଯାଉନାହିଁ। ଅଧିକାଂଶ ବିଦ୍ୟାଳୟରେ ଏସ୍‌ଏମ୍‌ସି କମିଟିକୁ ଅଣଦେଖା କରି ନିମ୍ନମାନର ପୋଷାକ କିଣା ଯାଉଛି ବୋଲି ଅଭିଯୋଗ ଉଠିଛି। ସେପଟେ ବିପିନି ବିହାରୀ ଉଚ୍ଚ ବିଦ୍ୟାଳୟରେ ହେବାକୁଥିବା ବିଜ୍ଞାନ ମେଳାରେ ମଧ ଅତିଥି ଚୟନକୁ ନେଇ ବିଇଓ ଓ ଆଲୁମିନି କମିଟି ସଭାପତି, ସଦସ୍ୟ ଏବଂ ଅଂଚଳର କିଛି ବୁଦ୍ଧିଜୀବି ମୁହାଁମୁହିଁ ହୋଇଛନ୍ତି। ତେବେ ବିଦ୍ୟାଳୟରେ ଏହି ନିମ୍ନମାନର ପୋଷାକ ବଣ୍ଟନ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ହେଲେ କେବଳ ବିପିନି ବିହାରୀ ଉଚ୍ଚ ବିଦ୍ୟାଳୟ ନୁହେଁ ଅନେକ ବିଦ୍ୟାଳୟର ଗୁମର ସାମ୍ନାକୁ ଆସିବା ସହ ଅନେକ ଅଧିକାରୀଙ୍କ ମୁଖା ଖୋଲିବ ବୋଲି ସାଧାରଣରେ ଦାବି ହେଉଚି।

## ରସୁଲପୁରରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

**ଯାଜପୁର,୧୮।୧୧ (ସଂଚାର ବ୍ୟୁରୋ):** ରସୁଲପୁର ବ୍ଲକ୍ କାର୍ଯ୍ୟାଳୟ ପରିସରର ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହୋଇଥିଲା। ଜନସାଧାରଣଙ୍କ ଆପତ୍ତି ଓ ସମସ୍ୟା ସମାଧାନ ପାଇଁ ଏହି ଶିବିରକୁ ନିଜେ ନିରୀକ୍ଷଣ କରିଥିଲେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର। ଏହି ଜନଶୁଣାଣିରେ ମୋଟ ୧୦୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଯେଉଁଥିରେ ବ୍ୟକ୍ତିଗତ ସମସ୍ୟା ୭୪, ଗୋଷ୍ଠୀ/ଗ୍ରାମ୍ୟ ସମସ୍ୟା ୦୩, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ୨୭, ରେଡକ୍ରସ୍ ସହାୟତା ୦୧ରହିଥିଲା। ସମସ୍ତ ଅଭିଯୋଗକୁ ବିଭାଗୀୟ ଅଧିକାରୀମାନେ ଯାଞ୍ଚ କରିବା ନିମନ୍ତେ ଦିଆଯାଇଛି। ସେଥିସହିତ ୩୫ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିବା ଜଣାପଡ଼ିଛି।



## ପ୍ରଥମାଷ୍ଟମୀ

**ବାସନ୍ତୀ ଲତା ଜେନା**

ପୂଣ୍ୟ ଉତ୍କଳରେ ଓଡିଆ ସଂସ୍କୃତି
ବାର ମାସେ ତେର ପର୍ବ
ଜଗନ୍ନାଥ ନାମେ ପରମ୍ପରା ଚାଲେ
ଆନନ୍ଦିତ ମନ ସର୍ବ ।୧।
ମାର୍ଗଶିର ମାସ କୃଷ୍ଣ ଅଷ୍ଟମୀଙ୍କୁ
ପ୍ରଥମାଷ୍ଟମୀ କହନ୍ତି
ପ୍ରଥମ ସନ୍ତାନ ନବ ବସ୍ତ୍ର ପିନ୍ଧି
ପଢୁଆଁ ଯେ ହୋଇ ଥାନ୍ତି ।୨।
ପୁଅ ହେଉ ଅବା ଝିଅ ସିଏ ହେଉ
ଏ ଦିନଟି ତାଙ୍କ ପାଇଁ
ସୁଦୀର୍ଘ୍ୟ ଜୀବନ ସୁଖ ଓ ସମୃଦ୍ଧି
କାମନା ଯେ ତାଙ୍କ ପାଇଁ ।୩।
ପଞ୍ଚ ପଲ୍ଲଓ୍ୱରେ ପଞ୍ଚ ଶସ୍ୟରେ ଯେ
କଳସ ବସାଇ ଥାନ୍ତି
ଦିଅଁଙ୍କ ଆଗରେ ପିଢାଟେ ପକାଇ
ସନ୍ତାନକୁ ବସାଅନ୍ତି ।୪।
ଷଠୀ ଦେବୀଙ୍କର ପୂଜାର୍ଚ୍ଚନା କରି
ସନ୍ତାନ ପୂଜା କରନ୍ତି
ଦୁଇ କର୍ଣ୍ଣେ ଫୁଲ କପାଳେ ଚନ୍ଦନ
ମାତା ସଜାଇ ଦିଅନ୍ତି ।୫।
ବରକୋଳି ପତ୍ର ହଳଦୀ ଚାଉଳ
ଦୁର୍ବା ମିଶାଇଣ ଥାନ୍ତି
ହଳଦୀ ଚାଉଳ ମସ୍ତକେ ପକାଇ
ଜନନୀ ବନ୍ଦାଇ ଥାନ୍ତି ।୬।
ପଢୁଆଁ ସନ୍ତାନ ଷଠୀ ଦେବୀଙ୍କୁ
ପ୍ରଣତି ଜଣାଇ ଥାନ୍ତି
ଦେବ ଗୁରୁ ଜନେ ପ୍ରଣତି ଜଣାଇ
ଆଶୀର୍ବାଦ ନେଇ ଥାନ୍ତି ।୭।
ହଳଦୀ ପତ୍ରରେ ଏଣ୍ଡୁରି ପିଠାରେ
ପୁର ଦେଇ ଗଢି ଥାନ୍ତି
ନିଜେ ଖାଇ ଥାନ୍ତି ପଡିଶା ବାଣ୍ଟନ୍ତି
ସ୍ନେହ ପ୍ରେମେ ଯୋଡି ଯାନ୍ତି ।୮।
ପରମ୍ପରା କହେ ଭଣଜା ଭାଣିଜୀ
ମାମୁଁ ପଢୁଆଁ କରନ୍ତି
ପିଠା ମିଠା ସାଥେ ନବ ବସ୍ତ୍ର ନେଇ
ମାମୁଁ ଘରକୁ ଆସନ୍ତି ।୨।
ଜ୍ୟେଷ୍ଠ ସନ୍ତାନ ଯେ ପିତାଙ୍କର ଅନ୍ତେ
ଘର ଚଳାଇ ଯେ ଥାନ୍ତି
ଭାଇ ଭଉଣୀଙ୍କ ଦାୟିତ୍ୱ ନିଅନ୍ତି
କର୍ତ୍ତବ୍ୟ ତୁଲାଇ ଥାନ୍ତି । ୧୦।
ପ୍ରଥମାଷ୍ଟମୀ ଦିନ ଲିଙ୍ଗରାଜ ପ୍ରଭୁ
କପାଳୀ ମଠକୁ ଯାନ୍ତି
ବରୁଣେଶ୍ୱର ମାମୁଁ ବନଦେବ ମାଇଁ
ତାଙ୍କୁ ପଢୁଆଁ କରନ୍ତି ।୧୧।
ଜଗନ୍ନାଥ ମାମୁଁ ନିଆଳି ମାଧବ
ଭାର ନେଇ ଆସି ଥାନ୍ତି
ଅଙ୍ଗ ବସ୍ତ୍ର ଲାଗି ଖଣ୍ଡୁଆ ପାଟ ଓ
ଦରବ କିଛି ଆଣନ୍ତି ।୧୨।
ଉତ୍କଳ ସଂସ୍କୃତି ଜଗତେ ବିଖ୍ୟାତ
ପର୍ବ ପର୍ବାଣୀରେ ଭରା
କର୍ତ୍ତବ୍ୟ ବୋଧତା ଦାୟିତ୍ୱ ଗ୍ରହଣ
ସମ୍ମାନ ମର୍ଯ୍ୟାଦା ଭରା ।୧୩।

**ଗାନ୍ଧୀନଗର, ନବରଙ୍ଗପୁର**



## ଫମ୍ପା ମାଠିଆର ଶବଦ ବେଶି

**ଡଃ ନାରାୟଣ ଚନ୍ଦ୍ର ସେନାପତି**

ଦଣ୍ଡକିରୀ ମାଛ ଫରଫର ହୁଏ
ଜଳାଶୟର ଉପରେ
ବଡ ମାଛ ସବୁ ବୁଡି ରହିଥାନ୍ତି
ଲୁଚି ଗଭୀର ଜଳରେ।

ଗାଡି ଶିଖୁ ଥାଏ ନୂଆ ନୂଆ ଯିଏ
ଚଳାଏ ରକେଟ ପରି
ଅଭିଜ୍ଞ ଚାଳକ ସନ୍ତୁଳନ ରଖି
ଚଲାଏ ଯତନ କରି।

ଶହେ ପୁରସ୍କାର ପାଇ ଥାଏ ଯିଏ
କରେନା ପ୍ରଚାର ଜମା
ଅଶୁଦ୍ଧ କାଗଜ ଧରି ଖଣ୍ଡେ ମୂର୍ଖ
ଦେଖାଏ କେତେ ବଡିମା।

ଫଳନ୍ତି ଗଛଟେ ନଇଁ ପଡୁଥାଏ
ଦେଖାଇ ସମ୍ମାନ ଚିହ୍ନ
ଅଫଳନ୍ତି ଗଛ ଗରବେ ନ ବଙ୍କି
କହେ ମୁହିଁ ବଳୀୟାନ।

ଓ୍ୱାର୍ଡ ବୁକ୍ ଖୋଲି ଶବ୍ଦ କେତେ ଶିଖି
ମୂରୁଖ କହେ ଇଂରାଜୀ
ଜାଣେନା ତା ରୂପ ସମାନ ହେଲେବି
ଅଟେ ବହୁ ଅର୍ଥ ଭେଦୀ।

କାନରେ କ'ଣ ବା ଶୁଣିଲେ ଅଜ୍ଞାନ
ନ ବୁଝି କହେ ଝିଙ୍କାରି
ଅଜବ ଉଭଟ ଯୁକ୍ତି କରେ ବସି
ଭାଷାକୁ ବିଷାକ୍ତ କରି।

ଅଳପ ପଢେ ଯେ ଅଳପ ଶୁଣେ ଯେ
ଜ୍ଞାନ ନ ଥାଏ ମୁଣ୍ଡରେ
ଅଯଥା ଯୁକ୍ତିରେ ମୁଣ୍ଡ ଖାଇ ବସେ
ବିଦ୍ୱାନ ଲୁଚନ୍ତି ଡରେ।

ନୀରବ ଭାବ ତା ଜାତକେ ନ ଥାଏ
ବାଜୁଥାଏ ଢାଉଁ ଢ଼ାଉଁ
ତା ଭୁଲ ଧରି ଠିକ୍ କେ କହିଲେ
ଦେଖାଏ ଅଯଥା ଭାଉ।

ନ ଥାଏ ତା ପାଖେ ଜ୍ଞାନ ମପା ଯନ୍ତ୍ର
କରେ ପାଗଳ ପ୍ରଳାପ
ତା ସହ ଯଦି କେ ଯୁକ୍ତି କରେ ବସି
ଦେଖାଏ ଅଯଥା ଦର୍ପ।

ଭାରି କଳସୀଟା ଶବ୍ଦ କରେ ନାହିଁ
ସ୍ଥିର ଯେହ୍ନେ ସିଦ୍ଧ ଋଷି
ଫମ୍ପା ମାଠିଆ ର ଶବଦ ପା ବେଶି
ରାଉ ରାଉ ଦିବା ନିଶି।

**ଜମ୍ବୁରା, କେନ୍ଦୁଝର**



## ରାଜଧାନୀର ପ୍ରେମ

**ଡ. ଚନ୍ଦ୍ରକଳା ନାୟକ**

ସହରର ସବୁ ଅନ୍ଧାର ଲିଭି ଆସୁଥିଲା
ଦିକ ଦିକ ଜଳୁଥିଲା ଖୁଂଟର ଷ୍ଟ୍ରିଟ ଲାଇଟ
ତୁମେ ଆସିଛ ବୋଲି
ମୁଁ ଅପେକ୍ଷାରେ ଥିଲି ଏବେ ଏବେ
ତୁମର ସବୁ କଳଙ୍କିତ ଅଧ୍ୟାୟକୁ
ଧୋଇଦେଇ, ଛିଡାହେଲି ଦଣ୍ଡେ ।
ଚାରିଛକି ରାଜମହଲର ଗଳିପୋଲ ତଳେ
ଆମେ ହୋଇଥିଲେ ଗୋଟେ ଆତ୍ମା
ଦେହ ତ ନଥିଲା ସେଦିନ
ଆଉ ତମେ ପ୍ରତାରଣାରେ ଏଇଠୁ
ଦିନେ ପଛଘୁଂଚା ଦେଇ, ପାଦ ଫେରାଇଲ ।
ଦିନେ ତୁମରି ଶୁଭ ମନାସି
ନେଇଥିଲି ଲିଙ୍ଗରାଜ ମନ୍ଦିରକୁ
ତୁମେ ବି ତ ହୋଇଥିଲ ସେଦିନ
ମୋ ବିଶ୍ୱାସର ଇହକାଳର ଓ ପରକାଳର
ସଦ୍ୟ ପ୍ରସ୍ଫୁଟିତ ଦେବତା ।
ମନେପଡେ ଅଟୋ ରିକ୍ସାବାଲା
ଯେଉଁଥିରେ ଇନ୍ଦିରାପାର୍କକୁ ଆସିଥିଲେ
ବୁଣିଥିଲେ ବାଟି ବାଟି ସ୍ୱପ୍ନ
ତୁମରି ନରମ କୋଳରେ ମୁଣ୍ଡ ରଖି
ହରାଇଥିଲି ନିଜର ସତ୍ତା ଓ ଆତ୍ମାକୁ ।
ତୁମର ସେ ମଜାଗପ ମନଖୋଲା କଥା
ଆଜି ବି ତ ଦୋହଲାଏ ମୋତେ
କଂଟା ପରି ଫୋଡିହୁଏ ଶିରା ପ୍ରଶିରାରେ
ବାହାନାରେ ହୋଉ ପଛେ, ମୁଁ ଭାବୁଛି
କେଡେ ବୋକିଟିଏ ଥିଲି ମୁଁ ସତେ ।
ତୁମ ଆଉଁସା ମିଛର କାହାଣୀକୁ
ଘାଣ୍ଟି ଘୁଣ୍ଟି ଆଜି ବି ରଖିଛି
ଜୀବନଟା ନୂତନତା ବି ପାଇଛି
ମୋ ନିରୋଳା ସତ୍ତାକୁ ପରଖିଛି
ପଡି ଉଠି ଠିଆ ହେବା ଶିଖିଛି
ଏକଲା ବାଟକୁ ଅତିକ୍ରମ କରିବା ଜାଣିଛି
ରାଜଧାନୀର ରାଜରାସ୍ତାରେ ଏହି ପ୍ରେମ କାହାଣୀ
ପ୍ରତାରଣାର ପେଡିରେ ଆଜି ବନ୍ଧା ପଡିଅଛି ।

ଅଧ୍ୟାପିକା, ମହାପୁରୁଷ ହାଡିଦାସ
ମହାବିଦ୍ୟାଳୟ, ଛତିଆ, ଯାଜପୁର



## ଶୀତୁଆ ରାତିର ନିଦୁଆ ଆଖିରେ

**ଡଃ ତାନଶ୍ରୀ ପାଣିଗ୍ରାହୀ**

ଶୀତୁଆ ରାତିର ନିଦୁଆ ଆଖିରେ
ଦେଖେ ମୁଁ ତୁମର ଛବି
ସପନରେ ତୁମ ସାଥେ ହଜିଯାଏ
ଆବେଗର କଥା ଭାବି...

ତମାଳର ଛାୟା ଜହ୍ନ ଆଲୁଅରେ
ମଧୁ ମାଳତୀର ବାସ୍ନା
ଆମ ଅଭିସାରେ ଖୁସିର ସରାଗେ
ଆଉଁସି ଦିଅଇ ଜ୍ୟୋସ୍ନା...

ଚନ୍ଦନ ବୋଳା କଥାରେ ତୁମର
ହସେ ମନ ଉପବନ
ରାତି ଆକାଶରେ ତାରା ଫୁଲମାନେ
କରନ୍ତି ପ୍ରୀତି ଗୁଞ୍ଜନ...

ଗୋଲାପୀ ଅଧରେ କୋମଳ ଗାନ୍ଧାର
ମଧୁର ମୂର୍ଚ୍ଛନା ତୋଳେ
କୃଷ୍ଣ କବରୀର ସୁଗନ୍ଧର ପୁଷ୍ପ
ମଧୁର ମହକ ଖେଳେ...

ସୂରୁଜ ଉଠଇ ପାହାଡ଼ ବୁକୁରୁ
ମେଲାଣି ନିଅଇ ରାତ୍ରି
ହୃଦ ଅଗଣାରେ ତୁମ ପ୍ରତିଛବି
ଅଲିଭା ପ୍ରଣୟ ସ୍ମୃତି ॥

**ବାଲେଶ୍ୱର**
**ମୋବାଇଲ୍: ୯୩୩୭୩୦୪୨୯୫**



## ହଳଦିବସନ୍ତ

**ଡ. ଶୁଭେନ୍ଦୁ ମେହେର**

ଥର ଥର କରି
ହଜାର ଥର
ଭାଙ୍ଗିଥିବା ବସା ହିଁ ହୋଇପାରେ
ହଳଦିବସନ୍ତର !

ଅଗମ୍ୟ ରାସ୍ତା ଦେଇ
ଯନ୍ତ୍ରଣାର ସୀମା ସେ' ପାରିରେ
ଶେଷ ବିନ୍ଦୁକୁ ଛୁଇଁଥିବା ଜୀବନର,
ନିରୀହ ନିଥର ଡେଣା ହଳକ
କେବଳ ତା' ଚିର ସହଚର।

ହଳଦିଆ ସୁନାଦେହରେ
ବାସନ୍ତୀ ସନ୍ଧ୍ୟାରେ
ଧମ୍‌ନାଧଡ଼ିଆ ଶାଢ଼ୀ ପିନ୍ଧି
ପ୍ରେମରେ ମଧୁର ସଙ୍ଗୀତ ଗାଏ,
ସେ' ହସିଲେ ଦେବଝରଣ ଝରେ
ଆଉ କାନ୍ଦିଲେ
ଧ୍ୱନିଗୁମ୍ଫାର ପଥର ଉପରେ ବସି
ବିରହୀ ଗଜଲ୍ ଶୁଣାଏ।

ତ୍ରିକୂଟ ଗିରିରୁ
ହଳଦିବସନ୍ତ ସୁର ତୋଳିଲେ
ଗର୍ଭିଣୀ ହୁଅନ୍ତି ଗଛ ସବୁ।
ହଳଦୀ ଗୁରୁଗୁରୁ ସାହାଡ଼ା ଫଳ,
ଶଗଡ଼ବାଟୁଆ ଲଟି ବୁରୋ,
କଣ୍ଟେଇ କୋଳି ରଙ୍ଗ ମାଖନ୍ତି।

ଖରା, ବର୍ଷା ଆଉ ଶୀତ
ସହି ପାରେନି ବୋଲି
ଦୁଃଖ ଶୋକ ପାଖରୁ
ଦୂରେଇ ପାରେ,
ଜହ୍ନ ଆଲୁଅରେ
ତା' କୁଆଁରୀ ମନ
ରାତି ସହ ରତି କରେ।

କେବେକେବେ
ମାଙ୍କଡ଼ ବୁଲୁଥିବା ଡାଳ ସମୂହରେ
ବସା ବାନ୍ଧିଥିବା ଦୋଷରେ
ଦୋଷୀ ହୋଇଯାଏ,
ଝରାପଡ଼ାର ଖଣ୍ଡିଆ ଦେଉଳ ପରି
ସ୍ୱପ୍ନ ସବୁ ଅଧାରେ ରହିଯାଏ ।

ସେ'ପାଇଁ ତ ବୁଢ଼ା ମାଙ୍କଡ଼ ସବୁ
ସହଜେଇ ନିଅନ୍ତି,
ପାଚିଲା ପଣସ ପାଇଁ
ଭଲ୍ଲୁକ ବିଲୁଆ ବାଟ ବଦଳାଇ ଦିଅନ୍ତି ।

ହଳଦିବସନ୍ତ କୁହେନି କିଛି
କେବଳ ଦୁଃଖ ଯନ୍ତ୍ରଣାକୁ
ଭୋଗେ ବାରମ୍ବାର।
ଆଶା ଆଉ ଆକାଂକ୍ଷାର
ଅପର ପାର୍ଶ୍ୱରେ ତା' ବିଚାର ,
ଅପେକ୍ଷା କରେ
ଯେ' ପର୍ଯ୍ୟନ୍ତ ନ ଆସିଛି ତା'
ପ୍ରେମର ସହର ।

ଯାଲୋଏ, ସୁବର୍ଣ୍ଣପୁର
ମୋ -୯୯୩୮୪୩୩୬୬୪



## ଧୂମପାନ ନିଏ ଜୀବନ

**ଅନୁପମା ବିଶ୍ୱାଳ**

ଦେହପାଇଁ କ୍ଷତି କରଇ
ବିଡ଼ି ଓ ସିଗାରେଟ
ଅକାଳେ ତା ଜୀବନ ଯାଏ
ପାଏ ଯମର ଭେଟ।
ରୋଗ ଯନ୍ତ୍ରଣା ଘୋଟିଆସେ
ମଧୁ ଜୀବନେ ତା'ର
ଜାଣି ଜାଣି ଜୀବନ ଯାଏ
ସୁଖ ହୁଅଇ ଦୂର।
ଆୟୁଷ କ୍ଷୀଣ ହେବା ସହ
କ୍ଷତି ପରିବାରର
ସଭିଙ୍କ ଆଖିରୁ ସତତ
ଝରୁଥାଏ ଯେ ନୀର।
ନିଜ ଶରୀରର କଥାଟି
ଯିଏ ବୁଝି ନ ପାରେ
ନୀତି ଉପଦେଶ କିଛିବି
ପଶେ ନାହିଁ କାନରେ।
ମନ୍ଦ ଅଭ୍ୟାସକୁ ଛାଡ଼ ହେ
ଥାଉଁ ଥାଉଁ ସମୟ
ରହେନାହିଁ କେବେ ଜୀବନେ
ମଧୁ ପ୍ରାଣରେ ଭୟ।

ସମ୍ବଲପୁର



## ନୀଳ ପ୍ରେମ

**ସୁନନ୍ଦା ମହାନ୍ତି**

ତୁମ ଅଧରରେ ବଧୂଲି ଫୁଲକୁ
ଜମା ବି ପାରୁନି ଛୁଇଁ
ନୀଳକଇଁ ଚାହିଁ ନୀଳ ନଈ ପାଣି
କୁନ୍ତଳକୁ ଦିଏ ଧୋଇ
ମେଖଳା ପଖଳା ତନୁ ତୀରେ ତାର
କିଏ ଯାଏ କେବେ ଛୁଇଁ
ନୀଳନୟନ ତା ମୁଦି ହୋଇଆସେ
ଜହ୍ନକୁ ଥରେ ଦେଲେ ଚାହିଁ
ସେ ସିନା ପିଆସୀ ଜହ୍ନ ତ ଉଦାସୀ
ମଦାଳସୀ ମନ ହାଇଁ ପାଇଁ
ଜୋଛନା ଭିତରେ ନୀଳକଇଁ ବୁକେ
ନୀଳପ୍ରେମ ଧାଏଁ ନଈ ହୋଇ
ଅବୁଝା ସେ ଜହ୍ନ ଦେଲାଯେବେ ମନ
ଅସରା ପସରା ନୀଳ ଥୋଇ
ନୀଳ ନୀଳିମାରେ ନୀଳକଇଁ ଏବେ
କାନ୍ଦେ ଖାଲି କଇଁ କଇଁ
କିଏ କହେ କଇଁ ଫୁଲେଇ ହେଉଛି
ନୀଳ ରଙ୍ଗ ଯେଣୁ ପାଇ
ନୀଳ ଦରିଆରେ ନୀଳ ବୁକୁତଳେ
ନୀଳ ଜହ୍ନ ପାଇଁ ରହେ ଚାହିଁ
ନୀଳ ରଙ୍ଗ ପାଇ ତାଥେଇ ତାଥେଇ
ନାଚୁ ଲାଜ ଟିକେ ନାହିଁ
କୃଷ୍ଣ ରାଧା ସିନା ଏକା ମନ ଏକା ପ୍ରାଣ
ନୀଳକଇଁ ଛାର ତୁହି
ଜହ୍ନ ସଙ୍ଗେ ଭାବ କଲେ ପରାଭାବ
ଏଇତ ଦୁନିଆଁ କହି
ତୁଛାକୁ ଏତେ ଗୋଡ଼େ ମୁଦି ନାହିଁ
କାଚାଡୁ କେତେ ତୁ ମଉନମୁହିଁ

**ସାକ୍ଷୀଗୋପାଳ, ପୁରୀ**
**ମୋବାଇଲ୍: ୯୦୪୦୯୭୭୩୨୭**



## କଣ୍ଟକମୟ ଏ ଜୀବନ ପଥ

**ସୁନିତା ମହାନ୍ତି**

ଚାଲୁଛି ଚାଲିବି ଏକା ଏକା ପ୍ରଭୁ
ପଥ ବାକି ଅଛି ଯେତେ
ସାଥେ ଥିବ ମୋର ସାଥି ହୋଇ ତୁମେ
ଚାଲିବାର ଏହି ପଥେ ।

କଣ୍ଟକିତ ପଥେ ଭାରି କଷ୍ଟ ଲାଗେ
ଛାଲ ପଡେ ମୋର ପାଦ
ତଥାପି ଚାଲୁଛି ତୁମ ନାମ ଧରି
କେତେ ଭେଟିଛି ପ୍ରମାଦ ।

କଣ୍ଟକମୟ ଏ ଜୀବନ ପଥ
ସାଥେ ମୋର ସୁଖ ଦୁଃଖ
ତୁମେତ ଲେଖିଛ ମୋ କପାଳେ ପ୍ରଭୁ
ହେବନାହିଁ ହେ ବିମୁଖ ।

ସଞ୍ଜ ହୋଇଲାଣି ଜୀବନରେ ଆସି
ବଞ୍ଚିବି କେତୋଟି ଦିନ
ଅଳି ନିବେଦନ ସବୁ ମୋ ରଖିବ
ସାଥେ ଥିବ ଶେଷ ଦିନ ।

ଝୁଣ୍ଟି ପଡେ ଯଦି ଧରି ନେବ ହାତ
ତଳେ ପଡି ଯିବି ନାହିଁ
ଦୁଇ ଟୋପା ଲୁହ ଆଖିରୁ ମୋ ବୋହି
ତୁମ ପାଦ ଦେବ ଧୋଇ ।
*********

କେନ୍ଦ୍ରାପଡ଼ା



## ଶବରୀର ସ୍ୱର

**ଡ .ଭାରତୀ ହୋତା**

ଶ୍ରୀରାମ
ତୁମେ ଆସିବ
ମୋ ପର୍ଣ୍ଣ କୁଟୀରକୁ
କିଛି ପ୍ରାସଙ୍ଗିକ ଚୁକ୍ତି ତ ନାହିଁ ଅବା ନ ଥିବ
ସାମଗ୍ରିକ ଜୀବନରୁ
ଚେତନାରୁ, ପ୍ରାଣମୟ ମୂହୁର୍ତ୍ତରୁ ।

ଶବ୍ଦମୟ ନୀରବତାରେ
ଆଶାରେ, ବିଶ୍ୱାସରେ
ସ୍ମୃତିରେ, ବିସ୍ମୃତି ଭିତରେ ଲାଖି ରହିଗଲା
ତୁମ ନୀଳ ଉଜ୍ଜ୍ୱଳ ଚେହେରା ।

ମୋର ଇଚ୍ଛାର ସ୍ପର୍ଶରେ ସବୁ ଦୂରତ୍ୱ
ଉଦ୍ଭାସିତ ହୁଏ ନିକଟରେ
ଆତ୍ମ ନିର୍ବାସନ ମୋର ଆଗ୍ରହରୁ
ମଧୁମୟ ମୂହୁର୍ତ୍ତରୁ
ପ୍ରତୀକ୍ଷାରେ
ଅନ୍ତହୀନ ଅପେକ୍ଷାରେ ମୋ ଜୀବନର ସ୍ୱର।

ଆସିଲ, ସ୍ତବ୍ଧ କରିଦେଲ
ଅଇଁଠା ଭକ୍ତିରସକୁ ଆଦରି
ଆନନ୍ଦର ଆବେଗରେ ମୁଗ୍ଧ କରିଦେଲ
ନୂତନ ତପସ୍ୟାରେ
ଫୁଟିବାର ଉନ୍ମୁଖତାରେ ନିମଗ୍ନ କରିନେଲ ।

ଆଜି ରାମମୟ ମୋ ନିଜ ସତ୍ତା
ତୁମ ସଙ୍ଗେ ଏମିତି ଭେଟ ହେଉଥାଉ
ବାରମ୍ବାର, କିଛି ନା କିଛି ଆଳରେ
ଜନ୍ମ ଜନ୍ମାନ୍ତରେ
କ୍ଷିତି ଆପ ତେଜ ମରୁତ ବ୍ୟୋମ ତୁମେ ମୟ ହେବ
ଅନୁଭବର ମୋ ପୃଥିବୀ ବାରମ୍ବାର ଉଲ୍ଲସିତ ହେବ।

ଖରିଆର୍ ରୋଡ଼
ନୂଆପଡ଼ା



## ମୁଁ ଅନ୍ୟାୟର ସାଥୀ ମଦ

**ପ୍ରତିଭା ଦାଶ**

ମୁଁ ନୁହେଁ ସୃଷ୍ଟିର ସ୍ରୋତ
ନୁହେଁ ମୁଁ ସମୁଦ୍ରରୁ ଉଦ୍ଧାର ଅମୃତ
ତଥାପି ଆଜିର ସମାଜରେ ନରଙ୍କ
ଅତି ପ୍ରିୟ ଆପଣାର ମିତ ।

ନା ମୁଁ ଅଲୋଡ଼ା ହୋଇଛି
ନା ମୁଁ ଅପରିଚିତ ଏ ଦୁନିଆରେ
କୋଣେ ଅନୁକୋଣେ ପ୍ରତ୍ୟେକେ
ମୋର ଅନୁଗତ୍ୟ ଓ ଅନୁଗାମୀ ।

ମୋ ପାଇଁ ବିଶ୍ୱର ପ୍ରତି ଘରେ ଲାଗିଛି ନାଟ
ହେଉଛି ହତ୍ୟା, ଡକାୟତୀ, ନାରୀ ଅତ୍ୟାଚାର
ମୁଁ ହେଉଛି ପ୍ରତ୍ୟକ୍ଷଦର୍ଶୀ
ପ୍ରତି ଅଘଟଣ ଓ ଅସମାଜିକ କାର୍ଯ୍ୟର ।

ମୁଁ ସବୁ ଅପରାଧର ମୂଳ କାରଣ
ସମସ୍ତେ ଏଥିରେ ବିଜ୍ଞ
ମାତ୍ର କେହି ଜଣେ ବି ମୋତେ ଛାଡ଼ିବାକୁ ନାରାଜ
ଅବାଞ୍ଛିତ ଅବିରତ ଭାବେ ମୋର ବ୍ୟବହାର
କରି ଚାଲିଛନ୍ତି ସମସ୍ତେ ।

ଧନୀ ଗରିବ ଛୋଟ ବଡ଼ ସମସ୍ତେ ସମାନ
ମୋ ପାଖେ ନାହିଁ ଅବିଚାର
ସମସ୍ତଙ୍କୁ ସମ ଭାବରେ ଅନ୍ୟାୟ କରିବାକୁ
ଦିଏ ମୁଁ ପ୍ରଶ୍ରୟ ।

ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ଡୁମେରପାଣି
ନୂଆପଡ଼ା. ମୋବାଇଲ୍: ୭୮୯୪୫୨୮୪୯୩

## ଦୀର୍ଘ ଦିନର ସ୍ୱପ୍ନକୁ ପୂରଣ କଲେ ଦୁଇ ବିଧାୟକ



**ଯାଜପୁର ରୋଡ଼,୧୮।୧୧ (ସଂଚାର ବ୍ୟୁରୋ):** କୋରେଇ ନିର୍ବାଚନ ମଣ୍ଡଳୀ ଓ ଧର୍ମଶାଳା ନିର୍ବାଚନମଣ୍ଡଳୀ ଦେଇ ବହିଯାଇଛି ଖରସ୍ରୋତା ନଦୀ। ଏହି ନଦୀକୁ ଚିରସ୍ରୋତା କରିବାର ସ୍ୱପ୍ନକୁ ପୂରଣ କରିବା ସହିତ ଉକ୍ତ ନଦୀ କୂଳ ଅଞ୍ଚଳବାସିଙ୍କ ଦୀର୍ଘ ଦିନର ଦୁଃଖକୁ ଦୂର କରିବାରେ ସହାୟକ ହେଲେ ଦୁଇ ବିଧାୟକ। କୋରେଇ ବିଧାୟକ ଶ୍ରୀ ଆକାଶ ଦାସନାୟକ ଓ ଧର୍ମଶାଳା ବିଧାୟକ ଶ୍ରୀ ହିମାଂଶୁ ଶେଖର ସାହୁ'ଙ୍କ କରକମଳରେ ଆଜି ଜଳ ସମ୍ପଦ ବିଭାଗ ତରଫରୁ ପାଖାପାଖି ୧୪କୋଟି ଟଙ୍କା ବ୍ୟୟ ଅଟକଳରେ ଶ୍ରୀବନ୍ତପୁର ଠାରୁ ଖଣ୍ଡିତର ନଦୀବନ୍ଧ ଉପରେ ଟିକରପଡା ଠାରେ ସ୍ଲୁଇସ ଗେଟ ନିର୍ମାଣ ଓ ଛିଣ୍ଡା ଖୋରସ୍ରୋତାକୁ ଚିରସ୍ରୋତା କରିବା ପାଇଁ ଡାଲୁ ନିର୍ମାଣର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଦୁଇ ବିଧାୟକଙ୍କୁ ମଧୁବନ ହିଙ୍ଗୁଳା ପଡ଼ିଆ ଠାରୁ ଏକ ବିରାଟ ବାଇକ ଶୋଭାଯାତ୍ରାରେ ପାଛୋଟି ନେବା ସହିତ ଟିକରପଡା ଜଗନ୍ନାଥ ମଠ ଠାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଏହି ଖରାସ୍ରୋତା ନଦୀର ପୁନଃରୁଦ୍ଧାର ହେବା ଦ୍ୱାରା ନଦୀକୁଳିଆ ଅଞ୍ଚଳ ବାସିଙ୍କ ଜଳସେଚନର ସୁବିଧା ହେବା ସହିତ ଚାଷ କାର୍ଯ୍ୟରେ ସହାୟକ ହେବ ବୋଲି ବିଧାୟକ ଶ୍ରୀ ଦାସନାୟକ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜଳସେଚନ ଓ ଜଳ ନିଷ୍କାସନ ବିଭାଗର ସମସ୍ତ ଉପସ୍ଥିତ ଅଧିକାରୀଙ୍କ ସମେତ ବିଧାୟକଙ୍କ ପ୍ରତିନିଧି ଶ୍ରୀ ପ୍ରହ୍ଲାଦ ପଣ୍ଡା, ଯୁବ ସଭାପତି ହିମାଂଶୁ ବେହୁରା ଓ ହଜାର ହଜାର ବିଜେପି କର୍ମୀ ଏବଂ ଜନସାଧାରଣ ମାନେ ଉପସ୍ଥିତ ରହିଥିଲେ।

## ପ୍ରଶାସନ ଶୁଣିଲାନି > କାଠ ପୋଲ ନିର୍ମାଣ କଲେ ଗାଁ ଲୋକ



**ରାୟଗଡ଼ାର,୧୮।୧୧ (ସଂଚାର ବ୍ୟୁରୋ):** ସ୍ୱାଧୀନତାକୁ ବିତିଗଲାଣି ୭୮ ବର୍ଷ । ହେଲେ ଆଜି ବି ଅନେକ ଗାଁକୁ ରାସ୍ତା ନାହିଁ, ପୋଲ ନଥିବାରୁ ଲୋକ ନଦୀ ଭିତରେ ପଶି ପାର ହେଉଛନ୍ତି। ପୋଲ ନିର୍ମାଣ ପାଇଁ ବାରମ୍ବାର ପ୍ରଶାସନକୁ ଗୁହାରି କରିବା ପରେ ମଧ୍ୟ କେହି ଶୁଣୁନାହାନ୍ତି । ଫଳରେ ୮ ବର୍ଷ ହେଲାଣି ନିଜ ନିଜ ମଧ୍ୟରେ ଚାନ୍ଦା ଆଦାୟ କରି ଶ୍ରମ ଦାନ କରି ନାଗାବଳି ନଦୀରେ ତିଆରି କରୁଛନ୍ତି ଅସ୍ଥାୟୀ କାଠପୋଲ । କିଏ ନଦୀରେ ଖୁଣ୍ଟ ପୋତୁଛି ତ' ଆଉ କିଏ ଖୁଣ୍ଟକୁ ଖୁଣ୍ଟ ମିଶାଇ ଦଉଡ଼ି ବାନ୍ଧୁଛି । ଆଉ କିଏ ବଡ଼ ବଡ଼ ବାଉଁଶ ପକାଇ କଣ୍ଟା ମାରୁଛି। ଏ ଖବର ଆଜିର ନୁହେଁ, ୨୦୧୭ରୁ ଏମିତି ଚାଲି ଆସିଛି । ବର୍ଷା ଆସିଲେ ନାଗାବଳି ନଦୀରେ କାଠ ପୋଲ ଭାସିଯାଏ । ବର୍ଷା ଦିନ ଗଲା ପରେ ଚାନ୍ଦା ଆଦାୟ କରି ପୁଣି ୨ଟି ଗାଁର ଲୋକ ନିଜସ୍ୱ ଶ୍ରମ ଓ ଉଦ୍ୟମରେ ତିଆରି କରନ୍ତି ଅସ୍ଥାୟୀ କାଠପୋଲ । ରାୟଗଡ଼ାର କଲ୍ୟାଣସିଂହପୁର ବ୍ଲକ ଶିକରପାଇ ପଞ୍ଚାୟତର ତଳସଜା ଓ ଉପରସଜା ଗାଁ। ୨ ଗାଁ ନିକଟରେ ବହିଯାଇଛି ନାଗାବଳି ନଦୀ । ପଞ୍ଚାୟତକୁ କୌଣସି ଜରୁରୀ କାମ ପାଇଁ ହେଉ କି ଡାକ୍ତରଖାନା ଓ ବିଦ୍ୟାଳୟକୁ ନଦୀ ପାର ହୋଇ ଯିବା କଷ୍ଟକର ହୋଇପଡ଼େ । ପୂର୍ବରୁ ନଦୀରେ ଉଭୟ ପାଖରେ ତାର ବାନ୍ଧି ନଦୀ ପାର ହେଉଥିଲେ, ୮ ବର୍ଷ ହେଲାଣି ଅସ୍ଥାୟୀ କାଠ ପୋଲ ନିର୍ମାଣ କରୁଛନ୍ତି । ଆଉ ଏହାର ସମାଧାନ କରିବା ବଦଳରେ କାଠପୋଲରେ ଯା'ଆସ ଉପରେ ପ୍ରତିବନ୍ଧକ ଲଗାଇ ଚାଲିଯାଇଛି ପ୍ରଶାସନ। ନଦୀ ଉପରେ ତୁରନ୍ତ ବ୍ରିଜ୍‌ଟିଏ ନିର୍ମାଣ କରିବାକୁ ଗାଁ ଲୋକ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଛନ୍ତି ।

## ଧୁବା ବାହାଲି ଲିଟିଲ୍ ଫ୍ଲାୱାର ସ୍କୁଲରେ ବିଜ୍ଞାନ ମେଳା

**ସୁବର୍ଣ୍ଣପୁର,୧୮।୧୧(ସଂଚାର ବ୍ୟୁରୋ):** ସୋନପୁର ଧୂବାବାହାଲି ସ୍ଥିତ ଲିଟିଲ ଫ୍ଲାୱାର ଇଣ୍ଟରନେସନାଲ ସ୍କୁଲ ରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ କୁ ଅତିରିକ୍ତ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ' ଡ଼ ରମେଶ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି, ଓ ଶ୍ରୀମତୀ ସୁଜାତା, ଶ୍ରୀ ପରିଡା, ନିର୍ଦ୍ଦେଶକ ସନ୍ତୋଷ କୁମାର ପ୍ରଧାନ ଯୋଗଦେଇ ବିଜ୍ଞାନ ମେଳା ଶୁଭାରମ୍ଭ କରିଥିଲେ। ଏଥିରେ ବିଦ୍ୟାଳୟ ର ସମସ୍ତ ଛାତ୍ର ଛାତ୍ରୀ ନିଜ ନିଜ ର ବିଭିନ୍ନ ପ୍ରକାର ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ସମସ୍ତ ଶିଶୁ ମାନଙ୍କ ଙ୍କ ଅଭିଭାବକ ଅଭିଭାବିକା ଓ ବୁଦ୍ଧିଜୀବି ମାନେ ପରିଦର୍ଶନ କରି ସମସ୍ତ ପ୍ରକଳ୍ପ ଉପଭୋଗ କରିଥିଲେ। ଏଥିରେ ବିଦ୍ୟାଳୟ ର ଶିକ୍ଷକ, ଶିକ୍ଷୟତ୍ରୀ ନିଶା, ଅର୍ପନା, ଚନ୍ଦ୍ରକାନ୍ତି, ଜ୍ୟୋତି, ଅରୁଣିମା, ଝିଲି, ଅଳକା, ବିଜୟ, ଶିବୁ, ଓ ଅଭିଭାବକ ମାନେ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର
## ବ୍ଲକର ୨୯ ପଞ୍ଚାୟତରୁ ୨୬୪ଜଣ ପଞ୍ଜିକୃତ



**ନୟାଗଡ଼,୧୮।୧୧(ସଂଚାର ବ୍ୟୁରୋ):** ନୟାଗଡ଼ ବ୍ଲକ ବଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବ୍ଲକ୍ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ପୌରପରିଷଦର ପୌରାଧ୍ୟକ୍ଷା ନିରୂପମା ଖଟେଇ, ବିଡ଼ିଓ ଐଶ୍ୱର୍ଯ୍ୟା ଭୂୟାଁ ଓ ନୟାଗଡ଼ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ଶିବିର ପରିଚାଳନାରେ ପ୍ରତ୍ୟକ୍ଷ ଭାବେ ଅଂଶଗ୍ରହଣ କରିଥିଲେ। ଅଭିଜ୍ଞ ଡାକ୍ତରମାନଙ୍କୁ ନେଇ ଭିନ୍ନକ୍ଷମମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ବେଳେ ୨୯ ଟି ପଞ୍ଚାୟତରୁ ମୋଟ ୨୬୪ ଜଣ ପଞ୍ଜୀକୃତ କରିଥିଲେ। ଏହି ଶିବିରରେ ଅସ୍ଥିଶଲ୍ୟ ବିଭାଗରେ ୧୨୩ ଜଣ ଚିହ୍ନଟ ହେଇଥିବା ବେଳେ, ଶ୍ରବଣବାଧିତ ବିଭାଗରେ ୭୮ ଜଣ, ଦୃଷ୍ଟିବାଧିତ ବିଭାଗରେ ୩୩ ଜଣ, ମାନସିକ ଅନଗ୍ରସର ବିଭାଗରେ ୩୦ ଜଣ ଚିହ୍ନଟ ହେଇଥିଲେ। ଉକ୍ତ ଶିବିରରେ ୫ ଜଣଙ୍କୁ ହୁଇଲଚେୟାର, ୧ ଜଣଙ୍କୁ ଶ୍ରବଣଯନ୍ତ୍ର ଏବଂ କିଛି ଭିନ୍ନକ୍ଷମ ପ୍ରମାଣପତ୍ର ମଧ୍ୟ ବଣ୍ଟନ କରାଯାଇଥିଲା। ଡାକ୍ତରଙ୍କ ଦ୍ୱାରା ଚିହ୍ନଟ ବେଳେ ବଜେନ୍ଦ୍ର ଉଚ୍ଚ ବିଦ୍ୟାଳୟର ଓ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଷ୍ଟୁଡେଣ୍ଟ୍ ପୋଲିସ କ୍ୟାଡେଟ ଏବଂ ଏନସିସି ଛାତ୍ରମାନେ ସହଯୋଗ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମକୁ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ପ୍ରିତମ କୁମାର ମହାରଣା ପରିଚାଳନା କରିଥିବା ବେଳେ ଲକ୍ଷ୍ମୀଧର ମଲ୍ଲିକ ଓ ସରୋଜ କୁମାର ବେହେରା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଜିଲ୍ଲା ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ପୁନର୍ଗଠିତ

**ସୁବର୍ଣ୍ଣପୁର,୧୮।୧୧ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ପକ୍ଷରୁ ଆୟୋଜିତ ସୋନପୁର ବ୍ଲକ ସଭା ଗୃହ ଠାରେ ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ର ସଧାରଣ ବୈଠକ ସହିତ ସଂଘ ର ପୁନର୍ଗଠନ କରା ଯାଇଛି। ସଭାପତି ଭାବେ କ୍ଷୀରୋଦ ଚନ୍ଦ୍ର ସାମନ୍ତରାୟ, ଉପ ସଭାପତି ଭାବେ ଆମ୍ବରିଶ ପାଣିଗ୍ରାହୀ, ଉପ ସଭାନେତ୍ରୀ ଭାବେ ରିତାଞ୍ଜଳି ପାଣିଗ୍ରାହୀ, ସମ୍ପାଦକ ଭାବରେ ସୁଶିଲ କୁମାର ମହାପାତ୍ର, ସହ ସମ୍ପାଦକ ଭାବରେ ଶିବ ରାମ ମିଶ୍ର, କୋଷାଧ୍ୟକ୍ଷ ଭାବେ ସଞ୍ଜୟ କୁମାର ପାଣିଗ୍ରାହୀ ମନୋନୀତ ହୋଇ ଥିବା ବେଳେ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଭାବରେ ବିଶେଶ୍ୱର ଦାଶ, ଦୁର୍ଯ୍ୟୋଧନ ମେହେର, କାର୍ତ୍ତିକ ଶତପଥୀ, ବଳରାମ ଥନାପତିଙ୍କୁ ମନୋନୀତ କରା ଯାଇଛି। ଆଜିର ଏହି ବୈଠକ ରେ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ନୂତନ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏ ବିଷୟ ରେ ଆଲୋଚନା କରିବାକୁ ପ୍ରସ୍ତାବ ହୋଇଛି ।

## ୧୩ ଓ ୧୪ରେ ହେବ ଜିଲ୍ଲା ଆଥ୍‌ଲେଟିକ ମିଟ

**ସୁବର୍ଣ୍ଣପୁର,୧୮।୧୧(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପ ରାଜ ସାହୁ ଙ୍କ ପରାମର୍ଶ କ୍ରମେ ଆସନ୍ତା ଡ଼ିସେମ୍ବର ମାସ ୧୩ ଓ ୧୪ ତାରିଖ ରେ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଠାରେ ସୁବର୍ଣ୍ଣପୁର ଜିଲ୍ଲା କ୍ରୀଡ଼ାସଂଘ ତରଫରୁ ଡିଷ୍ଟ୍ରିକ୍ଟ ଆଥଲେଟିକ ମିଟ ଅନୁଷ୍ଠିତ ହେବ। ଏହି ଅବସରରେ ରାମଧୁନ କ୍ଲବ ମଝିପଡ଼ା ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଅଛି। ସଂଘ ର ସମ୍ପାଦକ ପିୟୁଷ କୁମାର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ସଙ୍ଘର ଉପସଭାପତି ଚିତ୍ତରଞ୍ଜନ ତରାସିଆ, ସହ ସମ୍ପାଦକ ନନ୍ଦ କିଶୋର ତ୍ରିପାଠୀ, କୋଷାଧ୍ୟକ୍ଷ ସୁଭାଷ ବିଶ୍ୱାଳ, ଭଲିବଲ୍ ସମ୍ପାଦକ ପୁରୋଶୋତ୍ତମ ପାଣିଗ୍ରାହୀ, ଫୁଟବଲ ସମ୍ପାଦକ ରାଜୀବ ସାହୁ, କାର୍ଯ୍ୟକାରୀ ସଦସ୍ୟ ଗୌରୀଶ୍ୟାମ ପଣ୍ଡା, କଇରୁ ସ୍ୱାଇଁ, ଦିଲ୍ଲୀପ ଗୁରୁ, ରାଜେନ୍ଦ୍ର ସାହୁ, ଦିଗାମ୍ବର ଶତପଥୀ, ବି.ସତ୍ୟନାରାୟଣ ରାଓ, କମଳାକାନ୍ତ ସାହୁ, ଆଦିତ୍ୟ କିଶୋର ଦାନୀ, ଜିତେନ୍ଦ୍ର ସାହୁ, ଭକ୍ତି ରଞ୍ଜନ ଦଳେଇ, ବଳରାମ ପଟ୍ଟନାୟକ ଯୋଗଦେଇ ବିଭିନ୍ନ ସୁଚିନ୍ତିତ ମତାମତ ରଖିଥିଲେ। ୧୪, ୧୭, ଓ ୧୯ ବର୍ଷ ରୁ କମ ଯୁବକ ଯୁବତୀଙ୍କ ମଧ୍ୟରେ ବିଭିନ୍ନ ବର୍ଗ ର କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଭେଟେରାନ ଏବଂ ଅଫିସିଆଲ ମାନଙ୍କୁ ନେଇ ସ୍ୱତନ୍ତ୍ର ଭାବେ ଦୌଡ ଓ କିଛି ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଆଜି ବୈଠକ ରେ ପ୍ରସ୍ତାବ ଆଗତ ହୋଇଛି।

## ବିଦାହେଲେ ବିବାଦୀୟ ସହକାରୀ ଯନ୍ତ୍ରୀ

**ନୀଳଗିରି,୧୮।୧୧(ସଂଚାର ବ୍ୟୁରୋ):** ବହୁ ବାଦବିବାଦରେ ଲିପ୍ତ ନୀଳଗିରି ବ୍ଲକର ସହକାରୀ ଯନ୍ତ୍ରୀ ଶ୍ରୀ ଶରତ ଚନ୍ଦ୍ର ଉପାଧ୍ୟାୟଙ୍କୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ଜିଲ୍ଲାପାଳ ଚିଠି ନମ୍ବର ୪୮୨୯ତା ୧୭.୧୧.୨୫ମୂଳେ ଭୋଗରାଇକୁ ବଦଳି କରାଯାଇଛି। ବଦଳି ଆଦେଶ ପାଇବା ପରେ ନୀଳଗିରି ବିଡିଓ ତାଙ୍କୁ ତୁରନ୍ତ ରିଲିଫ୍ କରିଦେଇଥିବା ଜଣାପଡ଼ିଛି। ଶ୍ରୀ ଉପାଧ୍ୟାୟଙ୍କ ସ୍ଥାନରେ ରେମୁଣା ବ୍ଲକର ସହକାରୀଯନ୍ତ୍ରୀ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶପରେ ଶ୍ରୀ ଉପାଧ୍ୟାୟଙ୍କ ଦୁର୍ନୀତି, ତେଲ ଚୋରୀ ର ଘଟଣା ଲୋକଲୋଚନକୁ ଆସିଥିଲା। କିଛିଟା ସତ୍ୟତା ପ୍ରମାଣିତ ପରେ ଶ୍ରୀ ଉପାଧ୍ୟାୟଙ୍କୁ ଜିଲ୍ଲାପାଳ ବଦଳି କରିଥିବାର ଜଣାପଡ଼ିଛି। ଯନ୍ତ୍ରୀ ଉପାଧ୍ୟାୟ ନୀଳଗିରି ଆଇଟିଡିଏରେ କାର୍ଯ୍ୟରତ ଥିବାବେଳେ ସରକାରୀ ତେଲ ବିଲନେଇ ସରକାରୀ ଗାଡ଼ିରେ ତେଲନପକାଇ ନିଜଗାଡିରେ ଡିଜେଲ ବଦଳରେ ପେଟ୍ରୋଲ ପକାଇବା ସିସି ଟିଭିରେ କଏଦ୍ ହୋଇ ଘଟଣା ଲୋକଲୋଚନକୁ ଆସିବାପରେ ଜିଲ୍ଲାପାଳ ତଦନ୍ତ କରିବାକୁ ନୀଳଗିରି ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନୀଳଗିରି ଉପଜିଲ୍ଲାପାଳ ତଦନ୍ତ କରି ଘଟଣାର ସତ୍ୟତା ଜାଣି ଜିଲ୍ଲାପାଳଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିଥିଲେ। ଜିଲ୍ଲାପାଳ ତଦନ୍ତ ରିପୋର୍ଟକୁ ଆଧାର କରି ଶ୍ରୀଉପାଧ୍ୟାୟଙ୍କ ବଦଳି କରିବାକୁ ରାଜ୍ୟସରକାରଙ୍କୁ ସୁପାରିସ କରିଥିଲେ। ଏହି ଆଧାରରେ ରାଜ୍ୟସରକାର ଶ୍ରୀ ଉପାଧ୍ୟାୟଙ୍କର ବଦଳି କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବାଲେଶ୍ୱର ଜିଲ୍ଲାପାଳ ଚିଠି ନମ୍ବର ୪୮୨୯ମୂଳେ ଶ୍ରୀ ଉପାଧ୍ୟାୟଙ୍କୁ ବଦଳି କରିଛନ୍ତି।

## ମଦ୍ରସାର ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ

**ଧାମନଗର,୧୮।୧୧ (ସଂଚାର ବ୍ୟୁରୋ):** ଧାମନଗର ବ୍ଲକ ଅନ୍ତର୍ଗତ ଚୁଡ଼ାକୁଟି ଗ୍ରାମ ପଂଚାୟତ ଅଧିନସ୍ଥ ସରେଇ ସ୍ଥିତ ମଦ୍ରାସା କାଦରିୟା ଗାଜିନଗର,ସୋରିଷଡିହ ଠାରେ ଛାତ୍ରଛାତ୍ରୀ ମାନଙ୍କୁ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମଦ୍ରାସାର ପ୍ରଧାନ ଶିକ୍ଷକ ସାହା ମୁମତାଜଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିଆରସିସି ଦେବେନ୍ଦ୍ର କୁମାର କବି ଯୋଗଦେଇଥିବା ବେଳେ ପୂର୍ବତନ ସିଆରସିସି ପ୍ରଶାନ୍ତ କୁମାର ବେହେରା, ଓଡିଶା ମଦ୍ରାସା ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ଏସ କେ ନାସିରୁଦ୍ଦିନ, ସୋରିଷଡିହ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସରକାରଙ୍କ ପୋଷାକ ବଣ୍ଟନର ଉଦ୍ଦେଶ୍ୟ ଓ ଲକ୍ଷ ବିଦ୍ୟାଳୟର ପାଠପଢା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହ ୬୦ରୁ ଉର୍ଦ୍ଧ୍ୱ ତଥା ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ଦୁଇ ହଳ ଲେଖାଏଁ ପୋଷାକ,ଜୋତା,ମୌଜା,ଟି ଶାର୍ଟ,ଟ୍ରାକ ପେଣ୍ଟ,ଟୋପି ଓ ଆଇ କାର୍ଡ ବଣ୍ଟନ କହିଥିଲେ।

## ଆଞ୍ଚଳିକ ପରିବହନ ପକ୍ଷରୁ ଦୁର୍ଘଟଣା ଜନିତ ଶୂନ ମୃତାହତ ପକ୍ଷ ପାଳନ



**ସୁବର୍ଣ୍ଣପୁର,୧୮।୧୧ (ସଂଚାର ବ୍ୟୁରୋ):** ରାଜ୍ୟ ପରିବହନ ବିଭାଗ ପ୍ରମୁଖ ସଚିବ ଓଡିଶା ଙ୍କ ନିର୍ଦ୍ଦେଶ କ୍ରମେ ସମଗ୍ର ରାଜ୍ୟରେ ଗତ ତା. ୧୬.୧୧.୨୦୨୫ ଠାରୁ ୩୦.୧୧.୨୦୨୫ ପର୍ଯ୍ୟନ୍ତ ଦୁର୍ଘଟଣା ଜନିତ ଶୂନ ମୃତାହତ ପକ୍ଷ ପାଳନ କରାଯାଉଛି ଏହି ଅବସରରେ ଆଜି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ପରିବହନ ଅଧିକାରୀ ସୁବର୍ଣ୍ଣପୁର ଓ ମୋଟର ଯାନ ନିରୀକ୍ଷକଙ୍କ ସମେତ ସମସ୍ତ କର୍ମଚାରୀଙ୍କ ଉପସ୍ଥିତି ରେ ଏକ ସଚେତନତା ରଥ ର ଶୁଭ ଉଦ୍ଘାଟନ ଅନୁଷ୍ଠିତ ହୋଇଅଛି। ଏହି ରଥ ୩୦.୧୧.୨୦୨୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ୬ଟି ଯାକ ବ୍ଲକ ର ପ୍ରତ୍ୟକ ପଞ୍ଚାୟତ ପରିକ୍ରମା କରି ଜନସାଧାରଣଙ୍କୁ ସଡକ ସୁରକ୍ଷା ସମ୍ବନ୍ଧରେ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ସଚେତନତା କରାଯିବା ସଙ୍ଗେ ପ୍ରଚାର ପତ୍ରିକା ବଣ୍ଟନ କରାଇବା ବ୍ୟବସ୍ଥା କରାଯାଇଛି। ତତସଙ୍ଗେ ଏହି ପକ୍ଷରେ ଜିଲ୍ଲାର ବିଭିନ୍ନ ହାଇସ୍କୁଲ ଓ କଲେଜ ରେ ପରିବହନ ଅଧିକାରୀଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ ଅୟୋଜନ କରାଯିବା ପାଇଁ ସ୍ଥିରୀକୃତ ହୋଇଅଛି।

## 'ବନ୍ଦେ ମାତରମ'ର ୧୫୦ବର୍ଷ ପୂର୍ତ୍ତି ଉତ୍ସବ ପାଳନ



**ଧାମନଗର,୧୮।୧୧ (ସଂଚାର ବ୍ୟୁରୋ):** ଧାମନଗର ସହରୀ ମଣ୍ଡଳ ତରଫରୁ ବନ୍ଦେ ମାତରମ ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ମହା ଆଡମ୍ବରରେ ପାଳିତ ହୋଇଯାଇଛି। ଧାମନଗର ଏନ ଏ ସି ଅନ୍ତର୍ଗତ ବହୁମୁଖୀ ଇନଡୋର ଷ୍ଟାଡିୟମ ପରିସରରେ ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ଙ୍କ ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସାଂସଦ ନଗର ପ୍ରତିନିଧି ସରୋଜ ମହାପାତ୍ର,ବିଜେପି ନେତା କୈଳାସ ଗୁପ୍ତା,ନାରାୟଣ ରାଉତ, ନାରାୟଣ ଚନ୍ଦ୍ର ସାହୁ,ବିଜୟ କୁମାର ରାମ, ଶୁଭେନ୍ଦୁ ପତ୍ର, ଶ୍ରୀଧର ବେହେରା,କୃଷ୍ଣଚନ୍ଦ୍ର ଜେନା, ନଗର ସଭାପତି ପ୍ରଶାନ୍ତ ପରିଡ଼ା,କାଉନସିଲର ସ୍ୱାଧୀନ ସମ୍ବିତ ଦାସ, ଉତ୍ତମ ମହାନ୍ତି, ରାଜେନ୍ଦ୍ର ଜେନା,ଦୟାନିଧି ରାଉତ, ସ୍ମୃତିରଞ୍ଜନ ବାରିକ, ନାରୀନେତ୍ରୀ ପୁଷ୍ପଲତା ବେହେରା, କବିତାରାଣୀ ରାୟ,ଶାନ୍ତିଲତା ସେଠୀ,ସ୍ୱପ୍ନା ବେହୁରିଆ,ଏମଡି ଫଜିବୁଲା, ଜାହେର ଖାଁ, ଛବୀନ୍ଦ୍ର ସାହୁ, ଧିରେନ୍ଦ୍ର କର,ଜଗନ୍ନାଥ ତ୍ରିପାଠୀଙ୍କ ସମେତ ୩ ଶହରୁ ଉର୍ଦ୍ଧ୍ୱ ବିଜେପି କର୍ମୀ ସାମିଲ ହୋଇ ବନ୍ଦେ ମାତରମ ଗାନ କରିଥିଲେ। ସେହିପରି ମୁକୁନ୍ଦଦେବ ମଣ୍ଡଳ ସଭାପତି ପ୍ରମୋଦ କୁମାର ସୂତାରଙ୍କ ନେତୃତ୍ୱରେ ବରିଷ୍ଠ ଅଶୋକ ପୁହାଣ, ଅରବିନ୍ଦ ପତି, କିଶୋର ପୃଷ୍ଟି, ଅନନ୍ତ ସାହୁ,ଶ୍ରୀକାନ୍ତ ନାୟକଙ୍କ ସମେତ ବିଜେପି ବହୁ କାର୍ଯ୍ୟକର୍ତ୍ତା ବେଦପୁର ବୈକୁଣ୍ଠୀରେ "ବନ୍ଦେ ମାତରମ"ର ଗାନ କରି ମହା ଆଡମ୍ବରରେ ପାଳିତ ହୋଇଯାଇଛି।

## ନିମ୍ନ -ମାଧ୍ୟମିକ ଶିକ୍ଷକ ମଞ୍ଚର ନୂତନ କର୍ମକର୍ତ୍ତା ଚୟନ



**ବେତନଟୀ,୧୮।୧୧(ସଂଚାର ବ୍ୟୁରୋ):** ରାଜ୍ୟ ନିମ୍ନ-ମାଧ୍ୟମିକ ଶିକ୍ଷକ ମଞ୍ଚର ଦ୍ୱିତୀୟ ସାମ୍ବିଧାନିକ ସମ୍ମିଳନୀ ଓ ୧୨୧ତମବ୍ରହ୍ମଚାରୀ ଜୟନ୍ତୀ ପାଳିତ ହୋଇଯାଇଅଛି । ଏଥିନିମନ୍ତେ ଭୁବନେଶ୍ୱର ଇଉନିଟ ୧ରେ ଥିବା କସ୍ତୁରବା ନାରୀ ମହଲଠାରେ, ଶତାଧିକ ଅବସରପ୍ରାପ୍ତ ନିମ୍ନ ମାଧ୍ୟମିକ ଶିକ୍ଷକ, ଶିକ୍ଷାକର୍ମଚାରୀଙ୍କୁ ନେଇ ଶିକ୍ଷକଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ଜୟନ୍ତୀ ପାଳନ ସହ ରାଜ୍ୟ ଅବସରପ୍ରାପ୍ତ ଶିକ୍ଷକ ମଞ୍ଚର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଅଛି । ରାଜ୍ୟ ସଂପାଦକ ପ୍ରକାଶଚନ୍ଦ୍ର ଜେନା ସଂପାଦକୀୟ ବିବରଣୀ ପଠନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଆଗାମୀ ୩ବର୍ଷ ନିମନ୍ତେ ଅନୁଷ୍ଠିତ ରାଜ୍ୟ ସଂଘର ନିର୍ବାଚନରେ ବେତନଟୀର ଅବସରପ୍ରାପ୍ତ ଶିକ୍ଷକ ତଥା ପୂର୍ବତନ ଶିକ୍ଷା ଜିଲ୍ଲା ସଂପାଦକତରାଜ୍ୟକନକର୍ତ୍ତା ସଚ୍ଚିଦାନନ୍ଦ ମହାନ୍ତି ମଞ୍ଚର ପତ୍ରିକା ସଂପାଦକ ଓ ମୁଖପାତ୍ର ଭାବେ ଦ୍ୱିତୀୟ ଥର ନିମନ୍ତେ ନିର୍ବାଚିତ ହୋଇଛନ୍ତି ।

## ୧୨ଘଣ୍ଟିଆ ବନ୍ଦ ଡାକରା: ପାଟଣାରେ ପ୍ରଭାବ



**ପାଟଣା,୧୮।୧୧(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲା ବିଶ୍ୱହିନ୍ଦୁ ପରିଷଦର ୧୨ ଘଣ୍ଟିଆ କେନ୍ଦୁଝର ଜିଲା ବନ୍ଦ ଡାକରାକୁ ସମର୍ଥନ ଜଣାଇ ମଙ୍ଗଳବାର ସକାଳ ୬ ଟାରୁ ପାଟଣା ବଜାର ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଏଥିସହ ବିଶ୍ୱ ହିନ୍ଦୁପରିଷଦ, ଆରଏସଏସ ଓ ଭାଜପା ସଦସ୍ୟମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରି ସ୍କୁଲ କଲେଜ, ବ୍ୟାଙ୍କ ବନ୍ଦ କରିବା ସହ ଟାୟାର ଜାଳି ପାଟଣା ବ୍ଲକ ଛକ, ମଙ୍ଗଳପୁର ଓ ପାଟଣା ବୈତରଣି ନଦୀ ପୋଲ ନିକଟରେ ରାସ୍ତା ବନ୍ଦ କରିଛନ୍ତି । ବନ୍ଦ ଯୋଗୁ ବିଭିନ୍ନ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିବା ବେଳେ ପାଟଣା ବ୍ଲକ ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ଓ ୨୨୦ ନମ୍ବର ଜାତୀୟ ରାଜପଥରେ ଗାଡି ଚଳାଚଳ ବ୍ୟାହତ ହୋଇଛି। ପାଟଣା ବ୍ଲକ ଛକ ନିକଟରେ ମୁଖ୍ୟମନ୍ତ୍ରୀ ବସ୍‌କୁ ଅଟକାଇଛନ୍ତି ଆନ୍ଦୋଳନକାରୀ। ଫଳରେ ଯାତ୍ରୀ ମାନେ ନିଜ ନିଜ ଗନ୍ତବ୍ୟ ଯାଇ ନପାରି ହଇରାଣ ହେଉଥିବା ଦେଖିବା କୁ ମିଳିଛି। ଏଥି ସହଏହି ବ୍ଲକ ୪୯ ନମ୍ବର ଜାତୀୟ ରାଜପଥ ଝାରବେଡା ଓ ବାଉଁଶୁଳି ଛକରେ ମଧ୍ୟ ଆନ୍ଦୋଳନ କରିଛନ୍ତି।

## ● ୪୦ ବର୍ଷ ପରେ ଖୋଲିଲା ସାପ୍ତାହିକ ହାଟ
## ଲୋକଙ୍କ ମଧ୍ୟରେ ଖେଳିଗଲା ଖୁସିର ଲହରୀ

**ଦାରିଙ୍ଗବାଡି,୧୮।୧୧(ସଂଚାର ବ୍ୟୁରୋ):** ଅନୁସୂଚିତ ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ସାପ୍ତାହିକ ହାଟ ର ଅଧିକା ଚାହିଦା ଓ ଫାଇଦା ରହିଛି। ବିଶେଷ କରି ପନିପରିବା ଚାଷୀଙ୍କ ମଧ୍ୟରେ ଦଲାଲଙ୍କ ପ୍ରଭାବ ରହୁଥିବାରୁ ଚାଷୀ ତାର ଅମଳ ପନିପରିବାକୁ ଉଚିତ ଦରରେ ବିକ୍ରୀ କରିପାରୁ ନ ଥିଲା। ଫଳରେ ଦଲାଲ ମାଲାମାଲ ହେଉଥିବା ବେଳେ ଚାଷୀ ନିରାଶ ହେଉଥିଲା। ଏହାକୁ ଗୁରୁତ୍ୱ ଦେଇ କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ସିମନବାଡି ପଞ୍ଚାୟତ ପକ୍ଷରୁ ଦୀର୍ଘ ୪୦ ବର୍ଷ ପରେ ପୁନଃସାପ୍ତାହିକ ହାଟ ମଙ୍ଗଳବାର ଠାରୁ ଶୁଭାରମ୍ଭ ହୋଇଯାଇଛି। ଏହାକୁ ପଞ୍ଚାୟତର ସରପଞ୍ଚ ଅମିତା ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ହାଟ ଖୋଲାଯିବା ପାଇଁ ସହଯୋଗ କରିଥିବା ଗ୍ରାମବିକାଶ ଅନୁଷ୍ଠାନର କର୍ମକର୍ତ୍ତାମାନେ ସହଭାଗିତାରେ ହାଟ ଖୋଲାଯାଇଥିଲା। କାର୍ଯ୍ୟକ୍ରମରେ ଗ୍ରାମବିକାଶର ଜିଲା କାର୍ଯ୍ୟକ୍ରମ ହେଡ଼ ବରୁଣ କୁମାର ସିଂଙ୍କ ସମେତ ବସନ୍ତ ନାୟକ, ଅଷ୍ଟିନ କୁମାର, ନିରଞ୍ଜନ ଧାରୁଆ, ଆରାଧନା ପ୍ରଧାନ, ସୁଶାନ୍ତ ପ୍ରଧାନ,ସିମଲା ବର୍ମା, ସୋମ୍ୟଜିତ ଦେ, ଜୀବିତା ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

## ୫ ପ୍ରକଳ୍ପ ବ୍ଲକସ୍ତରୀୟ ବିଜ୍ଞାନ ମେଳାକୁ ଚୟନ

● କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ



**ଦିଗପହଣ୍ଡି,୧୮।୧୧(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ଗ୍ରାମସ୍ଥିତ ନୋଡାଲ ହାଇସ୍କୁଲରେ ମଙ୍ଗଳବାର ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିବା ମେଳାରେ ସିଆରସିସି ଅଳକା କୁମାରୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ପ୍ରତ୍ୟେକ ବିଷୟକୁ ବୈଜ୍ଞାନିକ ଦୃଷ୍ଟିକୋଣ ନେଇ ଦେଖିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ଶିକ୍ଷକ ସୁବ୍ରତ ପଣ୍ଡା ଉପସ୍ଥିତ ଥିଲେ। ୩୨ ଛାତ୍ରୀଛାତ୍ର ନିଜ ନିଜ ପ୍ରକଳ୍ପ ବାବଦରେ ଦର୍ଶକମାନଙ୍କୁ ବୁଝାଇଥିଲେ। ବିଚାରକ ରୂପେ ଶିକ୍ଷକ ଉପେନ୍ଦ୍ର ମିଶ୍ର, ଶିକ୍ଷୟିତ୍ରୀ ଶୁଭମିକା ରଥ, ଦିପ୍ତିରାଣୀ କାଟା, କେ. ରାଧା ରେଡ୍ଡୀ ଦାୟିତ୍ୱ ନିର୍ବାହ କରିଥିଲେ। ୫ଟି ପ୍ରକଳ୍ପ ବ୍ଲକସ୍ତରୀୟ ବିଜ୍ଞାନ ମେଳାକୁ ଚୟନ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ନିବେଦିତା ନାୟକ, ଶିକ୍ଷକ ସୀମାଞ୍ଚଳ ସ୍ୱାଇଁ, ଶେଖ ଅର୍ସଦ, ଅମୂଲ୍ୟରଞ୍ଜନ ଭୁଜବଳ ସହଯୋଗ କରିଥିଲେ।

## ଦୁଗ୍ଧ ଚାଷୀ ହେବେ ମାଲାମାଲ୍: ମିଳିଲା ଗୁରୁମନ୍ତ୍ର

**କେସିଙ୍ଗା,୧୮।୧୧ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକରେ ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଆବାହକ ତଥା କେସିଙ୍ଗା ବିଡ଼ିଓ ଜନ୍ମେଜୟ ସ୍ୱାଇଁଙ୍କ ନେତୃତ୍ୱରେ ମଙ୍ଗଳବାର ସ୍ଥାନୀୟ ମିନି ଷ୍ଟାଡିୟମରେ ମହାସମାରୋହରେ ପାଳିତ ହୋଇ ଯାଇଛି। ସର୍ବ ପ୍ରଥମେ ଅତିଥିମାନେ ମା' ମାଣିକେଶ୍ୱରୀଙ୍କ ଫଟୋ ଚିତ୍ରରେ ପୂଜାର୍ଚ୍ଚନା କରିଥିଲେ। ପରେ ଏହି ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏହି ଉତ୍ସବରେ ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ କଳାହାଣ୍ଡି ନୀରଦ ଚନ୍ଦ୍ର କହର ଚାଷୀଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଛନ୍ତି। ଉତ୍କୃଷ୍ଟ ଚାଷୀ କିମ୍ବା ମହିଳା ଚାଷୀଙ୍କ ସମେତ ମହିଳା ଗ୍ରୁପ, ମିଶନ ଶକ୍ତି ମହିଳାଙ୍କ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ କାମଧେନୁ ଯୋଜନାକୁ ପ୍ରାଧାନ୍ୟ ଦେଇଥିଲେ। ଗାଈ, ମଇଁଷି,ଘାସ ଚାଷ, ଛେଳି ପାଳନରେ ୭୦ ଭାଗ ସବ୍‌ସିଡି ରହିଛି। ତାହା ଚାଷୀମାନେ କିପରି ଆବେଦନ କରି ସବସିଡି ପାଇବେ ସେ ବିଷୟର ବିସ୍ତୃତ ଭାବେ ଉପସ୍ଥିତ ଚାଷୀଙ୍କୁ ବୁଝାଇଥିଲେ।

## ଜିଲ୍ଲାର ଦାଦନ ଦୁଃଖ ( ଶିଶୁ, ନାବାଳିକା ଓ ମହିଳାଙ୍କୁ ବିକ୍ରି ଅଭିଯୋଗ



**ନୟାଗଡ଼,୧୮।୧୧(ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ଉପରେ ଦାଦନ ଦଲାଲଙ୍କ ନଜର। ଦାଦନ ଖଟାଇବାକୁ ନେଇ ବାହାର ରାଜ୍ୟରେ ବିକ୍ରି କରିଦେଉଥିଲା ଦଲାଲ। ଜଣେ ନୁହେଁ କି ଦୁଇ ଜଣ ନୁହେଁ ଶିଶୁ, ନାବାଳିକା ଓ ମହିଳା ମିଶି ୭ଜଣଙ୍କୁ ନୟାଗଡ଼ ଜିଲ୍ଲାରୁ ଦାଦନ ଖଟାଇବାକୁ ନେଇ ବାହାର ରାଜ୍ୟରେ ବିକ୍ରି କରିଦେଇ ଥିବା ନେଇ ନଭେମ୍ବର ତୃତୀୟ ସୋମବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀରେ ଅଭିଯୋଗ ହୋଇଥିଲା।

ଏଭଳି ସାଙ୍ଘାତିକ ଅଭିଯୋଗ ଜିଲ୍ଲା ପୋଲିସ୍ ଓ ଜିଲ୍ଲା ପ୍ରଶାସନର ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ତେବେ ଦାଦନ ମୁକ୍ତ କରେଇବା କହି ରାଜ୍ୟରେ ବିଜେପି ଡବଲ ଇଞ୍ଜିନ ସରକାର କରିଥିବା ବେଳେ କନ୍ଧମାଳ ସଂସଦୀୟ କ୍ଷେତ୍ରରେ ଥିବା ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ଗଣିଆ ବ୍ଲକ ଆଡ଼କଟା ପଞ୍ଚାୟତରୁ ଆସିଛି ଏଭଳି ସାଙ୍ଘାତିକ ଅଭିଯୋଗ। ସୂଚନାନୁସାରେ, ନୟାଗଡ଼ ଜିଲ୍ଲାରେ ଗଣିଆ ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିଲା । ଉକ୍ତ ଶିବିରରେ ଆଡ଼କଟା ପଞ୍ଚାୟତ ଆଡ଼କଟା ଗାଁରୁ ଦୁଇ ମହିଳା ସାଙ୍ଘାତିକ ଅଭିଯୋଗ ନେଇ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିରରେ ପହଞ୍ଚି ଥିଲେ। ଏବଂ ଅଭିଯୋଗରେ, ତିନି ମାସ ତଳେ ବୌଦ୍ଧ ଜିଲ୍ଲାର ଚନ୍ଦନ ଗଡ଼ତିଆ ଆଡ଼କଟା ଗାଁରରେ ପହଞ୍ଚି ବୁଲୁ ପ୍ରଧାନଙ୍କ ମାଧ୍ୟମରେ ଆଡ଼କଟା ଗାଁରୁ ଅନେକ ଲୋକଙ୍କୁ ନେଇ ହାଇଦ୍ରାବାଦ ଦାଦନ ଖଟାଇବାକୁ ନେଇଥିଲେ। ସେଠାରେ ଅକଥନୀୟ ଅତ୍ୟାଚାର ଓ ନିର୍ଯ୍ୟାତନା ଦେବାରୁ କିଛି ଖସି ଆସିଥିବା ବେଳେ ୭ଜଣଙ୍କୁ ଦଲାଲ୍ ମାନେ ବିକ୍ରି କରିଦେବା ନେଇ ଅଭିଯୋଗ ହୋଇଛି। ପ୍ରତ୍ୟେକ ବ୍ୟକ୍ତି ପିଛା ମଜୁରି ଆକାରରେ ୪୦ ହଜାର ଟଙ୍କା ଲେଖାଏଁ ଅଗ୍ରୀମ ଦେଇଥିଲେ। ଚନ୍ଦ୍ରମଣି ପ୍ରଧାନଙ୍କ ନାବାଳିକା ଝିଅ, ତାଙ୍କ ସମ୍ପର୍କୀୟ କିରଣ ପ୍ରଧାନ, ବର୍ଷା ପ୍ରଧାନ ଏବଂ ମୀନା ପ୍ରଧାନଙ୍କ ଭାଇ କିଶୋର ପ୍ରଧାନ, ଭାଉଜ ସଞ୍ଜୁ ପ୍ରଧାନ ଏବଂ ଛୋଟ ପୁତୁରା ଶିଶିର ପ୍ରଧାନ ନିଖୋଜ ଥିବା ଅଭିଯୋଗ ହୋଇଛି। ଏହାସହ ଆଡ଼କଟା ଗ୍ରାମର ପପୁନ ଗଡ଼ିତିଆ ମଧ୍ୟ ସେମାନଙ୍କ ସହ ନିଖୋଜ ରହିଛି। ସଂପର୍କରେ ଆଜି ଚନ୍ଦ୍ରମଣି ଓ ମୀନା ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିଛନ୍ତି। ଚନ୍ଦ୍ରମଣିଙ୍କ କହିବାନୁସାରେ, ୪୦ ହଜାର ଟଙ୍କାରେ ନେଇ ସେମାନଙ୍କୁ ଲକ୍ଷାଧିକ ଟଙ୍କାରେ ବିକ୍ରି କରି ଦିଆଯାଇଛି। ସେମାନଙ୍କଠାରୁ ମୋବାଇଲ ଫୋନ୍ ମଧ୍ୟ ଛଡ଼ାଇ ନିଆଯାଇଛି। ଫଳରେ ସେମାନେ କାହା ସହ ଯୋଗାଯୋଗ କରିପାରୁନାହାନ୍ତି ସେଠାରୁ ଖସି ଆସି ପାରୁନାହାନ୍ତି। ସେମାନଙ୍କ ଜୀବନ ପ୍ରତି ବିପଦ ରହିଛି ଚନ୍ଦ୍ରମଣି କହିଛନ୍ତି। ତେବେ ଏହି ଅଭିଯୋଗ ହେବା ପରେ ପୋଲିସ ଓ ଜିଲ୍ଲା ପ୍ରଶାସନର ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ଏନେଇ ନୟାଗଡ଼ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା ଗଣିଆ ଥାନା ଅଧିକାରୀଙ୍କୁ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି।